ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ସେପ୍ଟେମ୍ବର ୪/୨୦୨୨ (୧୪ ପୃଷ୍ଠା+ଛୁଟିଦିନ) Bhubaneswar, Sunday, September 4/2022 Page 14 ₹ 7.00 ★★★★★★
୪୮ଶ ଭାଗ ୨୮୦ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar VOLUME 48 ISSUE 280 ମୂଲ୍ୟ ₹୭/-



**ବଲିଉଡ୍‌ରେ ରଶ୍ମିକା**

ଟଲିଉଡ୍ ଅଭିନେତ୍ରୀ ରଶ୍ମିକା ମନ୍ଦାନା 'ଗୁଡ୍ ବାଏ' ଫିଲ୍ମ ଜରିଆରେ ବଲିଉଡ୍‌ରେ ବିଗ୍ ବିଙ୍କ ସହ ସିନେମା ସ୍କ୍ରିନ୍ ଶେୟାର କରିବେ।

୧୦

୧୪

**ଲାରା ସନରାଇଜର୍ସର ମୁଖ୍ୟ କୋଚ୍**

ୱେଷ୍ଟଇଣ୍ଡିଜ କ୍ରିକେଟ କିମ୍ବଦନ୍ତୀ ବ୍ରାଏନ ଲାରା ସନରାଇଜର୍ସ ହାଇଦ୍ରାବାଦର ମୁଖ୍ୟ କୋଚ୍ ଭାବେ ନିଯୁକ୍ତି ପାଇଛନ୍ତି।



# ଦିଲ୍ଲୀରେ ପୁରସ୍କାର, ବଳଣ୍ଡାରେ ତିରସ୍କାର

- **ପ୍ରଥମ ଖଣି ବିସ୍ଥାପିତଙ୍କ ଦୁଃଖ ଦୂର କରିପାରିନାହିଁ ଏମ୍‌ସିଏଲ୍**
- **ତାଳଚେର ହାଣ୍ଡିଧୁଆ ପୁନର୍ବସତି କଲୋନୀରେ ନାହିଁ ମୌଳିକ ସୁବିଧା**
- **୬୨ ବର୍ଷ ପରେ ବି ନ୍ୟାୟ ମିଳି ନ ଥିବା ଜମିହରାଙ୍କ ଅଭିଯୋଗ**



ହାଣ୍ଡିଧୁଆ ପୁନର୍ବସତି କଲୋନୀକୁ ନିର୍ମାଣ କରାଯାଇଥିବା ଅତି ସଂକୀର୍ଣ୍ଣ ରାସ୍ତା।

ମନୋଜ ନନ୍ଦ
ତାଳଚେର, ୩।୯

୬୨ ବର୍ଷ ତଳେ ୪୧୧ ପରିବାରର ପୈତୃକ ଜମି ନିଆଗଲା। ପରେ ବାସଗୃହ ଅଧିଗ୍ରହଣ କରି ପ୍ରଥମ ଖଣି ଖୋଳାଗଲା। କୋଇଲା ଶେଷ ହୋଇଯିବାରୁ ୧୬ ବର୍ଷ ହେଲା ଖନନ ବନ୍ଦ ହେଲାଣି। ହେଲେ ଖଣି ପାଇଁ ବାସ ହରାଇଥିବା ବିସ୍ଥାପିତଙ୍କୁ ସମ୍ପୂର୍ଣ୍ଣ ନ୍ୟାୟ ଦେଇପାରି ନାହିଁ ମହାନଦୀ କୋଲ ଫିଲ୍ଡସ୍ ଲିମିଟେଡ୍ (ଏମ୍‌ସିଏଲ୍)। ରେକର୍ଡ ପରିମାଣର କୋଇଲା ଉତ୍ପାଦନ ପାଇଁ ନିକଟରେ ଭାରତ ସରକାରଙ୍କ ପକ୍ଷରୁ ଏମ୍‌ସିଏଲ୍‌କୁ ପୁରସ୍କୃତ କରାଯିବା ପରେ ଏପରି ଗମ୍ଭୀର ଅଭିଯୋଗ ଆଣିଛନ୍ତି ଅନୁଗୋଳ ଜିଲା ତାଳଚେର ବଳଣ୍ଡା ଖଣି ଅଞ୍ଚଳର କେତେଜଣ ବିସ୍ଥାପିତ। ଥଇଥାନ ନାମରେ ଗଢ଼ାଯାଇଥିବା ପୁନର୍ବାସ କଲୋନୀରେ ବାସହରାଙ୍କ ପାଇଁ ସାମାନ୍ୟ ମୌଳିକ ସୁବିଧା କରିପାରି ନ ଥିବା କମ୍ପାନୀ ପୁରସ୍କାର ପାଇଁ ନୁହେଁ, ତିରସ୍କାର ଯୋଗ୍ୟ ବୋଲି ସମ୍ପୃକ୍ତ ବିସ୍ଥାପିତମାନେ କ୍ଷୋଭର ସହ କହିଛନ୍ତି।

କ୍ଷତିଗ୍ରସ୍ତମାନଙ୍କ କହିବା ଅନୁଯାୟୀ, ୧୯୬୦ ମସିହାରେ ତାଳଚେରରେ ପ୍ରଥମ କରି ସାଉଥ୍‌ବଳଣ୍ଡା ପୋଖରିଆ ଖାଦାନ ନିମନ୍ତେ ଏମ୍‌ସିଏଲ୍ ବଳଣ୍ଡା ଗ୍ରାମବାସୀଙ୍କ ୬୬୨ ଏକର ଜମି ଅଧିଗ୍ରହଣ କରିଥିଲା। ୧୯୬୨ରେ ଜଗନ୍ନାଥ ପୋଖରିଆ ଖାଦାନ ପାଇଁ ୨୩୮ ଏକର ଜମି କୋଲ ବିୟରିଂ ଆକ୍ଟ ଅନୁଯାୟୀ ଅକ୍ତିଆର କରିଥିଲା। ୧୯୮୫ ମସିହାରେ କମ୍ପାନୀ ସମ୍ପୂର୍ଣ୍ଣ ବାସଗୃହ ସହିତ ଆଉ ୨୭୩ ଏକର ହାତେଇ ନେଇଥିଲା। ଏହାପରେ ଜମି ଓ ବାସଗୃହ ହରାଇଥିବା ମୋଟ ୪୧୧ ପରିବାରକୁ ଥଇଥାନ କରିବାକୁ ଏମ୍‌ସିଏଲ୍ ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଥିଲା। ୧୯୯୨ ମସିହାରେ ହାଣ୍ଡିଧୂଆ ନିକଟରେ ୩୨୧ ପରିବାରଙ୍କ ରହଣି ଉଦ୍ଦେଶ୍ୟରେ ମାତ୍ର ୨୪ ଏକର ଜାଗାରେ ପୁନର୍ବସତି କଲୋନୀ ସ୍ଥାପନ କରାଗଲା। ବାକି ୯୦ ପରିବାରକୁ ବାଘମରାଠାରେ ପ୍ଲଟ ଦିଆଗଲା। କିନ୍ତୁ ବାଘମରାଠାରେ ବାସୋପଯୋଗୀ ସୁବିଧା ନ ଥିବାବେଳେ ହାଣ୍ଡିଧୂଆ କଲୋନୀରେ ମଧ୍ୟ ସରକାରୀ ନିୟମର ଅନୁପାଳନ କରାଗଲା ନାହିଁ। ରାଜ୍ୟ ସରକାରଙ୍କ ୨ ଜାନୁୟାରୀ ୧୯୮୯ ବିଜ୍ଞପ୍ତି ଅନୁଯାୟୀ ପ୍ରତ୍ୟେକ ବିସ୍ଥାପିତ ପରିବାର ପିଛା ୦.୧୦ ଡିସିମିଲ ଜମି, ବିସ୍ଥାପିତ କଲୋନୀରେ ରାସ୍ତା, ଷ୍ଟ୍ରିଟ୍ ଲାଇଟ୍, ସ୍କୁଲ ଗୃହ, ସ୍ୱାସ୍ଥ୍ୟସେବା, ପାନୀୟ ଜଳ, ଚିତ୍ତବିନୋଦନ କେନ୍ଦ୍ର, ପୋଖରୀ, ଖେଳପଡ଼ିଆ, ଭେଟେରିନାରି ସେଣ୍ଟର, ଦୋକାନ ଗୃହ ଓ ବୃକ୍ଷରୋପଣ ସୁବିଧା ଯୋଗାଇ ଦିଆଯିବା କଥା। କିନ୍ତୁ ଏମ୍‌ସିଏଲ୍ ପକ୍ଷରୁ ବିସ୍ଥାପିତଙ୍କୁ ୦.୫ ଡିସିମିଲ ଲେଖାଏ ଜାଗା ଯୋଗାଇ ଦିଆଯାଇଛି। ଏଥିସହ ବାରମ୍ବାର ଅଭିଯୋଗ ପରେ ୨୬ ଜୁଲାଇ ୨୦୧୬ରେ ଅତି ସଂକୀର୍ଣ୍ଣ ରାସ୍ତା ନିର୍ମାଣ କରାଯାଇଛି। ଷ୍ଟ୍ରିଟ ଲାଇଟ୍ ବ୍ୟବସ୍ଥା ନ କରିବାରୁ ପୌର ପରିଷଦ ପକ୍ଷରୁ ଲାଇଟ୍ ଲଗାଯାଇଛି। ସ୍ୱାସ୍ଥ୍ୟକେନ୍ଦ୍ର ଓ ଚିତ୍ତବିନୋଦନ କେନ୍ଦ୍ର, ଦୋକାନଗୃହ କାର୍ଯ୍ୟକାରୀ ନ ହେବାରୁ ☞ପୃଷ୍ଠା-୪

**ସବୁ ବ୍ୟବସ୍ଥା କରାଯାଇଥିବା ନେଇ ପ୍ରଧାନମନ୍ତ୍ରୀଙ୍କୁ ମିଛ କହିଛି ଏମ୍‌ସିଏଲ୍**

# ଓଡ଼ିଶାର ଆକ୍ସନ ପ୍ଲାନ୍‌କୁ କେନ୍ଦ୍ରର ମଞ୍ଜୁରୀ

*ଓଡ଼ିଶା ପ୍ରଥମ ରାଜ୍ୟ ଭାବେ ୨୦୨୦ରୁ ୨୦୩୦ ପର୍ଯ୍ୟନ୍ତ ଏକ ୧୦ ବର୍ଷିଆ ରାଜ୍ୟ ଜଳବାୟୁ ପରିବର୍ତ୍ତନ ଆକ୍ସନ ପ୍ଲାନ୍ ପ୍ରସ୍ତୁତ କରିଛି। ଏହାକୁ କେନ୍ଦ୍ର ସରକାରଙ୍କ ଅନୁମୋଦନ ମିଳିଛି। ପରିବର୍ତ୍ତିତ ପରିସ୍ଥିତି ସହିତ ଖାପ ଖୁଆଇ ଜୀବନଜୀବିକାକୁ ସୁରକ୍ଷା ଯୋଗାଇବାରେ ଏହା ସହାୟକ ହେବ। ଏହାସହ ଆଗାମୀ ଦିନରେ ଖାଦ୍ୟ ସଙ୍କଟକୁ ପ୍ରତିହତ କରିବା ଲାଗି କୃଷି ଓ ଆନୁଷଙ୍ଗିକ କ୍ଷେତ୍ର ପାଇଁ ରାଜ୍ୟ ସରକାର କେନ୍ଦ୍ର ସହଯୋଗରେ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରିବାକୁ ସକ୍ଷମ ହେବେ।*

**ଜଳବାୟୁ ପରିବର୍ତ୍ତନ**

- କୃଷି, ଜୀବନଜୀବିକାକୁ ବିପଦ ଘନେଇଛି
- ୭୦ ଦିନକୁ ଖସିଲାଣି ମୌସୁମୀ ବର୍ଷା
- ପ୍ରସ୍ତୁତ ହେବ ବିଭିନ୍ନ ଯୋଜନା

ଭୁବନେଶ୍ୱର,୩।୯ (ବ୍ୟୁରୋ)

ଓଡ଼ିଶାରେ ବାରମ୍ବାର ପ୍ରାକୃତିକ ବିପର୍ଯ୍ୟୟକୁ ମୁକାବିଲା ଏବଂ ପରିଚାଳନା କରିଆସୁଥିବା ରାଜ୍ୟ ସରକାର ୨୦୨୦ ଫେବୃୟାରୀରେ ଜଳବାୟୁ ପରିବର୍ତ୍ତନ ଆକ୍ସନ ପ୍ଲାନ୍‌କୁ ଅନୁମୋଦନ କରିବା ସକାଶେ କେନ୍ଦ୍ର ସରକାରଙ୍କ ନିକଟକୁ ପଠାଇଥିଲେ। ଉକ୍ତ ପ୍ରସ୍ତାବରେ କିଛି ପରିବର୍ତ୍ତନ କରିବା ଲାଗି କେନ୍ଦ୍ର ସରକାର ପରାମର୍ଶ ଦେଇଥିଲେ। ଆବଶ୍ୟକ ସଂଶୋଧନ ପରେ ଉକ୍ତ ଆକ୍ସନ ପ୍ଲାନ୍‌କୁ ପୁନର୍ବାର ୨୦୨୧ ଜୁଲାଇରେ କେନ୍ଦ୍ର ନିକଟକୁ ପଠାଯାଇଥିଲା। ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ଅଭିବୃଦ୍ଧି ଅପସରିଯାଇଛି**









**ହାଜତ ମୃତ୍ୟୁ ମାମଲାରେ ୫ ପୋଲିସ ନିଲମ୍ବିତ**

ମଧ୍ୟପ୍ରଦେଶର ଇନ୍ଦୋର ଜିଲାରେ ପୋଲିସ ହାଜତରେ ଥିବା ଜଣେ ଆଦିବାସୀ ଯୁବକଙ୍କ ମୃତ୍ୟୁ ଘଟଣାରେ ଜଣେ ପୋଲିସ ସବ୍‌ଇନ୍‌ସପେକ୍ଟର, ୨ ଜଣ ଏଏସ୍‌ଆଇ ଓ ୨ କନ୍‌ଷ୍ଟେବଲଙ୍କୁ ନିଲମ୍ବନ କରାଯାଇଛି। ଡକାୟତି ଅଭିଯୋଗରେ ଅର୍ଜୁନ ସିଙ୍ଗାରେ(୧୯)ଙ୍କୁ ଶୁକ୍ରବାର ଗିରଫ କରାଯାଇଥିଲା। ମାନପୁର ଥାନାରେ ଥିବାବେଳେ ସେ ଅସୁସ୍ଥ ହେବାରୁ ତାଙ୍କୁ ହସ୍ପିଟାଲ ନିଆଯାଇଥିଲା। ସେହିଦିନ ସନ୍ଧ୍ୟାରେ ତାଙ୍କର ମୃତ୍ୟୁ ଘଟିଥିଲା। ହାଜତ ମୃତ୍ୟୁ ପାଇଁ ଦାୟୀ ପୋଲିସ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରି ଯୁବକଙ୍କ ପରିବାର ସଦସ୍ୟ ଓ ଗ୍ରାମବାସୀ ବିକ୍ଷୋଭ କରିଥିଲେ।

## ସଂକ୍ଷେପରେ

### ୫ରେ ଆସ୍ଥା ଭୋଟ ଲୋଡ଼ିବେ ସୋରେନ୍

**ରାଞ୍ଚି, ୩।୯:** ଝାଡ଼ଖଣ୍ଡରେ ରାଜନୈତିକ ସଙ୍କଟ ଭିତରେ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍ ଆସନ୍ତା ସୋମବାର ସ୍ୱତନ୍ତ୍ର ବିଧାନସଭା ଅଧିବେଶନରେ ଆସ୍ଥା ଭୋଟ ଲୋଡ଼ିବେ ବୋଲି ଜଣାପଡ଼ିଛି। ବିଧାନସଭା ସଚିବଙ୍କ ଦ୍ୱାରା ବିଧାୟକଙ୍କ ନିକଟକୁ ପଠାଯାଇଥିବା ଏକ ଚିଠି ଅନୁସାରେ, ସୋରେନ୍ ବହୁମତ ସାବ୍ୟସ୍ତ କରିବା ପାଇଁ ଆସ୍ଥାଭୋଟ୍ ପ୍ରସ୍ତାବ ଆଣିବାକୁ ଚାହୁଁଛନ୍ତି। ବିରୋଧୀ ଭାଜପା ମଧ୍ୟ ବିଧାନସଭାରେ ଏଥିପାଇଁ ରଣନୀତି ପ୍ରସ୍ତୁତ କରିବାକୁ ରବିବାର ନିଜ ବିଧାୟକଙ୍କୁ ନେଇ ବୈଠକ ଡାକିଛି।

### ପଶ୍ଚିମବଙ୍ଗ ସରକାର ଉପରେ ୩,୫୦୦ କୋଟି ଜରିମାନା ଲଗାଇଲେ ଏନ୍‌ଜିଟି

**ନୂଆଦିଲ୍ଲୀ,୩।୯:** ବର୍ଜ୍ୟ ପରିଚାଳନାରେ ପଶ୍ଚିମବଙ୍ଗ ସରକାରଙ୍କ ବିଫଳତା ଯୋଗୁ ପରିବେଶ କ୍ଷତିଗ୍ରସ୍ତ ହେଉଛି। ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲ (ଏନ୍‌ଜିଟି) ରାଜ୍ୟ ସରକାରଙ୍କ ଉପରେ ୩,୫୦୦ କୋଟି ଟଙ୍କାର ପରିବେଶ କ୍ଷତିପୂରଣ ଜରିମାନା ଲଗାଇଛନ୍ତି। କଠିନ ଓ ତରଳ ବର୍ଜ୍ୟ ପରିଚାଳନାରେ ବିଫଳତା ଲାଗି ଅଲଗା ଅଲଗା ଜରିମାନା ଏଥିପାଇଁ ଉଦ୍ଦିଷ୍ଟ ଆକାଉଣ୍ଟରେ ଦୁଇମାସ ମଧ୍ୟରେ ଜମା କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ପରିବେଶ ସୁରକ୍ଷା ଦିଗରେ ଏହି ଅର୍ଥ ବିନିଯୋଗ କରାଯିବ ବୋଲି ଜଷ୍ଟିସ ଆଦର୍ଶ କୁମାର ଗୋଏଲଙ୍କ ଅଧ୍ୟକ୍ଷତାରେ ଗଠିତ ଏନ୍‌ଜିଟି ବେଞ୍ଚ୍ କହିଛନ୍ତି।

### ପାକ୍ ଆତଙ୍କବାଦୀଙ୍କୁ ତଥ୍ୟ ଯୋଗାଉଥିବା ମଦ୍ରାସା ଶିକ୍ଷକ ଗିରଫ

**ଜମ୍ମୁ,୩।୯(ପି.ଟି.):** ପାକିସ୍ତାନୀ ଆତଙ୍କବାଦୀମାନଙ୍କୁ ସମ୍ବେଦନଶୀଳ ତଥ୍ୟ ଯୋଗାଉଥିବା ଅଭିଯୋଗରେ ଜମ୍ମୁ-କଶ୍ମୀର କିଶ୍‌ତୱାର ଜିଲାର ଜଣେ ମଦ୍ରାସା ଶିକ୍ଷକଙ୍କୁ ଗିରଫ କରାଯାଇଛି। କ୍ୱାରି ଅବଦୁଲ ୱାହିଦ (୨୫) ନାମକ ଏହି ଶିକ୍ଷକ ମୌଲବୀ ଭାବେ ମଧ୍ୟ କାର୍ଯ୍ୟ କରୁଥିଲେ। ତାଙ୍କ ବିରୋଧରେ ବେଆଇନ କାର୍ଯ୍ୟକଳାପ ନିରୋଧୀ ଆଇନ ଏବଂ ଆଇପିସିର ବିଭିନ୍ନ ଦଫାରେ ମାମଲା ରୁଜୁ ହୋଇଛି। ୱାହିଦ ଡାଡପେଥ ଗ୍ରାମର ମଦ୍ରାସାରେ ନିଜ ପରିବାର ସହ ରହୁଥିଲେ। ତଦନ୍ତ ବେଳେ ୱାହିଦ ବିଭିନ୍ନ ସୁରକ୍ଷା ସଂସ୍ଥାର ରାଡାରକୁ ଆସିଥିଲେ। ଗତ ସପ୍ତାହରେ ତାଙ୍କୁ ଜେରା ପାଇଁ ଡକାଯାଇଥିଲା। ପୋଲିସ, ସାମରିକ ଗୋଇନ୍ଦା ଅଧିକାରୀ ଓ ରାଜ୍ୟ ତଦନ୍ତକାରୀ ସଂସ୍ଥା ମିଳିତ ଭାବେ ଜେରା କରିବା ପରେ ତାଙ୍କୁ ଗିରଫ କରାଯାଇଛି। ସେ ୨୦୨୦ ଡିସେମ୍ବରରୁ କଶ୍ମୀର ଜନବାଜ ଫୋର୍ସ (କେଜେଏଫ୍) ଆତଙ୍କବାଦୀ ସଂଗଠନ ପାଇଁ କାର୍ଯ୍ୟ କରୁଥିବା ସ୍ୱୀକାର କରିଛନ୍ତି। ସେ ସୋସିଆଲ ମିଡିଆ ଜରିଆରେ କେଜେଏଫ୍ କମାଣ୍ଡର ତୟାବ ଫାରୁକିଙ୍କ ସଂସ୍ପର୍ଶରେ ଆସି ଏହାର ସକ୍ରିୟ ସଦସ୍ୟ ହୋଇଥିଲେ। ପାକିସ୍ତାନୀ ଗୋଇନ୍ଦା ସଂସ୍ଥାର ସନ୍ଦିଗ୍ଧ ବ୍ୟକ୍ତିମାନେ ତାଙ୍କୁ ଟଙ୍କା ଦେଇ ବିଭିନ୍ନ ତଥ୍ୟ ହାସଲ କରୁଥିଲେ।

### ପାକିସ୍ତାନ ବନ୍ୟା: ମୃତ୍ୟୁସଂଖ୍ୟା ୧,୨୬୫

**ଇସ୍‌ଲାମାବାଦ,୩।୯:** ପାକିସ୍ତାନରେ ପ୍ରଳୟଙ୍କରୀ ବନ୍ୟାଜନିତ ମୃତ୍ୟୁସଂଖ୍ୟା ୧,୨୬୫ରେ ପହଞ୍ଚିଛି। ଲକ୍ଷ ଲକ୍ଷ ଲୋକ ପାଣିଘେରରେ ରହିଥିବାବେଳେ ଉଦ୍ଧାର ଓ ରିଲିଫ କାର୍ଯ୍ୟ ଜାରି ରହିଛି। ପ୍ରବଳ ବର୍ଷା ଯୋଗୁ ଗତ ୨୪ ଘଣ୍ଟା ମଧ୍ୟରେ ୫୭ ଜଣଙ୍କ ମୃତ୍ୟୁ ହେବା ସହ ୭,୬୮୩ ଜଣ ଆହତ ହୋଇଛନ୍ତି। ଏହାକୁ ମିଶାଇ ମୋଟ ଆହତଙ୍କ ସଂଖ୍ୟା ୧୨,୫୭୭ରେ ପହଞ୍ଚିଛି। ଜୁନ୍ ମଧ୍ୟଭାଗରୁ ଲାଗିରହିଥିବା ଭୀଷଣ ବର୍ଷା ଓ ବନ୍ୟାରେ ୩,୨୦,୬୮୦ ଘର ଭାଙ୍ଗିଥିବାବେଳେ ୩,୭୬୬ ଗୃହପାଳିତ ପ୍ରାଣୀଙ୍କ ମୃତ୍ୟୁ ହୋଇଛି। ୧,୬୯,୬୭୬ ଲୋକଙ୍କୁ ଉଦ୍ଧାର କରାଯାଇଥିବାବେଳେ ୬,୨୭,୭୯୩ ଜଣ ବିଭିନ୍ନ କ୍ୟାମ୍ପରେ ଆଶ୍ରୟ ନେଇଛନ୍ତି।

### ନାବାଳିକାଙ୍କୁ ବଳାତ୍କାର ପରେ ହତ୍ୟା

**ଦୁମ୍‌କା, ୩।୯:** ଝାଡ଼ଖଣ୍ଡର ଦୁମ୍‌କା ଜିଲାରେ ଏକ ଗଛରୁ ଜଣେ ଆଦିବାସୀ ଗର୍ଭବତୀ ନାବାଳିକାଙ୍କ ଝୁଲନ୍ତା ମୃତଦେହ ଜବତ କରାଯାଇଛି। ତାଙ୍କୁ ବଳାତ୍କାର ଏବଂ ହତ୍ୟା କରିଥିବା ଅଭିଯୋଗରେ ପୋଲିସ ଅରମାନ୍ ଅନ୍‌ସାରୀ ନାମକ ଜଣେ ଯୁବକଙ୍କୁ ଗିରଫ କରିଛି। ଅନ୍‌ସାରୀଙ୍କ ବିରୋଧରେ ଏସ୍‌ସି/ଏସ୍‌ଟି ଏବଂ ପୋକ୍ସୋ ଆକ୍ଟରେ ମାମଲା ରୁଜୁ ହୋଇଛି। ନାବାଳିକା ଜଣକ ଦୁମ୍‌କାରେ ଶ୍ରମିକ ଭାବେ କାମ କରୁଥିଲେ। ଅଭିଯୁକ୍ତ ଅନ୍‌ସାରୀ ମଧ୍ୟ ଜଣେ ଶ୍ରମିକ। ସେତେବେଳେ ଉଭୟେ ପରସ୍ପରକୁ ଜାଣିଥିଲେ। ଶବ ବ୍ୟବଚ୍ଛେଦ ରିପୋର୍ଟରୁ ନାବାଳିକା ଜଣକ ଗର୍ଭବତୀ ଥିବା ଜଣାପଡ଼ିଛି।

# ତୁମେ ପରଜୀବୀ, ଭାରତ ଫେରିଯାଅ

**ପୋଲାଣ୍ଡରେ ଭାରତୀୟ ବର୍ଣ୍ଣବୈଷମ୍ୟର ଶିକାର**

ପୋଲାଣ୍ଡରେ ଜଣେ ଭାରତୀୟ ବର୍ଣ୍ଣବୈଷମ୍ୟର ଶିକାର ହୋଇଛନ୍ତି। ସେଠାରେ ଜଣେ ଆମେରିକୀୟ ତାଙ୍କୁ ପରଜୀବୀ ଏବଂ ଅନୁପ୍ରବେଶକାରୀ କହିବା ସହ ନିଜ ଦେଶକୁ ଫେରିଯିବା ଲାଗି ଆହ୍ୱାନ ଦେଇଥିଲେ। ଭାରତୀୟଙ୍କ ପରିଚୟ ସ୍ପଷ୍ଟ ହୋଇ ନ ଥିବାବେଳେ ତାଙ୍କ ପ୍ରତି ହୋଇଥିବା ଜାତିଆଣ ଭେଦଭାବର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଭିଡିଓଟି କେଉଁ ସହରର ତାହା ସ୍ପଷ୍ଟ ଜଣାପଡ଼ିନାହିଁ। ତେବେ ଟୁଇଟର ବ୍ୟବହାରକାରୀମାନେ ଏଥିରେ ୱାର୍ସା ପୋଲିସଙ୍କୁ ଟ୍ୟାଗ୍ କରିଛନ୍ତି। ଭିଡିଓରେ ଦେଖାଯାଇଛି, ଭାରତୀୟ ଜଣକ ଏକ ମଲ୍ ନିକଟରେ ଚାଲୁଥିବାବେଳେ ସେ କାହିଁକି ପୋଲାଣ୍ଡରେ ରହିଛନ୍ତି ଓ ନିଜ ଦେଶକୁ ଚାଲିଯାଉ ନାହାନ୍ତି କାହିଁକି ବୋଲି ଆମେରିକୀୟ ଜଣକ ବାରମ୍ବାର ପ୍ରଶ୍ନ କରୁଛନ୍ତି। ସପ୍ତାହେ ପୂର୍ବରୁ ଆମେରିକାର ଟେକ୍ସାସରେ କେତେଜଣ ଭାରତୀୟ ଆମେରିକୀୟ ମହିଳାଙ୍କୁ ବର୍ଣ୍ଣବୈଷମ୍ୟର ଶିକାର ହେବାକୁ ପଡ଼ିଥିଲା।


ବର୍ଣ୍ଣବୈଷମ୍ୟର ଶିକାର ହୋଇଥିବା ଯୁବକ।

# ନୋରା ଫତେହିଙ୍କୁ ଜେରା



ଜେଲ୍‌ରେ ଥିବା କନ୍‌ମ୍ୟାନ ସୁକେଶ ଚନ୍ଦ୍ରଶେଖର ସମ୍ପୃକ୍ତ ଥିବା ୨୦୦ କୋଟି ଟଙ୍କା ବଟି ଆଦାୟ ମାମଲାରେ ଦିଲ୍ଲୀ ପୋଲିସର ଅର୍ଥନୈତିକ ଅପରାଧ ଶାଖା ପକ୍ଷରୁ ବଲିଉଡ୍ ଅଭିନେତ୍ରୀ ନୋରା ଫତେହିଙ୍କୁ ଶୁକ୍ରବାର ୪ ଘଣ୍ଟା ଜେରା କରାଯାଇଥିଲା। ପୂର୍ବରୁ ମନିଲଣ୍ଡରିଂ ସନ୍ଦେହରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ସୁକେଶ ଏବଂ ଫତେହିଙ୍କୁ ଏକାଠି ଜେରା କରିଥିଲା। କନ୍‌ମ୍ୟାନ ସୁକେଶ ବଲିଉଡ୍‌ର କେତେଜଣ ଅଭିନେତ୍ରୀଙ୍କୁ ବହୁ ଦାମୀ ଉପହାର ଦେଇଛନ୍ତି। ତାହା ଉପରେ ତଦନ୍ତ ଚାଲିଛି। ପୂର୍ବରୁ ଅଭିନେତ୍ରୀ ଜାକ୍‌ଲିନ ଫର୍ନାଣ୍ଡେଜ୍‌ଙ୍କୁ ଜେରା କରାଯାଇଥିଲା ବୋଲି ଦିଲ୍ଲୀ ପୋଲିସର କ୍ରାଇମ୍ ବ୍ରାଞ୍ଚ ସ୍ୱତନ୍ତ୍ର କମିଶନର ରବୀନ୍ଦ୍ର ସିଂ ଯାଦବ କହିଛନ୍ତି।

# ତାଇୱାନ ଆଣିବ ଘାତକ କ୍ଷେପଣାସ୍ତ୍ର

**ୱାଶିଂଟନ୍, ୩।୯**



- ୧ ବିଲିୟନ ଡଲାର ଡିଲ୍‌କୁ ଆମେରିକାର ମଞ୍ଜୁରୀ
- ଏହାର ଜବାବ ଦିଆଯିବ କହିଲା ଚାଇନା

ଆମେରିକା ହାଉସ୍ ସ୍ପିକର ନାନ୍ସି ପେଲୋସିଙ୍କ ତାଇୱାନ ଗସ୍ତକୁ ମାସେ ପୁରିଥିଲେ ହେଁ ବେଜିଂ ଓ ତାଇୱାନ ମଧ୍ୟରେ ଉତ୍ତେଜନା ଥମିବାର ନାଁ ଧରୁନି। ଏହାଭିତରେ ଆମେରିକା–ତାଇୱାନ ଯୁଦ୍ଧାସ୍ତ୍ର ଡିଲ୍ ଯୋଗୁ ଡ୍ରାଗନ୍ ଆହୁରି ଉତ୍ତେଜିତ ହୋଇଛି। ଶକ୍ତିଶାଳୀ ଚାଇନାର ମୁକାବିଲା ପାଇଁ ତାଇୱାନ ପ୍ରସ୍ତୁତି ଚଳାଇଥିବାବେଳେ ୱାଶିଂଟନ୍‌ଠାରୁ ପ୍ରାୟ ୧ ବିଲିୟନ ଡଲାର ମୂଲ୍ୟର ଘାତକ ଓ ଅତ୍ୟାଧୁନିକ ଯୁଦ୍ଧାସ୍ତ୍ର ଆଣିବାକୁ ଯାଉଛି। ଏଥିପାଇଁ ଆମେରିକା ଶୁକ୍ରବାର ୧.୦୯ ବିଲିୟନ ଡଲାର ଚୁକ୍ତିକୁ ମଞ୍ଜୁରୀ ଦେଇଛି। ଏଥିରେ ୩୫୫ ନିୟୁତ ଡଲାରର ବାୟୁରୁ ଜଳକୁ ନିକ୍ଷେପ କରିହେଉଥିବା ଘାତକ ହାର୍ପୁନ ମିଶାଇଲ, ୮୫ ନିୟୁତ ଡଲାର ମୂଲ୍ୟର ସାଇଡ୍‌ୱିଣ୍ଡର, ୬୦ ଆଣ୍ଟିଶିପ୍ ମିଶାଇଲ ଆଦି ରହିଛି। ୱାଶିଂଟନ୍ ଓ ତାଇୱାନ ମଧ୍ୟରେ ସମ୍ଭାବ୍ୟ ଅସ୍ତ୍ର ବିକ୍ରି ଚୁକ୍ତି ଚାଇନା ଓ ଆମେରିକା ସମ୍ପର୍କ ଖରାପ କରିବା ସହ ତାଇୱାନ ପ୍ରଣାଳୀରେ ଶାନ୍ତି, ସ୍ଥିରତା ଉପରେ ଗୁରୁତର ବିପଦ ସୃଷ୍ଟି କରୁଛି ବୋଲି ବେଜିଂ କହିଛି। ଏହାର ଜବାବ ଦିଆଯିବ ବୋଲି ୱାଶିଂଟନ୍‌ରେ ଥିବା ଚାଇନା ଦୂତାବାସ ପକ୍ଷରୁ କୁହାଯାଇଛି।

ଆତ୍ମରକ୍ଷା ପାଇଁ ତାଇୱାନ ସବୁପ୍ରକାର ପଦକ୍ଷେପ ନେବ। ନିଜ ସାର୍ବଭୌମତ୍ୱ ଓ ଗଣତନ୍ତ୍ର ଉପରେ ବିପଦ ଆସିଲେ ତାଇପେଇ ଏହାର ଠିକ୍ ଜବାବ ଦେବ। ଏହି ପ୍ରତିରକ୍ଷା ସାମଗ୍ରୀ ଦେଶପାଇଁ ଜରୁରୀ ବୋଲି ତାଇୱାନ ବହିର୍ବ୍ୟାପାର ମନ୍ତ୍ରଣାଳୟ କହିଛି। ୱାନ ଚାଇନା ନୀତିର ଉଲ୍ଲଂଘନ କରା ନ ଯାଇ ଉପରୋକ୍ତ ଡିଲ୍ ହୋଇଥିବା ଆମେରିକା ପ୍ରଶାସନ କଂଗ୍ରେସକୁ ଜଣାଇଛି। ଏଥିସହ ତାଇୱାନ ସୀମା ନିକଟରେ ଚାଇନା ସାମରିକ କାର୍ଯ୍ୟକଳାପ ଏବଂ ଏହା ଉପରେ କୂଟନୈତିକ ଓ ଆର୍ଥିକ ଚାପ ପକାଇବା ବନ୍ଦ କରି ଆଲୋଚନା ମାଧ୍ୟମରେ ବିବାଦ ସମାଧାନ କରିବାକୁ ଆମେରିକା ଅନୁରୋଧ କରିଛି। ପ୍ରକାଶଥାଉ କି, ୧୯୪୯ ଗୃହଯୁଦ୍ଧ ପରଠାରୁ ଚାଇନା ତାଇୱାନକୁ ନିଜ ଭୂଖଣ୍ଡ ବୋଲି ଦାବି କରିଆସୁଛି। ତାଇପେଇ ସହ ଚାଇନା ସରକାର କୌଣସି ଔପଚାରିକ ସମ୍ପର୍କ ରଖି ନ ଥିବାବେଳେ ୨୦୧୬ରେ ସାଇ ଇଙ୍ଗ୍–ୱେନ୍ ତାଇୱାନ ରାଷ୍ଟ୍ରପତି ନିର୍ବାଚିତ ହେବା ପରେ ସମସ୍ତ ପ୍ରକାର ଅନୌପଚାରିକ ସମ୍ପର୍କ ମଧ୍ୟ କାଟିଦେଇଛି।

# ଗୋର୍ବାଚେଭ୍‌ଙ୍କ ଶେଷକୃତ୍ୟରେ ଯୋଗ ଦେଲେନି ପୁଟିନ୍

**ମସ୍କୋ, ୩।୯**

ସୋଭିଏଟ୍ ସଂଘର ଶେଷ ରାଷ୍ଟ୍ରପତି ତଥା ଶୀତଳଯୁଦ୍ଧ ଶେଷ କରିବାରେ ପ୍ରମୁଖ ଭୂମିକା ତୁଲାଇଥିବା ମିଖାଇଲ ଗୋର୍ବାଚେଭ୍‌ଙ୍କ ଶନିବାର ଅନ୍ତିମ ସତ୍କାର ହୋଇଛି। ଶତାଧିକ ଦେଶବାସୀ ଏବଂ ସୋଭିଏଟ ରୁଷିଆ ଅମଳର ନେତାମାନେ ଏଥିରେ ସାମିଲ ହୋଇ ତାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। ତେବେ ଗୋର୍ବାଚେଭ୍‌ଙ୍କ ସମାଲୋଚକ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ସତ୍କାର କାର୍ଯ୍ୟକ୍ରମରେ ଯୋଗଦେଇନାହାନ୍ତି। ଅନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ପୁଟିନ୍ ଯୋଗ ଦେବାର କାର୍ଯ୍ୟକ୍ରମ ଥିବାରୁ ସେ ଏଥିରେ ସାମିଲ ହୋଇ ନ ଥିବା କ୍ରେମଲିନ ପକ୍ଷରୁ କୁହାଯାଇଛି। ଗତ ମଙ୍ଗଳବାର ୯୧ ବର୍ଷ ବୟସରେ ଗୋର୍ବାଚେଭ୍‌ଙ୍କ ପରଲୋକ ହୋଇଥିଲା। ଗୋର୍ବାଚେଭ୍ ୧୯୮୫ରୁ ୧୯୯୧ ପର୍ଯ୍ୟନ୍ତ ସେ ସୋଭିଏଟ୍ ସଂଘର ରାଷ୍ଟ୍ରପତି ରହିଥିଲେ। ୧୯୯୧ ଡିସେମ୍ବର ୨୫ରେ ସୋଭିଏଟ୍ ୟୁନିୟନର ବିଲୟ ଘଟି ୧୫ ଦେଶରେ ବିଭକ୍ତହୋଇଯାଇଥିଲା।



# ହାଇଜାକ୍ ବିମାନ ଧକ୍କା ଲାଗି ଧମକ

**ୱାଶିଂଟନ,୩।୯**

**ଖାଲି ହେଲା ଆମେରିକା ସୁପରମାର୍କେଟ**

ଜଣେ ପାଇଲଟ ହାଇଜାକ୍ କରିନେଇଥିବା ଏକ ବିମାନକୁ ଆମେରିକାର ୱାଲମାର୍ଟ ସୁପରମାର୍କେଟରେ ଧକ୍କା କରାଇବାର ଧମକ ଦେବା ପରେ କିଛି ସମୟ ପାଇଁ ସେଠାରେ ଆତଙ୍କ ଖେଳିଯାଇଥିଲା। ମିସିସିପିର ଉତ୍ତରପୂର୍ବ ଭାଗରେ ଥିବା ଟୁପେଲୋସ୍ଥିତ ଉକ୍ତ ସୁପରମାର୍କେଟ ଓ ଏହାର ଆଖପାଖ ଅଞ୍ଚଳକୁ ପ୍ରଶାସନ ଖାଲି କରାଯାଇଥିଲା। ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ଲୋକମାନଙ୍କୁ ଉକ୍ତ ଅଞ୍ଚଳକୁ ନ ଯିବା ଲାଗି ପରାମର୍ଶ ଦିଆଯାଇଥିଲା। ପାଇଲଟ ଜଣକ ଟୁପେଲୋ ସହର ଉପରେ ଘଣ୍ଟାଏରୁ ଊର୍ଦ୍ଧ୍ୱ ସମୟ ବିମାନରେ ଚକ୍କର କାଟିବା ପରେ ଇନ୍ଧନ ସରିଯିବାରୁ ଏହାକୁ ଏକ ପଡ଼ିଆରେ ଓହ୍ଲାଇଥିଲେ। ପରେ ପୋଲିସ ତାଙ୍କୁ ଗିରଫ କରିଛି।

ପୋଲିସ କହିବା ଅନୁଯାୟୀ, ପାଇଲଟ ଜଣକ ୯୧୧କୁ ଫୋନ୍ କରି ୱାଲ୍‌ମାର୍ଟରେ ସୁପରମାର୍କେଟରେ ଉଦ୍ଦେଶ୍ୟମୂଳକ ଭାବେ ବିମାନ ଧକ୍କା ଦେବା ଲାଗି ଧମକ ଦେଇଥିଲେ। ଡେଲି ମେଲ୍ ରିପୋର୍ଟ ଅନୁଯାୟୀ ସ୍ଥାନୀୟ ସମୟ ସକାଳ ପ୍ରାୟ ୯ଟା ସମୟରେ ଟୁପେଲୋ ବିମାନବନ୍ଦରରୁ ୯ ସିଟ୍ ବିଶିଷ୍ଟ ବିଚ୍‌କ୍ରାଫ୍ଟ କିଙ୍ଗ୍ ଏୟାର୯୦ ନାମକ ବିମାନକୁ ଅପହରଣ କରାଯାଇଥିଲା। ୨୯ ବର୍ଷୀୟ ପାଇଲଟ ଜଣକ ଉକ୍ତ ବିମାନକୁ ଧକ୍କା ଦେବା ଲାଗି ଧମକ ଦେବା ପରେ ପୋଲିସ, ଆମ୍ବୁଲାନ୍ସ, ଅଗ୍ନିଶମ ଗାଡ଼ି ସଜାଗ ହୋଇରହିଥିଲା। ସୁପରମାର୍କେଟ ସମେତ ଏହାର ଆଖପାଖ ଅଞ୍ଚଳକୁ ଡେଞ୍ଜର ଜୋନ୍ ଘୋଷଣା କରାଯାଇଥିଲା। ବିମାନ ଧକ୍କା କରାଇବାକୁ ଧମକ ଦେଇଥିବା ଯୁବକଙ୍କ ସହ ସେମାନେ ଯୋଗାଯୋଗ କରିଥିବା ନେଇ ମଧ୍ୟ ଟୁପେଲୋ ପୋଲିସ ବିଭାଗ ପକ୍ଷରୁ ଏହାର ସୋସିଆଲ ମିଡିଆ ହ୍ୟାଣ୍ଡେଲରେ କୁହାଯାଇଥିଲା। ପାଇଲଟ ଜଣକ ଏପରି କରିବା ପଛର କାରଣ ବିଷୟରେ ତଦନ୍ତ ଆରମ୍ଭ ହୋଇଛି।



# ଅଙ୍ଗଦାନ ଜାତୀୟ ଅଭିଯାନରେ ସାମିଲ ହେବେ ୬୦ ଏନ୍‌ଜିଓ

**ନୂଆଦିଲ୍ଲୀ,୩।୯(ପି.ଟି.)**

ଦେଶରେ ଅଙ୍ଗଦାନ ଉପରେ ଜାତୀୟ ସଚେତନତା ଅଭିଯାନ ଆରମ୍ଭ କରିବା ଲାଗି ୬୦ରୁ ଊର୍ଦ୍ଧ୍ୱ ଏନ୍‌ଜିଓ ଶନିବାର ସଂକଳ୍ପ ନେଇଛନ୍ତି। ଦଧିଚୀ ଦେହଦାନ ସମିତି ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ଏହି ପ୍ରସ୍ତାବ ଦିଆଯାଇଛି। ଜଣେ ବ୍ୟକ୍ତି ଅଙ୍ଗଦାନ କରି ଅନେକଙ୍କ ଜୀବନ ବଞ୍ଚାଇପାରିବ। ଏହି ବାର୍ତ୍ତା ଜନସାଧାରଣଙ୍କ ପାଖରେ ପହଞ୍ଚାଇ ସେମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯିବା ଏହି କ୍ୟାମ୍ପେନ୍‌ର ଲକ୍ଷ୍ୟ। ନ୍ୟାଶନାଲ ଅର୍ଗାନ ଆଣ୍ଡ ଟିସ୍ୟୁ ଟ୍ରାନ୍ସପ୍ଲାଣ୍ଟ ଅର୍ଗାନାଇଜେଶନ ପକ୍ଷରୁ ଦିଆଯାଇଥିବା ତଥ୍ୟ ଅନୁଯାୟୀ ୨୦୨୦ରେ ବ୍ରେନ୍ ଡେଡ୍ ବ୍ୟକ୍ତିଙ୍କ ଅଙ୍ଗଦାନ ହ୍ରାସ ପାଇଛି। ୨୦୧୯ରେ ବ୍ରେନ୍‌ଡେଡ୍ ଅଙ୍ଗଦାନକାରୀଙ୍କ ସଂଖ୍ୟା ୭୧୫ ଥିବାବେଳେ ୨୦୨୦ରେ ତାହା ୩୧୫କୁ ହ୍ରାସ ପାଇଥିଲା। ୨୦୨୧ରେ ତାହା ୫୫୨କୁ ବୃଦ୍ଧି ପାଇଥିଲା।

# ପେଟିଏମ୍ କାର୍ଯ୍ୟାଳୟରେ ଇଡି ଚଢ଼ାଉ

**ନୂଆଦିଲ୍ଲୀ,୩।୯**



ଚାଇନାର ବେଆଇନ ଲୋନ୍ ଆପ୍ ବିରୋଧରେ ତଦନ୍ତ ଚଳାଇଥିବା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଶନିବାର ଅନ୍‌ଲାଇନ ପେମେଣ୍ଟ ଗେଟୱେ ପେଟିଏମ୍, ରେଜରପେ ଏବଂ କ୍ୟାଶଫ୍ରି କାର୍ଯ୍ୟାଳୟ ଉପରେ ଚଢ଼ାଉ କରିଛି। ଉପରୋକ୍ତ ୩ ଫିନ୍‌ଟେକ କମ୍ପାନୀର କାର୍ଯ୍ୟାଳୟ ସମେତ ବେଙ୍ଗାଲୁରୁର ୬ଟି ସ୍ଥାନରେ ଏକସଙ୍ଗେ ଚଢ଼ାଉ କରାଯାଇଥିଲା। ଏହି ଚଢ଼ାଉ ବେଳେ ଚାଇନିଜ୍‌ଙ୍କ ନିୟନ୍ତ୍ରଣରେ ଥିବା ସଂସ୍ଥାଗୁଡ଼ିକର ମର୍ଚ୍ଚାଣ୍ଟ ଆଇଡି ଏବଂ ବ୍ୟାଙ୍କ ଆକାଉଣ୍ଟରୁ ୧୭ କୋଟି ଟଙ୍କା ଜବତ ହୋଇଛି। ସେମାନେ ଭାରତୀୟମାନଙ୍କ ଜାଲ୍ ଦସ୍ତାବିଜ ବ୍ୟବହାର କରି ସେମାନଙ୍କ ବିଭିନ୍ନ ସଂସ୍ଥାର ଡମି ଡାଇରେକ୍ଟର ରଖି ଆପରାଧିକ କାର୍ଯ୍ୟ ଚଳାଇଥିଲେ। ବିଭିନ୍ନ ମର୍ଚ୍ଚାଣ୍ଟ ଆଇଡି ଏବଂ ପେମେଣ୍ଟ ଗେଟ୍‌ୱେ ତଥା ବ୍ୟାଙ୍କ ଆକାଉଣ୍ଟ ଜରିଆରେ ସନ୍ଦିଗ୍ଧ/ବେଆଇନ ବ୍ୟବସାୟ ଚାଲିଥିଲା। ବେଙ୍ଗାଲୁରୁ ପୋଲିସର ସାଇବର କ୍ରାଇମ ଥାନା ପକ୍ଷରୁ ଠକେଇରେ ସମ୍ପୃକ୍ତ ବିଭିନ୍ନ ସଂସ୍ଥା ଓ ବ୍ୟକ୍ତିବିଶେଷଙ୍କ ବିରୋଧରେ ୧୮ଟି ଏତଲା ଦାଏର ହୋଇଥିଲା। ଏହାର ମନିଲଣ୍ଡରିଂ ଦିଗ ଉପରେ ଇଡି ତଦନ୍ତ ଚଳାଇଛି।

ଏତଲାରେ ଥିବା ସଂସ୍ଥା ଓ ବ୍ୟକ୍ତିବିଶେଷ ଲୋନ୍ ଆପ୍ ଜରିଆରେ ଲୋକଙ୍କୁ ଶୋଷଣ କରିବା ସହ ହଇରାଣ କରୁଥିଲେ। ସେମାନଙ୍କ ଦ୍ୱାରା ପରିଚାଳିତ ମୋବାଇଲ ଆପ୍ ଲୋକଙ୍କୁ ଖୁବ୍ କମ୍ ପରିମାଣର ଲୋନ୍ ଦେଇ ଅଧିକ ସୁଧ ସହ ଅର୍ଥ ଆଦାୟ କରିବା ସହିତ ଜାଲିଆତି କରି ଠକିଆସୁଥିଲେ। କୋଭିଡ୍–୧୯ ମହାମାରୀ ବେଳେ ୨୦୨୦ରେ ଅଧିକାଂଶ ଚାଇନିଜ୍ ଲୋନ୍ ଆପ୍ କମ୍ପାନୀ ପଞ୍ଜୀକୃତ ହୋଇଥିଲେ। ଜାଲ୍ ବା ସନ୍ଦିଗ୍ଧ କେୱାଇସି ବ୍ୟବହାର କରି ବ୍ୟାଙ୍କ କିମ୍ବା ୱାଲେଟ ଆକାଉଣ୍ଟ ଖୋଲି ସେମାନେ ଲୋକଙ୍କୁ ଉଚ୍ଚ ସୁଧ ହାର ଓ ଅତ୍ୟଧିକ ପ୍ରୋସେସିଂ ଦେୟ ନେଇ ଋଣ ଯୋଗାଉଥିଲେ। ଋଣ ପରିଶୋଧ କରିପାରୁ ନ ଥିବା ଲୋକଙ୍କୁ ସେମାନେ କଲ୍ ସେଣ୍ଟର ମାଧ୍ୟମରେ ଗାଳିଗୁଲଜ କରିବା ସହ ହଇରାଣ କରିବା ଓ ଧମକ ଦେବା ଆରମ୍ଭ କଲେ। ଲୋନ୍ ଆପ୍ ଡାଉନଲୋଡ୍ ବେଳେ ସେମାନେ ଋଣଗ୍ରହୀତାଙ୍କ ମୋବାଇଲରୁ ସଂଗ୍ରହ କରିଥିବା ସମ୍ବେଦନଶୀଳ ତଥ୍ୟର ଅସଦ୍ ବ୍ୟବହାର କରି ବ୍ଲାକ୍‌ମେଲ୍ କଲେ। ଏପରିକି ଲିଗାଲ ନୋଟିସ ପଠାଇବାକୁ ଧମକ ମଧ୍ୟ ଦେଉଥିଲେ। ଆନ୍ଧ୍ରପ୍ରଦେଶ, ତେଲଙ୍ଗାନା, କର୍ଣ୍ଣାଟକରୁ ଇଡି ଏଭଳି ୨୫ରୁ ଅଧିକ ମାମଲା ପାଇଛି। ଏହି ଠକେଇ ମାଧ୍ୟମରେ ଭାରତରୁ ଶହ ଶହ କୋଟି ଟଙ୍କା ଦକ୍ଷିଣପୂର୍ବ ଏସିଆ, ହଂକଂକୁ ଚାଲିଯାଇଥିବା ଇଡି ସନ୍ଦେହ କରୁଛି। ଉକ୍ତ ସଂସ୍ଥାଗୁଡ଼ିକ ବିଦେଶକୁ ଟଙ୍କା ପଠାଇବାରେ କ୍ରିପ୍ଟୋକରେନ୍ସିକୁ ମଧ୍ୟ ବ୍ୟବହାର କରୁଥିଲେ। ଚାଇନା ଲୋନ୍ ଆପ୍‌ର ବେଆଇନ କାର୍ଯ୍ୟ ସମ୍ପର୍କରେ କେନ୍ଦ୍ର ସରକାର ଏବଂ ରିଜର୍ଭ ବ୍ୟାଙ୍କକୁ ସବିଶେଷ ରିପୋର୍ଟ ଦିଆଯାଇଥିବା ଇଡିର ଜଣେ ଅଧିକାରୀ କହିଛନ୍ତି।

**ଚାଇନା ଲୋନ୍ ଆପ୍ ଠକେଇ**

# ନାସାର ଚନ୍ଦ୍ର ମିଶନ ପୁଣି ସ୍ଥଗିତ

**ୱାଶିଂଟନ୍, ୩।୯**

**ଇଞ୍ଜିନ୍‌ରେ ଲିକ୍, ଉତ୍‌କ୍ଷେପଣ ହୋଇପାରିଲାନି ଆର୍ଟେମିସ୍ ରକେଟ୍**



ଆମେରିକାର ସ୍ପେସ୍ ଏଜେନ୍ସି ନାସାର ମହାତ୍ତ୍ୱାକାଂକ୍ଷୀ ଚନ୍ଦ୍ର ମିଶନ ଶନିବାର ପୁଣି ଥରେ ସ୍ଥଗିତ ହୋଇଛି। ଇଞ୍ଜିନ୍‌ରେ ଇନ୍ଧନ ଲିକ୍ ସମସ୍ୟା ହେବାରୁ ଆର୍ଟେମିସ୍–୧ ମୁନ୍ ରକେଟ୍ ଉତ୍‌କ୍ଷେପଣ ହୋଇପାରିନାହିଁ। ନାସା ଦ୍ୱାରା ପ୍ରସ୍ତୁତ ସବୁଠାରୁ ଶକ୍ତିଶାଳୀ ରକେଟ୍ ଲଞ୍ଚ୍ ପାଇଁ ସମସ୍ତ ପ୍ରସ୍ତୁତି ସରିବା ପରେ ସ୍ପେସ୍ ଲଞ୍ଚ୍ ସିଷ୍ଟମ୍ (ଏସ୍‌ଏଲ୍‌ଏସ୍) ଇଞ୍ଜିନରେ ହାଇଡ୍ରୋଜେନ୍ ଲିକ୍ ରୋକିବାରେ ନିୟନ୍ତ୍ରକ ବିଫଳ ହୋଇଥିଲେ। ଆସନ୍ତା ସୋମବାର କିମ୍ବା ମଙ୍ଗଳବାର ନାସା ପୁଣି ଥରେ ରକେଟ୍ ଉତ୍‌କ୍ଷେପଣ ଉଦ୍ୟମ କରିବ ବୋଲି ଜଣାଯାଇଛି।

ଚନ୍ଦ୍ରକୁ ୩୨୨ ଫୁଟର ଏହି ରକେଟ୍ ପ୍ରେରଣ ନାସାର ଆର୍ଟେମିସ୍ ମିଶନର ଏକ ଅଂଶ। ଆପୋଲୋ ମିଶନର ୫୦ ବର୍ଷ ପରେ ପୁଣି ଥରେ ମନୁଷ୍ୟଙ୍କୁ ଚନ୍ଦ୍ରକୁ ପଠାଇବା ପାଇଁ ପ୍ରସ୍ତୁତି ଚାଲିଛି। ପ୍ରାୟ ୬ ସପ୍ତାହ ଏହା ଚନ୍ଦ୍ର ଚାରିପଟେ ଘୂରିବା ପରେ ପୃଥିବୀକୁ ଫେରିବ। ଏହି ରକେଟର ପ୍ରଥମ ମିଶନ ମାନବରହିତ ହେବ। ଗତ ସୋମବାର ଆମେରିକାର ଫ୍ଲୋରିଡାସ୍ଥିତ କେନେଡି ସ୍ପେସ୍ ସେଣ୍ଟରରୁ ଏହି ରକେଟ୍ ଉତ୍‌କ୍ଷେପଣ କରାଯିବାର କାର୍ଯ୍ୟକ୍ରମ ଥିଲେ ହେଁ ଯାନ୍ତ୍ରିକ ତ୍ରୁଟି ଯୋଗୁ ତାହାକୁ ଶନିବାର ପର୍ଯ୍ୟନ୍ତ ସ୍ଥଗିତ ରଖାଯାଇଥିଲା।

# ସାମାଜିକ ସୁରକ୍ଷାରୁ ବଞ୍ଚିତ ୭୫% ଭାରତୀୟ

**ନୂଆଦିଲ୍ଲୀ, ୩।୯**



**ଅନ୍ତର୍ଜାତୀୟ ଶ୍ରମ ସଙ୍ଗଠନ ରିପୋର୍ଟ**

କୌଣସି ରୋଗରେ ପୀଡ଼ିତ, ଦିବ୍ୟାଙ୍ଗ, ବୃଦ୍ଧାବସ୍ଥା, ବେରୋଜଗାର ସମେତ ମୃତ୍ୟୁ ଆଦି ପରିସ୍ଥିତିବେଳେ ସମ୍ପୃକ୍ତ ବ୍ୟକ୍ତି ଏବଂ ପରିବାରର ସୁରକ୍ଷା ଜରୁରୀ ହୋଇପଡ଼ିଥାଏ। ଲୋକଙ୍କ ଦାରିଦ୍ର୍ୟ ଏବଂ ଦୁର୍ବଳତା ହ୍ରାସ ନିମନ୍ତେ ବିଭିନ୍ନ ନୀତି ଓ କାର୍ଯ୍ୟକ୍ରମ ଜରିଆରେ ସେମାନଙ୍କୁ ଆର୍ଥିକ, ସାମାଜିକ ବିପଦରୁ ସୁରକ୍ଷା ଯୋଗାଯାଇଥାଏ। କିନ୍ତୁ ସଦ୍ୟ ପ୍ରକାଶିତ ଅନ୍ତର୍ଜାତୀୟ ଶ୍ରମ ସଙ୍ଗଠନ (ଆଇଏଲ୍‌ଓ) ରିପୋର୍ଟରୁ ଜଣାପଡ଼ିଛି ଯେ, ଭାରତରେ ମାତ୍ର ୨୪.୪% ଭାରତୀୟଙ୍କ ପାଖରେ ହିଁ କୌଣସି ପ୍ରକାର ସୋସିଆଲ ପ୍ରୋଟେକ୍ସନ ବା ସାମାଜିକ ସୁରକ୍ଷା ରହିଛି, ଯାହା କି ପଡ଼ୋଶୀ ବାଂଲାଦେଶ (୨୮.୪%)ଠାରୁ ମଧ୍ୟ କମ୍। ଅର୍ଥାତ ୭୫%ରୁ ଅଧିକ ଭାରତୀୟଙ୍କ ପାଖରେ ସାମାଜିକ ସୁରକ୍ଷା ନାହିଁ। ଶୁକ୍ରବାର ଆଇଏଲ୍‌ଓ ଜାରି କରିଥିବା ୱାର୍ଲ୍ଡ ସୋସିଆଲ ପ୍ରୋଟେକ୍ସନ ରିପୋର୍ଟ ୨୦୨୦–୨୨ ଅନୁଯାୟୀ ଏସିଆ ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ରରେ ମଙ୍ଗୋଲିଆ, ନ୍ୟୁଜିଲାଣ୍ଡ, ସିଙ୍ଗାପୁର ଏବଂ ଅଷ୍ଟ୍ରେଲିଆରେ ଶତପ୍ରତିଶତ ଲୋକଙ୍କ ନିକଟରେ ସାମାଜିକ ସୁରକ୍ଷା ଥିବାବେଳେ ମ୍ୟାନ୍‌ମାର ଏବଂ କାମ୍ବୋଡିଆରେ ଏହି ସଂଖ୍ୟା ମାତ୍ର ୧୦ ପ୍ରତିଶତ।

ରିପୋର୍ଟରେ ଦର୍ଶାଯାଇଛି, ସାମାଜିକ ସୁରକ୍ଷା କ୍ଷେତ୍ରରେ କମ୍ ନିବେଶ, ଅବଦାନ ନ ଥିବା ଯୋଜନା ଅଧୀନରେ ଖର୍ଚ୍ଚ ହେଉଥିବା ଅର୍ଥ ଲୋକଙ୍କୁ ଏହି ନିରାପତ୍ତା ପ୍ରଦାନ ପାଇଁ ଯଥେଷ୍ଟ ନୁହେଁ। ଅବଦାନ ଥିବା ସୁବିଧା ଅଧୀନରେ କେବଳ ସଙ୍ଗଠିତ କ୍ଷେତ୍ରରେ କାର୍ଯ୍ୟରତ ବ୍ୟକ୍ତି ଆସୁଥିବାବେଳେ ଅବଦାନ ନ ଥିବା ଯୋଜନାରେ ଗରିବ ଲୋକଙ୍କୁ ରଖାଯାଉଛି। ଭାରତର ସାମାଜିକ ସୁରକ୍ଷା ସୁବିଧା ମୁଣ୍ଡପିଛା ମୋଟ ଘରୋଇ ଉତ୍ପାଦ (ଜିଡିପି)ର ୫%ରୁ ବି କମ୍। ତେବେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏ) ଭଳି କାର୍ଯ୍ୟକ୍ରମରେ ଅସଙ୍ଗଠିତ କ୍ଷେତ୍ରର ଶ୍ରମିକଙ୍କୁ ଶହେ ଦିନ ପର୍ଯ୍ୟନ୍ତ କାମ ପ୍ରଦାନ ବ୍ୟବସ୍ଥାକୁ ରିପୋର୍ଟରେ ପ୍ରଶଂସା କରାଯାଇଛି। ଏସିଆ ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ପ୍ରତି ୪ରେ ୩ ଜଣ ଅସୁସ୍ଥ କିମ୍ବା କାର୍ଯ୍ୟକ୍ଷେତ୍ରରେ ଆହତ ହେଲେ ସେମାନେ ସାମାଜିକ ସୁରକ୍ଷା ପାଇପାରି ନ ଥାନ୍ତି ବୋଲି କୁହାଯାଇଛି। ଏଥିରେ ଆହୁରି କୁହାଯାଇଛି ଯେ, ୨୦୨୦ ସୁଦ୍ଧା ବିଶ୍ୱର ମୋଟ ଜନସଂଖ୍ୟାର କେବଳ ୪୬.୯% ଅନ୍ୟୂନ ଗୋଟିଏ ସାମାଜିକ ସୁରକ୍ଷା ଅଧୀନରେ ଥିଲେ। ବାକି ୫୩.୧% ଅର୍ଥାତ ପ୍ରାୟ ୪.୧ ବିଲିୟନ ଲୋକ ସୋସିଆଲ ପ୍ରୋଟେକ୍ସନରୁ ବଞ୍ଚିତ ଥିଲେ। ଲିଙ୍ଗଗତ ଦୃଷ୍ଟିରୁ ସାମାଜିକ ସୁରକ୍ଷା ପାଇଥିବା ପୁରୁଷଙ୍କ ତୁଳନାରେ ମହିଳାଙ୍କ ସଂଖ୍ୟା ପ୍ରାୟ ୮% କମ୍। କାର୍ଯ୍ୟ କରିବା ବୟସ ବର୍ଗରେ ଆସୁଥିବା ବୈଶ୍ୱିକ ଜନସଂଖ୍ୟାର ୬୯.୪% ବା ୪ ବିଲିୟନ ଲୋକ ଆଂଶିକ ଭାବେ ସୁରକ୍ଷିତ କିମ୍ବା ସେମାନଙ୍କ ନିକଟରେ ଆଦୌ ସାମାଜିକ ସୁରକ୍ଷା ନ ଥିବା ରିପୋର୍ଟରେ ଉଲ୍ଲେଖ କରାଯାଇଛି।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୬୦,୯୭,୧୪,୧୯୫ | ୬୫,୦୨,୦୪୩ | ୫୮,୬୦,୧୦,୭୦୨ |
| ଭାରତ | ୪,୪୪,୪୯,୭୨୬ | ୫,୨୭,୯୬୫ | ୪,୩୮,୬୫,୦୧୬ |
| ଓଡ଼ିଶା | ୧୩,୨୮,୨୪୪ | ୯୧୭୯(+୫୩) | ୧୩,୧୭,୨୭୮ |

ଶନିବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ପୁଣି ବିଦ୍ୟୁତ୍ ଫାଶରେ ହାତୀ

- ୨ ମାସରେ ହିନ୍ଦୋଳ ରେଞ୍ଜ୍‌ରେ ତୃତୀୟ ଘଟଣା
- କେବୁଲିଂ ହେଉନି ୧୧ କେଭି କ୍ଷମତା ବିଶିଷ୍ଟ ତାର
- ୫ ବର୍ଷରେ ବିଦ୍ୟୁତ୍ ଆଘାତରେ ମଲେଣି ୨୦ ହାତୀ

**ଢେଙ୍କାନାଳ ଅଫିସ୍/ ସାତମାଇଲ(ଡି.ଏନ୍.ଏ.), ୩।୯**





ବନ୍ୟପ୍ରାଣୀ ଶିକାର ପାଇଁ ବିଛାଯାଇଥିବା ବିଦ୍ୟୁତ୍ ଫାଶରେ ପଡ଼ି ପୁଣି ଏକ ମାଈ ହାତୀର ଜୀବନ ଯାଇଛି। ଏକ ବାର୍ହା ମଧ୍ୟ ମରିଛି। ଢେଙ୍କାନାଳ ଜିଲା ହିନ୍ଦୋଳ ରେଞ୍ଜ୍ ବାଘଧରିଆ ଗ୍ରାମ ନିକଟ ଶାଳ ଜଙ୍ଗଲରେ ଶନିବାର ଘଟିଥିବା ଏହି ଘଟଣା ଆଲୋଡ଼ନ ସୃଷ୍ଟି କରିଛି। ଗତ ୨ ମାସ ମଧ୍ୟରେ ହିନ୍ଦୋଳ ରେଞ୍ଜ୍‌ରେ ଏହା ହେଉଛି ତୃତୀୟ ଘଟଣା। ବନାଞ୍ଚଳ ଦେଇ ଯାଇଥିବା ୧୧ କେଭି କ୍ଷମତା ବିଶିଷ୍ଟ ବିଦ୍ୟୁତ୍ ତାରକୁ ବିଦ୍ୟୁତ୍ ବିଭାଗ କେବୁଲିଂ କରୁ ନ ଥିବାରୁ ଶିକାରୀମାନେ ଏହାର ସୁଯୋଗ ନେଉଛନ୍ତି। ଅନେକ ସମୟରେ ଏଥିରେ ହାତୀ ଭଳି ବିଶାଳକାୟ ପ୍ରାଣୀ ଛନ୍ଦି ହୋଇ ମୃତ୍ୟୁମୁଖରେ ପଡୁଥିବା ବନ ବିଭାଗ ପକ୍ଷରୁ କୁହାଯାଇଛି।

ଗ୍ରାମ ନିକଟ ଜଙ୍ଗଲରେ ହାତୀ ଓ ବାର୍ହା ମରି ପଡ଼ିଥିବା ସୂଚନା ମିଳିବା ପରେ ଅନୁଗୋଳସ୍ଥିତ ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ (ଆର୍‌ସିସିଏଫ୍) ଏମ୍. ଯୋଗୟାନନ୍ଦ, ଜିଲା ବନଖଣ୍ଡ ଅଧିକାରୀ ଡା. ପ୍ରକାଶଚାନ୍ଦ ଗୋଗିନେନି ସଦଳବଳ ପହଞ୍ଚି ତଦନ୍ତ କରିଛନ୍ତି। ମୃତହାତୀର ଆନୁମାନିକ ବୟସ ୧୦ ବର୍ଷ ହୋଇଥିବାବେଳେ ବ୍ୟବଚ୍ଛେଦ ପରେ ଜେସିବି ସହାୟତାରେ ଗାତଖୋଳି ପୋତି ଦିଆଯାଇଛି। ବାଘଧରିଆ ଜଙ୍ଗଲ ଦେଇ ଟଣାଯାଇଥିବା ମୁକୁଳା ୧୧ କେଭି ତାରରେ ହୁକିଂ କରି ଶିକାରୀମାନେ ବନ୍ୟପ୍ରାଣୀ ଶିକାର କରୁଛନ୍ତି। ଶନିବାର ଘଟଣାରେ ମଧ୍ୟ ବୋତଲ, କାଠ ସହାୟତାରେ ଶିକାରୀମାନେ ବିଦ୍ୟୁତ୍ ତାର ବିଛାଇଥିଲେ। ତେଣୁ ହାତୀ ଏବଂ ବାର୍ହାର ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ଗତ ୫ବର୍ଷରେ ଜିଲାର ବିଭିନ୍ନ ସ୍ଥାନରେ ବିଦ୍ୟୁତ୍ ଆଘାତରେ ୨୦ ହାତୀଙ୍କ ଜୀବନ ଗଲାଣି। ଗତ ମାସ ୨୮ ତାରିଖରେ ମହାବିରୋଡ ରେଞ୍ଜ୍ ଘାଗରାମୁଣ୍ଡା ଗ୍ରାମ ପାଖ ଖେସରା ଜଙ୍ଗଲରେ ଅନୁରୂପ ଭାବେ ଏକ ମାଈହାତୀର ମୃତ୍ୟୁ ଘଟିଥିଲା। ଏହି ଘଟଣାରେ ୨ଜଣ ଶିକାରୀ ଗିରଫ ହୋଇଛନ୍ତି।

ଏ ସଂକ୍ରାନ୍ତରେ ଜିଲା ବନଖଣ୍ଡ ଅଧିକାରୀ ଡା. ଗୋଗିନେନି କୁହନ୍ତି, ବାଘଧରିଆ ହାତୀମୃତ୍ୟୁ ଘଟଣାରେ ୩ଜଣଙ୍କ ନାମରେ ମାମଲା ରୁଜୁ ହୋଇଛି। ସମସ୍ତ ଅଭିଯୁକ୍ତ ଫେରାର ଅଛନ୍ତି। ଶୁକ୍ରବାର ରାତି ୧ଟା ଯାଏ ବନ କର୍ମଚାରୀମାନେ ପାଟ୍ରୋଲିଂ କରିଥିବାବେଳେ ଏଭଳି ଘଟଣା ନଜରକୁ ଆସି ନ ଥିଲା। ହଏତ ପାହାନ୍ତା ସମୟରେ ଏହି ଘଟଣା ଘଟିଛି। ହିନ୍ଦୋଳ ରେଞ୍ଜ୍ ଦେଇ ଯାଇଥିବା ୧୧ କେଭି ତାର କେବୁଲିଂ କାମ ସେପ୍ଟେମ୍ବର ସୁଦ୍ଧା ଶେଷ ହେବ ବୋଲି ବିଦ୍ୟୁତ୍ ବିଭାଗ ପକ୍ଷରୁ କୁହାଯାଇଥିଲା। ତେବେ ଅଦ୍ୟାବଧି କାମ ଆରମ୍ଭ ମଧ୍ୟ ହୋଇ ନ ଥିବା ଡିଏଫ୍ଓ ସୂଚନା ଦେଇଛନ୍ତି।

# ଘୁମୁସର ବନଖଣ୍ଡ: ୩ ମାସରେ ୩ ମୃତ

**୪ କର୍ମଚାରୀ ନିଲମ୍ବିତ, ୧୨ ବହିଷ୍କାର**

**ଭଞ୍ଜନଗର/ଜଗନ୍ନାଥପ୍ରସାଦ, ୩।୯(ଡି.ଏନ.ଏ.)**



ପାଣି ପିଇବାକୁ ଆସି ଟଳିପଡ଼ିଛି ଦନ୍ତାହାତୀ।

ଗଞ୍ଜାମ ଜିଲା ଭଞ୍ଜନଗର ଉତ୍ତର ଘୁମୁସର ବନଖଣ୍ଡ ତାରସିଂ ରେଞ୍ଜ ଗାୟଗଣ୍ଡା ନିକଟସ୍ଥ ରାମ୍ପ ଜଙ୍ଗଲରେ ଶନିବାର ମଧ୍ୟାହ୍ନରେ ଏକ ଦନ୍ତାହାତୀର ମୃତ୍ୟୁ ହୋଇଛି। ଅସୁସ୍ଥତା କାରଣରୁ ତା'ର ମୃତ୍ୟୁ ହୋଇଥିବା ଡିଏଫ୍ଓ ସୁଦର୍ଶନ ବେହେରା କହିଛନ୍ତି। ବ୍ୟବଚ୍ଛେଦ ପରେ ହାତୀଟିକୁ ସେଠାରେ ପୋତି ଦିଆଯାଇଛି।

ସୂଚନା ମୁତାବକ, ଗତ କିଛିଦିନ ହେବ ଦନ୍ତାହାତୀଟି ଅସୁସ୍ଥ ହୋଇ ଜଙ୍ଗଲରେ ଘୂରି ବୁଲୁଥିବା ବନ ବିଭାଗ ସୂଚନା ପାଇଥିଲା। ଶୁକ୍ରବାର ସ୍ଥାନୀୟ ଲୋକେ ହାତୀଟି ଜଙ୍ଗଲରେ ନିସ୍ତେଜ ହୋଇ ପଡିଥିବା ଦେଖି ବନ ବିଭାଗକୁ ଖବର ଦେଇଥିଲେ। ବନ ବିଭାଗର କିଛି କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ହାତୀକୁ ଖାଦ୍ୟ ଖାଇବାକୁ ଦେଇଥିଲେ ମଧ୍ୟ ସେ ଖାଇ ନ ଥିଲା। ଶନିବାର ହାତୀଟି ଏକ ଖାଲୁଆ ସ୍ଥାନକୁ ପାଣି ପିଇବାକୁ ଆସି ସେଠାରେ ଟଳି ପଡ଼ିଥିବା ଆଶଙ୍କା କରାଯାଉଛି। ବନ ବିଭାଗ ସହଯୋଗରେ ପ୍ରାଣୀ ଚିକିତ୍ସକ ହାତୀ ନିକଟକୁ ଯାଇ ଚିକିତ୍ସା କରୁଥିବା ସମୟରେ ହାତୀର ମୃତ୍ୟୁ ହୋଇଛି। ଚିକିତ୍ସା କରୁଥିବା ପ୍ରାଣୀ ଚିକିତ୍ସକ ଡା.ବିଜୟିନୀ ପଣ୍ଡା କହିଛନ୍ତି, ଦୁଇଦିନ ପୂର୍ବେ ହାତୀର ମଳ ପରୀକ୍ଷା କରାଯାଇଥିଲା। କୃମି ଅଧିକ ଥିବା ଜଣାପଡ଼ିବା ପରେ ତା'ର ଚିକିତ୍ସା ଚାଲିଥିଲା। ଶନିବାର ଚିକିତ୍ସା ଚାଲିଥିବା ସମୟରେ ହିଁ ହାତୀର ମୃତ୍ୟୁ ହୋଇଛି। ଡିଏଫ୍ଓ ସୁଦର୍ଶନ ବେହେରା କହିଛନ୍ତି, ହାତୀଟି ଅସୁସ୍ଥ ଥିବା ଜଣାପଡ଼ିବା ପରେ ତୁରନ୍ତ ଚିକିତ୍ସା ପାଇଁ ଆବଶ୍ୟକ ପଦକ୍ଷେପ ନିଆଯାଇଥିଲା। ହାତୀଟି କେଉଁ ପରିସ୍ଥିତିରେ ଅସୁସ୍ଥ ହେଲା ତାହା ସ୍ପଷ୍ଟ ହୋଇନାହିଁ। ହାତୀର ଦାନ୍ତ ସୁରକ୍ଷିତ ଅଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ସ୍ପଷ୍ଟ ହେବ ବୋଲି ବେହେରା କହିଛନ୍ତି।

ସୂଚନାଯୋଗ୍ୟ, ଗତ ୩ ମାସ ମଧ୍ୟରେ ଏହି ବନଖଣ୍ଡରେ ୩ଟି ଦନ୍ତାହାତୀଙ୍କ ମୃତ୍ୟୁ ହୋଇଛି। ମୁଜାଗଡ଼ ରେଞ୍ଜ ଦଦରାଲୁଣ୍ଡା ନିକଟରେ ଗତ ଜୁନ ୭ରେ ଗୋଟିଏ ହାତୀର ମୃତ୍ୟୁ ହୋଇଥିଲା। ଜଗନ୍ନାଥପ୍ରସାଦ ରେଞ୍ଜରେ ଗତ ଜୁଲାଇ ୨୦ରେ ଆଉ ଏକ ଦନ୍ତାହାତୀର ମୃତ୍ୟୁ ହୋଇଥିଲା। ଏହି ଦୁଇଟି ଘଟଣାରେ ଏକାଧିକ ବ୍ୟକ୍ତିଙ୍କୁ ଗିରଫ କରାଯାଇଥିଲା। ଦୁଇ ଜଣ ବନପାଳ, ୨ଜଣ ବନରକ୍ଷୀଙ୍କୁ ନିଲମ୍ବିତ କରାଯିବା ସହ ହାତୀ ସୁରକ୍ଷା ଦାୟିତ୍ୱରେ ଥିବା ୧୨ଜଣ ଅସ୍ଥାୟୀ କର୍ମଚାରୀଙ୍କୁ ବହିଷ୍କାର କରାଯାଇଥିଲା।

# ଆଜି ନବୀନ ପାଇବେ ଜୀବନବ୍ୟାପୀ ସାଧନା ସମ୍ମାନ

## ଦିଲ୍ଲୀରୁ ପଲ୍ଲୀ ପର୍ଯ୍ୟନ୍ତ ସମ୍ବର୍ଦ୍ଧନା ଦେବାକୁ ବ୍ୟାପକ ପ୍ରସ୍ତୁତି

**ଭୁବନେଶ୍ୱର,୩।୯(ବ୍ୟୁରୋ)**



ଦୃଢ଼ ନେତୃତ୍ୱ ପାଇଁ ଶ୍ରେଷ୍ଠ ଶାସକ ଭାବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କ୍ୟାପିଟାଲ ଫାଉଣ୍ଡେଶନ ସୋସାଇଟି ପକ୍ଷରୁ ଜୀବନବ୍ୟାପୀ ସାଧନା ସମ୍ମାନ ମିଳିବ। ନୂଆଦିଲ୍ଲୀ ସ୍ଥିତ ଇଣ୍ଡିଆ ଇଣ୍ଟରନ୍ୟାଶନାଲ ସେଣ୍ଟର ଅଡିଟୋରିୟମଠାରେ ରବିବାର ପୂର୍ବାହ୍ନ ୧୦ଟାରେ ଏହି କାର୍ଯ୍ୟକ୍ରମ ଆରମ୍ଭ ହେବ। ସୁପ୍ରିମକୋର୍ଟର ପୂର୍ବତନ ପ୍ରଧାନ ବିଚାରପତି ଏନ.ଭି ରମଣାଙ୍କଠାରୁ ମୁଖ୍ୟମନ୍ତ୍ରୀ ଏହି ସମ୍ମାନଜନକ ପୁରସ୍କାର ଗ୍ରହଣ କରିବେ। ଏହି ମୁହୂର୍ତ୍ତକୁ ସ୍ମରଣୀୟ କରିବା ସକାଶେ ବିଜେଡି ପକ୍ଷରୁ ଏକ ବଡ଼ଧରଣର ଯୋଜନା ପ୍ରସ୍ତୁତ କରାଯାଇଛି। ମୁଖ୍ୟମନ୍ତ୍ରୀଙ୍କୁ ସମ୍ବର୍ଦ୍ଧିତ କରିବା ଲାଗି ସବୁ ଜିଲାର ବିଜେଡି ଯୁବ ଏବଂ ଛାତ୍ର ସଭାପତିମାନଙ୍କୁ ନୂଆଦିଲ୍ଲୀ ନିଆଯାଇଛି। ସେଠାରେ ଦଳର କେତେଜଣ ବରିଷ୍ଠ ନେତା ମଧ୍ୟ ରହିଛନ୍ତି। ପାରମ୍ପରିକ ନାଚ, ଗୀତ ଆଦିର ବ୍ୟବସ୍ଥା କରାଯାଇଛି। ପ୍ରବାସୀ ଓଡ଼ିଆ ଏବଂ ବିଜେଡି ନେତାମାନେ ମୁଖ୍ୟମନ୍ତ୍ରୀଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଦେବେ। ଦିଲ୍ଲୀରେ ରହୁଥିବା ଓଡ଼ିଆଙ୍କ ଜରିଆରେ ସେଠାରେ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଏହାସହ ଏପିଜେ ଅବଦୁଲ୍ କାଲାମ୍ ରୋଡ୍‌ସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଆଗରେ ମଧ୍ୟ ସ୍ୱାଗତ ସମ୍ବର୍ଦ୍ଧନା ପାଇଁ ଯୋଜନା ହୋଇଛି। ଗୋଟିଏ ଦିନ ସେଠାରେ ରହିବା ପରେ ମୁଖ୍ୟମନ୍ତ୍ରୀ ଆସନ୍ତା ୬ ତାରିଖରେ ଓଡ଼ିଶା ଫେରିବେ। ସେପ୍ଟେମ୍ବର ୬ରେ ମଧ୍ୟ ସମ୍ବର୍ଦ୍ଧନା ଦେବାକୁ ବ୍ୟାପକ ପ୍ରସ୍ତୁତି ସରିଛି। ଏଥିଲାଗି ସବୁ ନିର୍ବାଚନମଣ୍ଡଳୀରୁ ୩୦୦ ପାଖାପାଖି ସ୍ଥାନୀୟ ନେତା ଓ କର୍ମୀଙ୍କୁ ଆଣି ବିମାନବନ୍ଦରଠାରେ ଏକାଠି କରିବାକୁ କୁହାଯାଇଛି।

# ଝାଡ଼ାବାନ୍ତିରେ ୨ ମୃତ, ୧୬ ଆକ୍ରାନ୍ତ



ଥୁଆମୁଲ ରାମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସାଧୀନ ରୋଗୀ।

**ଭବାନୀପାଟଣା,୩।୯(ସ୍ୱ.ପ୍ର.)**

କଳାହାଣ୍ଡି ଜିଲା ଥୁଆମୁଲ ରାମପୁର ବ୍ଲକ ବିରିକୋଟ ପଞ୍ଚାୟତ ସେମେଲପଦର ଗ୍ରାମର କେନ୍ଦୁପଡାରେ ଗତ ୨ଦିନ ହେଲା ଝାଡାବାନ୍ତି ବ୍ୟାପିବାରେ ଲାଗିଛି। ଏଥିରେ ବର୍ତ୍ତମାନ ସୁଦ୍ଧା ୨ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ପ୍ରାୟ ୧୬ଜଣ ଆକ୍ରାନ୍ତ ଥିବା ଜଣାପଡିଛି। ମୃତ ବ୍ୟକ୍ତି ହେଲେ ବୃଦ୍ଧ ଡମ୍ବୁ ମାଝୀ ଓ ବୃଦ୍ଧା ସୁନାଙ୍ଗ ଦେଈ। ଦୂଷିତ ଜଳ ପାନ ଯୋଗୁ ଝାଡାବାନ୍ତି ବ୍ୟାପୁଥିବା ଗ୍ରାମବାସୀ କହିଛନ୍ତି। ଆକ୍ରାନ୍ତ ବ୍ୟକ୍ତିଙ୍କୁ ଥୁଆମୁଲ ରାମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇ ଚିକିତ୍ସା କରାଯାଉଛି। ସେମାନଙ୍କ ମଧ୍ୟରୁ ୩ ଜଣଙ୍କ ଅବସ୍ଥା ଗୁରୁତର ରହିଛି। ଅନ୍ୟ ଆକ୍ରାନ୍ତଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ହେଉଥିବା ସ୍ୱାସ୍ଥ୍ୟବିଭାଗ ପକ୍ଷରୁ ଜାଣିବାକୁ ମିଳିଛି। ଏହାମଧ୍ୟରେ ସ୍ୱାସ୍ଥ୍ୟବିଭାଗର ଏକ ଟିମ୍ ଉକ୍ତ ଗ୍ରାମକୁ ଯାଇ ପରିସ୍ଥିତି ଅନୁଧ୍ୟାନ କରିବା ସହ ଲୋକଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଛନ୍ତି। ଝାଡାବାନ୍ତି ଆକ୍ରାନ୍ତ ବ୍ୟକ୍ତିଙ୍କୁ ଔଷଧ ଦିଆଯିବା ସହ ଲୋକଙ୍କୁ ସଚେତନ କରାଯାଉଛି।

ସୂଚନାଯୋଗ୍ୟ ଯେ, ଥୁଆମୁଲ ରାମପୁର ଆଦିବାସୀ ଅଧ୍ୟୁଷିତ ଏକ ଦୁର୍ଗମ ଅଞ୍ଚଳ। ଘଞ୍ଚ ଜଙ୍ଗଲ ପରିପୂର୍ଣ୍ଣ ଏହି ଅଞ୍ଚଳରେ ମାଓବାଦୀ ସକ୍ରିୟ ଥିବା ବେଳେ ରାସ୍ତାଘାଟର ସୁବିଧା ନାହିଁ। ପ୍ରଶାସନିକ ଅଧିକାରୀଙ୍କ ପାଦ ଏଠାରେ ପଡ଼େନାହିଁ କହିଲେ ଚଳେ। ପାନୀୟ ଜଳର ସୁବିଧା ନ ଥିବାରୁ କେନ୍ଦୁପଡାର ଲୋକେ ମୁଖ୍ୟତଃ ଝରଣା ପାଣି ଉପରେ ନିର୍ଭର କରିଥାନ୍ତି। ଏପଟେ ରାସ୍ତାଘାଟର ସୁବିଧା ନ ଥିବା ବେଳେ ସଚେତନତା ଅଭାବ ଯୋଗୁ ଅନେକ ସମୟରେ ଲୋକେ ଭାଗ୍ୟକୁ ଆଦରି ପଡି ରହିଥାନ୍ତି।

# ଓଏଏସ୍ ଅଫିସର ସ୍ତରରେ ଅଦଳବଦଳ

**୪ ଜଣଙ୍କୁ ପଦୋନ୍ନତି**

**ଭୁବନେଶ୍ୱର,୩।୯(ବ୍ୟୁରୋ)**

ରାଜ୍ୟ ସରକାର ଓଏଏସ୍ ଅଫିସର ସ୍ତରରେ ଅଦଳବଦଳ କରିଛନ୍ତି। ଏ ନେଇ ଶନିବାର ସାଧାରଣ ପ୍ରଶାସନ ବିଭାଗ ଓ ସାଧାରଣ ଅଭିଯୋଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ବ୍ରହ୍ମପୁର କନ୍‌ସୋଲିଡେଶନ ଆଣ୍ଡ ସେଟଲମେଣ୍ଟ ଅତିରିକ୍ତ କମିଶନର ସୂର୍ଯ୍ୟମାଧବ ପାଣିଗ୍ରାହୀଙ୍କୁ ଭୁବନେଶ୍ୱର କନ୍‌ସୋଲିଡେଶନ ଆଣ୍ଡ ସେଟଲମେଣ୍ଟ କମିଶନର ଭାବେ ବଦଳି କରାଯାଇଥିବା ବେଳେ ଓଡ଼ିଶା ରାଜ୍ୟ ପରିବହନ ନିଗମ(ଓଏସ୍ଆରଟିସି) ଜେନେରାଲ ମ୍ୟାନେଜର ବ୍ରଜଗୋପାଳ ଆଚାର୍ଯ୍ୟଙ୍କୁ ମତ୍ସ୍ୟ ଓ ପ୍ରାଣୀସମ୍ପଦ ସ୍ୱତନ୍ତ୍ର ସଚିବ, ଓଡ଼ିଶା ହାଉସିଂ ବୋର୍ଡ ଲ୍ୟାଣ୍ଡ ଅଫିସର ଆରାଧନା ଦାସଙ୍କୁ ଏସ୍‌ସି/ଏସ୍‌ଟି ବିଭାଗର ଅତିରିକ୍ତ ସଚିବ, ଭୁବନେଶ୍ୱର ଆଡିଶନାଲ ଡିଭିଜନାଲ କୋର୍ଟ ଭୁବନେଶ୍ୱର ଅତିରିକ୍ତ କମିଶନର ସ୍ମିତା ବିଶ୍ୱାଳଙ୍କୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅତିରିକ୍ତ ସଚିବ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅତିରିକ୍ତ ସଚିବ ବିଶିକେଶନ ଦେହୁରୀଙ୍କୁ ଓଡ଼ିଶା ରାଜ୍ୟ ପରିବହନ ନିଗମ(ଓଏସ୍ଆରଟିସି) ଜେନେରାଲ ମ୍ୟାନେଜର ଭାବେ ବଦଳି କରାଯାଇଛି। ସେହିପରି ଖୋର୍ଦ୍ଧା ଅତିରିକ୍ତ ଉପଜିଲାପାଳ ଥିବା ରଶ୍ମିତା ରାଣୀ ତରସିଆଙ୍କୁ ଓଡ଼ିଶା ରାଜ୍ୟ ହାଉସିଂବୋର୍ଡ ସେକ୍ରେଟାରି ଭାବେ ବଦଳି କରାଯାଇଥିବା ବେଳେ ବଣାଇ ଆଇଟିଡିଏ ପି.ଏ. ଲଲାଟ କୁମାର ଲୁହାଙ୍କୁ ବରଗଡ଼ ଉପଜିଲାପାଳ, ନବରଙ୍ଗପୁର ଆଇଟିଡିଏ ପି.ଏ. ଅଭିମନ୍ୟୁ ମାଝିଙ୍କୁ ସୁନ୍ଦରଗଡ଼ ପାନପୋଷ ଉପଜିଲାପାଳ, ନୟାଗଡ଼ ଡିଆରଡିଏ ଆଡିଶନାଲ ପିଡି ଅକ୍ଷୟ କୁମାର ରାଉତଙ୍କୁ ଖୋର୍ଦ୍ଧା ଉପଜିଲାପାଳ, ସୋର ବିଡିଓ ସୁଶାନ୍ତ କୁମାର ବାରିକଙ୍କୁ ମୟୂରଭଞ୍ଜ ଡିଆରଡିଏ ଆଡିଶନାଲ ପିଡି ଏବଂ ରାୟଗଡ଼ା ଜିଲା ରାମନାଗୁଡ଼ା ବିଡିଓ ବେଣୁଧର ଶବରଙ୍କୁ ନବରଙ୍ଗପୁର ଆଇଟିଡିଏ ପି.ଏ. ଭାବେ ବଦଳି କରାଯାଇଛି। ସେହିପରି ୨ ଜଣ ବରିଷ୍ଠ ଓଏଏସ୍ ଅଧିକାରୀ ପୁଷ୍ପଲତା ସାହୁ ଏବଂ ପ୍ରକାଶ ଚନ୍ଦ୍ର ବେହେରାଙ୍କୁ ସୁପରିୟର ଆଡ୍‌ମିନିଷ୍ଟ୍ରେଟିଭ ଗ୍ରେଡ୍‌କୁ ପଦୋନ୍ନତି ଦିଆଯାଇଥିବା ବେଳେ ଭିନ୍‌ସିଏଣ୍ଟ ପୋନମକାନ୍ତ ଏକ୍କା ଓ ପ୍ରଦୀପ କୁମାର ମିଶ୍ରଙ୍କୁ ସ୍ପେଶାଲ ସେକ୍ରେଟାରି ର୍ୟାଙ୍କ୍‌କୁ ପଦୋନ୍ନତି ଦିଆଯାଇଛି।

# ଚାଟ୍ ଖାଇ ଝିଅପୁଅ ମୃତ, ମା'ବାପା ଗୁରୁତର

**ବଡ଼ମ୍ବା/ତିଗିରିଆ, ୩।୯(ଡି.ଏନ୍.ଏ)**

ଖାଦ୍ୟ ବିଷାକ୍ତ ହେବା ଯୋଗୁ ଗୋଟିଏ ପରିବାରରେ ଝିଅ ଓ ପୁଅଙ୍କ ମୃତ୍ୟୁ ଘଟିଥିବାବେଳେ ମା'ବାପା ଗୁରୁତର ଅବସ୍ଥାରେ ଏକ ଘରୋଇ ଚିକିତ୍ସାଳୟରେ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି। ଏଭଳି ଦୁଃଖଦ ଘଟଣା ଘଟିଛି କଟକ ଜିଲା ବଡ଼ମ୍ବା ଥାନା ଅନ୍ତର୍ଗତ ଅଭିମାନପୁର ପଞ୍ଚାୟତସ୍ଥିତ ବୀରବରପୁର ଗ୍ରାମରେ। ମୃତ ଝିଅ ଓ ପୁଅ ହେଲେ ରୁଚିକା ପାତ୍ର (୯) ଓ ରୁଦ୍ର ପାତ୍ର (୧୨) ଏବଂ ଗୁରୁତର ମା' ବାପା ହେଲେ ରୁନୁବାଳା (୩୬), ଗୋବିନ୍ଦ ପାତ୍ର (୪୬)।

ଗ୍ରାମବାସୀଙ୍କ ସୂଚନା ଅନୁଯାୟୀ, ଗୋବିନ୍ଦଙ୍କ ପରିବାର ଲୋକେ ଗୁରୁବାର ରାତିରେ ଘରେ ଚାଟ୍ ତିଆରି କରି ଖାଇଥିଲେ। ଏହା ପରେ ପ୍ରଥମେ ପୁଅ, ଝିଅ ଏବଂ ପରେ ମା'ବାପାଙ୍କୁ ଝାଡ଼ାବାନ୍ତି ହୋଇଥିଲା। ଏନେଇ ରାତିରେ ସେମାନେ ଦୋକାନରୁ ଔଷଧ ଆଣି ଖାଇଥିଲେ। ସ୍ୱାସ୍ଥ୍ୟାବସ୍ଥାରେ କୌଣସି ପରିବର୍ତ୍ତନ ନ ହେବାରୁ ଶୁକ୍ରବାର ସେମାନେ ପ୍ରଥମେ ମାଣିଆବନ୍ଧ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଥିଲେ। ଅବସ୍ଥା ସଙ୍କଟାପନ୍ନ ହେବାରୁ ସେମାନଙ୍କୁ କଟକ ବଡ଼ ମେଡିକାଲ ନିଆଯିବାକୁ ଆମ୍ବୁଲାନ୍ସ ବ୍ୟବସ୍ଥା ହୋଇଥିଲା। ମାତ୍ର କଟକରେ ଚିକିତ୍ସା ଓ ଅନ୍ୟାନ୍ୟ ଖର୍ଚ୍ଚ ପାଇଁ କିଛି ଟଙ୍କା ଯୋଗାଡ଼ କରିବାକୁ ଗୋବିନ୍ଦ ଉଦ୍ୟମ କରିଥିଲେ। ଫଳରେ ସେମାନେ ପ୍ରାୟ ୫ ଘଣ୍ଟା ବିଳମ୍ବରେ କଟକ ଯାଇଥିଲେ। ଦୁଇ ପିଲାଙ୍କୁ ଶିଶୁଭବନକୁ ନିଆଯାଇଥିଲା। ସେଠାରେ ଆଇସିୟୁ ଖାଲି ନ ଥିବାରୁ ୨ ପିଲାଙ୍କୁ ଏକ ଘରୋଇ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ଶନିବାର ଭୋର ସମୟରେ ରୁଚିକା ଓ ରୁଦ୍ରଙ୍କର ମୃତ୍ୟୁ ଘଟିଛି। ଖବରପାଇ ବଡ଼ମ୍ବା ବିଧାୟକ ଦେବୀ ପ୍ରସାଦ ମିଶ୍ରଙ୍କ ସହାୟତାରେ କଟକ ସିଟି ହସ୍ପିଟାଲରେ ଚିକିତ୍ସାଧୀନ ଥିବା ରୁନୁବାଳା ଓ ଗୋବିନ୍ଦଙ୍କୁ ଜଗତ୍‌ପୁରସ୍ଥିତ ଏକ ଘରୋଇ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ରୁନୁବାଳାଙ୍କୁ ୪ ୟୁନିଟ୍ ରକ୍ତ ଦିଆଯାଇଥିବାବେଳେ ଗୋବିନ୍ଦଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ଜଣାପଡ଼ିଛି। ଏସମ୍ପର୍କରେ ମାଣିଆବନ୍ଧ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତର ଉଦୟ ଜେଟି ମଲ୍ଲିକ କହିଛନ୍ତି, ଖାଦ୍ୟ ବିଷାକ୍ତ ହୋଇଯାଇଥିବାରୁ ଏଭଳି ଘଟଣା ଘଟିଛି। ସ୍ୱାସ୍ଥ୍ୟ କେନ୍ଦ୍ର ଜନସ୍ୱାସ୍ଥ୍ୟ ଅଧିକାରୀ ଶରତ ଚନ୍ଦ୍ର ଖୁଣ୍ଟିଆ କହିଛନ୍ତି, ଘଟଣା ସମ୍ପର୍କରେ ବୀରବରପୁର ଗ୍ରାମକୁ ଯାଇ ଲୋକଙ୍କୁ ପଚରାଉଚୁରା କରାଯାଇଛି। ଏହାପରେ ଗୋବିନ୍ଦଙ୍କ ଘର ସିଲ୍ କରାଯାଇଛି। ରବିବାର ଖାଦ୍ୟ ଯାଞ୍ଚ ଅଧିକାରୀ ଘର ଖୋଲି ଯାଞ୍ଚ କରିବେ ବୋଲି ଖୁଣ୍ଟିଆ କହିଛନ୍ତି। ମାଣିଆବନ୍ଧ ଫାଣ୍ଡି ଅଧିକାରୀ ବସନ୍ତ ଶତପଥୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିବା କହିଛନ୍ତି।

ଅନ୍ୟପକ୍ଷରେ ଗ୍ରାମରେ ଦୁଇ ପିଲାଙ୍କ ମୃତଦେହ ପହଞ୍ଚିବା ପରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ଅଭିମାନପୁର ସରପଞ୍ଚଙ୍କ ପ୍ରତିନିଧି ସୂର୍ଯ୍ୟମଣି ନାୟକ, ସାମାଜିକ କର୍ମୀ ସୁବାସ ଦେବନାଥଙ୍କ ସମେତ ଗ୍ରାମବାସୀ ଉପସ୍ଥିତ ରହି ଶେଷକୃତ୍ୟ ସମ୍ପନ୍ନ କରିଛନ୍ତି।









# ଖୋର୍ଦ୍ଧା ଜିଲାରେ ସର୍ବାଧିକ ୧୧୨୫ ଡେଙ୍ଗୁ ରୋଗୀ

**କ୍ୟାପିଟାଲ ହସ୍ପିଟାଲରେ ଦୈନିକ ୫ରୁ ୧୦ ଭର୍ତ୍ତି ହେଉଛନ୍ତି**

**ଭୁବନେଶ୍ୱର, ୩।୯ (ବ୍ୟୁରୋ)**

ବର୍ଷା, ବନ୍ୟା ପରେ ଏବେ ଚିନ୍ତା ବଢାଇଛି ଡେଙ୍ଗୁ। ରାଜ୍ୟରୁ ଏବେ ନିୟମିତ ଭାବେ ଡେଙ୍ଗୁ ରୋଗୀ ଚିହ୍ନଟ ହେଉଥିବାରୁ ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଏପରିକି ହସ୍ପିଟାଲରେ ଭର୍ତ୍ତି ହେଉଥିବା ରୋଗୀଙ୍କ ସଂଖ୍ୟା ମଧ୍ୟ ବଢୁଛି। ଇତିମଧ୍ୟରେ ଡେଙ୍ଗୁରେ ଅନେକ ଲୋକଙ୍କ ଜୀବନ ଯାଇଥିବାରୁ ଚିନ୍ତା ବଢ଼ିଛି। ତେବେ ଡେଙ୍ଗୁ ମୁକାବିଲା ପାଇଁ ରାଜ୍ୟ ସରକାର ପ୍ରସ୍ତୁତ ଥିବା ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନିରଞ୍ଜନ ମିଶ୍ର ସୂଚନା ଦେଇଛନ୍ତି। ସେ କହିଛନ୍ତି, ଏବେ ସୁଦ୍ଧା ରାଜ୍ୟରେ ୨୨ ହଜାର ୬୮ ଜଣଙ୍କ ନମୁନା ପରୀକ୍ଷା ସରିଛି। ସେମାନଙ୍କ ମଧ୍ୟରୁ ୨ହଜାର ୩୦୯ଜଣ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ସର୍ବାଧିକ ୧୧ଶହ ୨୫ଜଣ ଡେଙ୍ଗୁ ଆକ୍ରାନ୍ତ ଖୋର୍ଦ୍ଧା ଜିଲାରୁ ଚିହ୍ନଟ ହୋଇଛନ୍ତି। ଗତବର୍ଷ ତୁଳନାରେ ଚଳିତ ବର୍ଷ ଅଧିକ ଡେଙ୍ଗୁ ରୋଗୀ ବାହାରିଛନ୍ତି। ଅଧିକ ଟେଷ୍ଟ କରାଯାଉଥିବାରୁ ଅଧିକ ଡେଙ୍ଗୁ ଆକ୍ରାନ୍ତ ଚିହ୍ନଟ ହେଉଛନ୍ତି। ମୁକାବିଲା ପାଇଁ ରାଜ୍ୟ ସରକାର ବ୍ୟାପକ ବ୍ୟବସ୍ଥା ମଧ୍ୟ କରିଛନ୍ତି। ଡେଙ୍ଗୁ ରୋଗୀଙ୍କ ଚିକିତ୍ସା ପାଇଁ ପର୍ଯ୍ୟାପ୍ତ ପରିମାଣରେ ପ୍ଲେଟ୍‌ଲେଟ୍ ରହିଛି। ସେହିପରି ରାଜ୍ୟର ୯ଟି ରକ୍ତ ଭଣ୍ଡାରରେ ପ୍ଲେଟ୍‌ଲେଟ୍ ପୃଥକୀକରଣ ୟୁନିଟ୍ କାର୍ଯ୍ୟକ୍ଷମ ରହିଥିବା ସେ କହିଛନ୍ତି।

ଏ ସମ୍ପର୍କରେ କ୍ୟାପିଟାଲ ହସ୍ପିଟାଲ ଅଧୀକ୍ଷକ ଡା. ଦିଲୀପ କୁମାର ପଣ୍ଡା କହିଛନ୍ତି, ହସ୍ପିଟାଲରେ ଡେଙ୍ଗୁ ରୋଗୀଙ୍କ ସଂଖ୍ୟା ନିୟମିତ ବଢୁଛି। ପ୍ରତିଦିନ କ୍ୟାପିଟାଲ ହସ୍ପିଟାଲରେ ୫ରୁ ୧୦ ଡେଙ୍ଗୁ ଆକ୍ରାନ୍ତ ଭର୍ତ୍ତି ହେଉଛନ୍ତି। ଶୁକ୍ରବାର କ୍ୟାପିଟାଲ ହସ୍ପିଟାଲରେ ୨୯ ଡେଙ୍ଗୁ ରୋଗୀ ଥିବାବେଳେ ଶନିବାର ରୋଗୀ ସଂଖ୍ୟା ୩୪ରେ ପହଞ୍ଚିଛି। ଗୁରୁତର ଡେଙ୍ଗୁ ରୋଗୀଙ୍କ ଲାଗି ପ୍ଲେଟ୍‌ଲେଟ୍ ଯୋଗାଇ ଦିଆଯାଉଛି। ଏପରିକି ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ରୋଗୀଙ୍କୁ ମଧ୍ୟ ଏଠାରୁ ପ୍ଲେଟ୍‌ଲେଟ ମିଳିବାରେ ଅସୁବିଧା ନାହିଁ ବୋଲି ଡା. ପଣ୍ଡା କହିଛନ୍ତି।

ଗତବର୍ଷ ୧୦ହଜାର ୮୩୩ ନମୁନା ପରୀକ୍ଷା ହୋଇଥିଲାବେଳେ ୨ ହଜାର ୮୭୮ ରୋଗୀ ଚିହ୍ନଟ ହୋଇଥିଲେ। ତେବେ ଚଳିତ ବର୍ଷ କେବଳ ୭ ମାସରେ ଖୋର୍ଦ୍ଧାରେ ସର୍ବାଧିକ ୧୧୨୫ ଜଣ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଥିବାବେଳେ କୋରାପୁଟରେ ୩୪୨, ମାଲକାନଗିରିରେ ୧୭୭, ରାୟଗଡ଼ାରେ ୨୬୮ଜଣ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଥିବା ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଡେଙ୍ଗୁ ଦେଖାଗଲେ ଭୟଭୀତ ନ ହୋଇ ଏହାର ଚିକିତ୍ସା କରିବା ସହ ପ୍ରଚୁର ପରିମାଣରେ ପାଣି ପିଇବା ଆବଶ୍ୟକ। ଏହାର ସ୍ୱତନ୍ତ୍ର କୌଣସି ଚିକିତ୍ସା ନ ଥିଲେ ମଧ୍ୟ ଜ୍ୱର କମିବା ପାଇଁ ଔଷଧ ଖାଇବା ଜରୁରୀ। ଜ୍ୱର ନ କମିଲେ ଡାକ୍ତରଙ୍କ ପରାମର୍ଶରେ ହସ୍ପିଟାଲରେ ଆଡ୍‌ମିଟ ହେବା ଉଚିତ୍ ବୋଲି ସେ ପରାମର୍ଶ ଦେଇଛନ୍ତି। ଏଥିସହ ଘର ଚାରିପାଖ ସଫାସୁତୁରା ରଖିବା ସହିତ ସପ୍ତାହକୁ ଗୋଟିଏ ଦିନ ଡ୍ରାଏ ଡେ' ପାଳନ କରିବା ପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି।




**ଆଜିର ମନ୍ତବ୍ୟ**

"ଆଇଆଇଟିଗୁଡ଼ିକ ଦେଶର ଗର୍ବ। ଶିକ୍ଷାନୁଷ୍ଠାନଗୁଡ଼ିକୁ ଭବିଷ୍ୟତ ପାଇଁ ପ୍ରସ୍ତୁତ କରାଯିବା ଆବଶ୍ୟକ।
-ଦ୍ରୌପଦୀ ମୁର୍ମୁ, ରାଷ୍ଟ୍ରପତି




## ଜନ୍ମଦିନର ଶୁଭେଚ୍ଛା

ନାମ: ..........................................
ବୟସ:..........................................
ଜନ୍ମ ତାରିଖ: ..................................



ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଭତ୍ତାଧାରୀଙ୍କୁ ଗରିବ କଲ୍ୟାଣ ଯୋଜନାରେ ମିଳିବ ଅଗ୍ରାଧିକାର

ଭୁବନେଶ୍ୱର,୩।୯(ବ୍ୟୁରୋ): ଜାତୀୟ ସାମାଜିକ ସୁରକ୍ଷା ଯୋଜନାରେ ମାସିକ ଭତ୍ତା ପାଉଥିବା ହିତାଧିକାରୀଙ୍କୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ପରିଚାଳିତ ହେଉଥିବା ଗରିବ କଲ୍ୟାଣ ଯୋଜନାଗୁଡ଼ିକରେ ଅଗ୍ରାଧିକାର ମିଳିବ। ଯେକୌଣସି ଗରିବ କଲ୍ୟାଣ କାର୍ଯ୍ୟକ୍ରମ ବା ଯୋଜନାର ହିତାଧିକାରୀ ଚୟନବେଳେ ଜାତୀୟ ସାମାଜିକ ସୁରକ୍ଷା ଯୋଜନା (ଏନ୍ଏସ୍ଏପି)ର ହିତାଧିକାରୀଙ୍କ ଡାଟାବେସ୍‌ରୁ ସେମାନଙ୍କ ଯୋଗ୍ୟତାକୁ ଦେଖି ସାମିଲ କରିବାକୁ ରାଜ୍ୟ ସରକାର ଶନିବାର ସମସ୍ତ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହାଦ୍ୱାରା ଜାତୀୟ ସାମାଜିକ ସୁରକ୍ଷା ଯୋଜନାର ମୋଟ ୨୦.୩୭ ଲକ୍ଷ ହିତାଧିକାରୀ ବିଶେଷ ଉପକୃତ ହୋଇପାରିବେ । କେନ୍ଦ୍ର ଗ୍ରାମ୍ୟ ଉନ୍ନୟନ ମନ୍ତ୍ରଣାଳୟ ଅଗଷ୍ଟ ୨୩ ତାରିଖରେ ରାଜ୍ୟ ସରକାରଙ୍କୁ ଚିଠି ଲେଖି ଏନ୍ଏସ୍ଏପି ଗାଇଡ୍‌ଲାଇନର ଅଷ୍ଟମ ଅନୁଚ୍ଛେଦ ସମ୍ପର୍କରେ ସ୍ମରଣ କରାଇବା ସହ ବିଭିନ୍ନ ଗରିବ କଲ୍ୟାଣ ଯୋଜନାର କାର୍ଯ୍ୟକାରୀ ବେଳେ ଏହି ମାସିକ ଭତ୍ତା ନେଉଥିବା ହିତାଧିକାରୀ (ଏନଏସ୍ଏପି) ଯେଭଳି ସ୍ୱତଃ ସେସବୁ କାର୍ଯ୍ୟକ୍ରମର ହିତାଧିକାରୀ ହେବେ ସେ ଦିଗରେ ଦୃଷ୍ଟି ଦେବାକୁ ରାଜ୍ୟ ସରକାରଙ୍କୁ ପରାମର୍ଶ ଦେଇଛି । ଏହି ମାସିକ ଭତ୍ତାଧାରୀଙ୍କ ସାମାଜିକ, ଅର୍ଥନୈତିକ ଓ ସ୍ୱାସ୍ଥ୍ୟଗତ ସ୍ଥିତିକୁ ଦୃଷ୍ଟିରେ ରଖି ସେମାନେ ଯେପରି ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଦାରିଦ୍ର୍ୟ ଦୂରୀକରଣ କାର୍ଯ୍ୟକ୍ରମରେ ହିତାଧିକାରୀ ଭାବେ ସ୍ୱତଃ ସାମିଲ ହୋଇପାରିବେ ତାହା ସୁନିଶ୍ଚିତ କରିବାକୁ ମନ୍ତ୍ରଣାଳୟ କହିଛି।

# classifieds Everyday

0674-2580101, 2549302



## BRIDE WANTED

Handsome khandayat boy 1992, 5'6" MS.c, Serving IFS- SUNASANSAR- 9937512659, 8249969649. D-74110

## GROOM WANTED

39 ବୟସ୍କା Government Officer ଏକାକୀ ରହୁଥିବା ଖଣ୍ଡାୟତ Divorce ଝିଅଙ୍କୁ ଯେକୌଣସି ଜାତିର ପୁଅ ଦରକାର। 8327715036. D-1385

48 ବୟସ୍କା ଅନାଥ Divorce Government ଚାକିରିଆ ବଣିଆ ଝିଅଙ୍କୁ ସନ୍ତାନ/ ନିଃସନ୍ତାନ ପୁଅ ଦରକାର। 7749076723. D-1386

Govt. ଚାକିରିଆ 33 ବର୍ଷୀୟା କରଣ divorce ଝିଅଙ୍କୁ anycaste ଘରଜ୍ୱାଇଁ ଆବଶ୍ୟକ। 8093583208. D-1413

ଏକାକୀ ରହୁଥିବା ୩୨ ବର୍ଷୀୟା Divorce Govt. ଚାକିରିଆ ଝିଅଙ୍କୁ ଯେକୌଣସି ଜାତିର ଘରଜ୍ୱାଇଁ ଆବଶ୍ୟକ। 7008080967. D-1422



## SALE

**Gharabari boundary plots near Infocity-II & Cancer Hospital. SR PROPERTEEZ. 9438106666.** D-73211

Investment plot for sale at Cuttack to Banki NH side. Very close to Sai International School and CISF. (Per sqft. only 249/-).9937450545. D-1421

"Ready to move in 2 BHK flat 2 Nos. adjacent to each other convertible to 4 BHK, for sale at Khordha Town, Odisha,1000 Square feet each, @3950/- sqft , 24*7 lift, common area Power Backup, Security, Parking, Children's Park, Morning Walk field apx 5 acres, Bus Stand, Vegetable Market just one minute away. Prime location." Phone No. 9437493881, 9337220630. D-1220

**Ready to move commercial shops for sale at DHPL Sahoo Residency, Near Mancheswar Railway Station. Contact 9937059891.** D-1367

1600sqft. ଘରବାଡ଼ି ପାଚେରି ପ୍ଲଟ୍ ବିକ୍ରିହେବ। ରବିଟକିଜ୍‌ରୁ 1.5 ମିଟର। 9827119799. D-73864

**1/2/3 BHK ready to move apartment for sale at DHPL Enclave 2 Kalarahanga and DHPL Platinum Rudrapur. Contact 9937059891.** D-1368

କଟକ-ଭୁବନେଶ୍ୱର ମଧ୍ୟରେ ନିର୍ମିତ 'Grand Bazar' (NH-16) ସମ୍ମୁଖରୁ ଅଳ୍ପ ଦୂରତାରେ ବାସୋପଯୋଗୀ plot ଶସ୍ତାରେ କିଣନ୍ତୁ ଏବଂ ଗୃହ ନିର୍ମାଣ କରନ୍ତୁ। 8249310759. D-74108

**Bhubaneswar Engineering College front NH ଠାରୁ 200 mtr. ଦୂରତାରେ Boundary ପ୍ଲଟ୍ ବିକ୍ରି ହେବ । 7008297827, 9692999455.** D-74105

Bhubaneswar କାଟେଣୀ-ପିତାପଲ୍ଲୀ ଏରିଆରେ 2000sqft. gharabari plot ୨୮ଟି ବିକ୍ରିହେବ। 9938016295. D-74104

**Duplex for sale:- Place near Baba Bhairabananda Mahavidyalaya, Chandikhol, Jajpur land area- 7.5 dec. construction area- 3000sqft. including compound wall @80lakh negotiable. Contact No.- 9938218526.** D-1384

Bhubaneswar gharabari land Mouza Taraboi near 100ft. road book @2lakhs. 9078263828. D-1410

**Gated community Gharabari plot sale at Pipili NH side near Ranch Hotel - 9437522339.** D-74106

**Bhubaneswar Sum Hospital 6K.M. ଦୂରରେ କଣ୍ଟାବାଡ଼ଠାରେ NH-16A ରୋଡ୍‌ରୁ ୧୦୦ଫୁଟ ଛାଡ଼ି 30' ROAD, ଘରବାରି, ବାଉଣ୍ଡରୀ, ଇଲେକ୍ଟ୍ରି ସହ ପ୍ଲଟ୍ ମିଳୁଛି। 9090963952.** D-74101

**ଭୁବନେଶ୍ୱର ହଂସପାଳଛକରୁ ମାତ୍ର 5K.M. ବ୍ୟବଧାନରେ ନୀଳକଣ୍ଠେଶ୍ୱର ମନ୍ଦିରକୁ ଲାଗି 2800sqft. ଘରବାରି ଜାଗା ପାଚେରି ସହ ବିକ୍ରିହେବ। sqft. 1250/-, 9040744989, 9776366322, 7873219026.** D-74103

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. ପ୍ଲଟ୍‌କୁ 3,60,000/- (outright). 9439660381. D-73299

**Residential gharabari plot at Brahmanjharilo, Cuttack with boundary wall, electripole, inside Temple on Bank Loan facilities near English Medium High School, 6K.M. from Phulnakhara, 11K.M. from Bhubaneswar. 7809525452.** D-73963

**Duplex upcoming at Sundarpada road, opposite Champati Petrol Pump. BDA & ORERA plotting approval. Contact No.- 9861983455 (Developer).** D-1366



**Construct your home @850/-, 1340/- includes architecture structure with 3year FMC, provide BDA plan approval boring/ interiorwork. SNV Construction. 9439295469.** D-73297

Do you want to construct buildings on your own plot. Contact: 7008268129, 9439143273. D-71352

**Construct your Dream home @460/-, 850/-, 1325/- with Branded material along with 3Years AMC & 50 years structural guarantee. We provide plan approval, Boring, Bank Estimate. Contact The Engineering Pvt. Ltd. 9439856856.** D-1420



1 BHK flat for Rent near Laxmitalkies Ramchandi Sahi, Puri. Mob: 7204256982. D-1411

**3BHK 1200 sft. house for rent with 2 toilets, car parking at Mahadev Nagar mainroad, Jharpada, Bhubaneswar. Contact: 9668644665.** D-1396

"2 BHK, 2nd Floor, Bharat Villa, Hanspal Near Metro Satellite 9437241031". D-1416

House having 2 rooms, toilet & kitchen. Opposite Hotel Presidency, Nayapalli, Bhubaneswar- 7077754377. D-74107

ଭୁବନେଶ୍ୱର ଖଣ୍ଡଗିରି ଜୟଦେବ ବାଟିକା ନିକଟରେ Restaurant ଭଡ଼ାରେ ନେବାପାଇଁ ଯୋଗାଯୋଗ କରନ୍ତୁ। Mob: 7008555042. D-73639

Semifurnished airconditioned room near Lingraj Temple, Bhubaneswar 5000/-. Contact: 9437388990. D-73718



Full body massage in homely atmoshpere. All therapy. Mob.- 8114881641. D-73411

New open full body massage ladies & gents available. 8093726714. D-73638

**Relax, Refresh your body, Mind at Saikrupa SPA with best therapies. 8984068077.** D-1387

Mesmerizing, energetic body, mind qualitative relaxing massage experienced therapists. 7751083098. D-73865

Newly open Asribada Panchakarma herbal SPA Kesarimall, Bhubaneswar. Contact: 8926173473. D-73962

**One hour any therapy by expert therapist @999 only. 9078484455.** D-73637

## AFFIDAVIT

By virtue of an affidavit before Executive Magistrate Cuttack on 24.08.22 stated that I have changed my name DEEPAK PRADHAN to LAXMIKANTA PRADHAN Chauliaganj, Cuttack. Deepak Pradhan and Laxmikanta Pradhan is one and same person for all purpose. D-1412

By virtue of affidavit CF No-826/08/2022 before the Executive Magistrate, Bhubaneswar I Urmila Kumari Rout will be henceforth known as Urmila Lenka for all purpose. D-1423

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଝିଅ ଦେଇଥିବ ଯାହାକୁ
ନଇଁ ପଡ଼ିଥିବ ତାହାକୁ।**

ଝିଅଟି ସମୟକ୍ରମେ ଘରଯୋଗ୍ୟା ହେଲେ ତାକୁ ଭଲ ଘର ଭଲ ବର ଦେଖି ହାତକୁ ଦି'ହାତ କରି ଦିଆଯାଇଥାଏ। ସାଧାରଣତଃ ଝିଅଟି ଯେଉଁ ଘରର ବୋହୂ ହୋଇଥାଏ ସେ ଘର ପରିବାର ପ୍ରତି ଝିଅ ଘର ଲୋକଙ୍କ ମନରେ ଏକପ୍ରକାର ସମ୍ମାନବୋଧ ରହିଥାଏ। ସେ ଘରର ଚଳଣି ତଥା ଆଭିଜାତ୍ୟ ପ୍ରତି ସତର୍କ ଦୃଷ୍ଟି ଦିଆଯାଉଥିବାର ଲକ୍ଷ୍ୟ କରାଯାଇଥାଏ। ବରଘର କନ୍ୟାଘରଠାରୁ ଆସନରେ ଉଚ୍ଚ ହେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଝୋଟକୁ ନିଆଁ ଖରଖର,
ପୋଡ଼ି ଯାଉଥାଏ ଚରଚର।**

ଝୋଟକୁ ନିଆଁ ପାଖରେ ରଖିଲେ ତାହା ଅତିଶୀଘ୍ର ହୁତୁହୁତୁ ହୋଇ ଜଳିଯାଇଥାଏ। ପରୋକ୍ଷରେ ଯୁବକ ଯୁବତୀଙ୍କ ଏକତ୍ର ସହାବସ୍ଥାନ ପ୍ରତି ଲକ୍ଷ୍ୟକରି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା: ଲିଃ:

**ପ୍ରଥମ ପୃଷ୍ଠାରୁ...**

## ଓଡ଼ିଶାର ଆକ୍ସନ ...

ସେଥିରେ କେନ୍ଦ୍ର ମୋହର ମାରିବା ଯୋଗୁ ରାଜ୍ୟରେ ଦୀର୍ଘମିଆଦୀ ଯୋଜନା ପ୍ରସ୍ତୁତ ନେଇ ବାଧା ଦୂର ହୋଇଛି। ଜଳବାୟୁ ପରିବର୍ତ୍ତନର ମହାବିପଦକୁ ମୁକାବିଲା ପାଇଁ ରାଜ୍ୟ ସରକାର ଜଳବାୟୁ ପରିବର୍ତ୍ତନ ଆକ୍ସନ ପ୍ଲାନ୍ ପ୍ରସ୍ତୁତ କରିଛନ୍ତି। ଏଥିରେ ୧୧ଟି ବିଭାଗକୁ ସାମିଲ କରାଯାଇଛି। ସେଗୁଡ଼ିକ ହେଲା ଜଙ୍ଗଲ ଓ ପରିବେଶ, କୃଷି, ଗୃହ ନିର୍ମାଣ ଓ ନଗର ଉନ୍ନୟନ, ଜଳ ସମ୍ପଦ, ଶକ୍ତି, ମତ୍ସ୍ୟ ଓ ପ୍ରାଣୀସମ୍ପଦ, ଶିଳ୍ପ, ଖଣି ଓ ଇସ୍ପାତ, ବାଣିଜ୍ୟ ଓ ପରିବହନ, ପଞ୍ଚାୟତ ଓ ପାନୀୟ ଜଳ ଏବଂ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ। ବିଭାଗଗୁଡ଼ିକ ଜଳବାୟୁ ପରିବର୍ତ୍ତନକୁ ଦେଖି ଯୋଜନା ପ୍ରସ୍ତୁତ କରିବେ। ବାୟୁମଣ୍ଡଳରୁ ଅଙ୍ଗାରକାମ୍ଳ ବାଷ୍ପର ହାର କମାଇବା ପାଇଁ ବ୍ୟାପକ ବୃକ୍ଷରୋପଣ କରାଯିବ। ଏଥିସହିତ ସମୁଦ୍ରର ଗତିବିଧି ଉପରେ ନିୟମିତ ଅଧ୍ୟୟନ କରାଯିବ। ଉପକୂଳ ଅଞ୍ଚଳରେ ଜୈବବିବିଧତା ବଜାୟ ରଖିବାକୁ ଆବଶ୍ୟକ ପଦକ୍ଷେପ ନିଆଯିବ। ସ୍ୱଳ୍ପ ମିଆଦୀ ଓ କମ୍ ଜଳରେ ହୋଇପାରୁଥିବା ଫସଲ ଉପରେ ବିଶେଷ ଭାବେ ଧ୍ୟାନ ଦିଆଯିବ। ଜୀବନଜୀବିକା, ଜଳ ସଂରକ୍ଷଣ, ଗ୍ରୀନ୍ ହାଉସ ଗ୍ୟାସ୍ କମାଇବା, ପ୍ଲାଷ୍ଟିକ ବ୍ୟବହାର ହ୍ରାସ କରିବା ଭଳି ଅନେକ ପଦକ୍ଷେପ ନିଆଯାଇଛି। ଜଳବାୟୁ ପରିବର୍ତ୍ତନ ଯୋଗୁ ଉପକୂଳ ଜିଲାଗୁଡ଼ିକ ବିଶେଷ ଭାବେ କ୍ଷତିଗ୍ରସ୍ତ ହେଉଛି। ଏହାକୁ ଦୃଷ୍ଟିରେ ରଖି ଇଣ୍ଡିଆନ ନ୍ୟାଶନାଲ ସେଣ୍ଟର ଫର୍ ଓସନ ଇନ୍‌ଫରମେଶନ ସର୍ଭିସେସ୍ (ଆଇଏନ୍‌ସିଓଆଇଏସ୍) ଦ୍ୱାରା ଓଡ଼ିଶାର କୋଷ୍ଟାଲ ଭଲନେରେବିଲିଟି ଇଣ୍ଡେକ୍ସ (ସିଭିଆଇ) ପ୍ରସ୍ତୁତ କରାଯାଇଛି। ସମୁଦ୍ର ନିକଟରୁ ୧ କିଲୋମିଟର ବ୍ୟାପୀ ଅଞ୍ଚଳକୁ ନେଇ ରିପୋର୍ଟ ପ୍ରସ୍ତୁତ ହୋଇଛି। ସମଗ୍ର ଅଞ୍ଚଳକୁ ନିମ୍ନ, ମଧ୍ୟମ ଓ ଅତି ବିପଦପୂର୍ଣ୍ଣ ଅଞ୍ଚଳରେ ବିଭକ୍ତ କରାଯାଇଛି। ସେହି ଅନୁଯାୟୀ ଓଡ଼ିଶା ଉପକୂଳର ୬ ଜିଲା ଗଞ୍ଜାମ, କେନ୍ଦ୍ରାପଡ଼ା, ପୁରୀ, ଜଗତ୍‌ସିଂହପୁର, ଭଦ୍ରକ ଏବଂ ବାଲେଶ୍ୱରକୁ ଅତ୍ୟନ୍ତ ବିପଦପୂର୍ଣ୍ଣ ଅଞ୍ଚଳ ଭାବେ ଘୋଷଣା କରାଯାଇଛି । ସମୁଦ୍ର ଉପକୂଳକୁ ଲାଗି ରହିଥିବା ଗଞ୍ଜାମ ଜିଲାର କିଛି ଅଞ୍ଚଳ, ଚିଲିକା, ପୁରୀର ଦକ୍ଷିଣ ଭାଗ ଏବଂ କେନ୍ଦ୍ରାପଡ଼ା ଜିଲାର ୭୬ କିଲୋମିଟର ଅଞ୍ଚଳକୁ କମ୍, ସେହି ଜିଲାଗୁଡ଼ିକର ୨୦୯ କିଲୋମିଟର ବ୍ୟାପ୍ତ ଅଞ୍ଚଳକୁ ମଧ୍ୟମ ଓ ୧୦୭ କିଲୋମିଟର ଅଞ୍ଚଳକୁ ଅତ୍ୟନ୍ତ ବିପଦପୂର୍ଣ୍ଣ ଅଞ୍ଚଳ ଭାବେ ଘୋଷଣା କରାଯାଇଛି। ପୁରୀ ଜିଲାର ଉତ୍ତର ଭାଗ, ଜଗତ୍‌ସିଂହପୁର ଜିଲାର କେତେକ ଅଞ୍ଚଳ, କେନ୍ଦ୍ରାପଡ଼ା, ଭଦ୍ରକ ଜିଲାର ଉତ୍ତର ଓ ଦକ୍ଷିଣ ଭାଗ ଏବଂ ଦକ୍ଷିଣ ବାଲେଶ୍ୱର ଅତ୍ୟନ୍ତ ବିପଦପୂର୍ଣ୍ଣ ଅଞ୍ଚଳ ଭାବେ ଚିହ୍ନଟ କରାଯାଇଛି। ଦେଶର ତଟୀୟ ଅଞ୍ଚଳଗୁଡ଼ିକ ପ୍ରତି ବିପଦ ମାଡ଼ି ଆସୁଥିବାରୁ ତୁରନ୍ତ ଏ ଦିଗରେ ପଦକ୍ଷେପ ନେବାକୁ ଉପକୂଳବର୍ତ୍ତୀ ରାଜ୍ୟଗୁଡ଼ିକୁ କେନ୍ଦ୍ର ସରକାର ପରାମର୍ଶ ଦେଇଛନ୍ତି। ନ୍ୟାଶନାଲ ଡିଟରମାଇନ କଣ୍ଟ୍ରିବ୍ୟୁଶନସ୍(ଏନ୍‌ଡିସି) ଯୋଜନାରେ ଏ ନେଇ ଆବଶ୍ୟକ ପଦକ୍ଷେପ ନିଆଯିବ। ଏଥିପାଇଁ ସ୍ୱତନ୍ତ୍ର ବ୍ୟୟବରାଦ କରିବା ସହ ଏକ ଦୀର୍ଘମିଆଦୀ ଯୋଜନା ପ୍ରସ୍ତୁତ କରିବାକୁ ଉପକୂଳବର୍ତ୍ତୀ ରାଜ୍ୟଗୁଡ଼ିକୁ କୁହାଯାଇଛି। କେନ୍ଦ୍ର ସରକାର ଆକ୍ସନ ପ୍ଲାନ୍‌କୁ ଅନୁମୋଦନ କରିଥିବାରୁ ଏ ନେଇ ଯୋଜନା ପ୍ରସ୍ତୁତ କରାଯିବ ବୋଲି ଜଙ୍ଗଲ ଓ ପରିବେଶ ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ଗତ ଦୁଇ ଦଶନ୍ଧି ହେବ ରାଜ୍ୟରେ ମୌସୁମୀ ଆଗମନରେ ଅସ୍ୱାଭାବିକତା ଦେଖାଦେଇଛି। ୧୨୦ ଦିନରୁ ମୌସୁମୀ ବର୍ଷା ଏବେ ୬୦ରୁ ୭୦ ଦିନକୁ ଖସି ଆସିଛି। ଏଥିଯୋଗୁ କୃଷି, ବିଦ୍ୟୁତ୍ ଉତ୍ପାଦନ, ଜୀବନଜୀବିକା ଉପରେ ଗଭୀର ପ୍ରଭାବ ପାଇବା ଆଶଙ୍କା ବଢ଼ିବାରେ ଲାଗିଛି। କେବଳ ସେତିକି ନୁହେଁ, ଅସ୍ୱାଭାବିକ ବର୍ଷା ମଧ୍ୟ ଅଦିନିଆ ବନ୍ୟା ସୃଷ୍ଟି କରି ରାଜ୍ୟ ପାଇଁ ବିପର୍ଯ୍ୟୟ ଆଣୁଛି। ଲଗାତର ବାତ୍ୟା, ବନ୍ୟା, ମରୁଡ଼ି ଭଳି ପ୍ରାକୃତିକ ବିପଦ ମଧ୍ୟ ରାଜ୍ୟ ପାଇଁ ସତର୍କଘଣ୍ଟି ହୋଇଛି। ଚଳିତ ବର୍ଷ ମଧ୍ୟ ଦୁର୍ବଳ ମୌସୁମୀ କୃଷି ପାଇଁ ସମସ୍ୟା ସୃଷ୍ଟି କରିବ ବୋଲି କୃଷି ବିଶେଷଜ୍ଞ ଆଶଙ୍କା କଲେଣି। ତେଣୁ ରାଜ୍ୟ ସରକାର ଆକ୍ସନ ପ୍ଲାନ୍ 'ସମୟର ଆହ୍ୱାନ' ଭାବେ ବିବେଚନା କରାଯାଉଛି।

## ଦିଲ୍ଲୀରେ ପୁରସ୍କାର, ...

ଭାଙ୍ଗିରୁଜି ଗଲାଣି। କଲୋନୀ ସମ୍ମୁଖରେ ଥିବା ଖଣି ଅଧିକାରୀ ଓ କର୍ମଚାରୀଙ୍କ କ୍ୱାର୍ଟର୍ସକୁ ବିଶୁଦ୍ଧ ଜଳ ଯୋଗାଣ ହେଉଥିବା ବେଳେ ପୁନର୍ବାସ କଲୋନୀକୁ ଭୂତଳ କୋଇଲା ଖଣିର ଦୂଷିତ ଜଳ ଯୋଗାଇ ଦିଆଯାଉଛି। ଏଯାଏ ପୋଖରୀ, ଶ୍ମଶାନ ବ୍ୟବସ୍ଥା ହୋଇ ନ ଥିବାବେଳେ ଗ୍ରାମ ଦେବତୀଙ୍କୁ କଲୋନୀକୁ ସ୍ଥାନାନ୍ତର ବ୍ୟବସ୍ଥା କରାଯାଇ ନାହିଁ। ଅନେକ ମୌଳିକ ସୁବିଧା ମିଳୁ ନ ଥିବାରୁ ପୁନର୍ବାସ କଲୋନୀରେ ମାତ୍ର ଶହେରୁ ଊର୍ଦ୍ଧ୍ୱ ବିସ୍ଥାପିତ ପରିବାର ରହୁଛନ୍ତି। ଅନ୍ୟମାନେ ନିଜ ସୁବିଧା ଅନୁଯାୟୀ ଅନ୍ୟତ୍ର ବସବାସ କରୁଛନ୍ତି। ଏ ନେଇ ଅନେକ ବିସ୍ଥାପିତ ପ୍ରଧାନମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠକୁ ଅଭିଯୋଗ ପଠାଇଥିଲେ। ହେଲେ ପୁନର୍ବାସ କଲୋନୀରେ ଥିବା ସମସ୍ୟାର ସମାଧାନ କରାଯାଇ ନ ଥିଲେ ମଧ୍ୟ ଏମ୍‌ସିଏଲ୍ କର୍ତ୍ତୃପକ୍ଷ ୨୨ ଜୁନ ୨୦୨୨ରେ ପ୍ରଧାନମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠକୁ ସବୁ ବ୍ୟବସ୍ଥା କରାଯାଇଛି ବୋଲି ଜଣାଇଥିବା ଅତ୍ୟନ୍ତ କ୍ଷୋଭ ଓ ପରିତାପର ବିଷୟ ବୋଲି ବଳଣ୍ଡା ବିସ୍ଥାପିତମାନେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ କ୍ଷତିଗ୍ରସ୍ତ ନବୀନ ପ୍ରଧାନ କହିଛନ୍ତି, ପୁନର୍ବାସ କଲୋନୀରେ ପୋଖରୀ ଓ ଶ୍ମଶାନ ବ୍ୟବସ୍ଥା ହୋଇ ନ ଥିବାରୁ ହିନ୍ଦୁ ନୀତିନିୟମ ଅନୁଯାୟୀ ଶବ ସତ୍କାର କରିପାରୁ ନାହୁଁ। କର୍ପୂର ପ୍ରଧାନ କହିଛନ୍ତି, ଆଜିପର୍ଯ୍ୟନ୍ତ କଲୋନୀର ସମସ୍ତ ପରିବାରକୁ ବିଜୁଳି, ବିଶୁଦ୍ଧ ପାନୀୟ ଜଳର ବ୍ୟବସ୍ଥା ହୋଇନାହିଁ। ୪୦ ପରିବାରକୁ ଜମି ପଟ୍ଟା ମିଳିନାହିଁ। ଧ୍ରୁବ ପ୍ରଧାନ କହିଛନ୍ତି, କଲୋନୀରେ ମଣିଷ ରହିବା ଭଳି ସୁବିଧା ଉପଲବ୍ଧ କରାଯାଇନାହିଁ। ତ୍ରିପୁର ଦେହୁରୀ କହିଛନ୍ତି, ବାରମ୍ବାର ପ୍ରଶାସନର ଦୃଷ୍ଟି ଆକର୍ଷଣ ସତ୍ତ୍ୱେ ସମସ୍ୟାର ସମାଧାନ କରାଯାଇ ନାହିଁ। ପ୍ରତିବାଦରେ ୨୦୨୨ ପୌର ଭୋଟ ବର୍ଜନ କରିଥିଲୁ। ହେଲେ ବିସ୍ଥାପିତଙ୍କ ଦୁଃଖ ଦୂର ଦିଗରେ କେହି ଦୃଷ୍ଟି ଦେଉନାହାନ୍ତି। ଅଭିଯୋଗ ସମ୍ପର୍କରେ ଏମ୍‌ସିଏଲ୍‌ର ଜଗନ୍ନାଥ ଏରିଆ ମହାପ୍ରବନ୍ଧକ ଅଶୋକ କୁମାର ଧଳଙ୍କ ମତାମତ ପାଇଁ ଉଦ୍ୟମ କରାଯାଇଥିଲା। ହେଲେ ଫୋନ ରିସିଭ କରୁ ନ ଥିବାରୁ ମତାମତ ମିଳିପାରି ନାହିଁ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଅଷ୍ଟମ ଚନ୍ଦ୍ର ହେତୁ ଗୃହ, ଭୂମି, ଗାଡ଼ି, ମୋଟର, ବନ୍ଧୁବାନ୍ଧବ, ସହକର୍ମୀଙ୍କ ତରଫରୁ ସମସ୍ୟା ଆସିପାରେ। ସ୍ୱାସ୍ଥ୍ୟ ଓ ପିଲାମାନଙ୍କ ବିବାହ ସମ୍ପର୍କୀୟ ଚିନ୍ତା ନେଇ ବନ୍ଧୁଙ୍କ ସହ ଆଲୋଚନା କରିବେ। ଜଣେ ହିତୈଷୀଙ୍କ ଚେଷ୍ଟାରୁ ପାରିବାରିକ ସମସ୍ୟାର ସମାଧାନ ଘଟିବ। ସ୍ୱାର୍ଥହାନି ଆଶଙ୍କାରେ ନିଜ ଲୋକମାନେ ଦୂରେଇ ଯାଇପାରନ୍ତି।

**ବୃଷ** ହଠାତ୍ ବାହାରକୁ ଯିବା ବେଳକୁ କୌଣସି ଦରକାରୀ କାଗଜପତ୍ର ନ ପାଇ ବ୍ୟସ୍ତ ହେବେ। କର୍ମକ୍ଷେତ୍ରରେ ଉପରିସ୍ଥଙ୍କ ସାହାଯ୍ୟ ଓ ସହଯୋଗ ପାଇ ସ୍ଥଗିତ କାମକୁ ତ୍ୱରାନ୍ୱିତ କରିବେ। ମାନସିକ ଅସ୍ଥିରତା କାରଣରୁ ଦ୍ୱନ୍ଦ୍ୱରେ ପଡ଼ି କିଛି ବି କରିପାରିବେ ନାହିଁ। ମୃଗଶିରା ନକ୍ଷତ୍ରଜାତ ବ୍ୟକ୍ତିମାନେ କାର୍ଯ୍ୟଦକ୍ଷତାରୁ ପ୍ରଶଂସିତ ହେବେ।

**ମିଥୁନ** ପାରିବାରିକ ଅସ୍ଥିରତା ଓ ଅଶାନ୍ତି ସକାଶରୁ ମନ ଭଲ ରହିବ ନାହିଁ। ପୁନର୍ବସୁ ନକ୍ଷତ୍ର ନୂତନ ବନ୍ଧୁ ସମ୍ପର୍କ ଯୋଡ଼ିବା ପାଇଁ ଚେଷ୍ଟା କଲେ ଉପକୃତ ହେବେ। କର୍ମକ୍ଷେତ୍ରରେ ସ୍ଥଗିତ କାମକୁ ପୂରା ଦମରେ କରିବା ପାଇଁ ନିଷ୍ପତ୍ତି ନେବେ। ବ୍ୟବସାୟ କ୍ଷେତ୍ରରେ କୌଣସି ଅସୁବିଧା ନ ହେଲେ ମଧ୍ୟ ପ୍ରତିଦ୍ୱନ୍ଦ୍ୱିତା ବୃଦ୍ଧି ହେତୁ ମନ ଅସ୍ଥିର ରହିବ।

**କର୍କଟ** ଆଜି କାମର ଚାପ ବୃଦ୍ଧି କାରଣରୁ ଘର କଥା ବୁଝିବାକୁ ସମୟ ପାଇବେ ନାହିଁ। ଅଶ୍ଳେଷା ନକ୍ଷତ୍ର ଭ୍ରମଣ କାଳରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହୋଇପାରନ୍ତି। ଶିଳ୍ପ, ବାଣିଜ୍ୟ, ପରିବହନ, ବ୍ୟବସାୟ, ସଭାସମିତି, ଆଇନ ଅଦାଲତ କ୍ଷେତ୍ରରୁ ସୁଫଳ ପାଇପାରନ୍ତି। ବହୁଦିନରୁ ଅପମାନିତ ବନ୍ଧୁ ସମ୍ପର୍କ ଯୋଡ଼ିବେ।

**ସିଂହ** ସକାଳୁ ସକାଳୁ କିଛି ଶୁଭଖବର ସାଙ୍ଗକୁ ଅର୍ଥଲାଭରୁ ମନଟା ଖୁସି ହୋଇ ଯାଇପାରେ। ଈର୍ଷାପରାୟଣ ମନୋଭାବ ପୋଷଣ କରି ନିକଟସ୍ଥ ବ୍ୟକ୍ତିବିଶେଷମାନେ ପରୋକ୍ଷରେ ସମାଲୋଚନା କରିପାରନ୍ତି। ତରବରିଆ ଯାତ୍ରାରୁ ଦୂରେଇ ରହିଲେ ଭଲ, ସତର୍କ ନ ରହିଲେ ସାଧାରଣ ଆଘାତ ଲାଗିପାରେ।

**କନ୍ୟା** କର୍ମକ୍ଷେତ୍ରରେ ଅନ୍ୟମାନଙ୍କ କଥାକୁ ସରଳ ଓ ସହଜରେ ଗ୍ରହଣ କରିପାରିବେ ନାହିଁ। ଅବଶ୍ୟ ଆଜି ଯାହା ପାଇବା ସକାଶେ ଆଶା ରଖିଛନ୍ତି, ତାହା ନିଶ୍ଚୟ ପାଇବେ। ଅନ୍ୟମାନଙ୍କ ଦ୍ୱାରା ସମ୍ପନ୍ନ କରାଯାଇଥିବା କାମଗୁଡ଼ିକର ସମୀକ୍ଷା କରି ବ୍ୟସ୍ତତା ଅନୁଭବ କରିବେ। ପିଲାମାନଙ୍କ କାର୍ଯ୍ୟକଳାପ ନିଜ ପାଇଁ ଅସନ୍ତୋଷ ସୃଷ୍ଟି କରିପାରେ।

**ତୁଳା** ପାରିବାରିକ ସମସ୍ୟାର ସରଳ ସମାଧାନ କ୍ଷେତ୍ରରେ ବନ୍ଧୁ ସାହାଯ୍ୟ କରିବେ। ଭୋଗ ବିଳାସରେ ସହକର୍ମୀଙ୍କ ହସ୍ତକ୍ଷେପ ଫଳରେ ବାଧାବିଘ୍ନ ଘଟିପାରେ। ଅଫିସ ଭିତରେ କିମ୍ବା ଆଜିର ଫେରନ୍ତା ରାସ୍ତାରେ ମିତ୍ରତା ବନ୍ଧନରେ ଆବଦ୍ଧ ହେବେ। ସନ୍ତାନଙ୍କ ସ୍ୱାସ୍ଥ୍ୟହାନି କାରଣରୁ ବିଚଳିତ ହୋଇ ମାନସିକ ଚାପ ବଢ଼ିବ।

**ବିଛା** ଉପରିସ୍ଥଙ୍କ ଆଦେଶପ୍ରାପ୍ତ ହୋଇ ସକାଳୁ ଦୂରଯାତ୍ରା କରିବାକୁ ପଡ଼ିବ। ବ୍ୟବସାୟ ଓ ଶିଳ୍ପ, ବାଣିଜ୍ୟ କ୍ଷେତ୍ରରେ ସହଜ ଓ ସୁବିଧାରେ ଲକ୍ଷ୍ୟ ହାସଲ କରିବେ। କର୍ମକ୍ଷେତ୍ରରେ ପ୍ରତି କଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡ଼ିବେ। ଉପକାର କରିଥିବା ବ୍ୟକ୍ତିଙ୍କଠାରୁ ପ୍ରତିଦାନ ପାଇବା ଦୁର୍ଲଭ ହୋଇ ପଡ଼ିବ।

**ଧନୁ** ପାରିପାର୍ଶ୍ୱିକ ପରିସ୍ଥିତି ଆପଣଙ୍କ ସକାଶେ ଦୁଶ୍ଚିନ୍ତାର କାରଣ ହୋଇପାରେ। ବନ୍ଧୁଙ୍କ ସଦ୍ଭାବ ଓ ସହକର୍ମୀଙ୍କ ସହଯୋଗ କର୍ମକ୍ଷେତ୍ରକୁ ତ୍ୱରାନ୍ୱିତ କରିବ। ଦୀର୍ଘ ଦିନରୁ ପ୍ରତୀକ୍ଷିତ କାର୍ଯ୍ୟ ସକାଶେ ଆତ୍ମୀୟଙ୍କ ଉପସ୍ଥିତି ଯୋଗୁ ଖୁସି ହେବେ। ପାରିବାରିକ ଭୁଲ୍ ବୁଝାମଣା ହେତୁ ଅଭାବ ନ ଥିଲେ ମଧ୍ୟ ମାନସିକ ଅସ୍ଥିରତା ଲାଗି ରହିବ।

**ମକର** କର୍ମକ୍ଷେତ୍ରରେ ବନ୍ଧୁଙ୍କ ମନରେ ଆନନ୍ଦ ସୃଷ୍ଟି କରିବାରେ ସମର୍ଥ ହେବେ। ପ୍ରତ୍ୟେକ କ୍ଷେତ୍ରରେ ସାମାନ୍ୟ ବ୍ୟତିକ୍ରମ ଲାଗି ରହିଲେ ମଧ୍ୟ ବ୍ୟବସାୟ, ବାଣିଜ୍ୟ ଓ ପରିବହନରେ ଉନ୍ନତି ଘଟିବ। ଆକସ୍ମିକ ଭାବେ କୌଣସି ସମସ୍ୟାର ସମ୍ମୁଖୀନ ହୋଇ ନିର୍ମାଣାଧୀନ କାମଟି ଆଜି ସମ୍ପୂର୍ଣ୍ଣ କରିପାରିବେ ନାହିଁ।

**କୁମ୍ଭ** ବିଭିନ୍ନ ସମସ୍ୟା ବିଜଡ଼ିତ ହୋଇ ଶେଷ ମୁହୂର୍ତ୍ତରେ କାର୍ଯ୍ୟ ହାସଲରେ ସମର୍ଥ ହେବେ। ମନ ବୁଝିଲା ଭଳି କଥା କହି ବନ୍ଧୁଙ୍କୁ ଆପଣେଇ ନେଇପାରନ୍ତି। ପରିବାରରୁ ପୂର୍ଣ୍ଣ ସହଯୋଗ ପାଇ କେତେକ କାମ ହାସଲ କରିବେ। ସ୍ୱାସ୍ଥ୍ୟରେ ଦ୍ରୁତ ଉନ୍ନତି ପରିଲକ୍ଷିତ ହେବାରୁ ଆଶ୍ୱସ୍ତି ଲାଭ କରିପାରନ୍ତି। ସନ୍ତାନଙ୍କ ହେତୁକ ସୁଖବର ମିଳିବ।

**ମୀନ** ଆଜିର ଯାତ୍ରାରେ ଜିନିଷପତ୍ର ପ୍ରତି ସତର୍କ ରୁହନ୍ତୁ ନଚେତ୍ ହଇରାଣ ହେବାକୁ ପଡ଼ିପାରେ। ଆପଣ ଯେତେ ଭଲ କାମ କଲେ ମଧ୍ୟ ଅନ୍ୟମାନେ ଦୋଷ ଖୋଜିବୁଲିବେ। ବାଣିଜ୍ୟ, ବ୍ୟବସାୟ ଓ କର୍ମକ୍ଷେତ୍ରରେ ତରବରିଆ ପଦକ୍ଷେପ ନିଅନ୍ତୁ ନାହିଁ। ସଭାସମିତି, କଳା, ସାହିତ୍ୟ, ବନ୍ଧୁ ସମ୍ପର୍କରେ କିଛିଟା ସମସ୍ୟା ସୃଷ୍ଟି ହେଲେ ମଧ୍ୟ ତାହାକୁ ଚଳାଇନେବେ।

ନିଜର କୌଣସି ବ୍ୟକ୍ତିଗତ ଅଭିରୁଚି ନ ରଖି– ତୁମର ସମସ୍ତ ବ୍ୟକ୍ତିଗତ ଆକର୍ଷଣ ଓ ଭଲ ଲାଗିବାରୁ ମୁକ୍ତ ହୋଇ, କେବଳ ମାତ୍ର ସତ୍ୟ ଉପରେ ନିର୍ଭର କରି ତୁମେ ଯାହାକିଛି କରିପାର– କାରଣ ସତ୍ୟ ହିଁ ପଥପ୍ରଦର୍ଶକ। –ଶ୍ରୀମା



# ଅଭିବୃଦ୍ଧି ଅପସରିଯାଇଛି



ଆକାର ପଟେଲ

ବ୍ରିଟେନ୍‌କୁ ଟପି ଭାରତ ବିଶ୍ୱର ପଞ୍ଚମ ବୃହତ୍ ଅର୍ଥ ବ୍ୟବସ୍ଥା ହୋଇପାରିଛି। କିଛି ବର୍ଷ ପୂର୍ବେ ଆମେ ବ୍ରିଟେନ୍ ଆଗରେ ରହିଥିଲୁ ଓ ଏବେ ଦ୍ୱିତୀୟ ଥର ଲାଗି ତାକୁ ଟପିଗଲୁ। କଥା ହେଉଛି ଆମ ଅଭିବୃଦ୍ଧି ମାନ୍ଦା ଥିବାରୁ ଆମେ ତା'ପଛରେ ରହିଯାଇଥିଲୁ। ଏବେ ଆମ ଆଗରେ ରହିଛନ୍ତି ଜର୍ମାନୀ, ଜାପାନ, ଚାଇନା ଏବଂ ଆମେରିକା। ଆମେ ବିକଶିତ ତଥା ଧନୀ ଦେଶ ହୋଇପାରିବୁ ବୋଲି ଏମାନଙ୍କ ମଧ୍ୟରେ ଥିବା ଦୁଇ ଏସୀୟ ରାଷ୍ଟ୍ର ଆମ ମନରେ ଆଶା ଭରି ଦେଇଛନ୍ତି।

ଏକ ରାଷ୍ଟ୍ରର ସାମଗ୍ରିକ ଅର୍ଥ ବ୍ୟବସ୍ଥା ଆକାରରେ ମୋଟ ଘରୋଇ ଉତ୍ପାଦ(ଜିଡିପି) ଏବଂ ମୁଣ୍ଡ ପିଛା ଜିଡିପିକୁ ଦେଖାଯାଏ। ଆମେ ସଫଳତାରେ ଆନନ୍ଦିତ ହେଉଥିବାବେଳେ ମନେରଖିବା ଉଚିତ ଯେ, ଭାରତର ଲୋକସଂଖ୍ୟା ଇଂଲଣ୍ଡଠାରୁ ୨୦ ଗୁଣ ଅଧିକ। ଆମର ମୁଣ୍ଡ ପିଛା ଜିଡିପି ୨୨୦୦ ଆମେରିକୀୟ ଡଲାର; ଯାହା ବାର୍ଷିକ ପାଖାପାଖି ୧.୭୫ ଲକ୍ଷ ଟଙ୍କା ଏବଂ ମାସିକ ୧୪,୫୦୦ ଟଙ୍କା। ଇଂଲଣ୍ଡର ହାରାହାରି ଆୟ ୪୭,୦୦୦ ଡଲାର କିମ୍ବା ବାର୍ଷିକ ୩୭ ଲକ୍ଷ ଟଙ୍କା। ପ୍ରଶ୍ନ ହେଉଛି, ଆମେ ସେହି ସ୍ତରରେ କେମିତି ପହଞ୍ଚିବା। ନିକଟ ଅତୀତରେ ଦକ୍ଷିଣ କୋରିଆ(୩୪,୦୦୦ ଡଲାର), ଜାପାନ(୩୯,୦୦୦ ଡଲାର) ଏବଂ ଚାଇନା(୧୨୫୦୦ ଡଲାର) ସେହି ସ୍ତରକୁ ଯାଇଥିବାରୁ ଆମ ପାଇଁ ନିଶ୍ଚିତ ଭାବେ ଏକ ସମ୍ଭାବନା ରହିଛି। ମୁଣ୍ଡ ପିଛା ଜିଡିପି ୧,୦୩୬ ଏବଂ ୪,୦୪୫ ଡଲାର ମଧ୍ୟରେ ରହିଥିବା ଦେଶଗୁଡ଼ିକୁ ବିଶ୍ୱ ବ୍ୟାଙ୍କ ନିମ୍ନ ଆୟ ବର୍ଗରେ ବର୍ଗୀଭୁକ୍ତ କରିଛି। ଏଣୁ ଆମ ମୁଣ୍ଡ ପିଛା ଜିଡିପି ୨୨୦୦ ଡଲାର ଥିବାରୁ ଆମେ ନିମ୍ନ ମଧ୍ୟମ ଆୟ ବର୍ଗରେ ରହିଛୁ। ଉଚ୍ଚ ମଧ୍ୟମ ଆୟ ବର୍ଗର ଅର୍ଥ ବ୍ୟବସ୍ଥାଗୁଡ଼ିକର ମୁଣ୍ଡ ପିଛା ଜାତୀୟ ଆୟକୁ ୪,୦୪୬ ଏବଂ ୧୨,୫୩୫ ଡଲାର ମଧ୍ୟରେ ରଖାଯାଇଛି। ଏହାଠାରୁ ଅଧିକ ହେଉଛନ୍ତି ଉଚ୍ଚ ଆୟ ବା ଧନୀ ବର୍ଗର ଦେଶ। ଆଶ୍ଚର୍ଯ୍ୟର ବିଷୟ, ଏବେ ଯେଉଁଠି ଆମେ ରହିଛୁ ସେହିଠାରୁ ଆର୍ଥିକ କ୍ଷେତ୍ରରେ ସଫଳ ତିନୋଟି ଏସୀୟ ଦେଶର ସର୍ବାଧିକ ଅଭିବୃଦ୍ଧି ହାର ପର୍ଯ୍ୟାୟ ଆରମ୍ଭ ହୋଇଥିଲା। ୧୯୭୦ରେ ଜାପାନ ଆମ ମୁଣ୍ଡପିଛା ଜିଡିପି ସ୍ତରରେ ରହିଥିଲା। ଏକ ଦଶନ୍ଧିରେ, ଅର୍ଥାତ୍ ୧୯୮୦ସୁଦ୍ଧା ଏହାର ଅର୍ଥ ବ୍ୟବସ୍ଥାକୁ ବାର୍ଷିକ ୧୬% ହାରରେ ବୃଦ୍ଧି କରି ୯୪୬୩ ଡଲାରରେ ପହଞ୍ଚିଥିଲା। ୪ ଦଶନ୍ଧି ମଧ୍ୟରେ ଏହା ହାରାହାରି ୩.୫% ଅଭିବୃଦ୍ଧି ହାରରେ ୩୯,୦୦୦ ଡଲାର ଉପରେ ପହଞ୍ଚିଛି। ୧୯୮୩ରେ ଦକ୍ଷିଣ କୋରିଆର ଥିଲା ୨୧୯୮ ଡଲାର। ୧୦ ବର୍ଷ ମଧ୍ୟରେ ୧୯୯୩ ସୁଦ୍ଧା ଏହା ବାର୍ଷିକ ୧୫% ହାରରେ ଜିଡିପିରେ ଅଭିବୃଦ୍ଧି ଆଣି ୮୮୮୪ ଡଲାରରେ ପହଞ୍ଚିଥିଲା। ତା'ପର ତିନି ଦଶନ୍ଧିରେ ଜିଡିପି ଅଭିବୃଦ୍ଧି ୫% ହାରରେ ହୋଇଥିଲା। ଚାଇନା ଦିନେ ଆମ ଭଳି ଗରିବ ଥିଲା। ବିଶ୍ୱ ବ୍ୟାଙ୍କ ତଥ୍ୟରୁ ଜଣାପଡ଼ିଛି ଯେ,୧୯୬୦ରେ ଚାଇନାର ମୁଣ୍ଡପିଛା ଆୟ ୮୯ ଡଲାର ଥିଲାବେଳେ ଭାରତର ଥିଲା ୮୨ ଡଲାର। ୧୯୭୦ରେ ଆମର ୧୧୨ ଡଲାର ଓ ଚାଇନାର ୧୧୩ ଡଲାର ରହିଥିଲା। ୧୯୮୦ରେ ଭାରତର ୨୨୬ ଡଲାର ଓ ଚାଇନାର ଥିଲା ୧୯୪ ଡଲାର। ୧୯୯୦ରେ, ଅର୍ଥାତ୍ ୩୨ ବର୍ଷ ପୂର୍ବେ ଭାରତର ଏହା ୩୬୭ ଡଲାର ରହିଥିଲା ବେଳେ ଚାଇନାର ଥିଲା ୩୧୭ ଡଲାର। ସେତେବେଳେ ଶେଷ ଥର ଲାଗି ଆମେ ଚାଇନା ଆଗରେ ରହିଥିଲୁ। ୨୦୦୦ରେ ଆମେ ୧୩୫୭ ଡଲାରରେ ଓ ଚାଇନା ୪୪୫୦ ଡଲାରରେ ପହଞ୍ଚିଥିଲା। କିନ୍ତୁ ଏବେ ଆମେ ୨୨୭୭ ଡଲାରରେ ଥିଲାବେଳେ ଚାଇନା ପହଞ୍ଚିଯାଇଛି ୧୨,୫୫୬ ଡଲାରରେ। ସେମାନେ ଏହା କେମିତି କଲେ। ୧୯୯୦ ଏବଂ ୨୦୦୦ ମଧ୍ୟରେ ୧୧% ଅଭିବୃଦ୍ଧି ହାସଲ କରି ଏବଂ ପରେ୨୦୦୦ରୁ ୨୦୧୦ ମଧ୍ୟରେ ୧୬% ଅଭିବୃଦ୍ଧିରେ ଏବଂ ତା'ପରେ ଶେଷ ଦଶନ୍ଧିରେ ୧୦% ହାରରେ ଆଗକୁ ବଢିଛନ୍ତି। ଅନ୍ୟପକ୍ଷରେ ଏହି ଅବଧିରେ ଆମେ ମାତ୍ର ୬% ଅଭିବୃଦ୍ଧି ହାସଲ କରିଥିଲୁ। ବାର୍ଷିକ ୧୫% ଅଭିବୃଦ୍ଧି ହାସଲ କରିବା ଏକ ଅଦ୍ଭୁତ କାର୍ଯ୍ୟ; ଯାହା ଆମେ କେବେ ବି ହାସଲ କରିନାହୁଁ। କିନ୍ତୁ ଏହି ତିନି ଏସୀୟ ଦେଶ ବହୁବର୍ଷ ଧରି ଏକ ନିରନ୍ତର ଧାରାରେ ତାହା ହାସଲ କରିଛନ୍ତି। ଏହାର ରହସ୍ୟ କ'ଣ? ଜାପାନ ଟୟୋଟା, ସୋନି, ହୋଣ୍ଡା, ପାନାସୋନିକ, ୟାମା ଆଦି ବୈଶ୍ୱିକ ଉଚ୍ଚଗୁଣବତ୍ତାସମ୍ପନ୍ନ କଞ୍ଜ୍ୟୁମର ବ୍ରାଣ୍ଡ୍ ପ୍ରସ୍ତୁତ କରିବାକୁ ସକ୍ଷମ ହୋଇଛି। ସେହିପରି ଦକ୍ଷିଣ କୋରିଆ ପାଖରେ ଅଛି ହୁଣ୍ଡାଇ ଏବଂ ସାମ୍‌ସଙ୍ଗ ଓ ଏଲ୍‌ଜି ଭଳି କଞ୍ଜ୍ୟୁମର ବ୍ରାଣ୍ଡ୍। ଚାଇନା ସମାନ ପ୍ରକାର ବାଟ ଆପଣାଇ ନ ଥିଲେ ମଧ୍ୟ ବିଶ୍ୱର ଏକ ମାନୁଫାକଚରିଂ ହବ୍ ହୋଇପାରିଛି। ସେମାନେ ଯାହା କଲେ ତାହା ଆମେ କିପରି କରିବୁ ସେଥିପାଇଁ ନକ୍ସା ପ୍ରସ୍ତୁତ କରିବାକୁ ପଡ଼ିବ। କିନ୍ତୁ ସେମାନଙ୍କ ସ୍ତରରେ ପହଞ୍ଚିବାକୁ ଏହା ଏକ ମାତ୍ର ଉପାୟ ନୁହେଁ।

ଆଧୁନିକ ଯୁଗରେ ବିକଶିତ ଦେଶଗୁଡ଼ିକ ଯେଭଳି ସମୃଦ୍ଧି ହାସଲ କରିଛନ୍ତି ତାହା ଆଉ ଏକ ବାଟ ଦର୍ଶାଏ। ଏହା ସ୍ୱାଧୀନ ନ୍ୟାୟିକ ଓ ଅପରାଧ ନ୍ୟାୟ ବ୍ୟବସ୍ଥା ଥିବା ସ୍ୱଚ୍ଛ ଓ କ୍ରିୟାଶୀଳ ଗଣତନ୍ତ୍ରଗୁଡ଼ିକ ଦ୍ୱାରା ସମ୍ଭବ ହୋଇଛି। ଏହି ସବୁ ବିଷୟ କେବଳ ଗଣତନ୍ତ୍ରଗୁଡ଼ିକ ଯୋଗାଇ ପାରିବେ, ଉତ୍ପୀଡକ ଶାସନ ନୁହେଁ। ଜାପାନ, ଦକ୍ଷିଣ କୋରିଆ ଏବଂ ଚାଇନାର ମୁଣ୍ଡପଛା ଜିଡିପି ୨୦୦୦ ଥିଲାବେଳେ ସେମାନେ ଯେମିତି ଆଗଉଥିଲେ ଏବେ ଭାରତ ସେମିତି ବଢୁଛି। ତେବେ ଆମେ ସେମାନଙ୍କ ଭଳି ଡେଇଁପାରିବୁ କି? ଏଭଳି ଚାହିଁବା ତ ସ୍ୱାଭାବିକ ଓ ଏହା ମଧ୍ୟ ବିଶ୍ୱରେ ଆମ ପାଇଁ ବଡ଼ ସଫଳତା ହେବ। କିନ୍ତୁ ଏହା ପାଇଁ କିଛି ପରିବର୍ତ୍ତନ କରିବାକୁ ପଡ଼ିବ। ୨୦୦୪ରୁ ୨୦୧୪ ମଧ୍ୟରେ ଆମେ ସାଥୀ ଏସୀୟ ରାଷ୍ଟ୍ରଗୁଡ଼ିକ ହାସଲ କରିଥିବା ଅଭିବୃଦ୍ଧିର ପାଖାପାଖି ହୋଇଥିଲୁ। ସେତେବେଳେ ଅଭିବୃଦ୍ଧି ହାର ୯% ଥିଲା। କେବଳ ବୈଶ୍ୱିକ ବାଣିଜ୍ୟରେ ଦ୍ରୁତ ବୃଦ୍ଧି ଓ ଆମ ରପ୍ତାନି ଅତ୍ୟଧିକ ବଢ଼ିବା ଯୋଗୁ ଏହା ଘଟିଥିଲା। ଏହି ଦ୍ରୁତ ଅଭିବୃଦ୍ଧି ଏବେ ଅପସରି ଯାଇଛି ଓ ଆମେ ଏଥିରୁ ଏବେ ଲାଭ ଉଠାଇପାରିବା ନାହିଁ। ୨୦୧୪ ପରେ ଆମ ହାରାହାରି ଅଭିବୃଦ୍ଧି ପାଖାପାଖି ୫% ରହିଛି। ଏହା ଯଦି ଜାରି ରହେ ଆମେ ଇଜିପ୍ଟ, ବ୍ରାଜିଲ, ଦକ୍ଷିଣ ଆଫ୍ରିକା ଏବଂ ବାଂଲାଦେଶ ଭଳି ରହିଯିବା।

Email:aakar.patel@gmail.com

su|do|ku
Puzzles by Srikant Ghosh

## ସୁ–ଡୋ–କୁ

| | | | | | | | | |
|---|---|---|---|---|---|---|---|---|
| | | | | 1 | | 8 | 2 | 4 |
| | | | 7 | 8 | 3 | | | |
| | | | | | | | 1 | |
| | | | 3 | | 1 | | 4 | 6 |
| | 6 | | | | | 5 | | 8 |
| | | 5 | | | | | | |
| 7 | | | | | | | | |
| 4 | | | | 3 | 9 | | | 5 |
| 8 | | 9 | 4 | | | | | 1 |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 7 | 2 | 8 | 4 | 3 | 9 | 5 | 6 |
| 3 | 8 | 9 | 5 | 7 | 6 | 2 | 4 | 1 |
| 5 | 6 | 4 | 1 | 9 | 2 | 3 | 8 | 7 |
| 9 | 4 | 8 | 6 | 3 | 1 | 7 | 2 | 5 |
| 2 | 5 | 7 | 9 | 8 | 4 | 6 | 1 | 3 |
| 6 | 1 | 3 | 7 | 2 | 5 | 8 | 9 | 4 |
| 8 | 3 | 5 | 2 | 1 | 7 | 4 | 6 | 9 |
| 7 | 2 | 6 | 4 | 5 | 9 | 1 | 3 | 8 |
| 4 | 9 | 1 | 3 | 6 | 8 | 5 | 7 | 2 |

ଗତ କାଲିର ଉତ୍ତର

# ଭାତହାଣ୍ଡିରୁ ଭାତଟିଏ



ଅକ୍ଷୟ କୁମାର ମିଶ୍ର

ଅଳ୍ପ ଦିନ ତଳେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ବିଦ୍ୟାଳୟରେ ଫି ଆଦାୟକୁ ନେଇ କେମିତି ଏକ ଅମାନବୀୟ ଘଟଣା ଘଟିଲା ତାହା ରାଜ୍ୟବାସୀ ଦେଖିଛନ୍ତି। ଚଉତିରିଶ ଜଣ କୋମଳମତି ଛାତ୍ରୀଛାତ୍ରଙ୍କ ଅଭିଭାବକ ବିଦ୍ୟାଳୟର ଦେୟ ପଇଠ କରିନଥିବା ଯୋଗୁ ଅକଥନୀୟ ମାନସିକ ଯନ୍ତ୍ରଣା ସହିଲେ। ପାଠାଗାର ଭିତରେ ବିଦ୍ୟାଳୟ କର୍ତ୍ତୃପକ୍ଷ ସେହି ପିଲାମାନଙ୍କୁ ବସାଇ ରଖିଲେ। ଅର୍ଥ ଆଦାୟ ସକାଶେ ମୁଣ୍ଡଜାମିନ କହିଲେ ଭୁଲ ହେବ ନାହିଁ। ଆଉ କିଛି ଦିନ ପୂର୍ବେ ଜୁଲାଇ ୨୦ ଦିନ ଏକ ନାରକୀୟ ଘଟଣା ସାମ୍ନାକୁ ଆସିଥିଲା। ରାଜସ୍ଥାନ ଝଲୌର ଜିଲାର ଏକ ସରସ୍ୱତୀ ବିଦ୍ୟା ମନ୍ଦିରରେ ଜଣେ ନଅ ବର୍ଷର ଶିଶୁ ଉଚ୍ଚ ଜାତି ପାଇଁ ଉଦ୍ଦିଷ୍ଟ ଥିବା ପାଣି ପାତ୍ରରୁ ପାଣି ପିଇ ଦେଇଥିଲା ବୋଲି ବିଦ୍ୟା ମନ୍ଦିରର ପ୍ରଧାନ ଗୁରୁଜୀ ଏମିତି ଶିଶୁଟିକୁ ପିଟିଲେ ଯେ, ସେ ଚିକିତ୍ସାଧୀନ ଅବସ୍ଥାରେ ୨୩ ଦିନ ପରେ ଚିରଦିନ ପାଇଁ ଆଖି ବୁଜିଲା।

ଅଭିଯୋଗ ହେଉଛି ଇଏତ ଭାତହାଣ୍ଡିରୁ ଭାତଟିଏ। ଗ୍ୟାରେଣ୍ଟି ଦେଇ କହିହେବ ନାହିଁ ଆଉ ସବୁ ସ୍ଥାନରେ ଠିକ୍‌ଠାକ୍ ଚାଲିଛି ବୋଲି। ଘରୋଇ ଶିକ୍ଷାନୁଷ୍ଠାନ ତ ଆଉ ସେବା ପାଇଁ ଗଢ଼ି ଉଠିନାହିଁ? ବ୍ୟବସାୟ ଯେଉଁଠି ମୁଖ୍ୟ ଉଦ୍ଦେଶ୍ୟ, ସେଠାରେ ଲାଭ କ୍ଷତିର ହିସାବକୁ ବାଦ୍ ଦେଲେ ସଂସ୍ଥା ଚାଲିବ କେମିତି? ଶିକ୍ଷାକୁ ଯେତେବେଳେ ଏକ ପଣ୍ୟ ରୂପେ ଗ୍ରହଣ କରାଗଲା ଏବଂ ବଡ଼ ବଡ଼ ବ୍ୟବସାୟୀ ତଥା କର୍ପୋରେଟରମାନଙ୍କ ହାତରେ ଏହାକୁ ବିକ୍ରି କରିବାର ହଲପ୍‌ନାମା ପ୍ରଦାନ କରାଗଲା, ସେତେବେଳେ ସେଠାରୁ ସେବା ଆଶା କରିବା ନିରର୍ଥକ। ଏହାର ନିଚ୍ଛକ ଉଦାହରଣ ହେଉଛି ଭୁବନେଶ୍ୱରରେ ଘଟିଥିବା ଘଟଣା। ଦ୍ୱିତୀୟ ଘଟଣାଟି ଜାତି ପ୍ରଥାର ବୀଭତ୍ସ ରୂପ। ଜଣେ ତୃଷାର୍ତ୍ତ ଶିଶୁ ପାଣି ପିଇଦେଲା ବୋଲି ତାକୁ ପିଟିପିଟି ମାରିଦେବା କାନ ଶୁଣିନଥିଲା। ଅସଭ୍ୟ ବର୍ବରତାର ବୋଧହୁଏ ଶେଷ ସୋପାନ। ପରବର୍ତ୍ତୀ ସମୟରେ ଶିକ୍ଷା ଅଧିକାର ଆଇନ ୨୦୦୯ ଆସିବା ପରେ ସାମାଜିକ ଓ ଅର୍ଥନୈତିକ ଭାବେ ପଛୁଆ ବର୍ଗରୁ ୨୫ ପ୍ରତିଶତ ପିଲାଙ୍କ ପାଇଁ ସଂରକ୍ଷିତ ହେଲା। ଫଳରେ ସ୍ୱୀକୃତି ପ୍ରତ୍ୟାହାର ହୋଇଯିବା ଭୟରେ ଅନିଚ୍ଛା ସତ୍ତ୍ୱେ ଏମାନେ ଏହି ବର୍ଗର କିଛି ପିଲାଙ୍କୁ ଭର୍ତ୍ତି କରିବାକୁ ବାଧ୍ୟ ହେଉଛନ୍ତି ସତ, କିନ୍ତୁ ଏମାନଙ୍କ ପ୍ରତି ଅସୂୟା ଭାବନାରେ ଅନ୍ତ ଘଟିନାହିଁ।

ଦେଖାଯାଉଛି ଏହିସବୁ ବିଦ୍ୟାଳୟରେ କୌଣସି ଏକ ଅଭାବନୀୟ ଘଟଣା ଘଟିବା ପରେ ପ୍ରଶାସନ ବେଶ୍ ସକ୍ରିୟ ହୋଇଉଠୁଛି ଏବଂ ସରକାର ମଧ୍ୟ ତତ୍ପରତା ପ୍ରକାଶ କରୁଛନ୍ତି ଏହି ଶିକ୍ଷାନୁଷ୍ଠାନଗୁଡିକ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ। କିନ୍ତୁ ଚାଲୁଥିବା ବେନିୟମ କାର୍ଯ୍ୟ ବିରୋଧରେ



ଯେତେବେଳେ ବିଭିନ୍ନ ମହଲରୁ ଅଭିଯୋଗ ହେଉଛି ତାକୁ କେହି ଗୁରୁତ୍ୱ ଦେଉନାହାନ୍ତି। ପରନ୍ତୁ ଅଭିଯୋଗଗୁଡ଼ିକୁ ହାଲୁକା ଭାବେ ଗ୍ରହଣ କରିବା ଅଭ୍ୟାସରେ ପରିଣତ ହୋଇଗଲାଣି। ବିଡ଼ମ୍ବନା ହେଉଛି ଘରୋଇ ଶିକ୍ଷା ବ୍ୟବସ୍ଥାର କ୍ଷତିକାରକ ଦିଗଗୁଡ଼ିକ ସମ୍ପର୍କରେ ଯେତେବେଳେ କୁହାଯାଉଛି ଏହାକୁ କର୍ଣ୍ଣପାତ କରାଯାଉ ନାହିଁ। ଅଧିକନ୍ତୁ ଘରୋଇ ଶିକ୍ଷା ସପକ୍ଷରେ ଓକିଲାତି କରି କୁହାଯାଉଛି ଆଜିର ସମାଜରେ ଏହା ଅନିବାର୍ଯ୍ୟ।

ଘରୋଇ ବିଦ୍ୟାଳୟରେ ପଢ଼ିଲେ ପିଲା ଟାଇ, କୋଟ୍, ବୁଟ୍ ପିନ୍ଧି ସ୍କୁଲ ଯିବ। ସ୍ମାର୍ଟ ହେବ। ଇଂଲିଶ୍‌ରେ ଦକ୍ଷତା ବଢ଼ିବ। ବହୁତଳ ବିଶିଷ୍ଟ ପ୍ରାସାଦରେ ବସି ପାଠ ପଢ଼ିବ। ପୁଣି ଶୀତତାପ ନିୟନ୍ତ୍ରିତ ଶ୍ରେଣୀଗୃହର ବ୍ୟବସ୍ଥା ଅଛି। ଯେମିତି ପଇସା, ସେମିତି ପାଠ। ସହରଠାରୁ ଗାଁ ଡିଟରଜେଣ୍ଟ ପାଉଡର ପାଇଁ ଯେମିତି ବଡ଼ ବଡ଼ ହୋର୍ଡିଂ ଲାଗିଛି, ସମାନ ଭାବେ ଘରୋଇ ଶିକ୍ଷାନୁଷ୍ଠାନଗୁଡ଼ିକର ପ୍ରଚାର ଅଭିଭାବକମାନଙ୍କୁ ଆଜି ବାଉଳା କରିଦେଉଛି। ଖାଉଟିଙ୍କୁ ଆକୃଷ୍ଟ କରିବା ପାଇଁ କମ୍ପାନୀଗୁଡ଼ିକ ବେଳେବେଳେ ଘୋଷଣା କରନ୍ତି 'ଦୁଇକିଲିଆ ପାକେଟ୍ କିଣିଲେ ଗୋଟିଏ ବାଲ୍‌ଟି ଫ୍ରି'। ଘରୋଇ ଶିକ୍ଷାନୁଷ୍ଠାନଗୁଡ଼ିକ ମଧ୍ୟ ସମାନ କୌଶଳ ଆପଣେଇବାକୁ ଭୁଲୁନାହାନ୍ତି। କିଏ କହୁଛି ପାଠ ସାଙ୍ଗକୁ ସ୍ପିକିଂ ଇଂଲିଶ୍ ଫ୍ରି ତ କିଏ କହୁଛି କମ୍ପ୍ୟୁଟର ଶିକ୍ଷା ଫ୍ରି। ଆଉ କେଉଁଠି ପାଠ ସାଙ୍ଗରେ ଜେଇ, ଆଇଆଇଟି, ମେଡିକାଲ କୋଚିଂ ମାଗଣାରେ ଦିଆଯାଏ ବୋଲି ବଡ଼ ବଡ଼ ଅକ୍ଷରରେ ଲେଖାଯାଉଛି। ଏସବୁ ଦେଖି ବିଶେଷକରି ମଧ୍ୟବିତ୍ତ ଶ୍ରେଣୀ ଏହି ବଜାରରେ ଅଧିକ ସାମିଲ ହେଉଛନ୍ତି। ହେବା ସ୍ୱାଭାବିକ ମଧ୍ୟ। ସରକାରୀ ଶିକ୍ଷା ବ୍ୟବସ୍ଥାକୁ ଯେମିତି ଅଣଦେଖା କରାଗଲା ଏବଂ ଘରୋଇ ଶିକ୍ଷାକୁ ଯେମିତି ପରୋକ୍ଷ ପ୍ରୋତ୍ସାହନ ଦିଆଗଲା ତା'ର ଫଳ ସ୍ୱରୂପ ପାଖାପାଖି ୩୦% ପିଲା ଆଜି ଘରୋଇ ବିଦ୍ୟାଳୟ ଆଡ଼କୁ ଆକର୍ଷିତ ହୋଇ ଯାଇଛନ୍ତି।

ମାନବ ସମ୍ବଳର ଉପଯୁକ୍ତ ବିନିଯୋଗ ପାଇଁ ଶିକ୍ଷା ଯେମିତି ଅପରିହାର୍ଯ୍ୟ, ସେମିତି ଶିକ୍ଷା ମଧ୍ୟ ଦେଶର ଅର୍ଥନୀତି ଦ୍ୱାରା ସମ୍ପୂର୍ଣ୍ଣ ନିୟନ୍ତ୍ରିତ। ଆମ ଦେଶ ବିଂଶ ଶତାବ୍ଦୀର ଶେଷ ଦଶକରେ ମିଶ୍ର ଅର୍ଥନୀତିକୁ ବିଦାୟ ଜଣାଇ ଜଗତୀକରଣକୁ ସ୍ୱାଗତ କଲା। ଏହାର ମୂଳ ପିଣ୍ଡ ହେଉଛି ଉଦାରୀକରଣ ଓ ଘରୋଇକରଣ। ସେହି ଦିନଠାରୁ ଘରୋଇ ମାଲିକାନା ପାଇଁ ମୌସୁମୀ ପ୍ରବାହିତ ହେବାକୁ ଲାଗିଲା। ଆଉ ଏକ ଲଘୁଚାପ ସୃଷ୍ଟି ହେଲା ୨୦୦୦ ମସିହା ଏପ୍ରିଲ ୨୪ ଦିନ, ଯେତେବେଳେ ମୁକେଶ ଅମ୍ବାନୀ ଓ କୁମାରମଙ୍ଗଳମ୍ ବିର୍ଲା ଶିକ୍ଷା ଉପରେ ଏକ ରିପୋର୍ଟ କେନ୍ଦ୍ର ସରକାରଙ୍କୁ ପ୍ରଦାନ କଲେ। ରିପୋର୍ଟରେ କୁହାଗଲା, ରାଷ୍ଟ୍ରର ବିକାଶକୁ ତ୍ୱରାନ୍ୱିତ କରିବାକୁ ହେଲେ ଶିକ୍ଷା ବଜେଟକୁ ହ୍ରାସ କରିବା ଆବଶ୍ୟକ। ନ ହେଲେ ଏମିତି ସମୟ ଆସିବ, ଏହା ସମଗ୍ର ବଜେଟକୁ ଗିଳିଦେବ। ଶିକ୍ଷା ହେଉଛି ଏକ ଅଣଉତ୍ପାଦିତ କ୍ଷେତ୍ର ଏବଂ ଏହା ଏକ ନନ୍‌ମେରିଟ ଗୁଡ୍‌ସ(non-merit goods)। ଏହା ବାବଦରେ ସରକାର ଅଧିକ ସମ୍ବେଦନଶୀଳ ନ ହୋଇ ବୋଝକୁ ହାଲୁକା କରିବା ପାଇଁ ଘରୋଇ ମାଲିକାନାକୁ ହସ୍ତାନ୍ତରିତ କରିବା ଜରୁରୀ। ଯଦ୍ୱାରା ଯାହାର ଅର୍ଥ ଅଛି ସେ ତା' ପିଲା ପାଇଁ ବଜାରରୁ ଶିକ୍ଷାକୁ କିଣିପାରିବା ସହିତ ଦେଶ 'ଜ୍ଞାନ ବିପ୍ଳବ'ରେ ସାମିଲ ହୋଇପାରିବ। ଏହି ରିପୋର୍ଟକୁ ନୀରବ ସମର୍ଥନ ଫଳରେ ଆଜି ଦେଶରେ ଛତୁ ଫୁଟିଲା ପରି ଘରୋଇ ବିଦ୍ୟାଳୟ, ମହାବିଦ୍ୟାଳୟ ଗଢ଼ିଉଠିଛି। ଘରୋଇ ବିଶ୍ୱବିଦ୍ୟାଳୟ ସଂଖ୍ୟା ସରକାରୀ ବିଶ୍ୱବିଦ୍ୟାଳୟ ସଂଖ୍ୟାକୁ ମଧ୍ୟ ଟପିଗଲାଣି। ଦେଶରେ ପ୍ରଚଳିତ ଦୁଇଟି ସମାନ୍ତରାଳ ଶିକ୍ଷା ବ୍ୟବସ୍ଥା ଯୋଗୁ ଲୋକଙ୍କ ଭିତରେ ସାମାଜିକ ତଥା ଅର୍ଥନୈତିକ ବୈଷମ୍ୟ କ୍ରମଶଃ ବଢ଼ିବାରେ ଲାଗିଛି।

କେନ୍ଦ୍ର ତଥା ରାଜ୍ୟ ସରକାରଗୁଡ଼ିକ ଶିକ୍ଷାକୁ ଏକ ନିଷିଦ୍ଧ ସାମଗ୍ରୀ ଭାବରେ ବିଚାର କରି ବଜାରରେ ଖୁଲମ୍‌ଖୁଲା ବିକ୍ରି ପାଇଁ ଛାଡ଼ିଦେବା ଉଚିତ ହେବ ନାହିଁ। ଅବଶ୍ୟ କେରଳ ଓ ଦିଲ୍ଲୀ ସରକାର ବିପଦକୁ ହୃଦୟଙ୍ଗମ କରି ସରକାରୀ ସାର୍ବଜନୀନ ଶିକ୍ଷା ଉପରେ ଗୁରୁତ୍ୱ ଦେଉଛନ୍ତି। ଏହା ଏକ ଶୁଭ ସଂକେତ। ଭିତ୍ତିଭୂମିର ବିକାଶ ପାଇଁ ବିଦ୍ୟାଳୟ ରୂପାନ୍ତରଣ ଆମ ରାଜ୍ୟ ସରକାରଙ୍କର ଏକ ସକାରାତ୍ମକ ଦୃଷ୍ଟିଭଙ୍ଗୀ ବୋଲି କୁହାଯାଇପାରିବ, ଯଦି ମାଧ୍ୟମିକରେ ସୀମିତ ନରହି ଏଥିରେ ସମସ୍ତ ପ୍ରାଥମିକ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟକୁ ସାମିଲ କରନ୍ତି। ପୁଣି ଭିତ୍ତିଭୂମିର ବିକାଶ କେବଳ ଯଥେଷ୍ଟ ନୁହେଁ। ପ୍ରାଥମିକଠାରୁ ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ଶୂନ୍ୟ ପଡ଼ିଥିବା ଶିକ୍ଷକ ପଦବୀ ପୂରଣ ନ କଲେ ପୋଖରୀରେ ଲୋଟାଏ କ୍ଷୀର ଢାଳି କ୍ଷୀର ପୋଖରୀ ତିଆରି କରିବା ଭଳି କଥା ହେବ। ଆଶା କରିବା ସମସ୍ତ ସରକାର ଶିକ୍ଷାକୁ ନେଇ ସେମାନଙ୍କର ବିଚାରବୋଧର ପରିବର୍ତ୍ତନ ଆଣିବେ।

ପ୍ରାକ୍ତନ ଯୁଗ୍ମ ସାଧାରଣ ସମ୍ପାଦକ, ଓଷ୍ଟା
ମୋ: ୭୦୦୮୦୭୩୫୯୯

# ବିପର୍ଯ୍ୟୟ ପରିଚାଳନା ବିଶେଷଜ୍ଞ

ନଅବର୍ଷ ଧରି ଆଇନଗତ ଲଢ଼େଇର ସମ୍ମୁଖୀନ ହେବା ପରେ ଉତ୍ତରପ୍ରଦେଶ ନୋଏଡାର ସେକ୍ଟର ୯୩ଏରେ ଥିବା ଟ୍ୱିନ୍ ଟାୱାର ୨୮ ଅଗଷ୍ଟ ୨୦୨୨ରେ ଧ୍ୱଂସ ପାଇବା ଲାଗି ଲାଗିଥିଲା ମାତ୍ର ୯ ସେକେଣ୍ଡ। ସୁପରଟେକ୍ ସଂସ୍ଥା ଦ୍ୱାରା ବେଆଇନ ଭାବେ ନିର୍ମାଣ କରାଯାଇଥିବା ୩୨ ଓ ୨୯ ମହଲା ବିଶିଷ୍ଟ ଦୁଇଟି ବୃହତ୍ ଅଟ୍ଟାଳିକା ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ମାଟିରେ ମିଶାଇ ଦିଆଯାଇଛି। ଗଣମାଧ୍ୟମରେ ଏହି ଧ୍ୱଂସର ଦୃଶ୍ୟ ଦେଖିବା ଲାଗି ସମସ୍ତେ ଅନାଇ ରହିଥିଲେ। ଉଲ୍ଲେଖଯୋଗ୍ୟ ଯେ, କେରଳର ମାରାଡୁ ମ୍ୟୁନିସିପାଲିଟିରେ ବେଆଇନ ଆପାର୍ଟମେଣ୍ଟକୁ ୨୦୨୦ରେ ଭଙ୍ଗାଯିବା ପରେ ନୋଏଡା ଟ୍ୱିନ୍ ଟାୱାର ଧ୍ୱଂସ ଦେଶର ଦ୍ୱିତୀୟ ଘଟଣା, ଯେଉଁଥିରେ ଯୋଜନାବଦ୍ଧ ଭାବେ ଅଟ୍ଟାଳିକାକୁ ଭାଙ୍ଗିଦିଆଯାଇଛି। ତେବେ ନୋଏଡାର ୧୦୩ ମିଟର ଉଚ୍ଚ ଦ୍ୱୈତ ଅଟ୍ଟାଳିକାର ଆକାର ଅଧିକ ହୋଇଥିବାରୁ ତାହାର ଧ୍ୱଂସ ଦୃଶ୍ୟ ବେଶି ଦୃଷ୍ଟିଆକର୍ଷଣ କରିଥିଲା।

୨୮ ଅଗଷ୍ଟ ଅପରାହ୍ନ ୨ଟା ୩୦ରେ ଟ୍ୱିନ୍‌ଟାୱାରକୁ ବୈଜ୍ଞାନିକ ପଦ୍ଧତି ଇମ୍ପ୍ଲୋଜନ (ସିକ୍ୟୁଏନ୍‌ସିଆଲ୍ କଣ୍ଟ୍ରୋଲ୍‌ଡ ବ୍ଲାଷ୍ଟିଂ ବା ଅନୁକ୍ରମଣୀୟ ଆୟତ୍ତାଧୀନ ବିସ୍ଫୋରଣ) ମାଧ୍ୟମରେ ସମାପନ କରାଯାଇଥିଲା। ଏହା ବାହ୍ୟ କ୍ଷତି ନ ଘଟାଇ ଟ୍ୱିନ୍ ଟାୱାରକୁ ସେହି ସ୍ଥାନରେ ଭୁଶୁଡ଼ାଇ ଦେଇଥିଲା। ଏଥିଲାଗି ୩,୭୦୦ କିଲୋଗ୍ରାମ୍‌ର ବିସ୍ଫୋରକ ବ୍ୟବହାର କରାଯାଇଥିଲା। ଟ୍ୱିନ୍ ଟାୱାରର ପ୍ରତି ଟାୱାରରୁ ୧୮ଟି ମହଲାକୁ ଚୟନ କରାଯାଇଥିଲା। ସେଥିରୁ ୧୧ଟିକୁ ପ୍ରାଇମେରି ବ୍ଲାଷ୍ଟ ଫ୍ଲୋର ଓ ୭ଟିକୁ ସେକେଣ୍ଡୋରି ବ୍ଲାଷ୍ଟ ଫ୍ଲୋର ଭାବେ ଭାଗ କରାଯାଇଥିଲା। ସମୁଦାୟ ୧୮ଟି ମହଲାରେ ୯,୬୪୨ଟି ଗର୍ତ୍ତ କରାଯାଇ ସେଥିରେ ବାରୁଦ ଭର୍ତ୍ତି କରାଯାଇଥିଲା। ସେଗୁଡ଼ିକର ସମୁଦାୟ ମାପ କରାଯାଇଥିଲା, ଯାହାର ଲମ୍ବ ଥିଲା ପ୍ରାୟ ୧୯ କିଲୋମିଟର। ସେହିଭଳି ଅନ୍ୟ ୭ଟି ଫ୍ଲୋରରେ ବ୍ଲାଷ୍ଟିଂ ଡିଜାଇନ୍ ଫାୟାରିଂ କରାଯାଇଥିଲା। ଧ୍ୱଂସର ତରିକା ଏଭଳି ଥିବା ବେଳେ ନିକଟସ୍ଥ ଅଟ୍ଟାଳିକା, ସ୍ଥାନୀୟ ଅଞ୍ଚଳରେ ସୃଷ୍ଟି ହେବାକୁ ଥିବା ପ୍ରଚୁର ଧୂଳିକଣା, ଶବ୍ଦ ପ୍ରଦୂଷଣ ଏବଂ ମାଟିରେ କମ୍ପନ ଆଦିକୁ ନିୟନ୍ତ୍ରଣରେ ଆଣିବା ସକାଶେ ଅତ୍ୟାଧୁନିକ ବୈଜ୍ଞାନିକ ଓ ଇଞ୍ଜିନିୟରିଂ କୌଶଳ ଆପଣାଯାଇଥିଲା। ତେଣୁ ସେହି ଅଟ୍ଟାଳିକା ଦୁଇଟିରେ ପାଞ୍ଚ ପରସ୍ତ ଷ୍ଟିଲ୍ ଜାଲି ଓ ୫ ପରସ୍ତ କନା (ଜିଓ ଟେକ୍ସଟାଇଲ୍ ଫେବ୍ରିକ୍ସ) ଗୁଡ଼ାଇ ଦିଆଯାଇଥିଲା। ଫଳରେ ବାହାରକୁ ଅଧିକ ଧୂଳିକଣା ଯାଇପାରି ନ ଥିଲା ଓ ଶବ୍ଦ ପ୍ରଦୂଷଣ କମିଯାଇଥିଲା।

ବ୍ୟକ୍ତିତ୍ୱ



ଦେବୀ ପ୍ରସନ୍ନ କାନୁନ୍‌ଗୋ

ସେହିପରି ୮୦ ହଜାର ଟନ୍ ଡେବ୍ରିସ୍ ବା କଂକ୍ରିଟ ପଡ଼ିଲେ ମାଟିରେ କମ୍ପନ ସୃଷ୍ଟି ହେବାକୁ ଥିବାରୁ ତାହାକୁ ନିୟନ୍ତ୍ରଣ ମଧ୍ୟରେ ରଖିବା ପାଇଁ ତଳେ ମାଟିର ବନ୍ଧ କରାଯାଇଥିଲା। ଏଥିସହିତ ଟ୍ୱିନ୍ ଟାୱାରଠାରୁ ମାତ୍ର ୧୫ ମିଟର ଦୂରରେ ଗେଲ୍ (ଗ୍ୟାସ୍ ଅଥରିଟି ଅଫ୍ ଇଣ୍ଡିଆ ଲିମିଟେଡ୍)ର ପାଇପ୍‌ଲାଇନ ଯାଇଥିଲା। ଏହି ଆହ୍ୱାନକୁ ମୁକାବିଲା କରିବା ଲାଗି ଷ୍ଟିଲ୍ ଚଦର ବିଛାଯିବା ସହ ୫ରୁ ୫ ଚଉଡ଼ା ଓ ଉଚ୍ଚତାର ବନ୍ଧ ବନ୍ଧାଯାଇଥିଲା। ତାହା ଉପରେ ଟାୟାର ମଧ୍ୟ ପକାଯାଇଥିଲ। ଏପରିକି ନିକଟସ୍ଥ କୋଠାଗୁଡ଼ିକୁ ନିରାପଦରେ ରଖିବା ଲାଗି ଆଗୁଆ ବିବିଧ ପଦକ୍ଷେପ ନିଆଯିବା ପରେ ଟ୍ୱିନ୍ ଟାୱାର ଧ୍ୱଂସ କରାଯାଇଥିଲା ବୋଲି କଥାବାର୍ତ୍ତା ବେଳେ ଏହା ପ୍ରକାଶ କରିଛନ୍ତି ରୁଡ଼୍‌କିର ସେଣ୍ଟ୍ରାଲ ବିଲ୍ଡିଂ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍ (ସିବିଆର୍‌ଆଇ)ର ବରିଷ୍ଠ ପ୍ରଧାନ ବୈଜ୍ଞାନିକ ତଥା ଓଡ଼ିଆ ଜିଓସାଇଣ୍ଟିଷ୍ଟ ଡକ୍ଟର ଦେବୀ ପ୍ରସନ୍ନ କାନୁନ୍‌ଗୋ। ଟିମ୍ ଲିଡର ଭାବେ ତାଙ୍କ ସହ ଅନ୍ୟ ୬ ଜଣ କାର୍ଯ୍ୟ କରୁଥିଲେ। ସିବିଆର୍‌ଆଇର ୪ ଜଣ ଯୁବ ବୈଜ୍ଞାନିକ ଓ ଧାନବାଦସ୍ଥିତ ସେଣ୍ଟ୍ରାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମାଇନିଂ ଆଣ୍ଡ୍ ଫୁଏଲ ରିସର୍ଚ୍ଚର ଦୁଇ ଜଣ ବୈଜ୍ଞାନିକ ଥିଲେ। ରୁଡ଼୍‌କିର ସେହି ୪ ବୈଜ୍ଞାନିକଙ୍କ ମଧ୍ୟରେ ଅନ୍ୟତମ ଓଡ଼ିଆ ମିକି ମେକନ ଦଳବେହେରା ମଧ୍ୟ ଥିଲେ। ତେବେ ବିପର୍ଯ୍ୟୟ ପ୍ରଶମନ ବିଶେଷଜ୍ଞ ଭାବେ ପରିଚିତ ଡକ୍ଟର କାନୁନ୍‌ଗୋ ବ୍ଲାଷ୍ଟ ଡିଜାଇନ୍ ଉପରେ ସୁପ୍ରିମକୋର୍ଟରେ ଆବଶ୍ୟକ ତଥ୍ୟ ଉପସ୍ଥାପନ କରି ବିଚାରପତିଙ୍କ ଦ୍ୱାରା ପ୍ରଶଂସିତ ହେବା ଓ ନିରାପଦରେ ଟ୍ୱିନ୍ ଟାୱାରକୁ ଧରାଶାୟୀ କରିବା ପରେ ତାଙ୍କ ବ୍ୟକ୍ତିତ୍ୱ ଚର୍ଚ୍ଚାକୁ ଆସିଛି।

ଦେବୀ ପ୍ରସନ୍ନ ୧୬ ଜୁନ୍ ୧୯୬୭ରେ କେନ୍ଦ୍ରାପଡ଼ା ଜିଲା ଚାନ୍ଦୋଳରେ ଜନ୍ମଗ୍ରହଣ କରିଥିଲେ। ପିତା କୃଷ୍ଣଚନ୍ଦ୍ର କାନୁନ୍‌ଗୋ ଓ ମାତା ପ୍ରେମଲତା କାନୁନ୍‌ଗୋ। ପିତା କଟକ ଫୁଲନଖରାସ୍ଥିତ ପ୍ରାଣୀଧନ ଗବେଷଣା କେନ୍ଦ୍ରରେ ଚାକିରି କରୁଥିଲେ। ଚାରି ପୁଅ ଓ ଗୋଟିଏ ଝିଅକୁ ସହରରେ ରଖି ପାଠ ପଢ଼ାଇବା ଆର୍ଥିକ ଦୃଷ୍ଟିରୁ କଷ୍ଟକର ହୋଇଥିଲା। ସେଥିପାଇଁ ପିଲାମାନେ ଗାଁ ସ୍କୁଲରୁ ପଢ଼ା ଆରମ୍ଭ କରିଥିଲେ। ଦେବୀ ପ୍ରସନ୍ନ ଦୋହଲି ମଡେଲ ହାଇସ୍କୁଲରୁ ମାଟ୍ରିକ ପାସ୍ କରିଥିଲେ। ଭୁବନେଶ୍ୱର ବିଜେବି କଲେଜରୁ ଆଇ.ଏସ୍‌ସି, କେନ୍ଦୁଝରର ଧରଣୀଧର ମହାବିଦ୍ୟାଳୟରୁ ଭୂତତ୍ତ୍ୱ ବିଜ୍ଞାନ (ଜିଓଲୋଜି)ରେ ସ୍ନାତକ କରିବା ପରେ ୟୁନିଭର୍ସିଟି ଅଫ୍ ରୁଡ଼୍‌କିରୁ ମାଷ୍ଟର ଅଫ୍ ଟେକ୍ନୋଲଜି (ଏମ୍‌ଟେକ୍) ଡିଗ୍ରୀ ଅର୍ଜନ କରିଥିଲେ। ପଢ଼ା ଶେଷ ପରେ ସେ ରୁଡ଼୍‌କିସ୍ଥିତ ସିବିଆର୍‌ଆଇରେ ଚାକିରି ଜୀବନ ଆରମ୍ଭ କରିଥିଲେ। ସେ ୟୁନିଭର୍ସିଟି ଅଫ୍ ରୁଡ଼୍‌କି(ଏବେ ଆଇଆଇଟି ରୁଡ଼୍‌କି)ରୁ ପିଏଚ୍.ଡି କରିବା ପରେ ମୁଖ୍ୟ ବୈଜ୍ଞାନିକ ପଦକୁ ଉନ୍ନୀତ ହୋଇଥିଲେ। ଜୀବନରେ ସଂଘର୍ଷ କରି ଉପରକୁ ଉଠିଥିବା ଡକ୍ଟର କାନୁନ୍‌ଗୋ ଟ୍ୱିନ୍ ଟାୱାର ଧ୍ୱଂସ ସଂକ୍ରାନ୍ତ ବ୍ଲାଷ୍ଟ ଡିଜାଇନ୍ ବିଷୟରେ ସର୍ବୋଚ୍ଚ ନ୍ୟାୟାଳୟରେ ଯେଉଁ ତଥ୍ୟ ଉପସ୍ଥାପନ କରିଥିଲେ ବିଚାରପତିମାନେ ଆଗ୍ରହର ସହ ଶୁଣି ତାହାକୁ ମଞ୍ଜୁରୀ ଦେବା ପରେ ତାଙ୍କୁ ଖୁସି ଲାଗିଥିଲା। ସେ କହନ୍ତି, ଅଟ୍ଟାଳିକା ନିର୍ମାଣର ନିୟମ ଉଲ୍ଲଂଘନ କରି ସୁପରଟେକ୍ ଏବେ ଦଣ୍ଡିତ ହେବା ଦ୍ୱାରା ଦେଶରେ ବେଆଇନ ନିର୍ମାଣ କରୁଥିବା ସଂସ୍ଥା ବା ବ୍ୟକ୍ତିଙ୍କୁ ଏହି ଘଟଣା ସତର୍କ କରାଇ ଦେଲା। ସୁପରଟେକ୍ ସଂସ୍ଥା ଟ୍ୱିନ୍ ଟାୱାର ଭାଙ୍ଗିବା ଲାଗି ନିଯୁକ୍ତ ଡିମୋଲିଶନ ଏଜେନ୍ସି ଦକ୍ଷିଣ ଆଫ୍ରିକାର 'ଜେଟ୍ ଡିମୋଲିଶନ' ଓ ବମ୍ବେର 'ଏଡିଫିସ୍ ଇଞ୍ଜିନିୟରିଂ'କୁ ୨୦ କୋଟି ଟଙ୍କା ଦେଇଥିବା ବେଳେ ବ୍ଲାଷ୍ଟ ଡିଜାଇନିଂ ଓ ବିଶେଷଜ୍ଞ କାର୍ଯ୍ୟ ଲାଗି ସିବିଆର୍‌ଆଇକୁ ୭୦ ଲକ୍ଷ ଟଙ୍କା ପରାମର୍ଶ ଖର୍ଚ୍ଚ ବାବଦକୁ ପ୍ରଦାନ କରିଛି। ତେବେ ଷ୍ଟ୍ରକ୍ଚରାଲ ଇଞ୍ଜିନିୟରିଂ, ଜିଓଟେକ୍ନିକାଲ ଇଞ୍ଜିନିୟରିଂ, ମାଇନିଂ ଇଞ୍ଜିନିୟରିଂ, ଜିଓସାଇଣ୍ଟିଷ୍ଟ, ବ୍ଲାଷ୍ଟିଂ ଏକ୍ସପର୍ଟ, ଏକ୍ସପ୍ଲୋସିଭ୍ ଏକ୍ସପର୍ଟ ଏବଂ ଭାଇବ୍ରେଶନ ଆନାଲିସିସ୍ ଏକ୍ସପର୍ଟଙ୍କ ସହଯୋଗରେ ଯେଉଁଭଳି ଭାବେ ଡିମୋଲିଶନ କାର୍ଯ୍ୟ ସମ୍ପାଦନ କରାଗଲା ତାହାକୁ ଡକ୍ଟର କାନୁନ୍‌ଗୋ ଏକ ସଫଳ କାହାଣୀ ବୋଲି ବର୍ଣ୍ଣନା କରିଛନ୍ତି।

– ଜିତେନ୍ଦ୍ର କୁମାର ନାୟକ

## ଏଇ ଭାରତରେ

ଦିବ୍ୟାଙ୍ଗ ପିଲାଙ୍କ ପାଇଁ ନିଜକୁ ଉତ୍ସର୍ଗ କରିଦେଇଛନ୍ତି ଜବଲପୁରର ଶ୍ରଦ୍ଧା ସୋପରକାର। ସେ ମଧୁରମ ଚାରିଟେବୁଲ ଟ୍ରଷ୍ଟ ଗଠନ କରି ତା' ମାଧ୍ୟମରେ ୮୦୦ ଦିବ୍ୟାଙ୍ଗ ପିଲାଙ୍କୁ ବିଭିନ୍ନ ଥେରାପି ମାଗଣାରେ ଯୋଗାଇ ଦେଉଛନ୍ତି। ବ୍ୟବସାୟିକ ପରିବାରରୁ ଆସିଥିବା ଶ୍ରଦ୍ଧାଙ୍କ ଝିଅ ସେରିବ୍ରାଲ ପ୍ଲାଜି (ଏକପ୍ରକାର ମାନସିକ ସମସ୍ୟା) ପୀଡ଼ିତ ହେବା ପରେ ସେ ତାହାର ଚିକିତ୍ସା କରିବା ସମୟରେ ଏଭଳି ପିଲାମାନଙ୍କ ସମ୍ପର୍କରେ ଚିନ୍ତା କରିଥିଲେ। ଏହି ରୋଗର ଚିକିତ୍ସା ବ୍ୟୟବହୁଳ। ଏଣୁ ସେ ନିଜ ଝିଅର ଚିକିତ୍ସା କରିବା ସମୟରେ ଯଦି ଏଭଳି ପିଲାଙ୍କୁ ଦେଖୁଥିଲେ ସେମାନଙ୍କ ମାତାପିତାଙ୍କୁ ଆର୍ଥିକ ସାହାଯ୍ୟ ଯୋଗାଇ ଦେଉଥିଲେ। ଧୀରେ ଧୀରେ ୧୦ ଜଣ ପିଲାଙ୍କୁ ଚିକିତ୍ସା ଖର୍ଚ୍ଚ ଯୋଗାଇ ପରେ ଆଉ ଅଧିକଙ୍କ ସେବା ଲାଗି ସେ ୨୦୧୮ରେ ମଧୁରମ ଖୋଲିଥିଲେ। ଏବେ ମଧୁରମ୍‌ରେ ପିଲାମାନଙ୍କୁ ଫିଜିଓଥେରାପି, ଅକୁପେଶନାଲ ଥେରାପି, ସ୍ପିଚ୍ ଥେରାପି ଆଦି ଯୋଗାଇ ଦିଆଯାଉଛି। ଯେଉଁ ପିଲା ପଢ଼ିବା ଯୋଗ୍ୟ ହେଉଛନ୍ତି ଶ୍ରଦ୍ଧା ସେମାନଙ୍କୁ ପଢ଼ାଉଛନ୍ତି। ସେ ମଧ୍ୟ ଷ୍ଟେପାଥନ ପ୍ରୋଜେକ୍ଟ ଆରମ୍ଭକରି ପ୍ରୋଥେଷ୍ଟିକ ଗୋଡ଼ ଯୋଗାଇଦେଉଛନ୍ତି। ଏହାକୁ ସେ ଜର୍ମାନୀରୁ ମଗାଉଛନ୍ତି। ଏବେ ସୁଦ୍ଧା ୧୦୦ ପ୍ରୋଥେଷ୍ଟିକ ଗୋଡ଼ ଯୋଗାଇ ଦେଇସାରିଲେଣି ଓ ୨୦୨୩ ସୁଦ୍ଧା ୪୦୦ରୁ ଅଧିକ ଯୋଗାଇ ଦେବାର ଯୋଜନା କରିଛନ୍ତି। ଏହା ବ୍ୟତୀତ ପ୍ରତିଦିନ ମଗଣାରେ ୧୦୦ ପିଲାଙ୍କୁ ଆକ୍ୱା ଥେରାପି ଯୋଗାଇ ଦେବାର ବ୍ୟବସ୍ଥା କରିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୪ ସେପ୍ଟେମ୍ବର ୧୯୯୭

- ଶ୍ରୀଲଙ୍କାର ପୂର୍ବ ବାଟିକାଲୋଆ ସହରରେ ବିଷାକ୍ତ ଦେଶୀମଦ ପିଇ ୬୦ ମୃତ।
- କାମ୍ବୋଡିଆର ରାଜଧାନୀ ନାମପେନ ବିମାନ ବନ୍ଦରରେ ଭିଏତ୍‌ନାମୀ ଏକ ଯାତ୍ରୀବାହୀ ବିମାନ ଦୁର୍ଘଟଣାଗ୍ରସ୍ତ ହେବା ଫଳରେ ୬୩ ଯାତ୍ରୀଙ୍କ ମୃତ୍ୟୁ।
- ବର୍ଷୀୟାନ କମ୍ୟୁନିଷ୍ଟ ନେତା ତଥା ସି.ପି.ଆଇ. ଜାତୀୟ ପରିଷଦର ସମ୍ପାଦକ ଏମ୍. ଫାରୁକୀଙ୍କ ୭୭ ବର୍ଷ ବୟସରେ ପରଲୋକ।

## ଚିରନ୍ତନୀ

ସେହି ଗିରି କୋଳେ ଲାଖିଲା ମନର ଦରଜ
ସେହି ଝରଣାରେ ଲୁଚିଲା ରାଗିଣୀ–ମୁରୁଜ।
କେତେ ବିଲବନେ ରହିଗଲା ଆଖି
ବିପୁଳ ଜୋଛନା ପରଶ ମୁଁ ଚାଖି
କେତେ ସକାଳେ ମୋ ଉଇଁଥିଲା ଶୁଭ ସୁରୁଜ
ସେହି ଘାଟି ପଥେ ଲୁଚିଲା ରାଗିଣୀ ମୁରୁଜ।
(ଜୟପୁର ଘାଟି)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଓଡ଼ିଶାକୁ ଫୋକସ୍ ଷ୍ଟେଟର ମାନ୍ୟତା ମିଳୁ

ମହାଶୟ,
ଗତ କିଛି ଦିନ ତଳେ ଦିଲ୍ଲୀଠାରେ ଅନୁଷ୍ଠିତ ନୀତି ଆୟୋଗ ବୈଠକରେ ଓଡ଼ିଶା ମୁଖ୍ୟମନ୍ତ୍ରୀ ଯୋଗଦେଇ ଓଡ଼ିଶାକୁ ଫୋକସ ଷ୍ଟେଟ୍‌ର ମାନ୍ୟତା ଦେବା ପାଇଁ ଦାବି କରିଛନ୍ତି। ଓଡ଼ିଶା ଏକ ଅନଗ୍ରସର ରାଜ୍ୟ ଏବଂ ପ୍ରାକୃତିକ ବିପର୍ଯ୍ୟୟ ପ୍ରବଣ ହୋଇଥିବାରୁ ଏହି ଦାବି ସମ୍ପୂର୍ଣ୍ଣ ଯଥାର୍ଥ। ଏହା ଓଡ଼ିଶାର ଗତ ଦୁଇ ଦଶନ୍ଧିର ନ୍ୟାଯ୍ୟ ଦାବି। କେନ୍ଦ୍ର ସରକାର ଏଥିପ୍ରତି କର୍ଣ୍ଣପାତ ନ କରିବା ଦୁର୍ଭାଗ୍ୟଜନକ। ଗତ ୧୦୦ ବର୍ଷ ମଧ୍ୟରେ ବହୁ ଥର ବାତ୍ୟା, ବନ୍ୟା, ମରୁଡ଼ି ପରି ପ୍ରାକୃତିକ ବିପର୍ଯ୍ୟୟ ଘଟି ଅଶେଷ ଧନଜୀବନର କ୍ଷୟକ୍ଷତି ହୋଇଛି। ୧୯୯୯ ମହାବାତ୍ୟାରେ ୧୦,୦୦୦ ଲୋକ ମରିଥିଲେ। ୨୦୧୯ରେ ଫନୀ ବାତ୍ୟାରେ ବ୍ୟାପକ କ୍ଷୟକ୍ଷତି ହୋଇଥିଲା। ପ୍ରାକୃତିକ ବିପର୍ଯ୍ୟୟ ରାଜ୍ୟର ଆର୍ଥିକ ମେରୁଦଣ୍ଡ ବାରମ୍ବାର ଭାଙ୍ଗିଦେଉଛି। ଏହି ଦାବି ପୂରଣ ହେବା ଦରକାର।

– ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡ଼ି, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ଏମ୍‌ଏସ୍‌ଏମ୍‌ଇ ପକ୍ଷରୁ ଗଣଦୌଡ଼, ପାହାଲ(ଲକ୍ଷେଶ୍ୱର ମନ୍ଦିର), ସକାଳ ୫ଟା ୩୦।
- ଓଡ଼ିଶା ରାଜ୍ୟ କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ର ସଂଗଠନ ପକ୍ଷରୁ ବୈଠକ, ଉତ୍କଳ ସାମ୍ବାଦିକ ସଂଘ କାର୍ଯ୍ୟାଳୟ, ପୂର୍ବାହ୍ନ ୧୧ଟା।
- ଶାନ୍ତିପ୍ରିୟା ସ୍ମୃତି ଦିବସ, ତେରାପନ୍ଥ ଭବନ, କଟକ ରୋଡ, ପୂର୍ବାହ୍ନ ୧୧ଟା।
- ଓଡ଼ିଶା ଶିଶୁ-କିଶୋର ସାହିତ୍ୟ ଏକାଡେମୀ ପକ୍ଷରୁ ଡ. ନରେନ୍ଦ୍ର ପ୍ରସାଦ ସାହୁଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କାର୍ଯ୍ୟକ୍ରମ, କାନନ ବିହାରସ୍ଥିତ ଜୟଦେବ ଶିକ୍ଷାକେନ୍ଦ୍ର ପରିସର ସଭାମଣ୍ଡପ, ଅପରାହ୍ନ ୪ଟା।
- ସୋମନାଥ ଯୁବ ପରିଷଦ ପକ୍ଷରୁ ଗଣେଶ ପୂଜାର ବାର୍ଷିକ ଉତ୍ସବ, ସମେଇଗାଡିଆ, ଉସାଣୀ ଉତ୍ସବ, ଅପରାହ୍ନ ୪ଟା।
- ଓଡ଼ିଶା ଲେଖିକା ସଂସଦର ୨୯ତମ ପ୍ରତିଷ୍ଠା ଦିବସ, ରାଜଧାନୀ କଳା ସଂସଦ, ୟୁନିଟ୍‌-୩, ଅପରାହ୍ନ ୪ଟା।
- ୱିନର ଆସୋସିଏଶନ ପକ୍ଷରୁ ଗଣେଶ ପୂଜା ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ପ୍ରସାଦ ସେବନ, ଶହୀଦ ନଗର, ସନ୍ଧ୍ୟା ୬ଟା ୪୫।
- ଭୌମନଗର ହାଟ ବ୍ୟବସାୟୀ ସଂଘ ପକ୍ଷରୁ ଗଣେଶ ପୂଜା ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ, ହାଟ ପରିସର, ୟୁନିଟ୍‌-୪, ସନ୍ଧ୍ୟା ୭ଟା।

**ପୁରୀ**

- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସରକାରଙ୍କ ଆନୁକୂଲ୍ୟରେ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଅତିବଡ଼ୀ ଜଗନ୍ନାଥ ଦାସଙ୍କ ଜୟନ୍ତୀ ସମାରୋହ ଉପଲକ୍ଷେ ସାରସ୍ୱତ ସମ୍ମାନ, ସାତଲହଡି ମଠ, ଭାଗବତ ପାଠ- ପୂର୍ବାହ୍ନ ୯ଟା ୩୦, ସାରସ୍ୱତ ସମ୍ମାନ- ପୂର୍ବାହ୍ନ ୧୧ଟା।

**ସାକ୍ଷୀଗୋପାଳ**

- ଶ୍ରୀରାଧା ଜନ୍ମ ମହୋତ୍ସବ କମିଟି ପକ୍ଷରୁ ଅଧ୍ୟାତ୍ମିକ କବିତା ପାଠ ଉତ୍ସବ, ସାକ୍ଷୀଗୋପାଳ ମନ୍ଦିର ସିଂହଦ୍ୱାର ସମ୍ମୁଖରେ ଥିବା ସାଂସ୍କୃତିକ ମଞ୍ଚରେ,ପୂର୍ବାହ୍ନ ୧୦ଟା।
- ଭାରତ ବିକାଶ ପରିଷଦ ସତ୍ୟବାଦୀ ଶାଖା ପକ୍ଷରୁ ଜାତୀୟ ସଙ୍ଗୀତ ସମୂହ ଗାନ ଓ ଭାରତ କୋ ଜାନୋ ପ୍ରତିଯୋଗିତା, ସତ୍ୟବାଦୀ ବ୍ଲକ ନିକଟ ସ୍ୱର୍ଣ୍ଣ ମଣ୍ଡପ ପରିସର, ପଞ୍ଜୀକରଣ ସମୟ ପୂର୍ବାହ୍ନ ୯ଟା, ପୁରସ୍କାର ବିତରଣ ଉତ୍ସବ ଅପରାହ୍ନ ୨ଟା୩୦।

# ୩୦ରେ ସରିବ ମାଗଣା ବୁଷ୍ଟର ଡୋଜ୍ ଟିକାକରଣ

ଭୁବନେଶ୍ୱର, ୩।୯(ବ୍ୟୁରୋ)

## ରାଜ୍ୟରେ ୭୫% ବୁଷ୍ଟର ଡୋଜ୍ ନେଇନାହାନ୍ତି



ରାଜ୍ୟରେ ମାଗଣା କରୋନା ଟିକା ଅବଧି ସରିଆସୁଛି। ତେଣୁ ତୁରନ୍ତ ବୁଷ୍ଟର ଡୋଜ୍ ବା ପ୍ରିକଶନ ଡୋଜ୍ ଟିକା ନେବା ପାଇଁ ସ୍ୱାସ୍ଥ୍ୟ ବିଭାଗ ପରାମର୍ଶ ଦେଇଛି। ପରିବାର କଲ୍ୟାଣ ନିର୍ଦ୍ଦେଶକ ଡା. ବିଜୟ କୁମାର ପାଣିଗ୍ରାହୀ କହିଛନ୍ତି, ଏବେ ପର୍ଯ୍ୟନ୍ତ ରାଜ୍ୟରେ ୭୫ ପ୍ରତିଶତ ଲୋକ ବୁଷ୍ଟର ଡୋଜ୍ ନେଇନାହାନ୍ତି। ଏମାନଙ୍କ ସଂଖ୍ୟା ହେଉଛି ୨କୋଟି ୪୦ଲକ୍ଷ। ଏଥିସହ ରାଜ୍ୟର ୨୩ଲକ୍ଷ ୩୨ହଜାର ଲୋକ ଦ୍ୱିତୀୟ ଡୋଜ୍ ଟିକା ବି ନେଇ ନାହାନ୍ତି। ମୁଖ୍ୟତଃ ଖୋର୍ଦ୍ଧା, କଟକ, ଜଗତ୍‌ସିଂହପୁର, ଅନୁଗୋଳ, ପୁରୀ, ସୁନ୍ଦରଗଡ଼ ଜିଲାରେ ଲୋକମାନେ ଟିକା ନେବା ପାଇଁ ଆଗ୍ରହ ପ୍ରକାଶ କରୁନାହାନ୍ତି। କରୋନାକୁ ମୁକାବିଲା କରିବାକୁ ହେଲେ ଟିକା ନେବାକୁ ପଡ଼ିବ। ତେଣୁ ତୁରନ୍ତ ଟିକା ନେବା ପାଇଁ ପରିବାର କଲ୍ୟାଣ ନିର୍ଦ୍ଦେଶକ ଡା. ପାଣିଗ୍ରାହୀ ଜନସାଧାରଣଙ୍କୁ ନିବେଦନ କରିଛନ୍ତି।

ସୂଚନାଯୋଗ୍ୟ, ସ୍ୱାଧୀନତାର ୭୫ବର୍ଷ ପୂର୍ତ୍ତି ଅବସରରେ ସାରା ଦେଶରେ ଆଜାଦୀ କା ଅମୃତ ମହୋତ୍ସବ ପାଳନ ହେଉଥିଲା। ଏହି ପରିପ୍ରେକ୍ଷୀରେ ୭୫ଦିନ ପାଇଁ ମାଗଣା ବୁଷ୍ଟର ଡୋଜ୍ ଟିକା ଦିଆଯିବ ବୋଲି କେନ୍ଦ୍ର ସରକାର ଘୋଷଣା କରିଥିଲେ। ପ୍ରଥମେ କେବଳ ଗୁରୁତର ରୋଗୀ ବା ବହୁବିଧ ରୋଗୀ, ୬୦ବର୍ଷରୁ ଉର୍ଦ୍ଧ୍ୱ ବ୍ୟକ୍ତିଙ୍କ ପାଇଁ ମାଗଣା ବୁଷ୍ଟର ଡୋଜ୍ ଟିକା ଦିଆଯାଉଥିଲା। ପରେ ସମସ୍ତ ୧୮ ବର୍ଷରୁ ଉର୍ଦ୍ଧ୍ୱ ବୟସ୍କଙ୍କ ପାଇଁ ମାଗଣା ବୁଷ୍ଟର ଦିଆଯିବାକୁ ଘୋଷଣା କରାଯାଇଥିଲା। ତେଣୁ ଜୁଲାଇ ୧୫ ତାରିଖରୁ ଆରମ୍ଭ ହୋଇଥିବା ଏହି ମାଗଣା ବୁଷ୍ଟର ଡୋଜ୍ ଟିକାକରଣ ଆସନ୍ତା ୩୦ ତାରିଖରେ ଶେଷ ହେଉଥିବାରୁ ଏହା ମଧ୍ୟରେ ଏହାର ସୁଯୋଗ ନେବାକୁ ସ୍ୱାସ୍ଥ୍ୟ ବିଭାଗ କହିଛି।

# ନାଳି ପିମ୍ପୁଡ଼ି ଆତଙ୍କ

## ଭୟଭୀତ ନ ହେବାକୁ ଡାକ୍ତରଙ୍କ ପରାମର୍ଶ

ପିପିଲି,୩।୯(ଡି.ଏନ୍.ଏ./ସ୍ୱ.ପ୍ର.)



ପିପିଲି ବ୍ଲକ ଅନ୍ତର୍ଗତ ଚନ୍ଦ୍ରାଦେଇପୁର ପଞ୍ଚାୟତର ବ୍ରାହ୍ମଣ ଶାସନ ଗ୍ରାମରେ ନାଳି ପିମ୍ପୁଡ଼ି ଆତଙ୍କ ଦେଖିବାକୁ ମିଳିଛି। ଏଥିପାଇଁ ଲୋକେ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବନ୍ୟାର କିଛି ଦିନ ପରେ ଏହି ପିମ୍ପୁଡ଼ିଙ୍କୁ ଦେଖିବାକୁ ମିଳିଥିଲା। ଏବେ ଘରେ ବାହାରେ ସବୁଆଡେ ମାଳ ମାଳ ହୋଇ ବୁଲି କାମୁଡି ଗୋଡ଼ହାତ ଫୁଲାଇ ଦେଉଛନ୍ତି। ଏହି ପିମ୍ପୁଡ଼ିଙ୍କ ସମସ୍ୟା ଦୈନନ୍ଦିନ ସମସ୍ୟାରେ ପରିଣତ ହୋଇଗଲାଣି। ଘରୋଇ କାର୍ଯ୍ୟ ସହିତ ଚାଷକାର୍ଯ୍ୟ ସମୟରେ ମଧ ମାଳ ମାଳ ପିମ୍ପୁଡ଼ି କାମ କରିବାକୁ ଦେଉନାହାନ୍ତି। ଏଥିରେ ସ୍ଥାନୀୟ ଲୋକେ ଅସୁବିଧାର ସମ୍ମୁଖୀନ ହେଉଥିବାରୁ ପିମ୍ପୁଡ଼ି ମାରିବା ପାଇଁ ପ୍ରଶାସନର ସହଯୋଗ ଦାବି କରିଛନ୍ତି। ପିମ୍ପୁଡ଼ି କାମୁଡି ଦେଉଥିବାରୁ ଶରୀରରେ ଫୁଲିଯାଉଥିବା ଲୋକେ ଅଭିଯୋଗ କରିଛନ୍ତି। ଖବରପାଇ ଏକ ଡାକ୍ତରୀ ଦଳ ଘଟଣାସ୍ଥଳକୁ ଯାଇ ଲୋକଙ୍କୁ ଭୟଭୀତ ନ ହେବାକୁ ପରାମର୍ଶ ଦେଇଛନ୍ତି। ଏଥିସହ ପିମ୍ପୁଡ଼ି ଥିବା ସ୍ଥାନକୁ ନ ଯିବା ଲାଗି କହିଛନ୍ତି। ସୂଚନା କି, ଗତ ୩ବର୍ଷ ତଳେ ଏଭଳି ନାଳି ପିମ୍ପୁଡ଼ି ଆତଙ୍କ ଦେଖାଦେଇଥିବା ଚର୍ଚ୍ଚା ହୋଇଥିବାବେଳେ ବନ୍ୟାର କିଛି ଦିନ ପୂର୍ବରୁ ସାକ୍ଷୀଗୋପାଳ ଅଞ୍ଚଳରେ ଦେଖାଦେଇଥିଲା।

# ମନୋଜ ଦାସ ସ୍ମୃତି ସଂସଦ ସଭାପତି ହେଲେ ଅଧ୍ୟାପକ ବିଶ୍ୱରଞ୍ଜନ

ଭୁବନେଶ୍ୱର,୩।୯(ବ୍ୟୁରୋ)

ମନୋଜ ଦାସ ସ୍ମୃତି ସଂସଦର ସଭାପତି ହେଲେ କଥାଶିଳ୍ପୀ ଅଧ୍ୟାପକ ବିଶ୍ୱରଞ୍ଜନ। ଶନିବାର ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ ସଂସଦର ସ୍ୱତନ୍ତ୍ର ବୈଠକରେ ସର୍ବସମ୍ମତି କ୍ରମେ ବିଶ୍ୱରଞ୍ଜନଙ୍କୁ ନୂତନ ସଭାପତି ଭାବେ ମନୋନୀତ କରାଯାଇଥିଲା। ଏହି ଅବସରରେ ସଂସଦର ଅନୁରୋଧ ରକ୍ଷା କରି ରାଜ୍ୟ ସରକାର ଶଙ୍ଖାରୀଠାରେ ୧୪ କୋଟି ଟଙ୍କାର ପ୍ରସ୍ତାବିତ 'ମନ୍ମଥ-ମନୋଜ ସ୍ମାରକୀ' ନିର୍ମାଣ କାର୍ଯ୍ୟ ଆରମ୍ଭ କରିବା ଏବଂ ପଣ୍ଡିଚେରୀରୁ ଲେଖକ ମନୋଜ ଦାସଙ୍କ ଆସବାବପତ୍ର ଓଡ଼ିଶା ଆଣିବା ଲାଗି ତତ୍ପରତା ପ୍ରକାଶ କରିଥିବାରୁ ସଂସଦ ପକ୍ଷରୁ ମୁଖ୍ୟମନ୍ତ୍ରୀ ଓ ସଂସ୍କୃତି ମନ୍ତ୍ରୀଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଥିଲା। ସଂସଦର ପଞ୍ଜୀକରଣ ଓ ଆଗାମୀ କାର୍ଯ୍ୟପନ୍ଥା ସମ୍ପର୍କରେ ଆଲୋଚନା ହୋଇଥିଲା। ପ୍ରାରମ୍ଭରେ ସଂଗଠନ ସମ୍ପାଦକ ସରୋଜ ବଳ ସ୍ୱାଗତ ଭାଷଣ ଓ ସମ୍ପାଦକ ଗୌତମବୁଦ୍ଧ ଦାସ ବିଭିନ୍ନ ପ୍ରସଙ୍ଗ ଉପସ୍ଥାପନ କରିଥିଲେ। କୋଷାଧ୍ୟକ୍ଷ ସରୋଜ ଦାସ ଧନ୍ୟବାଦ ଦେଇଥିଲେ। ଉପଦେଷ୍ଟା ଡ. ପ୍ରବୀଣା ମହାନ୍ତି, ଡ. ରଞ୍ଜିତା ଦାସ, ଡ.ହରିପଦ ଶତପଥୀ, ରାଜ୍ୟବର୍ଦ୍ଧନ ଧଳ ମହାପାତ୍ର, ଅରବିନ୍ଦ ରାୟ, ସୂର୍ଯ୍ୟ ମିଶ୍ର, ପବିତ୍ର ମୋହନ କର, ପଞ୍ଚାନନ ସାମଲ, ମୌସୁମୀ ଦାସ, ଅମୀୟବାଳା ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।

# ସାଙ୍ଗକୁ ଛୁରି ଭୁସିଦେଲେ ସାଙ୍ଗ

ଭୁବନେଶ୍ୱର,୩।୯ (ବ୍ୟୁରୋ)

ସାମାନ୍ୟ କଥାକୁ କେନ୍ଦ୍ରକରି ସାଙ୍ଗକୁ ଛୁରି ଭୁସିଦେଲେ ସାଙ୍ଗ। ଶୁକ୍ରବାର ବିଳମ୍ବିତ ରାତିରେ ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ କଦଳୀଗୋଦାମ ବସ୍ତିରେ ଏଭଳି ଘଟଣା ଘଟିଛି। ଛୁରାମାଡ଼ରେ ବସ୍ତିରେ ରହୁଥିବା ସେକ ବବୁଲୁ (୨୫) ଆହତ ହୋଇ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ଛୁରାମାଡ଼ କରିଥିବା ମୋଚିସାହିର ଆଦିତ୍ୟ ନାଥ ରାଓଙ୍କୁ ପୋଲିସ ଅଟକ ରଖି ପଚରାଉଚରା କରୁଛି। ଆକ୍ରମଣରେ ବ୍ୟବହୃତ ଛୁରିକୁ ପୋଲିସ ଜବତ କରିଛି। ଥାନାଧିକାରୀ ଓମପ୍ରକାଶ ମହାନ୍ତି କହିଛନ୍ତି, ଆଦିତ୍ୟ ଓ ବବୁଲୁ ଦୁଇ ସାଙ୍ଗ। ଉଭୟଙ୍କ ମଧ୍ୟରେ ଗତ ୪ଦିନ ତଳେ କୌଣସି କଥାକୁ ନେଇ ରାଜମହଲ ଛକ ନିକଟରେ ବଚସା ହୋଇଥିଲା। ଶୁକ୍ରବାର ରାତିରେ ବବୁଲୁ ଘର ନିକଟରେ ଛିଡ଼ା ହୋଇଥିବାବେଳେ ଆଦିତ୍ୟ ନିଶାସକ୍ତ ଅବସ୍ଥାରେ ପହଞ୍ଚି ତାଙ୍କ ପେଟକୁ ଛୁରି ଭୁସି ଦେଇଥିଲେ । ବବୁଲୁଙ୍କ ପେଟରୁ ପ୍ରବଳ ରକ୍ତସ୍ରାବ ହୋଇଥିଲା। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତ ଆଦିତ୍ୟଙ୍କୁ ନିଜ ହେପାଜତକୁ ନେଇଥିଲା। ଗିରଫ ପରେ ତାଙ୍କୁ ରବିବାର କୋର୍ଟଚାଲାଣ କରାଯିବ ବୋଲି ପୋଲିସ ସୂଚନା ଦେଇଛି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ କଳ୍ପନା



@ ସୁମନ



@ ରବି



@ ଶାହାନୱାଜ୍



@ ତେହିସିନ୍

# ଜଗନ୍ନାଥ ଦାସଙ୍କ ଭାଗବତ କୋଟି ଓଡ଼ିଆଙ୍କ ଶ୍ରେଷ୍ଠ ଗ୍ରନ୍ଥ

ଭୁବନେଶ୍ୱର, ୩।୯ (ବ୍ୟୁରୋ)




ସମାରୋହରେ ପଦ୍ମ ବିଭୂଷଣ ସୀତାକାନ୍ତ ମହାପାତ୍ର ଓ ଅନ୍ୟ ଅତିଥିମାନେ।

ଭାଗବତ ଆମର ଜୀବନଗ୍ରନ୍ଥ। ସାହିତ୍ୟ, ସଂସ୍କୃତି ଏବଂ ଓଡ଼ିଆ ଜାତିର ସମସ୍ୟା ସମାଧାନ ପାଇଁ ଏହି ଗ୍ରନ୍ଥ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଛି। ଏହା କୋଟି ଓଡ଼ିଆଙ୍କର ଶ୍ରେଷ୍ଠ ଗ୍ରନ୍ଥ। ଅତିବଡ଼ୀ ଜଗନ୍ନାଥ ଦାସଙ୍କ ଏହି ରଚନା ସମଗ୍ର ଭାରତରେ ଅନନ୍ୟ। ଭାଗବତ ଚର୍ଚ୍ଚା ଏକ ଭିନ୍ନ ଦୁନିଆର ଦିଶାରେ ମନୁଷ୍ୟକୁ ପ୍ରେରିତ କରେ। ଏହାର ଚର୍ଚ୍ଚା ଓ ଆଲୋଚନା ଆମ ଭାଇଚାରାକୁ ପ୍ରତିପାଦିତ କରିବାରେ ବେଶ୍ ସହାୟକ ହୁଏ ବୋଲି ଶନିବାର ଗୀତଗୋବିନ୍ଦ ସଦନରେ ଅତିବଡ଼ିଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଓଡ଼ିଶା ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଅନୁଷ୍ଠିତ ଏହି ସମାରୋହକୁ ଜ୍ଞାନପୀଠ ପୁରସ୍କାର ବିଜେତା କବି ପଦ୍ମ ବିଭୂଷଣ ସୀତାକାନ୍ତ ମହାପାତ୍ର ଉଦ୍‌ଘାଟନ କରିଥିଲେ। ଜଗନ୍ନାଥ ଦାସ ଓଡିଆ ଭାଷା, ସାହିତ୍ୟର ଅଭିନବ ନିର୍ମାତା ଥିଲେ ଥିଲେ ବୋଲି ସେ କହିଥିଲେ। ବରେଣ୍ୟ ଅତିଥି ଭାବେ ରାଜ୍ୟ ଯୋଜନା ବୋର୍ଡର ପୂର୍ବତନ ଉପାଧ୍ୟକ୍ଷ ସଞ୍ଜୟ କୁମାର ଦାସ ବର୍ମା, ବିଶିଷ୍ଟ ଅତିଥି ଭାବେ ସଂସ୍କୃତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ମଧୁସୂଦନ ପାଢୀ ଉପସ୍ଥିତ ରହି ଅତିବଡ଼ୀଙ୍କ ବିଭିନ୍ନ ସାରସ୍ୱତ ଦିଗ ଉପରେ ଆଲୋକପାତ କରିଥିଲେ। ସାହିତ୍ୟ ଏକାଡେମୀ ସଭାପତି ଡ. ହୃଷୀକେଶ ମଲ୍ଲିକ ସଭା ମୁଖ୍ୟ ଭାବେ ଯୋଗଦେଇ ଜଗନ୍ନାଥ ଦାସଙ୍କ ବହୁମୁଖୀ

## ଅତିବଡ଼ୀଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ

ପ୍ରତିଭା ଉପରେ ଆଲୋଚନା କରିଥିଲେ। ଏକାଡେମୀ ଉପସଭାପତି ଡ. ସଂଗ୍ରାମ ଜେନା ସମାପନୀ ବକ୍ତବ୍ୟ ଦେଇଥିଲେ। ଏକାଡେମୀ ସଚିବ ପ୍ରବୋଧ କୁମାର ରାଉତ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପ୍ରଫେସର ଜଗନ୍ନାଥ କୁଅଁର, ମହାପାତ୍ର ମିନତି ଭଞ୍ଜ, ମମତା କବି ଏବଂ ସାଥୀଙ୍କ ଦ୍ୱାରା ଭାଗବତ ପାଠ ଓ ଭଜନ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମକୁ ଡ. ମୃତ୍ୟୁଞ୍ଜୟ ରଥ ସଂଚାଳନ କରିଥିଲେ। ସକାଳେ ସଂସ୍କୃତି ଭବନ ପରିସରସ୍ଥିତ ଅତିବଡ଼ୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା।

# ଓଡ଼ିଶାରେ ସୂର୍ଯ୍ୟକିରଣ ଶୋ' କରିବ ବାୟୁସେନା

ଭୁବନେଶ୍ୱର, ୩।୯ (ବ୍ୟୁରୋ)

ଓଡ଼ିଶାରେ ସୂର୍ଯ୍ୟକିରଣ ଶୋ' ହେବ। ଭାରତୀୟ ବାୟୁସେନା ପକ୍ଷରୁ ଏହି ଶୋ' ଆୟୋଜନ କରାଯିବ ବୋଲି ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦର ନିର୍ଦ୍ଦେଶକ ପ୍ରସନ୍ନ ପ୍ରଧାନ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଭୁବନେଶ୍ୱର ଓ ପୁରୀରେ ସୂର୍ଯ୍ୟକିରଣ ଶୋ କରାଯିବ। ଆସନ୍ତା ୧୬ ତାରିଖରେ ଭୁବନେଶ୍ୱର କୁଆଖାଇ ନଦୀ ଶଯ୍ୟାରେ ଓ ୧୮ ତାରିଖରେ ପୁରୀରେ ରାଜଭବନ ଉପରେ ଶୋ' କରାଯିବ ବୋଲି ବିମାନବନ୍ଦର ନିର୍ଦ୍ଦେଶକ ସୂଚନା ଦେଇଛନ୍ତି। ସେପଟେ ଏଭଳି ଶୋ ଦେଶାତ୍ମବୋଧକ ମନୋଭାବ ବୃଦ୍ଧି କରିବା ସହ ଯୁବପିଢିଙ୍କୁ ଏୟାରଫୋର୍ସରେ ଯୋଗ ଦେବାକୁ ଅଧିକ ଉତ୍ସାହିତ କରିବ ବୋଲି ପ୍ରତିରକ୍ଷା ବିଶେଷଜ୍ଞମାନେ କହୁଛନ୍ତି। ଦେଶରେ ଏପରି ଶୋ' ୧୯୭୮-୭୯ରେ ଆରମ୍ଭ ହୋଇଥିଲା। ସେତେବେଳେ ଏହାକୁ ଥଣ୍ଡରବୋଲ୍ଟ କୁହାଯାଉଥିଲା। ୨୦୧୬ ଡିସେମ୍ବରରେ ଏହା କଟକରେ ମଧ ହୋଇଥିଲା।



ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଏବଂ ଓଡ଼ିଶା ନାଟ୍ୟ ସଂଘ ପକ୍ଷରୁ ଭୁବନେଶ୍ୱର ଭଞ୍ଜକଳା ମଣ୍ଡପରେ ଚାଲିଥିବା ନାଟ୍ୟଧାରାରେ ଭୁବନେଶ୍ୱର ତପସ୍ୟା ଅନୁଷ୍ଠାନ ପକ୍ଷରୁ ପରିବେଷିତ ନାଟକ 'ଅନ୍ଧାରର ବିଭୀଷିକା'ର ଏକ ଦୃଶ୍ୟ।

# ସ୍କୁଟିକୁ ଧକ୍କାଦେଲା ଟ୍ରକ୍: ସ୍ତ୍ରୀ ମୃତ, ସ୍ୱାମୀ ଗୁରୁତର

ଭୁବନେଶ୍ୱର,୩।୯ (ବ୍ୟୁରୋ): ୧୬ ନମ୍ବର ଜାତୀୟ ରାଜପଥ ଆଇଗିଣିଆ ଛକ ନିକଟରେ ଶନିବାର ସିମେଣ୍ଟ ବୋଝେଇ ଟ୍ରକ ଏକ ସ୍କୁଟିକୁ ପଛପଟୁ ଧକ୍କା ଦେବା ଫଳରେ ସ୍ତ୍ରୀଙ୍କ ମୃତ୍ୟୁ ହୋଇଥିବାବେଳେ ସ୍ୱାମୀ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ କଟକ ଜିଲା ସାଲେପୁର ଥାନା ପୂରଣ ଗ୍ରାମର ସୁଷମା ବିଶ୍ୱାଳ (୪୬)। ଖଣ୍ଡଗିରି ଥାନା ପୋଲିସ ଗୁରୁତର ଆହତ ସ୍ୱାମୀ ବନବିହାରୀ ବିଶ୍ୱାଳଙ୍କୁ ଚିକିତ୍ସା ପାଇଁ ଏମ୍ସକୁ ପଠାଇଛି। ସେମାନେ ସାଲେପୁରରୁ ପାତ୍ରପଡା ଫୁଲେଶ୍ୱରୀ ବସ୍ତିରେ ରହୁଥିବା ସଂପର୍କୀୟଙ୍କ ଘରକୁ ଯାଉଥିବାବେଳେ ଏହି ଦୁର୍ଘଟଣା ଘଟିଥିଲା।


ଇଣ୍ଡିୟନ ବୈଙ୍କ Indian Bank ଇଲାହାବାଦ ALLAHABAD

**ଇଣ୍ଡିଆନ ବ୍ୟାଙ୍କ, ପଟିଆ ଶାଖା**
ପ୍ଲଟ ନଂ. ୫୧୬, ମାଗ୍ନେଟିକ୍ ସ୍କୋୟାର,
ପୋ.:କିଟ୍, ପଟିଆ, ଭୁବନେଶ୍ୱର-୭୫୧୦୨୪

**ଡିମାଣ୍ଡ ନୋଟିସ୍**

ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ ଅଫ୍ ଫାଇନାନ୍‌ସିଆଲ ଆସେଟ୍‌ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ,୨୦୦୨ ର ଧାରା ୧୩(୨) ଅନୁଯାୟୀ ସୁରକ୍ଷିତ ଋଣଦାତା ଭାବେ **ଇଣ୍ଡିଆନ ବ୍ୟାଙ୍କ** ଦ୍ୱାରା ଜାରି କରାଯାଇଥିବା ଡିମାଣ୍ଡ ନୋଟିସ୍ ଯାହା ଏହି ଶାଖାର ଋଣଗ୍ରହୀତା/ ଜାମିନ୍‌ଦାର/ ବନ୍ଧକଦାତାମାନଙ୍କ ବିରୁଦ୍ଧରେ ତାହା ନିମ୍ନ ସାରଣୀରେ ପ୍ରଦାନ କରାଗଲା ।

| ଋଣଗ୍ରହୀତା/ ଜାମିନ୍‌ଦାର/ ବନ୍ଧକଦାତାମାନଙ୍କ ନାମ ଓ ଠିକଣା | ଋଣ ପରିମାଣ | ବକେୟା ଦେୟ | ନୋଟିସ୍ ତାରିଖ/ ଏନ୍‌ପିଏ ତାରିଖ | ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ |
|---|---|---|---|---|
| **ଋଣଗ୍ରହୀତା: ଶ୍ରୀ ପ୍ରଦୀପ୍ତ କୁମାର ସେନ୍,** ପିତା: ରାମଚନ୍ଦ୍ର ସେନ୍, **ସହ-ଋଣଗ୍ରହୀତା: ଶ୍ରୀମତୀ ଲିପିକା ଦାସ,** ସ୍ୱା: ଶ୍ରୀ ପ୍ରଦୀପ୍ତ କୁମାର ସେନ୍, **ଉଭୟଙ୍କ ଠିକଣା:** ସା-କାଞ୍ଚିଲୋ, ଥାନା/ ତହସିଲି: ବାଲିଅନ୍ତା, ଜିଲ୍ଲା: ଖୋର୍ଦ୍ଧା, ଓଡିଶା, ପିନ୍-୭୫୨୧୦୧ । | ଟ.୩୧,୫୨,୯୦୫/- | ତା.୦୫.୦୮.୨୦୨୨ ସୁଦ୍ଧା ଟ.୩୫,୮୯,୩୪୧.୭୭ | ୦୬.୦୮.୨୦୨୨ / ୨୩.୧୨.୨୦୨୦ | ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ ନଂ.୨୨୦/୭୪୬, ଖାତା ନଂ.୨୪୯/୨୪୦, ସବ୍ ପ୍ଲଟ ନଂ.୧୬, ମୌଜା: କାଞ୍ଚିଲୋ, ଥାନା: ବାଲିଅନ୍ତା, ଥାନା ନଂ.୨୦, ତହସିଲି/ ସବ୍-ରେଜିଷ୍ଟ୍ରାର: ବାଲିଅନ୍ତା, ଜିଲ୍ଲା: ଖୋର୍ଦ୍ଧା, ଏରିଆ: ୦.୦୩୬ ଡିସିମିଲି (୧୬୦୦ ବର୍ଗଫୁଟ), ଆରଏସ୍‌ଡି ନଂ.୧୧୮୨୧୮୦୪୧୧୬, ତାରିଖ: ୨୯.୧୨.୨୦୧୮, ଏହାର ଚାରିପାର୍ଶ୍ୱରେ: ଉତ୍ତର- ରାସ୍ତା, ଦକ୍ଷିଣ- ସବ୍ ପ୍ଲଟ ନଂ.୧୨ ଏବଂ ୧୩, ପୂର୍ବ- ସବ୍ ପ୍ଲଟ ନଂ.୧୭, ପଶ୍ଚିମ- ସବ୍ ପ୍ଲଟ ନଂ.୧୫ । |
| **ଋଣଗ୍ରହୀତା: ଶ୍ରୀ ସତ୍ୟ ରଞ୍ଜନ ମହାନ୍ତି,** ପିତା: ଶ୍ରୀ ରବିନ୍ଦ୍ର ମହାନ୍ତି, **ସହ-ଋଣଗ୍ରହୀତା: ଶ୍ରୀମତୀ ନିଶାମଣୀ ମହାନ୍ତି,** ସ୍ୱା: ଶ୍ରୀ ରବିନ୍ଦ୍ର ମହାନ୍ତି, **ଜାମିନ୍‌ଦାର/ ବନ୍ଧକଦାତା: ଶ୍ରୀ ରବିନ୍ଦ୍ର ମହାନ୍ତି, ପିତା: ୰ଗନ୍ଧର୍ବ ମହାନ୍ତି,** ସମସ୍ତଙ୍କ ଠିକଣା: ପ୍ଲଟନଂ.୩୫୭, ସମେଇଗାଡିଆ, ପୋ.: ରସୁଲଗଡ, ଥାନା: ମଞ୍ଚେଶ୍ୱର, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଓଡିଶା, ପିନ୍-୭୫୧୦୧୦। | ଟ.୧୭,୦୦,୦୦୦/- | ତା.୩୧.୦୭.୨୦୨୨ ସୁଦ୍ଧା ଟ.୭,୯୬,୯୪୮.୦୧ | ୦୮.୦୮.୨୦୨୨ / ୦୯.୦୭.୨୦୨୨ | **ଶ୍ରୀ ରବିନ୍ଦ୍ର ମହାନ୍ତି**ଙ୍କ ନାମରେ ଥିବା ଜମି ଏବଂ ଗୃହ ଯାହାର ପ୍ଲଟ ନଂ.୪୮୮/୫୪୭୧/୮୬୦୫, ଖାତା ନଂ.୧୩୩୦/୩୦୨୨, ସବ୍ ପ୍ଲଟ ନଂ.୧୨, ମୌଜା: ଭୁବନେଶ୍ୱର ସହର, ୟୁନିଟ୍ ନଂ.୩୮, ପାଣ୍ଡରା, ଥାନା: ମଞ୍ଚେଶ୍ୱର ନଂ.୨୮, ତହସିଲି/ ସବ୍-ରେଜିଷ୍ଟ୍ରାର: ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଏରିଆ: ୦.୪୬ ଡିସିମିଲି (୪୩୫୬୦ ବର୍ଗଫୁଟ), ଆରଏସ୍‌ଡି ନଂ.୧୨୪୦୪, ଏହାର ଚାରିପାର୍ଶ୍ୱରେ: ଉତ୍ତର- ସବ୍ ପ୍ଲଟ ନଂ.୧୧, ଦକ୍ଷିଣ- ଭେଣ୍ଡରଙ୍କ ଦ୍ୱାରା ଛଡାଯାଇଥିବା ୨୦ଫୁଟ ଚଉଡା ରାସ୍ତା, ପୂର୍ବ- ସବ୍ ପ୍ଲଟ ନଂ.୧୫, ପଶ୍ଚିମ- ଭେଣ୍ଡରଙ୍କ ଦ୍ୱାରା ଛଡାଯାଇଥିବା ୨୦ଫୁଟ ଚଉଡା ରାସ୍ତା। |

ଆପଣମାନେ ଆମ, ଉପରୋକ୍ତ ଋଣଗ୍ରହୀତା/ ଜାମିନ୍‌ଦାର/ ବନ୍ଧକଦାତାମାନେ ଆମର ଉପରଦର୍ଶିତ ଶାଖା ସହ ଚୁକ୍ତିନାମା ଅନୁଯାୟୀ ଉପରୋକ୍ତ ସାରଣୀରେ ଦର୍ଶାଯାଇଥିବା ଋଣ ଏବଂ ତତ୍ପରବର୍ତ୍ତି ସୁଧ ପଇଠ କରିବାରେ ଅସମର୍ଥ ହୋଇଛନ୍ତି । ଉପରେ ଦର୍ଶାଯାଇଥିବା ସାରଣୀରେ ଉଲ୍ଲେଖ ବକେୟା ଦେୟ ବାବଦ ରାଶି ପଇଠ କରିବା ନିମନ୍ତେ କଥିତ ଆଇନ୍ ଅନୁଯାୟୀ ବ୍ୟାଙ୍କ ପକ୍ଷରୁ ନୋଟିସ୍ ଜାରି କରାଯାଇଥିଲା । ଋଣ ପରିଶୋଧର ଅନିୟମିତତା ଯୋଗୁଁ ଆପଣମାନଙ୍କ ଆକାଉଣ୍ଟ ଉପର ଲିଖିତ ତାରିଖରେ ଅଣକାର୍ଯ୍ୟକାରୀ ସମ୍ପତ୍ତିରେ ପରିଣତ ହୋଇଛି । ଏତଦ୍ ଦ୍ୱାରା ଆପଣମାନଙ୍କୁ ଜଣାଇ ଦିଆଯାଉଅଛିକି ଏହି ନୋଟିସ୍ ପ୍ରକାଶନର ୬୦ ଦିନ ମଧ୍ୟରେ ଆପଣ ସୁରକ୍ଷିତ ଋଣଦାତାଙ୍କ (ବ୍ୟାଙ୍କ) ନିକଟରେ ସମସ୍ତ ବକେୟା ଦେୟ (ଧାର୍ଯ୍ୟ ତାରିଖ ସୁଦ୍ଧା) ସହିତ ସେବାବଦ ଭବିଷ୍ୟତ ସୁଧ ପରିଶୋଧ କରିବେ ଅନ୍ୟଥା ବ୍ୟାଙ୍କ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ର ଧାରା ୧୩(୪) ଏବଂ ଅନ୍ୟାନ୍ୟ ଧାରା ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବାଧ୍ୟ ହେବ । ଆପଣଙ୍କୁ ଜଣାଇ ଦିଆଯାଉଛିକି କଥିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ର ଧାରା ୧୩(୧୩) ନୀୟମାବଳୀ ଅନୁସାରେ ଆପଣ ଏହି ନୋଟିସ୍ ପ୍ରାପ୍ତ ପରେ ବ୍ୟାଙ୍କର ଲିଖିତ ସହମତି ବିନା ଉପର ବର୍ଣ୍ଣିତ ସୁରକ୍ଷିତ ସମ୍ପତ୍ତିକୁ ବିକ୍ରି କିମ୍ବା ଲିଜ୍ କିମ୍ବା ଅନ୍ୟ କୌଣସି ମାଧ୍ୟମରେ ହସ୍ତାନ୍ତରିତ କରିପାରିବେ ନାହିଁ । କଥିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ପଦତ୍ତ କୌଣସି ବ୍ୟବସ୍ଥାରେ ହସ୍ତକ୍ଷେପ/ ବାଧା ପହଞ୍ଚାଇବା ଅପରାଧ ଅଟେ । ଉପରୋକ୍ତ ଜାରି ନୋଟିସ୍‌ଟି କଥିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ କିମ୍ବା ବଳବତ୍ତର ଥିବା ଅନ୍ୟ କୌଣସି ଆଇନ ଅନୁଯାୟୀ ଏହା ଆମ୍ଭ ବ୍ୟାଙ୍କର କୌଣସି ଅଧିକାରକୁ ପ୍ରତିହତ କରିବ ନାହିଁ ।

ସ୍ଥାନ-ଭୁବନେଶ୍ୱର, ତାରିଖ- ୦୩.୦୯.୨୦୨୨ — କ୍ଷମତାପ୍ରାପ୍ତ ଅଧିକାରୀ,ଇଣ୍ଡିଆନ ବ୍ୟାଙ୍କ

## ସଂକ୍ଷେପରେ

### ଡିଏଭି ପୋଖରୀପୁଟରେ ମେଧାବୀ ବିଦ୍ୟାର୍ଥୀଙ୍କୁ ସମ୍ବର୍ଦ୍ଧନା

ଭୁବନେଶ୍ୱର, ୩।୯(ବ୍ୟୁରୋ): ଡିଏଭି ପୋଖରୀପୁଟର ଦଶମ ଓ ଦ୍ୱାଦଶ ଶ୍ରେଣୀରେ ୯୫ ପ୍ରତିଶତରୁ ଊର୍ଦ୍ଧ୍ୱ ନମ୍ବର ରଖିଥିବା ମୋଟ ୧୦୬ (ଦଶମ-୭୩, ଦ୍ୱାଦଶ-୩୩) ଜଣ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଆୟୋଜିତ ସମାରୋହରେ ଆଇଆଇଏମ୍‌ର ନିର୍ଦ୍ଦେଶକ ପ୍ରଫେସର ଯଶୋବନ୍ତ ଜେନା ଯୋଗଦେଇ ମାତାପିତା ଓ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ଯଥୋଚିତ ସମ୍ମାନ ପ୍ରଦର୍ଶନ ସହ ଶିକ୍ଷାନୁଷ୍ଠାନର ସମ୍ମାନ ରକ୍ଷା ପ୍ରତ୍ୟେକ ବିଦ୍ୟାର୍ଥୀଙ୍କ ଧ୍ୟେୟ ହେବା ଉଚିତ ବୋଲି କହିଥିଲେ। ବିଦ୍ୟାଳୟ ପରିଚାଳନା ସମିତି ଚେୟାରମ୍ୟାନ୍ ଡ. ଅରୁଣ କୁମାର ରଥ ସ୍ୱାଗତ ଭାଷଣ ଦେଇ ବିଦ୍ୟାର୍ଥୀ ଭବିଷ୍ୟତରେ ଆଦର୍ଶ ବ୍ୟକ୍ତି ରୂପେ ନିଜକୁ ପ୍ରତିଷ୍ଠିତ କରିବା ନିମନ୍ତେ ପରାମର୍ଶ ଦେଇଥିଲେ। ବିଦ୍ୟାଳୟ ଅଧକ୍ଷା ତଥା ଡିଏଭି ଅନୁଷ୍ଠାନ ସମୂହର ସହ ଆଞ୍ଚଳିକ ନିର୍ଦ୍ଦେଶିକା ଡ. ସୁଜାତା ବିବରଣୀ ପ୍ରଦାନ କରି ବିଦ୍ୟାର୍ଥୀଙ୍କ ଉତ୍ତରୋତ୍ତର ଅଭିବୃଦ୍ଧି କାମନା କରିଥିଲେ। ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଦ୍ୱାରା ପରିବେଷିତ ସମୂହ ଗାନ ଉପସ୍ଥିତ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ପ୍ରତିଭାଧାରୀ ବିଦ୍ୟାର୍ଥୀ ନୃତ୍ୟଶିଳ୍ପୀଙ୍କ ଚିତ୍ତାକର୍ଷକ ନୃତ୍ୟ ପରିବେଶକୁ ମୁଖରିତ କରିଥିଲା। ସାଂସ୍କୃତିକ ବିଭାଗର ମୁଖ୍ୟ ଶିକ୍ଷୟିତ୍ରୀ ସାରଦା ଖୁଣ୍ଟିଆ ଧନ୍ୟବାଦ ଅର୍ପଣ କରିଥିଲେ।

### ସଦ୍‌ଗୁରୁ ହସ୍ପିଟାଲରେ ଯୁବକଙ୍କ ଗୁପ୍ତାଙ୍ଗ ଅସ୍ତ୍ରୋପଚାର

କଟକ ଅଫିସ, ୩।୯
କଟକ ଜଗତ୍‌ପୁରସ୍ଥିତ ସଦ୍‌ଗୁରୁ ହସ୍ପିଟାଲରେ ଜଣେ ଯୁବକଙ୍କ ଗୁପ୍ତାଙ୍ଗ ଅସ୍ତ୍ରୋପଚାର ଶନିବାର କରାଯାଇଛି। ସେ ହେଲେ ପୁରୀ ଜିଲା ଗୋପ ଥାନା ଅନ୍ତର୍ଗତ ହେଲାରୀ ଅଞ୍ଚଳର ଶ୍ରୀନାଥ ବେହେରା(୨୫)। ସେ ମାନସିକ ଭାରସାମ୍ୟ ହରାଇ ଏକ ଧାରୁଆ ଅସ୍ତ୍ରରେ ନିଜର ଗୁପ୍ତାଙ୍ଗ କାଟି ଦେଇଥିବା ପରିବାର ଲୋକେ କହିଥିଲେ। ପରେ ସେମାନେ ତାଙ୍କୁ ବିଭିନ୍ନ ସରକାରୀ ଡାକ୍ତରଖାନାକୁ ନେଇ ନିରାଶ ହୋଇଥିଲେ। ଶେଷରେ ସେମାନେ ସଦ୍‌ଗୁରୁ ହସ୍ପିଟାଲକୁ ଆସିଥିଲେ। ହସ୍ପିଟାଲ କର୍ତ୍ତୃପକ୍ଷ ଘଟଣାକୁ ଗୁରୁତ୍ୱର ସହ ନେଇ ଶ୍ରୀନାଥଙ୍କ ଅସ୍ତ୍ରୋପଚାର ପାଇଁ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରିଥିଲେ। ବରିଷ୍ଠ ପ୍ଲାଷ୍ଟିକ ସର୍ଜରୀ ବିଶେଷଜ୍ଞ ଡା. ଶକ୍ତି ପ୍ରସାଦ ମିଶ୍ରଙ୍କ ନେତୃତ୍ୱରେ ତାଙ୍କର ଚିକିତ୍ସା ଆରମ୍ଭ ହୋଇଥିଲା। ଏ ନେଇ ଡା. ମିଶ୍ର କହିଛନ୍ତି, ଧାରୁଆ ଅସ୍ତ୍ରରେ କଟିଯିବାରୁ ଗୁପ୍ତାଙ୍ଗର ରକ୍ତନଳୀ, ପରିସ୍ରା ନଳୀ, ମାଂସପେଶୀ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିଲା। ଏଣୁ ଲେୟର ୱାଇଜ କ୍ୟାଥୋଟାରାଇଜେସନ୍ ପ୍ରକ୍ରିୟାରେ ତାଙ୍କର ଅସ୍ତ୍ରୋପଚାର କରାଯାଇଥିଲା। ଏବେ ସେ ସୁସ୍ଥ ଥିବାବେଳେ ତାଙ୍କର ଆନୁସଙ୍ଗିକ ଚିକିତ୍ସା ଜାରି ରହିଛି। ରାଜ୍ୟ ସରକାରଙ୍କ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ଏହି ଚିକିତ୍ସା ମାଗଣାରେ କରାଯାଇଛି। ଏହି ସଫଳ ଚିକିତ୍ସା ପାଇଁ ଶ୍ରୀନାଥଙ୍କ ପରିବାର ଲୋକେ ହସ୍ପିଟାଲ କର୍ତ୍ତୃପକ୍ଷଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ଚୁକ୍ତି ଏଷ୍ଟିମେଟ୍‌ରେ ସଂଶୋଧନ କରିବାକୁ ଯୋଜନା

■ କାର୍ଯ୍ୟାନୁଷ୍ଠାନ ବଦଳରେ ବିଏମ୍‌ସିର ଆଉଏକ ଅନୁକମ୍ପା
■ ଆଉ ୨ଟି ପ୍ୟାକେଜ୍‌ରେ କାମ କରିବ ଆୱାରଲ୍ୟାଣ୍ଡ

ଭୁବନେଶ୍ୱର, ୩।୯ (ବ୍ୟୁରୋ)

ନୂଆ ସଫେଇ ସଂସ୍ଥା ଆୱାରଲ୍ୟାଣ୍ଡର ଓ ଗ୍ରୀନ୍ ସର୍କଲର କାର୍ଯ୍ୟ ଦକ୍ଷତାକୁ ନେଇ ଅସନ୍ତୋଷ ଲାଗି ରହିଥିବାବେଳେ ବିଏମ୍‌ସି କିନ୍ତୁ ଭିତିରି ମୋହ ଛାଡି ପାରୁନାହିଁ। ଯେନତେଣ ପ୍ରକାରେ ସଂସ୍ଥାକୁ ସହଯୋଗ କରିବାକୁ ଲାଗି ପଡ଼ିଛି। ଆବଶ୍ୟକ ମେଶିନ ଓ ଅନ୍ୟାନ୍ୟ ସରଞ୍ଜାମ ଅଭାବରୁ ଅଧିକାଂଶ ୱାର୍ଡରୁ ଅଳିଆ ଉଠିପାରୁ ନାହିଁ। ମାତ୍ର ଏହା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପରିବର୍ତ୍ତେ ବିଏମ୍‌ସି ଗୋଟିକ ପରେ ଗୋଟିଏ ଅନୁକମ୍ପା ଦେଖାଇ ଚାଲିଛି। ଏବେ ଚୁକ୍ତି ଏଷ୍ଟିମେଟ୍‌ରେ ସଂଶୋଧନ କରି ସଂସ୍ଥାଦ୍ୱୟକୁ ଆର୍ଥିକ ସହଯୋଗ କରିବାକୁ ବିଏମ୍‌ସି ଯୋଜନା କରୁଥିବା ଜଣାପଡ଼ିଛି। ଗ୍ରୀନ୍ ସର୍କଲ କାମଚଳା ଭାବେ ସଫେଇ ଦାୟିତ୍ୱ ତୁଲାଉଥିବାବେଳେ ଆୱାରଲ୍ୟାଣ୍ଡର କାର୍ଯ୍ୟଶୈଳୀକୁ ନେଇ ବିଏମ୍‌ସି ମଜଦୁର ସଂଘ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛି। ଏପରିକି ସଂସ୍ଥାର ସୁପରଭାଇଜରମାନେ ମହିଳା କର୍ମଚାରଙ୍କୁ ଖରାପ ବ୍ୟବହାର ପ୍ରଦର୍ଶନ କରୁଥିବା ସଂଘ ଅଭିଯୋଗ କରୁଛି।

ଚୁକ୍ତି ଅନୁଯାୟୀ ଆୱାରଲ୍ୟାଣ୍ଡକୁ ୩ଟି ପ୍ୟାକେଜ୍‌ରେ ବିଭିନ୍ନ ୱାର୍ଡର ପରିମଳ ଦାୟିତ୍ୱ ପ୍ରଦାନ କରାଯିବ। ଗୋଟିଏ ପ୍ୟାକେଜ୍‌ରେ ୱାର୍ଡ ନଂ. ୪୬, ୫୨, ୬୩, ୬୨, ୬୪, ୬୫ ଏବଂ ୬୬ର ସଫେଇ ଦାୟିତ୍ୱ ଦିଆଯାଇଛି। ଏହାକୁ ସୁଚାରୁରୂପେ ପରିଚାଳନା କରି ପାରୁ ନ ଥିବାବେଳେ ସଂସ୍ଥାକୁ ଆଉ ୨ଟି ପ୍ୟାକେଜ୍ ପ୍ରଦାନ କରାଯିବା ନେଇ ପ୍ରସ୍ତୁତି ଆରମ୍ଭ ହୋଇଛି। ଏଥିରେ ୬ଟି ଲେଖାଏ ୧୨ଟି ୱାର୍ଡର ସଫେଇ ପରିଚାଳନା ଦାୟିତ୍ୱ ପ୍ରଦାନ କରାଯିବ। ଏନେଇ ଶନିବାର ବିଏମ୍‌ସି କାର୍ଯ୍ୟାଳୟରେ ସଂସ୍ଥାର ବରିଷ୍ଠ ଅଧିକାରୀ ଓ ବିଏମ୍‌ସି ଅଧିକାରୀଙ୍କ ସହ ଆଲୋଚନା ହୋଇଛି। ବିଏମ୍‌ସି ଅଧିକାରୀଙ୍କ ସୂଚନାନୁଯାୟୀ, ଚୁକ୍ତି ସମୟରେ ବିଏମ୍‌ସି ଯେଉଁ ଏଷ୍ଟିମେଟ୍ ଦେଇଥିଲା, ସଂସ୍ଥା ପାଖରେ ସେତିକି ମେଶିନ ଓ ଆବଶ୍ୟକ ସରଞ୍ଜାମ ରହିଛି। ମାତ୍ର ସମ୍ପୃକ୍ତ ୱାର୍ଡରୁ ନିର୍ଗତ ହେଉଥିବା ବର୍ଜ୍ୟକୁ ଉଠାଇବା ପାଇଁ ତାହା ଯଥେଷ୍ଟ ହୋଇ ପାରୁନାହିଁ। ଫଳରେ ଶତପ୍ରତିଶତ ଅଳିଆ ଉଠି ପାରୁନାହିଁ। ଏନେଇ ସଂସ୍ଥାର ଅଧିକାରୀଙ୍କ ସହ ଆଲୋଚନା କରାଯାଇ ସଂଶୋଧିତ ଏଷ୍ଟିମେଟ୍ କରାଯାଉଛି। ଏଥିସହ ୨ଟି ନୂଆ ପ୍ୟାକେଜ୍‌ରେ କିଭଳି କାମ ଆରମ୍ଭ କରାଯିବ ସେ ନେଇ ଆଲୋଚନା କରାଯାଇଛି। ସଂସ୍ଥା ସମ୍ପୂର୍ଣ୍ଣ ପ୍ରସ୍ତୁତ ହେବା ପରେ ଏନେଇ ବିଏମ୍‌ସିକୁ ଅବଗତ କରାଇବ ବୋଲି ସୂଚନା ଦିଆଯାଇଛି। ତେବେ ଏତେସବୁ ପରେ ବି ବିଏମ୍‌ସି କାହିଁକି ନୂତନ ସଂସ୍ଥାକୁ ଘଣ୍ଟ ଘୋଡାଇବାକୁ ଚେଷ୍ଟା କରୁଛି ତାହା ପ୍ରଶ୍ନବାଚୀ ସୃଷ୍ଟି କରୁଛି।

ଅପରପକ୍ଷେ ସଂସ୍ଥା ସହିତ ବିଏମ୍‌ସି ମଜଦୁର ସଂଘର ମଧ୍ୟ ଏକ ଆଲୋଚନା ହୋଇଥିଲା। ପ୍ରତି ମାସ ୧୦ ତାରିଖ ଭିତରେ ଦରମା ପ୍ରଦାନ କରିବା ସହିତ ସଫେଇ କର୍ମଚାରୀଙ୍କୁ ମାସକୁ ୩ଟି ଝାଡୁ, ଟ୍ରଲି ପ୍ରଦାନ କରିବା ପାଇଁ ଦାବି ହୋଇଥିଲା। ଏଥିସହ ସଂସ୍ଥାର ସୁପରଭାଇଜରମାନେ ମହିଳା କର୍ମଚାରୀଙ୍କୁ ଯେପରି ଖରାପ ବ୍ୟବହାର ନ କରିବେ ସେନେଇ ଦାବି ରଖାଯାଇଥିଲା। ଏ ସମସ୍ତ ଦାବି ଗ୍ରହଣ କରିବାକୁ ସଂସ୍ଥା ରାଜି ହୋଇଥିବା ସଂଘର ସାଧାରଣ ସମ୍ପାଦକ ସହଦେବ ନାୟକ ସୂଚନା ଦେଇଛନ୍ତି।

# ବିଏମ୍‌ସି ସମୀକ୍ଷା ବୈଠକରେ ପରିମଳକୁ ଗୁରୁତ୍ୱ




ଭୁବନେଶ୍ୱର, ୩।୯ (ବ୍ୟୁରୋ)

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ର ନିୟମିତ ସମୀକ୍ଷା ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ବିଏମ୍‌ସି କନ୍‌ଫରେନ୍ସ ହଲ୍‌ରେ କମିଶନର ବିଜୟ ଅମୃତା କୁଲାଙ୍ଗେଙ୍କ ଅଧ୍ୟକ୍ଷତାରେ ବସିଥିବା ଏହି ବୈଠକରେ ଆସନ୍ତା ସପ୍ତାହ ପାଇଁ କାର୍ଯ୍ୟ ଏଜେଣ୍ଡା ଉପରେ ଆଲୋକପାତ କରାଯାଇଥିଲା। ଏଥିସହ ଭୁଆସୁଣୀ ଡମ୍ପିଂୟାର୍ଡକୁ ନେଇ ଦାରୁଠେଙ୍ଗ ଗ୍ରାମବାସୀଙ୍କୁ ଦିଆଯାଇଥିବା ପ୍ରତିଶ୍ରୁତି ଉପରେ ମଧ୍ୟ ଆଲୋଚନା ହୋଇଥିଲା। ବହୁ ବାଦ ବିବାଦ ପରେ ଗ୍ରାମବାସୀ ବିଏମ୍‌ସିକୁ ଭରସା କରିଛନ୍ତି। ତେଣୁ ଏହି ଭରସାକୁ କିପରି ବଜାୟ ରଖାଯିବ ଏବଂ ପ୍ରତିଶ୍ରୁତି ମୁତାବକ କାର୍ଯ୍ୟ କରାଯିବ ସେ ନେଇ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରାଯାଇଥିଲା। ସେହିପରି ସହରରେ ଗଣସଫେଇ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଇଞ୍ଜିନିୟରିଂ ଓ ଅନ୍ୟାନ୍ୟ ବିଭାଗର ବରିଷ୍ଠ ଅଧିକାରୀଙ୍କ ସହ ଆଲୋଚନା କରାଯାଇ ଯୋଜାନ ପ୍ରସ୍ତୁତ ହୋଇଥିଲା। ବୈଠକରେ ଅତିରିକ୍ତ କମିଶନର ଲକ୍ଷ୍ମୀକାନ୍ତ ସେଠୀ, ସୂର୍ଯ୍ୟବଂଶୀ ମୟୂର ବିକାଶ, ବିନୟ ଦାସ, ସିଟି ଇଞ୍ଜିନିୟର ଅରୁଣ ସାହୁ, ଡେପୁଟି କମିଶନର (ପରିମଳ) ଶୁଭେନ୍ଦୁ ସାହୁ, ରମେଶ ଜେନା, ଗାୟତ୍ରୀ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ।

# ଓଡ଼ିଶା ଜଗରନଟ୍ସର ବିଜୟ କାମନା କରି ଦୀପଦାନ




ପୁରୀ ଅଫିସ, ୩।୯

ପୁଣେର ମହାଲୁଙ୍ଗେସ୍ଥିତ ଶ୍ରୀ ଶିବ ଛତ୍ରପତି ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ପ୍ରଥମଥର ପାଇଁ ଚାଲିଥିବା ଅଲ୍ଟିମେଟ ଖୋ ଖୋ ଲିଗ୍ ଫାଇନାଲ ରବିବାର ଅନୁଷ୍ଠିତ ହେବାକୁ ଯାଉଛି। ପ୍ରଥମଥର ପାଇଁ ଆୟୋଜିତ ହୋଇଥିବା ଉକ୍ତ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଓଡ଼ିଶା ଫ୍ରାଞ୍ଚାଇଜ ଦଳ ଓଡ଼ିଶା ଜଗରନଟ୍ସ ଫାଇନାଲରେ ପହଞ୍ଚିଛି। ଏହି ଅବସରରେ ଦଳ ଫାଇନାଲରେ ଜିତି ଟାଇଟଲ ଜିତିବାର କାମନା କରି ଶନିବାର ଶ୍ରୀମନ୍ଦିର ସିଂହଦ୍ୱାର ନିକଟରେ ଏକ ସମୂହ ଦୀପଦାନ କରାଯାଇଛି। ଦଳର ବିଜୟ ଆଶା କରି ଫେଟ୍ ଫାଇଟର ଓଡ଼ିଶା ମାଲଖମ୍ବ ଏକାଡେମୀ ପୁରୀ ପକ୍ଷରୁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ କରାଯାଇ ଆଶୀର୍ବାଦ ଭିକ୍ଷା କରାଯାଇଛି। ସଂଗଠନ ସମ୍ପାଦକ ଜ୍ଞାନରଞ୍ଜନ ମହାନ୍ତିଙ୍କ ନେତୃତ୍ୱରେ ଏହି ଦୀପଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।




ମହମ୍ମଦଙ୍କ ଉପରେ ଅଶାଳୀନ ମନ୍ତବ୍ୟ ଦେଇ ଗିରଫ ହୋଇଥିବା ତେଲଙ୍ଗାନାର ଭାଜପା ବିଧାୟକ ଟି. ରାଜା ସିଂଙ୍କୁ ତୁରନ୍ତ ଖଲାସ ଦାବିରେ ଓଡ଼ିଶା ସୁରକ୍ଷା ସେନା ପକ୍ଷରୁ ଭୁବନେଶ୍ୱର ରାଜଭବନ ସମ୍ମୁଖରେ ଧାରଣା।

# ଶ୍ରୀମନ୍ଦିରରେ କେକେଶୀ ବଧ ନୀତି ସମ୍ପନ୍ନ

ପୁରୀ ଅଫିସ ୩।୯

ଭାଦ୍ରବ ମାସ କୃଷ୍ଣପକ୍ଷ ଅଷ୍ଟମୀ ବା ଜନ୍ମାଷ୍ଟମୀଠାରୁ ଶ୍ରୀମନ୍ଦିର ଏବଂ ଶ୍ରୀକ୍ଷେତ୍ରରେ ଆରମ୍ଭ ହୋଇଛି ଶ୍ରୀକୃଷ୍ଣ ଲୀଳା। ଏହି କ୍ରମରେ ଶୁକ୍ଳ ସପ୍ତମୀ ତିଥି ଶନିବାର ଅବସରରେ ଶ୍ରୀମନ୍ଦିରରେ କୃଷ୍ଣଲୀଳା କ୍ରମରେ କେକେଶୀ ବଧ ଲୀଳା ନୀତି ସମ୍ପନ୍ନ ହୋଇଛି । ଭଗବାନ ଶ୍ରୀକୃଷ୍ଣ କେକେଶୀକୁ ବଧ କରିଛନ୍ତି। ନୀତି ସମ୍ପନ୍ନ ହେବା ପରେ ଠାକୁରଙ୍କୁ ଶୀତଳ ଭୋଗ ମଣୋହି ହେବା ସହ ବନ୍ଦାପନା ଅନୁଷ୍ଠିତ ହୋଇଥିଲା। ପରେ ଠାକୁର ବାହୁଡା ବିଜେ କରିଥିଲେ।

# ଉର୍ଦ୍ଦୁ, ସଂସ୍କୃତ ଯୁକ୍ତ୨ ପିଲାଙ୍କୁ ଲାପ୍‌ଟପ୍ ପ୍ରଦାନ ଦାବି

କଟକ ସଦର,୩।୯(ଡି.ଏନ୍.ଏ.)

ଚଳିତ ଶିକ୍ଷାବର୍ଷରେ ଯୁକ୍ତଦୁଇ ପରୀକ୍ଷାରେ ୭୦ ଭାଗରୁ ଅଧିକ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିବା କଳା, ବାଣିଜ୍ୟ ଓ ବିଜ୍ଞାନ ଛାତ୍ରୀଛାତ୍ରମାନଙ୍କୁ ସରକାର ଲାପ୍‌ଟପ୍ ବଣ୍ଟନ କରିବେ। ମାତ୍ର ସଂଖ୍ୟାଲଘୁ ସମ୍ପ୍ରଦାୟର ମାହିର ଓ ସଂସ୍କୃତରେ ଉପଶାସ୍ତ୍ରୀ ଯାହା ଯୁକ୍ତଦୁଇ ସହ ସମକକ୍ଷ ସେହି ଛାତ୍ରୀଛାତ୍ରମାନେ ଏହି ଲାପ୍‌ଟପ୍ ପାଇବାରୁ ବଞ୍ଚିତ ହେଉଛନ୍ତି। ଉଚ୍ଚତର ଶିକ୍ଷା ପାଇଁ ଏହି ପିଲାମାନଙ୍କର ମଧ୍ୟ ଲାପ୍‌ଟପ୍ ଆବଶ୍ୟକ। ଏହି ବର୍ଗର ପିଲାମାନଙ୍କ ପାଇଁ ମୁଖ୍ୟମନ୍ତ୍ରୀ ବିଚାର କରିବାକୁ ଉର୍ଦ୍ଦୁ ବିଦ୍ୱାନ ତଥା କଟକ ସଦର ବ୍ଲକ ଅନ୍ତର୍ଗତ ପ୍ରହରାଜପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ସେକ୍ ଜାହାଙ୍ଗୀର ଅଲ୍ଲୀ ଦାବି କରିଛନ୍ତି। ଉଚ୍ଚଶିକ୍ଷାବେଳେ ପିଲାମାନଙ୍କ ପ୍ରତି ଭେଦଭାବ କରାଯିବା ଉଚିତ୍ ନୁହେଁ। ଅବଶ୍ୟ ଆମ ରାଜ୍ୟରେ ସରକାର ପ୍ରଥମ କରି ଯୁକ୍ତଦୁଇ ପିଲାମାନଙ୍କୁ ଏହି ଆକର୍ଷଣୀୟ ପ୍ରୋତ୍ସାହନ ପ୍ରଦାନ କରି ଆସୁଛନ୍ତି। ତେଣୁ ସଂସ୍କୃତ ଓ ଉର୍ଦ୍ଦୁ ପିଲାଙ୍କ କ୍ଷେତ୍ରରେ ସରକାର ଏ ସମ୍ପର୍କରେ ବିଚାର କଲେ ଭଲ ହୁଅନ୍ତା ବୋଲି ଅଲ୍ଲୀ ମୁଖ୍ୟମନ୍ତ୍ରୀଙ୍କର ଦୃଷ୍ଟି ଆକର୍ଷଣ କରିଛନ୍ତି।

# ଆସିଲା ମା’କାଳିଜାଈଙ୍କ ଆଜ୍ଞାମାଳ

ମା’ ଭଗବତୀଙ୍କ ଶାରଦୀୟ ପାର୍ବଣ ଶୁଭାରମ୍ଭ
■ ଚିଲିକାରେ ହେଲା ପାଣିତୋଳା ଉତ୍ସବ

ବାଲୁଗାଁ,୩।୯(ଡି.ଏନ୍.ଏ.)

ଭାଦ୍ରବ ଶୁକ୍ଳପକ୍ଷ ସପ୍ତମୀ ତିଥି ଅବସରରେ ଶନିବାର ବାଣପୁରର ଆରାଧ୍ୟ ଦେବୀ ମା’ଭଗବତୀଙ୍କ ଶାରଦୀୟ ପାର୍ବଣର ଶୁଭାରମ୍ଭ ହୋଇଛି। ଏଥିସହ ଏକ ଡଙ୍ଗାରେ ମା’କାଳିଜାଈଙ୍କ ଆଜ୍ଞାମାଳ ଆସିବା ପରେ ଚିଲିକାରେ ମା’ଭଗବତୀ ଓ କାଳିଜାଈଙ୍କ ପାଣିତୋଳା ଉତ୍ସବ ଅନୁଷ୍ଠିତ ହୋଇଥିଲା। ତେବେ ଭଗବତୀଙ୍କ ଶାରଦୀୟ ପାର୍ବଣ ନିମନ୍ତେ ତଥାକଥିତ ଛଅ ଭଉଣୀଙ୍କୁ ବିଭିନ୍ନ ତିଥିରେ ନିମନ୍ତ୍ରଣ କରାଯାଇଥାଏ। ପୂର୍ବରୁ ପଣା ସଂକ୍ରାନ୍ତିରେ ଭଉଣୀ ମା’ ସିଦ୍ଧାମ୍ବରୀ, ଅଶୋକାଷ୍ଟମୀ ତିଥିରେ ମା’ନାରାୟଣୀଙ୍କ ଆଜ୍ଞାମାଳ ଆସିସାରିଥିବା ବେଳେ ଭେଟ ଅମାବାସ୍ୟା ତିଥିରେ ମା’ ବିରଜାଈ, ମା’ପୋଲକାଣୁଣୀ, ମା’ ବୁଢ଼ୀଠାକୁରାଣୀଙ୍କ ଆଜ୍ଞାମାଳ ଆସିଥାଏ। ପରମ୍ପରା ଅନୁଯାୟୀ ଅପରାହ୍ନରେ ମା’ ଭଗବତୀଙ୍କ କାଠି ଠାକୁରାଣୀ ସେବାୟତଙ୍କ ଗହଣରେ ଘଣ୍ଟ, ବାଦ୍ୟ, କାହାଳି ପାଟପଟୁଆର ସହ ବାଣପୁରରୁ ବାହାରି ବାଲୁଗାଁ ଚିଲିକା କୂଳରେ ପହଞ୍ଚିଥିଲେ। ସେଠାରୁ ଏକ ସୁସଜ୍ଜିତ ବୋଇତରେ ମା’ଙ୍କୁ ବିରାଜମାନ କରାଯାଇ ଚିଲିକା ବକ୍ଷକୁ ନିଆଯାଇଥିଲା। ସେପଟୁ ଅନ୍ୟ ଏକ ଡଙ୍ଗାରେ ମା’କାଳିଜାଈଙ୍କ ଆଜ୍ଞାମାଳ ଆସିବା ପରେ ଆରମ୍ଭ ହୋଇଥିଲା ପାଣି ତୋଳା ଉତ୍ସବ। ଏହି ସମୟରେ ଘଣ୍ଟ, କାହାଳି, ହରିବୋଲ ଧ୍ୱନିରେ ଚିଲିକା ବକ୍ଷ ପ୍ରକମ୍ପିତ ହୋଇ ଉଠିଥିଲା। ପୂଜାନୀତି ସମାପନ ପରେ ଶାରଦୀୟ ପର୍ବ ପାଇଁ କାଳିଜାଈଙ୍କୁ ନିମନ୍ତ୍ରଣ ସ୍ୱରୂପ ଆଜ୍ଞାମାଳ ନେଇ ବାଲୁଗାଁ ପ୍ରତ୍ୟାବର୍ତ୍ତନ କରିଥିଲେ। ବିଳମ୍ବିତ ରାତିରେ କାଠି ଠାକୁରାଣୀ ପ୍ରଥମେ ବାଲୁଗାଁ ସାମନ୍ତରାପୁର ସାହି, ଗୁଣ୍ଡୁରୁପୁର ସାହି, ପାଟଣାସାହି ଏବଂ ଅନ୍ତରକିଆରୀ ଗ୍ରାମରେ ଭୋଗ ସାରି ବାଣପୁରସ୍ଥିତ ନିଜସ୍ୱ ମନ୍ଦିରକୁ ଫେରିଥାନ୍ତି। ଏହା ପରେ ରାଧାଷ୍ଟମୀ ତିଥିରେ ଭଗବତୀଙ୍କର ଶୟନ ଉତ୍ସବ ଅନୁଷ୍ଠିତ ହୋଇଥାଏ। ଏହି ଶୟନ ଉତ୍ସବର ଆଠଦିନ ପରେ ଅର୍ଥାତ୍ ଭାଦ୍ରବ ଶୁକ୍ଳ ତ୍ରୟୋଦଶୀ ତିଥିରେ ମା’ ଦକ୍ଷିଣ ଦିଗକୁ ପାର୍ଶ୍ୱ ପରିବର୍ତ୍ତନ କରନ୍ତି। ପୁନଃ ଏହାର ଆଠଦିନ ପରେ ମୂଳାଷ୍ଟମୀ ତିଥିରେ ଶାରଦୀୟ ପୂଜା ପାଇଁ ମା’ଙ୍କୁ ମନ୍ତ୍ର ମୁତାବକ ଆରାଧନା କରାଯାଇ ଶୟନ ଅବସ୍ଥାରୁ ଉତ୍‌ଥାପନ କରାଯାଇଥାଏ ଏବଂ ସହସ୍ର କୁମ୍ଭାଭିଷେକ ଅନୁଷ୍ଠିତ ହୋଇଥାଏ। ଉକ୍ତ ଦିନଠାରୁ ଭଗବତୀଙ୍କର ଷୋଡ଼ଶ ଦିବସୀୟ ଶାରଦୀୟ ପୂଜା ଆରମ୍ଭ ହୋଇଥାଏ। ମୂଳାଷ୍ଟମୀ ଠାରୁ ପ୍ରଥମ ଆଠଦିନ ଅର୍ଥାତ୍ ଅମାବାସ୍ୟା ପର୍ଯ୍ୟନ୍ତ ଭଗବତୀ ମନ୍ଦିରରେ ଯେଉଁ ପୂଜା ଅନୁଷ୍ଠିତ ହୁଏ ତାହାକୁ ଭିତର ପୂଜା କୁହାଯାଇଥାଏ। ତହିଁ ଆଠଦିନ ପର୍ଯ୍ୟନ୍ତ ମା’ଙ୍କ ପିତ୍ରାଳୟ ଦକ୍ଷପ୍ରଜାପତି ମନ୍ଦିର ନିକଟସ୍ଥ ସାତବଖରା ଘରେ ବାହ୍ୟ ପୂଜା ଅନୁଷ୍ଠିତ ହୋଇଥାଏ।



# ପୋଲିସ ଉପସ୍ଥିତିରେ ଗଣେଶ ମୂର୍ତ୍ତି ବିସର୍ଜନ

ବାଲିଅନ୍ତା,୩।୯(ଡି.ଏନ୍.ଏ.)

ପାହାଳ ଥାନା ଅଧୀନ ନହରକଣ୍ଟା ଗ୍ରାମରେ ଗଣେଶ ମୂର୍ତ୍ତି ବିସର୍ଜନକୁ ନେଇ ଶୁକ୍ରବାର ରାତିରେ ୨ ଗୋଷ୍ଠୀଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇ ଉତ୍ତେଜନା ଦେଖାଦେଇଥିଲା। ପରିସ୍ଥିତିକୁ ଦୃଷ୍ଟିରେ ରଖି ଗ୍ରାମରେ ୨ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ହୋଇଥିଲେ। କମିଶନରେଟ୍ ପୋଲିସର ଅତିରିକ୍ତ ଡିସିପି ପ୍ରକାଶ ଚନ୍ଦ୍ର ପାଲ,ଏସିପି ଶୁଭନାରାୟଣ ମୁଦୁଲି, ବାଲିଅନ୍ତା ଥାନା ଅଧିକାରୀ ଯୁବରାଜ ସ୍ୱାଇଁ, ଲକ୍ଷ୍ମୀସାଗର ଥାନା ଅଧିକାରୀ ଓମ୍ ପ୍ରକାଶ ମହାନ୍ତି, ପାହାଳ ଥାନା ଅଧିକାରୀ ସୁଚିତ୍ରା ପରିଡା ଓ ପୂର୍ବତନ ଥାନା ଅଧିକାରୀ ଷ୍ଟାଲିନ ବିଶ୍ୱାଳ ପ୍ରମୁଖ ଘଟଣାସ୍ଥଳରେ ସ୍ଥିତି ନିୟନ୍ତ୍ରଣ କରିଥିଲେ। ସେହି ପରିସ୍ଥିତିରେ ଗୋଟିଏ ଗୋଷ୍ଠୀର ଗଣେଶ ମୂର୍ତ୍ତି ବିସର୍ଜନ ହୋଇପାରିଥିଲା। ପରେ ପୋଲିସ ଅଧିକାରୀ ଉଭୟ ପକ୍ଷରୁ ଲୋକଙ୍କୁ ବୁଝାଶୁଝା କରି ମୂର୍ତ୍ତି ବିସର୍ଜନ ପାଇଁ ରାଜି କରାଇଥିଲେ। ଶନିବାର ବିନା ଶୋଭାଯାତ୍ରା ଓ ବିନା ବାଣରେ ବିସର୍ଜନ ପାଇଁ ନିଷ୍ପତ୍ତି ହୋଇଥିଲା। ନିଷ୍ପତ୍ତି ଅନୁସାରେ ଗୋଷ୍ଠୀର ୪ ଜଣ ବ୍ୟକ୍ତି ଏହି ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଥାନା ଅଧିକାରୀ ପରିଡା ଶୋଭାଯାତ୍ରା ସହ ଯାଇ ହଂସପାଳ ପୁରୀ ମୁଖ୍ୟ କେନାଲରେ ମୂର୍ତ୍ତି ବିସର୍ଜନ କରାଇଥିଲେ। ବିସର୍ଜନବେଳେ କେତେଜଣ ଯୁବକ ଆଣିଥିବା ବାଣକୁ ଥାନା ଅଧିକାରୀ ପରିଡା ସେମାନଙ୍କଠାରୁ ଛଡାଇ ନେଇଥିଲେ।




ଭୁବନେଶ୍ୱର ସୂଚନାଭବନରେ ଶନିବାର ଦୃଷ୍ଟି ଦାନ ଅନୁଷ୍ଠାନର ୨୦ତମ ପ୍ରତିଷ୍ଠା ଉତ୍ସବରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଓ ଅନ୍ୟ ଅତିଥିମାନେ ପୁରସ୍କାର ପ୍ରଦାନ କରୁଛନ୍ତି।

# ‘ଅଧ୍ୟୟନ ଏକ ନିରନ୍ତର ପ୍ରକ୍ରିୟା’

କଟକ ଅଫିସ, ୩।୯

ଐତିହାସିକ ରେଭେନ୍ସା ବିଶ୍ୱବିଦ୍ୟାଳୟ ରାଜ୍ୟର ସର୍ବପୁରାତନ ଶିକ୍ଷାନୁଷ୍ଠାନ। ଏଠାରେ ଇଂଲିଶ ବିଭାଗ ଭଳି ଏକ ବିଭାଗ ଶହେ ବର୍ଷ ପୂରଣ କରିବା ବଡ଼ ସଫଳତା। ଛାତ୍ର କିମ୍ବା ଅଧାପକ ହୁଅନ୍ତୁ ସେମାନଙ୍କର ଅଧ୍ୟୟନ କେବେ ଶେଷ ହୁଏ ନାହିଁ। ଏହା ଏକ ନିରନ୍ତର ପ୍ରକ୍ରିୟା। ଜଣେ ଛାତ୍ର ନିଜର ଲକ୍ଷ୍ୟ ହାସଲ କରିବାକୁ ହେଲେ ସମୟାନୁବର୍ତ୍ତିତା ହେବା ଆବଶ୍ୟକ ବୋଲି ସୁପ୍ରିମକୋର୍ଟର ପୂର୍ବତନ ପ୍ରଧାନ ବିଚାରପତି ଜଷ୍ଟିସ ଦୀପକ ମିଶ୍ର କହିଛନ୍ତି। ରେଭେନ୍ସା ବିଶ୍ୱବିଦ୍ୟାଳୟ ଇଂଲିଶ ବିଭାଗର ଶତବାର୍ଷିକୀ ସମାରୋହ ଶନିବାର ବିଶ୍ୱବିଦ୍ୟାଳୟର ସେଭେନ୍ ପିଲାର୍ସ ଅଫ୍ ୱିଜ୍‌ଡମ୍ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଜଷ୍ଟିସ୍ ମିଶ୍ର ଯୋଗଦେଇ ଉପରୋକ୍ତ ବିଷୟରେ କହିଥିଲେ। ସେହିପରି ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ଗାଳ୍ପିକା ଯଶୋଧାରା ମିଶ୍ର ଯୋଗଦେଇ କହିଥିଲେ, ଭାରତୀୟ ସାହିତ୍ୟ କ୍ଷେତ୍ରରେ ରେଭେନ୍ସା ବିଶ୍ୱବିଦ୍ୟାଳୟ ଇଂଲିଶ ବିଭାଗର ଅନେକ ଅବଦାନ ରହିଛି। ପୁରାତନ ଛାତ୍ରୀଛାତ୍ରମାନେ ଇଂଲିଶ ସାହିତ୍ୟ ମାଧ୍ୟମରେ ଓଡ଼ିଆ ସାହିତ୍ୟ ସହ ଭାରତୀୟ ସାହିତ୍ୟକୁ ଋଦ୍ଧିମନ୍ତ କରିଛନ୍ତି।

ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସଞ୍ଜୟ ନାୟକ କହିଥିଲେ, ଇଂଲିଶ ବିଭାଗର ଶହେ ବର୍ଷ ପାଳନ କରିବା ଆମ ପାଇଁ ଏକ ବଡ଼ ଅନୁଭୂତି। ବିଂଶ ଶତାବ୍ଦୀକୁ ଦେଖିଲେ କେବଳ କଲେଜ ଅଫ୍ ବେଙ୍ଗଲ ଏବଂ କଲେଜ ଅଫ୍ ପାଟନା ବ୍ୟତୀତ ରେଭେନ୍ସାର ଇଂଲିଶ ବିଭାଗର ଶହେ ବର୍ଷ ଗୌରବମୟ ଇତିହାସ ରହିଛି। ଇଂଲିଶ ବିଭାଗ ଶତବାର୍ଷିକୀ ସମାରୋହ କମିଟି ଅଧ୍ୟକ୍ଷ ପ୍ରଦୋଷ ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ବିଭାଗର ମୁଖ୍ୟ ପ୍ରଫେସର ଡ. ସମ୍ବିତ ପାଣିଗ୍ରାହୀ ଶତବାର୍ଷିକୀ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା ଶତବାର୍ଷିକୀ ସ୍ମରଣିକା ଉନ୍ମୋଚିତ ହୋଇଥିଲା। ଜଷ୍ଟିସ୍ ମିଶ୍ର ଆଲୁମ୍‌ନି ଆସୋସିଏଶନକୁ ୫ ଲକ୍ଷ ଟଙ୍କା ପ୍ରଦାନ କରିଥିଲେ। ଏଥିସହ ଜଷ୍ଟିସ ମିଶ୍ର ବିଭାଗର ସ୍ନାତକ ଓ ସ୍ନାତକୋତ୍ତର ପରୀକ୍ଷାରେ ଟପ୍ପର ହୋଇଥିବା ଛାତ୍ରୀଛାତ୍ରଙ୍କୁ ଗୋଲ୍ଡ ମେଡାଲ ଓ ପିଏଚ୍‌ଡି ଛାତ୍ରୀଛାତ୍ରଙ୍କୁ ଡିଗ୍ରୀ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଭାଗର ୨ଜଣ ଆଲୁମ୍‌ନି ତଥା ପୁରାତନ ପ୍ରାଧାପକଙ୍କୁ ସମ୍ମାନିତ କରାଯାଇଥିଲା। ଶତବାର୍ଷିକୀ ଆୟୋଜକ କମିଟିର ସମ୍ପାଦକ ଡ. ଅଂଶୁମାନ ମହାନ୍ତି କାର୍ଯ୍ୟକ୍ରମ ସଞ୍ଚାଳନ ଓ ଡ. ଉର୍ମିଶ୍ରୀ ବେଦମାତା ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## ରେଭେନ୍ସା ବିଶ୍ୱବିଦ୍ୟାଳୟ ଇଂଲିଶ ବିଭାଗର ଶତବାର୍ଷିକ ସମାରୋହ



## ବେଣାଗାଡ଼ିଆରେ ପାଇପ୍ କାର୍ଯ୍ୟ ବୁଲି ଦେଖିଲେ ବିଧାୟକ

ବାରଙ୍ଗ,(ଡି.ଏନ୍.ଏ.): ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ ଭୁବନେଶ୍ୱର ବ୍ଲକ ଅନ୍ତର୍ଗତ କଲ୍ୟାଣପୁର ପଞ୍ଚାୟତ ଗସ୍ତ କରି ଶନିବାର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ବୁଲି ଦେଖିଛନ୍ତି। ଦୀର୍ଘଦିନ ଧରି ଉକ୍ତ ପଞ୍ଚାୟତର ବେଣାଗାଡିଆ ଗ୍ରାମରେ ପାଣି ସମସ୍ୟା ଲାଗି ରହିଥିଲା। ନିର୍ବାଚନ ପରେ ନୂତନ ସରପଞ୍ଚ ଦେବରାଜ ଭୋଇ ଦାୟିତ୍ୱ ନେବା ପରେ ଗ୍ରାମରେ ପାଣି ସମସ୍ୟାକୁ ଦୃଷ୍ଟିରେ ରଖି ତାଙ୍କ ନିର୍ଦ୍ଦେଶରେ ପାଣି ପାଇପ୍ କାର୍ଯ୍ୟ ଆରମ୍ଭ ହୋଇଛି। ବିଧାୟକଙ୍କ ଗସ୍ତ ସମୟରେ ସରପଞ୍ଚ ଦେବରାଜ ଭୋଇ, ସମିତି ସଭ୍ୟ ଭୁବନ ମୋହନ ଦାସଙ୍କ ସମେତ ୱାର୍ଡସଭ୍ୟ ଏବଂ ଗ୍ରାମବାସୀ ଉପସ୍ଥିତ ଥିଲେ।

**ସଂକ୍ଷେପରେ**

### ୨୯ ଗ୍ରାମ୍ ବ୍ରାଉନସୁଗାର ଜବତ, ୨ ଗିରଫ

ଖୋର୍ଦ୍ଧା ଅଫିସ,୩।୯: ଖୋର୍ଦ୍ଧାରେ ବ୍ରାଉନସୁଗାର କାରବାର ବଢ଼ିଚାଲିଛି। ଅବକାରୀ ବିଭାଗ, ଏସ୍‌ଟିଏଫ୍ ଓ ପୋଲିସର ବାରମ୍ବାର ଚଢ଼ାଉ ସତ୍ତ୍ୱେ ଏହି କାରବାର ଥମୁନାହିଁ। ଶନିବାର ଅପରାହ୍ନରେ ଖୋର୍ଦ୍ଧା ଅବକାରୀ ପୋଲିସ ନୂଆ ବସଷ୍ଟାଣ୍ଡରେ ଚଢ଼ାଉ କରି ୨୯ ଗ୍ରାମ ବ୍ରାଉନସୁଗାର ସହ ଏକ ଅଟୋ (ଓଡି୧୩-ଇ-୪୫୨୯) ଜବତ କରିଛି। ଏଥିରେ ସମ୍ପୃକ୍ତି ନେଇ ପୋଲିସ ୨ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ପୁରୀ ରେଲୱେ କଲୋନୀର ରାକେଶ ନାୟକ(୩୫) ଏବଂ ଅଟୋଚାଳକ ଘୋଡା ବଜାରର ଏନ୍. ମୋହନ ରେଡ୍ଡୀ। ଜବତ ବ୍ରାଉନସୁଗାରର ଆନୁମାନିକ ମୂଲ୍ୟ ୨ଲକ୍ଷ ୯୦ହଜାର ଟଙ୍କା ହେବ। ଏନେଇ ଅବକାରୀ ଥାନାରେ ଏନଡିପିଏସ ଆକ୍ଟରେ ଏକ ମାମଲା(ନଂ.୬୩/୨୨) ରୁଜୁ ହୋଇଛି। ଅଭିଯୁକ୍ତ ରାକେଶ ଖୋର୍ଦ୍ଧାର ଜଣେ ବେପାରୀଙ୍କ ଠାରୁ ବ୍ରାଉନସୁଗାର କିଣି ଅଟୋରେ ପୁରୀ ଯାଉଥିଲେ। କୌଣସି ସୂତ୍ରରୁ ଖବରପାଇ ଅବକାରୀ ଟିମ ଚଢ଼ାଉ କରି ବ୍ରାଉନସୁଗାର ସହ ଅଟୋକୁ ଜବତ କରିଥିଲେ। ତେବେ ସେ କାହା ଠାରୁ ବ୍ରାଉନସୁଗାର ଆଣିଥିଲେ ସେ ସମ୍ପର୍କରେ ତଦନ୍ତ ଜାରି ରହିଥିବା ପୋଲିସ କହିଛି।

### ସ୍ନେହାଶିଷଙ୍କ କଳାକୃତିରେ ପରିବେଶ ସଚେତନତା ବାର୍ତ୍ତା

ବୋଲଗଡ଼,୩।୯(ଡି.ଏନ୍.ଏ): ରାସ୍ତାଘାଟରେ ଆଉ ପଡ଼ିବନି ଅଳିଆ ଆବର୍ଜନା। ଏସବୁ କାମରେ ଲାଗିବ। ଏହା ପ୍ରମାଣିତ କରିଛନ୍ତି ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ ସାଗରଗୁଆଁ ପଞ୍ଚାୟତ ହଳଦିପଦା ଗ୍ରାମର ପ୍ରଦୀପ କୁମାର ସାହୁଙ୍କର ପୁଅ ସ୍ନେହାଶିଷ ସାହୁ। ଅଦରକାରୀ ଦ୍ରବ୍ୟରୁ ଅନେକ ଆକର୍ଷଣୀୟ ମୂର୍ତ୍ତି ଏବଂ ସୁନ୍ଦର ସୁନ୍ଦର ସାଜସଜ୍ଜା ଉପକରଣ ସବୁ ତିଆରି କରୁଛନ୍ତି। ସାବୁନରେ ଗଣେଶ, ଖବର କାଗଜ ଏବଂ ପେଟିରେ ଜଗନ୍ନାଥ ମୂର୍ତ୍ତି, ଆଇସ୍‌କ୍ରିମ କାଠିରେ ଫୁଲତୋଡ଼ା ସହ ମୃଦୁ ପାନୀୟ ଠିପିରେ କୁକୁଡ଼ା। ଏମିତି ଅନେକ ପ୍ରକାର ଆକର୍ଷଣୀୟ ଜିନିଷ ତିଆରି କରିଛନ୍ତି ସ୍ନେହାଶିଷ। ବେଗୁନିଆ ଆଦର୍ଶ ବିଦ୍ୟାଳୟରେ ନବମ ଶ୍ରେଣୀରେ ପଢୁଥିବା ସ୍ନେହାଶିଷ ଏଭଳି ବିଭିନ୍ନ ଜିନିଷ ଗଢ଼ିବା ସହ ବିନା ପ୍ରଶିକ୍ଷଣରେ ଉଚ୍ଚକୋଟୀର ପଟ୍ଟଚିତ୍ର ମଧ ଆଙ୍କିପାରୁଛନ୍ତି। ପାଠ ପଢ଼ି ସାରି ବାହାରେ ଖେଳକୁଦ ନ କରି ଘରେ ବସି ସେ ଏଭଳି କାମରେ ସମୟ ଦେଉଛନ୍ତି। ଏହା କରିବାରେ ତାଙ୍କୁ ଆନନ୍ଦ ମିଳୁଥିବାବେଳେ ଏହା ଯୋଗୁ ପରିବେଶ ମଧ ପ୍ରଦୂଷଣରୁ ରକ୍ଷା ପାଉଛି ବୋଲି ସେ କହିଛନ୍ତି।

### ଦୁର୍ଘଟଣାରେ ଆହତ ଯୁବକଙ୍କ ମୃତ୍ୟୁ

ପୁରୁଣା ଭୁବନେଶ୍ୱର,୩।୯(ଡି.ଏନ୍.ଏ.): ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥର ମଧୁର ମତ୍ସ୍ୟ ଗବେଷଣା କେନ୍ଦ୍ର (ସିଫା) ସମ୍ମୁଖରେ ଡିଭାଇଡରରେ ଧକ୍କା ହୋଇ ଆହତ ଅବସ୍ଥାରେ ଚିକିତ୍ସିତ ହେଉଥିବା ଯୁବକଙ୍କ ଶନିବାର ମୃତ୍ୟୁ ଘଟିଛି। ସେ ହେଲେ ପୁରୀ ଜିଲା ଅସ୍ତରଙ୍ଗ ଅଞ୍ଚଳର ପ୍ରକାଶ କୁମାର ସେଠୀ। ସେ ପରିବାର ସହ ପିପିଲି ମଢିଆଳିସାହିରେ ଭଡ଼ାରେ ରହିଆସୁଥିଲେ। ଅଗଷ୍ଟ ୧୫ରେ ପ୍ରକାଶ ବାଇକ୍ ଯୋଗେ ପିପିଲି ପଟୁ ଭୁବନେଶ୍ୱର ଅଭିମୁଖେ ଯାଉଥିବାବେଳେ ସିଫା ସମ୍ମୁଖରେ ଥିବା ଡିଭାଇଡରରେ ପିଟି ହୋଇ ଆହତ ହୋଇଥିଲେ।

### ଯୁବକଙ୍କୁ ଖଣ୍ଡାରେ ଆକ୍ରମଣ

ପୁରୁଣା ଭୁବନେଶ୍ୱର,୩।୯(ଡି.ଏନ୍.ଏ.): ଲିଙ୍ଗରାଜ ଥାନା ଅଧୀନ ବିନ୍ଦୁସାଗର ଅରବିନ୍ଦ ରିସୋର୍ଟ ସମ୍ମୁଖରେ ଶନିବାର ଲୁଟ୍ ଉଦ୍ଦେଶ୍ୟରେ ଜଣେ ଯୁବକଙ୍କୁ ଦୁର୍ବୃତ୍ତ ଖଣ୍ଡାରେ ଆକ୍ରମଣ କରିଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଜ୍ୟୋତି ଭୂଷଣ ଗରାବଡୁ ଭୋରରୁ ସାଇକେଲରେ ଫୁଲ ତୋଳିବାକୁ ଯାଉଥିବା ବେଳେ ୩ଜଣ ଦୁର୍ବୃତ୍ତ ତାଙ୍କୁ ହଠାତ୍ ଅଟକାଇଥିଲେ। ଏଥିସହ ଜ୍ୟୋତିଙ୍କ ପକେଟରୁ ୨୦୦ଟଙ୍କା ନେବାକୁ ଉଦ୍ୟମ କରବାରୁ ସେ ବିରୋଧ କରିଥିଲେ। ଫଳରେ ଦୁର୍ବୃତ୍ତମାନେ ଜ୍ୟୋତିଙ୍କୁ ଖଣ୍ଡାରେ ଆକ୍ରମଣ କରି ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଚିକିତ୍ସା ପାଇଁ ତାଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ପାଟ୍ରୋଲିଂ କଡ଼ାକଡ଼ି ନ ହେବାରୁ ଏଭଳି ସମସ୍ୟା ଘଟୁଥିବା ସମାଜିକ କର୍ମୀ ଦାସରଥି ଗରାବଡୁ କହିଛନ୍ତି।

# ଓଟିଡିସିକୁ ବିଶ୍ୱସ୍ତରୀୟ କରିବାକୁ ଆହ୍ୱାନ

ଭୁବନେଶ୍ୱର,୩।୯(ବ୍ୟୁରୋ)

ଓଡ଼ିଶା ପର୍ଯ୍ୟଟନ ନିଗମ (ଓଟିଡିସି) ସର୍ବଦା 'ଅତିଥି ଦେବୋ ଭବଃ'କୁ ଗୁରୁତ୍ୱ ଦେଇ ଆସୁଛି। ଅନ୍ୟ ରାଜ୍ୟ ବା ଦେଶରୁ ଆସୁଥିବା ଅତିଥିମାନଙ୍କୁ ଉଚିତ୍ ଆତିଥେୟତା ସହ ଆନୁଷଙ୍ଗିକ ସୁବିଧା ପ୍ରଦାନ କରୁଛି। ଆଗାମୀ ଦିନରେ ଓଟିଡିସିକୁ ଏକ ବିଶ୍ୱସ୍ତରୀୟ ଅନୁଷ୍ଠାନରେ ପରିଣତ କରିବାକୁ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ତଥା ଅବକାରୀ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ଆହ୍ୱାନ ଦେଇଛନ୍ତି। ଶନିବାର ଭୁବନେଶ୍ୱରସ୍ଥିତ ପାନ୍ଥନିବାସଠାରେ ନିଗମର ୪୩ତମ ପ୍ରତିଷ୍ଠା ଦିବସ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଯୋଗଦେଇ ମନ୍ତ୍ରୀ କହିଲେ, ନିଜ କାର୍ଯ୍ୟରେ ଉନ୍ନତି ସାଙ୍ଗକୁ ବିଭିନ୍ନ ସରକାରୀ ନିଷ୍ପତ୍ତି କାର୍ଯ୍ୟକାରୀ କରିବାରେ ନିଗମ ତାହାର କାର୍ଯ୍ୟ ଅବ୍ୟାହତ ରଖିଛି। ଓଡିଶାରେ ଶ୍ରୀକ୍ଷେତ୍ର ପୁରୀ, କୋଣାର୍କ, ଭିତରକନିକା, ଶିମିଳିପାଳ, ମନ୍ଦିରମାଳିନୀ ସହର ଭୁବନେଶ୍ୱର ଆଦି ପର୍ଯ୍ୟଟନସ୍ଥଳୀ ବିଶ୍ୱ ମାନଚିତ୍ରରେ ସ୍ଥାନ ପାଇଛି। ଏହାକୁ



କାର୍ଯ୍ୟକ୍ରମରେ ଅତିଥିମାନେ ଓଟିଡିସିର ବାର୍ଷିକ ମୁଖପତ୍ର 'ଏଲିଭେଟିଂ ଓଡିଶା'କୁ ଉନ୍ମୋଚନ କରୁଛନ୍ତି।

**୪୩ତମ ପ୍ରତିଷ୍ଠା ଦିବସ**

- ଓଟିଡିସିର ବୁକିଂ ୱେବ୍‌ସାଇଟ୍ ଉନ୍ମୋଚିତ

ଦୃଷ୍ଟିରେ ରଖି ଓଟିଡିସି ଠିକ୍ ପ୍ରସ୍ତୁତି କରିବାକୁ ମନ୍ତ୍ରୀ ପରାମର୍ଶ ଦେଇଥିଲେ।

ପର୍ଯ୍ୟଟନ ବିଭାଗର ପ୍ରମୁଖ ଶାସନ ସଚିବ ସୁରେନ୍ଦ୍ର କୁମାର ଯୋଗଦେଇ ଓଟିଡିସିର କାର୍ଯ୍ୟଧାରା ଓ ସଫଳତା ସମ୍ପର୍କରେ ଆଲୋକପାତ କରିଥିଲେ। ଓଟିଡିସି ଉପଲବ୍ଧ ସୁବିଧାକୁ ପୁନଃ ତର୍ଜମା କରି ଆତିଥେୟତା ପ୍ରଦାନରେ ସ୍ୱତନ୍ତ୍ରତା ଆଣିବା, ଅତିଥିମାନଙ୍କୁ ସମ୍ମାନର ସହ ସୁରକ୍ଷିତ ରଖିବା ଏବଂ ସୁଖାଦ୍ୟ ପରିବେଷଣ ଉପରେ ଅଧିକ ଧ୍ୟାନ ଦେଲେ ସେମାନେ ଓଡିଶାରୁ ନୂଆ ଅନୁଭୂତି ନେଇଯିବେ ବୋଲି ପ୍ରମୁଖ ଶାସନ ସଚିବ କହିଥିଲେ। ବିଭାଗୀୟ ନିର୍ଦ୍ଦେଶକ ସଚିନ୍ ରାମଚନ୍ଦ୍ର ଯାଦବ ଯୋଗଦେଇ ରାଜ୍ୟର ବିଭିନ୍ନ ସ୍ଥାନରେ ଓଟିଡିସି ତରଫରୁ ପ୍ରଦାନ କରାଯାଉଥିବା ଭ୍ରମଣ, ପାନ୍ଥନିବାସ ସୁବିଧା ଓ ଆତିଥେୟତା ସଂପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ଓଟିଡିସିର ବୁକିଂ ୱେବ୍‌ସାଇଟ୍ www.bookodisha.com ଏବଂ ବାର୍ଷିକ ମୁଖପତ୍ର 'ଏଲିଭେଟିଂ ଓଡିଶା' ଉନ୍ମୋଚିତ ହୋଇଥିଲା। ଏଥିସହ ଓଟିଡିସିର କର୍ମଚାରୀମାନଙ୍କୁ ପୁରସ୍କୃତ କରାଯାଇଥିଲା।

## ଶ୍ୱଶୁରଘର ଲୋକଙ୍କୁ ପୋଡ଼ି ମାରିବା ଉଦ୍ୟମ, ଜ୍ୱାଇଁ ଗିରଫ

ଭୁବନେଶ୍ୱର,୩।୯ (ବ୍ୟୁରୋ):

ଶ୍ୱଶୁର ଘର ଲୋକଙ୍କୁ ପେଟ୍ରୋଲ ଢାଳି ନିଆଁ ଲଗାଇ ପୋଡ଼ି ମାରିଦେବାକୁ ଉଦ୍ୟମ କରିବା ଅଭିଯୋଗରେ ଖଣ୍ଡଗିରି ଥାନା ପୋଲିସ ସଂପୃକ୍ତ ଜ୍ୱାଇଁଙ୍କୁ ଗିରଫ କରିଛି। ସେ ହେଲେ ଭରତପୁର ଥାନା ଅଞ୍ଚଳରେ ରହୁଥିବା କେନ୍ଦ୍ରାପଡାର ସୌମ୍ୟ ରଞ୍ଜନ ନାୟକ (୩୪)। ତାଙ୍କଠାରୁ ଏକ ପେଟ୍ରୋଲ ବୋତଲ ଜବତ କରାଯାଇଛି। ଏନେଇ ପୋଲିସ ଏକ ମାମଲା (ନଂ.୪୩୭/୨୨) ରୁଜୁ କରି ଅଭିଯୁକ୍ତ ସୌମ୍ୟଙ୍କୁ ଶନିବାର କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ସୂଚନାନୁସାରେ, ଡୁମୁଡୁମା ଅଞ୍ଚଳର ମହେଶ୍ୱର ନାୟକଙ୍କ ଝିଅଙ୍କୁ ସୌମ୍ୟ ୫ ବର୍ଷ ତଳେ ବିବାହ କରିଥିଲା। ତାଙ୍କର ଗୋଟିଏ ପୁଅ ଅଛନ୍ତି। ତେବେ ପରବର୍ତ୍ତୀ ସମୟରେ କୌଣସି କାରଣକୁ ନେଇ ସ୍ୱାମୀ ଓ ସ୍ତ୍ରୀଙ୍କ ମଧ୍ୟରେ ଝଗଡା ଲାଗିବାରୁ ସ୍ତ୍ରୀ ପୁଅକୁ ଧରି ବାପଘର ଡୁମୁଡୁମାକୁ ପଳାଇଆସିଥିଲେ। ସ୍ତ୍ରୀଙ୍କୁ ନେବା ପାଇଁ ସୌମ୍ୟ ଶ୍ୱଶୁର ଘରକୁ ଆସି ନିରାଶରେ ଫେରିଥିଲେ। ଏପରିକି ସେ ସ୍ତ୍ରୀ ଓ ପୁଅକୁ ନେବାକୁ ଆସି ବହୁବାର ଫେରିଥିଲେ। ଏହାକୁ ନେଇ ସୌମ୍ୟ ଶ୍ୱଶୁରଙ୍କ ଘର ଲୋକଙ୍କ ସହ ପ୍ରାୟ ସମୟରେ ଝଗଡା କରୁଥିଲେ। ଗତ ୨୪ ଅଗଷ୍ଟ ରାତି ୨ଟା ୩୦ରେ ହଠାତ୍ ସୌମ୍ୟ କେତେଜଣ ବନ୍ଧୁକଙ୍କ ସହ ଶ୍ୱଶୁର ଘରକୁ ଆସି ସମସ୍ତଙ୍କୁ ପୋଡ଼ି ମାରିଦେବା ଉଦ୍ଦେଶ୍ୟରେ ଘର ସାରା ପେଟ୍ରୋଲ ଛିଞ୍ଚିଥିଲେ। ଏପରିକି କେତେଜଣଙ୍କ ଉପରେ ମଧ ପେଟ୍ରୋଲ ପକାଇଥିଲେ। ଗନ୍ଧ ହେବାରୁ ମହେଶ୍ୱରଙ୍କ ପୁଅ ଉଠିପଡ଼ିଥିଲେ। ଏହି ସମୟରେ ସୌମ୍ୟ ଦିଆସିଲ ଲଗାଇ ତାଙ୍କ ଉପରକୁ ଫିଙ୍ଗି ଫେରାର ହୋଇଯାଇଥିଲେ। ଫଳରେ ତାଙ୍କ ଶରୀରର କିଛି ଅଂଶ ପୋଡିଯାଇଥିଲା। ପରିବାର ଲୋକେ ସଙ୍ଗେ ସଙ୍ଗେ ନିଆଁକୁ ଆୟତ୍ତ କରିଥିଲେ। ଏନେଇ ମହେଶ୍ୱର ଘଟଣା ସମ୍ପର୍କରେ ଖଣ୍ଡଗିରି ଥାନାରେ ଅଭିଯୋଗ କରିବାରୁ ପୋଲିସ ତଦନ୍ତ କରି ଅଭିଯୁକ୍ତ ସୌମ୍ୟଙ୍କୁ କାବୁ କରିଥିଲା।

## ଜାତୀୟସ୍ତରରେ ଓଡ଼ିଶାର କଳା ପ୍ରଦର୍ଶିତ

ଭୁବନେଶ୍ୱର,୩।୯:

ବିସା ଇଣ୍ଟରନ୍ୟାଶନାଲ ଓ ଆଇଭା ବିୟୁଟି ଏକାଡେମୀ ପକ୍ଷରୁ ଗୁଜରାଟର ଗାନ୍ଧୀନଗର ହେଲିପ୍ୟାଡ୍ ପ୍ରଦର୍ଶନୀ ସେଣ୍ଟରରେ ଆୟୋଜିତ ୨ଦିନିଆ ହେୟାର ଷ୍ଟାଇଲ ଓ ମେକାପ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଉକ୍ତ କର୍ମଶାଳାରେ ଅନ୍ତର୍ଜାତୀୟ ଓ ଜାତୀୟସ୍ତରର ବହୁ ଖ୍ୟାତିସମ୍ପନ୍ନ ହେୟାର ଷ୍ଟାଇଲିଷ୍ଟ ଓ ମେକାପ କଳାକାର ଅଂଶ ଗ୍ରହଣ କରିଥିଲେ। ବିଶେଷକରି ରୁଷିଆର ଜର୍ଜ କିଟ୍, ଭାରତର ରିଚା ଦେବ୍, ପାୟଲ ପଟେଲ, ଶ୍ୟାମ ଭାଟିଆ ଓ ଉଦୟ ଟକକେ ପ୍ରମୁଖ ଏଥିରେ ଯୋଗ ଦେଇଥିଲେ। ସେହିଭଳି ଓଡ଼ିଶାର ନିଶାସ୍ ସାଲୁନ ଓ ବିୟୁଟି ଏକାଡେମୀର ୨ଜଣ ଟ୍ରେନର ହେୟାର ଷ୍ଟାଇଲିଷ୍ଟ ସୁଶ୍ରୀ ଗୋସ୍ୱାମୀ ଓ ମେକାପ କଳାକାର ମଦିହା ଜମାଲ ଯୋଗଦେଇ ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ। ଏହି ପରିପ୍ରେକ୍ଷୀରେ ଉଭୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିଭଳି ଗୁଜରାଟରୁ ଫେରିବା ପରେ ନିଶାସ ସାଲୁନ ପକ୍ଷରୁ ମଧ ସେମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏ ସମ୍ପର୍କରେ ନିଶାସ ସାଲୁନର ମୁଖ୍ୟ ନିଶା ଅଲ୍ଲୀ କହିଥିଲେ, କଟକ ଓ ଭୁବନେଶ୍ୱରରେ ନିଶାସ ସାଲୁନ ଦୀର୍ଘ ୨୦ବର୍ଷ ହେଲା କାମ କରି ସମସ୍ତଙ୍କର ପ୍ରିୟଭାଜନ ହୋଇପାରିଛି। ଆଜି ଆମେ ଗର୍ବ ଅନୁଭବ କରୁଛୁ ଯେ ଆମର ୨ଜଣ ଟ୍ରେନର ଜାତୀୟ ସ୍ତରରେ ନିଜର ପ୍ରତିଭା ପ୍ରଦର୍ଶନ କରିବା ସହ ଓଡ଼ିଶାର ଗୌରବ ମଧ ବଢାଇଛନ୍ତି। ଏପରିକି ସୁଶ୍ରୀ ଗୋସ୍ୱାମୀ ଦିଲ୍ଲୀରେ ଦୁଇ ୨ଥର ସ୍ୱର୍ଣ୍ଣ ପଦକ ଜିତି ଆମ ସାଲୁନ ଓ ଏକାଡେମୀର ମର୍ଯ୍ୟାଦା ବଢାଇଛନ୍ତି। ସେମାନଙ୍କ ତତ୍ତ୍ୱାବଧାନରେ ଶିକ୍ଷା ଗ୍ରହଣ କରୁଥିବା ଆମ ଏକାଡେମୀର ଛାତ୍ରୀଛାତ୍ରମାନେ ଦେଶ ବିଦେଶରେ ମଧ ନିଶ୍ଚୟ କୃତିତ୍ୱ ହାସଲ କରିବେ। ଏଥି ସହ ୨୦୧୨ ମସିହାରୁ ବିଉଟିସିଆନଙ୍କ ଦକ୍ଷତା ବିକାଶ ପାଇଁ ଟ୍ରେନିଂ କାର୍ଯ୍ୟକ୍ରମ ଓ ଜାତୀୟସ୍ତରୀୟ ପ୍ରତିଯୋଗିତାମାନ ଆୟୋଜନ କରିଆସୁଥିବା ହେୟାର ଆଣ୍ଡ ବିୟୁଟି ସଂଘକୁ ଧନ୍ୟବାଦ ଦେଇଥିଲେ।


ନୃତ୍ୟ ଉପାସନା ପୀଠ ପକ୍ଷରୁ ଶନିବାର ରବୀନ୍ଦ୍ର ମଣ୍ଡପରେ ଅନୁଷ୍ଠିତ ଉତ୍ସବରେ ଶିଳ୍ପୀ ସୋନାକ୍ଷୀ ଓଝା ଓଡ଼ିଶୀ ନୃତ୍ୟ ପରିବେଷଣ କରୁଛନ୍ତି।

## ମାରଣାସ୍ତ୍ର ଦେଖାଇ ମହିଳାଙ୍କଠାରୁ ୮ ହଜାର ଲୁଟ୍

ଭୁବନେଶ୍ୱର,୩।୯ (ବ୍ୟୁରୋ):

ରାଜଧାନୀରେ ପୁଣି ମାତିଲେ ଦୁର୍ବୃତ୍ତ। ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ ଝାରପଡ଼ା ବ୍ରିଜ୍ ନିକଟ ଗୋଲେଇ ଛକରେ ଜଣେ ମହିଳା ବ୍ୟବସାୟୀ ଲୁଟ୍‌ର ଶିକାର ହୋଇଛନ୍ତି। ମାରଣାସ୍ତ୍ର ଦେଖାଇ ତାଙ୍କଠାରୁ ୮ ହଜାର ଟଙ୍କା ଓ ଏଟିଏମ କାର୍ଡ ନେଇ ଦୁର୍ବୃତ୍ତ ଫେରାର ହୋଇଯାଇଛନ୍ତି। ମହିଳାଜଣଙ୍କ ହେଲେ ଉକ୍ତ ଥାନା ଅଞ୍ଚଳର ଲଳିତା ଜେନା। ସେ ଏ ସମ୍ପର୍କରେ ଲକ୍ଷ୍ମୀସାଗର ଥାନାରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଜାରି ରଖିଛି।

ଅଭିଯୋଗ ଅନୁଯାୟୀ, ଶନିବାର ଭୋର ସମୟରେ ଲଳିତା ନିଜ ସ୍କୁଟିରେ ୪ନମ୍ବର ହାଟକୁ ପରିବା ପାଇଁ ଯାଉଥିଲେ। ଏହି ସମୟରେ ଦୁର୍ବୃତ୍ତମାନେ ତାଙ୍କୁ ପିଛା କରି ଗୋଲେଇ ଛକରେ ଅଟକାଇଥିଲେ। ଆଗ ଓ ପଛରୁ ଦୁଇଟି ବାଇକରେ ୪ଜଣ ଦୁର୍ବୃତ୍ତ ବେକରେ ଖଣ୍ଡା ଲଗାଇ ତାଙ୍କ ନିକଟରୁ ୮ ହଜାର ଟଙ୍କା, ୨ଟି ଏଟିଏମ ନେଇ ଫେରାର ହୋଇଯାଇଥିଲେ। ଏପିରିକି ତାଙ୍କର ସ୍କୁଟି ନେଇ ଫେରାର ହେଉଥିବା ବେଳେ ମହିଳା ଜଣଙ୍କ ଚିତ୍କାର କରିବାରୁ ଦୁର୍ବୃତ୍ତମାନେ ଗାଡି ଛାଡି ଦେଇ ପଳାଇ ଯାଇଥିଲେ। ଦୁଇ ଜଣ ପୋଲିସ କର୍ମଚାରୀ ଦୁର୍ବୃତ୍ତମାନଙ୍କ ପିଛା କରିଥିଲେ ମଧ ଧରି ପାରିନଥିଲେ।

## ଅତିବଡ଼ୀ ଜଗନ୍ନାଥ ଦାସଙ୍କ ଜୟନ୍ତୀରେ ସ୍ୱତନ୍ତ୍ର ପୁସ୍ତକ ପ୍ରଦର୍ଶନୀ



ଅତିବଡ଼ୀ ଜଗନ୍ନାଥ ଦାସଙ୍କ ଜୟନ୍ତୀ ପାଳନ ଅବସରରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

ଭୁବନେଶ୍ୱର, ୩।୯(ବ୍ୟୁରୋ):

ଶ୍ରୀମଦ୍ ଭାଗବତକୁ ଓଡ଼ିଆ ଭାଷାରେ ସରଳ ସାବଲୀଳ ଢଙ୍ଗରେ ନବାକ୍ଷରୀ ଛନ୍ଦରେ ରଚନା କରିଥିଲେ ଅତିବଡ଼ୀ ଜଗନ୍ନାଥ ଦାସ। ତାହାକୁ ଘରେ ଘରେ ପହଞ୍ଚାଇ ଓଡ଼ିଆ ଜାତିକୁ ଆଧାତ୍ମିକ ଚେତନାରେ ଭାବ ଭକ୍ତି ଧାରାରେ ଉଦ୍‌ବୁଦ୍ଧ କରିଥିଲେ। ଏଥିସହ ସୁସ୍ଥ ସମାଜ ଗଠନ ଓ ଶାନ୍ତିପୂର୍ଣ୍ଣ ସହାବସ୍ଥାନ ପାଇଁ ଉଦ୍ୟମ କରିଥିଲେ ପଞ୍ଚସଖା ଯୁଗର ଏହି ଅନ୍ୟତମ ସାଧକ। ତାଙ୍କ ଜୟନ୍ତୀ ଅବସରରେ ଶନିବାର ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାରରେ ସ୍ୱତନ୍ତ୍ର ପୁସ୍ତକ ପ୍ରଦର୍ଶନୀ ଓ ଆଲୋଚନାଚକ୍ର ଭାରପ୍ରାପ୍ତ ଅଧିକାରୀ ଲକ୍ଷ୍ମୀଧର ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଗ୍ରନ୍ଥାଗାରିକ ସଂଘମିତ୍ରା ସାହୁ, ପଦ୍ମନାଭ ଜେନା, ରୁଦ୍ରପ୍ରସାଦ ବେହେରା, କୁକୁମିନା ଦାସ, ସଲିତା ପାତ୍ର, ବିଦ୍ୟାଧର ପଣ୍ଡା, କଣ୍ଠମଣି ବିଶ୍ୱାଳ ପ୍ରମୁଖ ଯୋଗଦେଇଥିଲେ। ପ୍ରତି ଗ୍ରାମରେ ଭାଗବତ ଟୁଙ୍ଗି ପ୍ରତିଷ୍ଠା ହୋଇ ଭାଗବତ ସହ ପୁରାଣ ପାଠ ମାଧମରେ ଲୋକଙ୍କୁ ଆଧାତ୍ମିକ ଚେତନାର ବାର୍ତ୍ତା ନିରନ୍ତର ଭାବେ ପ୍ରଦାନ କରିଆସୁଥିବା ଅତିଥିମାନେ କହିଥିଲେ। ଶେଷରେ ସମୂହ ଭାଗବତ ପାଠ ହେବା ପରେ ଉପେନ୍ଦ୍ର କୁମାର ମୁଦୁଲି ଧନ୍ୟବାଦ ଅର୍ପଣ କରିଥିଲେ।

# ପର୍ଯ୍ୟଟକଙ୍କୁ ଦେଶ ଭ୍ରମଣର ସୁଯୋଗ

ଭୁବନେଶ୍ୱର, ୩।୯ ( ବ୍ୟୁରୋ):

ଏବେ ପାର୍ବଣ ଋତୁ ଆରମ୍ଭ ହୋଇଥିବାବେଳେ ଆଗକୁ ରହିଛି ପର୍ଯ୍ୟଟନ ଋତୁ। ଦେଶର ବିଭିନ୍ନ ପର୍ଯ୍ୟଟନ ସ୍ଥାନଗୁଡ଼ିକ ସମ୍ପର୍କରେ ଅବଗତ ହେବା ସହ ଭ୍ରମଣର ସୁଯୋଗ ଦେବାକୁ ଭୁବନେଶ୍ୱରଠାରେ ଶନିବାରଠାରୁ ଆରମ୍ଭ ହୋଇଛି ପର୍ଯ୍ୟଟନ ମେଳା। ଭାରତରେ ପର୍ଯ୍ୟଟନର ପ୍ରୋତ୍ସାହନ ଏବଂ ବ୍ରାଣ୍ଡିଂ କ୍ଷେତ୍ରରେ ପ୍ରତିଷ୍ଠିତ ବ୍ଲୁ ଆଇ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍, ଭାରତ ପର୍ଯ୍ୟଟନ ମନ୍ତ୍ରଣାଳୟ, ଝାଡଖଣ୍ଡ ପର୍ଯ୍ୟଟନ, ଜମ୍ମୁ-କଶ୍ମୀର ପର୍ଯ୍ୟଟନ, ଛତିଶଗଡ ପର୍ଯ୍ୟଟନ ବୋର୍ଡ ଏବଂ ଇଣ୍ଡିଆନ୍ ଆସୋସିଏସନ ଅଫ୍ ଟୁର୍ ଅପରେଟର୍ସ (ଆଇଏଟିଓ)ଙ୍କ ସହଯୋଗରେ ସ୍ଥାନୀୟ ଏକ ହୋଟେଲରେ ମେଳାର ଆୟୋଜନ କରାଯାଇଛି। ଏହି ମେଳାର ଡାଇମଣ୍ଡ ପ୍ରଯୋଜକ ଭାବେ ବିହାର ପର୍ଯ୍ୟଟନ



ପ୍ରଦର୍ଶନୀକୁ ଅତିଥିମାନେ ବୁଲି ଦେଖୁଛନ୍ତି।

ଏବଂ ଗୋଲ୍ଡ ପ୍ରଯୋଜକ ଭାବେ ଗୁଜରାଟ ପର୍ଯ୍ୟଟନ ରହିଛି। ବିଭିନ୍ନ ରାଜ୍ୟରେ ଥିବା ପର୍ଯ୍ୟଟନ କ୍ଷେତ୍ରର ଫଟୋ ପ୍ରଦର୍ଶନ ସହ ସ୍ୱତନ୍ତ୍ରତା ସମ୍ପର୍କରେ ସୂଚନା ଦିଆଯାଉଛି। ଉଦ୍‌ଘାଟନ ଅବସରରେ ଅତିଥି ଭାବେ ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଟୁରିଜମ୍ ଆଣ୍ଡ ଟ୍ରାଭେଲ୍ ମ୍ୟାନେଜମେଣ୍ଟ ଭୁବନେଶ୍ୱରର ନୋଡାଲ୍ ଅଫିସର ଡ. ମହମ୍ମଦ ସର୍ବି ହୁସେନ୍ ଓ ସହକାରୀ ପ୍ରଫେସର ଡ. ସଜନ, ବିହାର ପର୍ଯ୍ୟଟନର ସୁଧୀର କୁମାର, ଝାଡଖଣ୍ଡ ପର୍ଯ୍ୟଟନର ସନ୍ତୋଷ କୁମାର ଚୌବେ, ଜମ୍ମୁ-କାଶ୍ମୀର ପର୍ଯ୍ୟଟନର ଡ. ଅହସାନ୍ ଉଲ୍ ହକ୍, ଭାରତ ପର୍ଯ୍ୟଟନ ମନ୍ତ୍ରଣାଳୟର ସହକାରୀ ନିର୍ଦ୍ଦେଶକ ରଶ୍ମି ସୋନିଆ ତିର୍କୀ, ଭୁବନେଶ୍ୱର ଟ୍ରାଭେଲ୍ ଏଜେଣ୍ଟ ଆସୋସିଏଶନର ସଚିବ ଆଲୋକ ମହାରଣା ଏବଂ ବ୍ଲୁ ଆଇ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍‌ର ନିର୍ଦ୍ଦେଶକ ସୁବ୍ରତ ଭୋମିକ୍ ଯୋଗ ଦେଇଥିଲେ। ଏହି ଦୁଇ ଦିନିଆ ମେଳାରେ ରିହାତି ଟୁର୍ ପ୍ୟାକେଜ୍‌ର ସୁବିଧା ରହିଛି। ଇନ୍‌କ୍ରେଡ଼ିବଲ୍ ଇଣ୍ଡିଆ କ୍ୟାମ୍ପେନ୍‌ର ବହୁମୁଖୀ ଦିଗଗୁଡିକୁ ସମର୍ଥନ କରିବା ସହ ପର୍ଯ୍ୟଟକଙ୍କ ମଧ୍ୟରେ ଉତ୍ସାହ ବଢାଇବା ଏହାର ଉଦ୍ଦେଶ୍ୟ। ଏକ ସାଧାରଣ ପ୍ଲାଟ୍‌ଫର୍ମରେ ପର୍ଯ୍ୟଟନ ସମ୍ବନ୍ଧୀୟ ସୂଚନା ଏବଂ ବୁକିଂ ଏହି ମେଳା ମାଧମରେ ଯୋଗାଇ ଦିଆଯିବ।

**ଦୁଇଦିନିଆ ପର୍ଯ୍ୟଟନ ମେଳା ଆରମ୍ଭ**




ନିଯୁକ୍ତିରେ ଗ୍ୟାରେଣ୍ଟି, ନାରୀ ସୁରକ୍ଷା ଆଦି ୫ ଦଫା ଦାବିରେ ନବନିର୍ମାଣ ଯୁବଛାତ୍ର ସଂଗଠନ ପକ୍ଷରୁ ଶନିବାର ବିଜେବି କଲେଜରୁ ନବୀନ ନିବାସ ଅଭିମୁଖେ ବାହାରିଥିବା ରାଲି। କଳ୍ପନା ଛକସ୍ଥିତ ମ୍ୟୁଜିୟମ୍ ନିକଟରେ ପୋଲିସ ଅଟକାଇବା ସହ ବିକ୍ଷୋଭକାରୀଙ୍କୁ ଉଠାଇ ନେଉଛି।

**୩ୟ ବୃହତ୍ ଅର୍ଥନୀତି ପାଲଟିବ ଭାରତ: ରିପୋର୍ଟ**

ଭାରତୀୟ ଅର୍ଥନୀତି ଏକ ବଡ଼ ସଂରଚାନାତ୍ମକ ପରିବର୍ତ୍ତନ ଦେଇ ଗତି କରିଛି। ଦେଶର ମୋଟ ଘରୋଇ ଆୟ ଅଧିକ ରହିଛି। ବର୍ତ୍ତମାନ ଭାରତ ବ୍ରିଟେନକୁ ପଛରେ ପକାଇ ବିଶ୍ୱର ପଞ୍ଚମ ବୃହତ୍ ଅର୍ଥନୀତି ସମ୍ପନ୍ନ ରାଷ୍ଟ୍ର ହୋଇପାରିଛି। ତେବେ ବର୍ତ୍ତମାନର ଅଭିବୃଦ୍ଧି ହାରକୁ ଦେଖିଲେ ଭାରତ ୨୦୨୭ ବେଳକୁ ଜର୍ମାନୀ ଓ ୨୦୨୯ ସୁଦ୍ଧା ଜାପାନକୁ ପଛରେ ପକାଇ ତୃତୀୟ ବୃହତ୍ ଅର୍ଥନୀତିର ଦେଶ ହେବ ବୋଲି ଭାରତୀୟ ଷ୍ଟେଟ ବ୍ୟାଙ୍କ (ଏସବିଆଇ)ର ଏକ ଆକଳନ ରିପୋର୍ଟରେ ଏଭଳି କିଛି ତଥ୍ୟ ପ୍ରକାଶ କରିଛି।

# ୧.୧୪ ଟ୍ରିଲିୟନରୁ ଅଧିକ ଟଙ୍କା ଫେରସ୍ତ କରିଛି ସିବିଡିଟି

**ନୂଆଦିଲ୍ଲୀ,୩।୯**




- ୧୯.୬ ମିଲିୟନ ମାମଲାରେ ୬୧,୨୫୨ କୋଟି ଟଙ୍କା ଆୟକର ଫେରସ୍ତ
- ୧୪୬,୮୭୧ ମାମଲାରେ ୫୩,୧୫୮ କୋଟି ଟଙ୍କାର କର୍ପୋରେଟ୍ ଟ୍ୟାକ୍ସ ରିଟର୍ନ
- ଏପ୍ରିଲ, ଜୁଲାଇରେ କର୍ପୋରେଟ୍ ଟ୍ୟାକ୍ସ ସଂଗ୍ରହ ୭.୨୩ ଲକ୍ଷ କୋଟିରେ ପହଞ୍ଚିଛି

ଚଳିତ ଆର୍ଥିକ ବର୍ଷର ପ୍ରଥମ ୫ମାସ (୧ଏପ୍ରିଲରୁ ଅଗଷ୍ଟ ୩୧) ମଧ୍ୟରେ ୧.୧୪ ଟ୍ରିଲିୟନରୁ ଅଧିକ ଟଙ୍କା ୧୯.୭ ମିଲିୟନରୁ ଅଧିକ ଟିକସଦାତାଙ୍କୁ ଫେରସ୍ତ କରାଯାଇଥିବା ଶନିବାର ସେଣ୍ଟ୍ରାଲ ବୋର୍ଡ ଅଫ୍ ଡାଇରେକ୍ଟ ଟ୍ୟାକ୍ସ (ସିବିଡିଟି) ପକ୍ଷରୁ କୁହାଯାଇଛି। ସେହିଭଳି ୧୯,୬୦୦,୯୯୮ ମାମଲାରେ ୬୧,୨୫୨ କୋଟି ଟଙ୍କାର ଆୟକର ଫେରସ୍ତ ଏବଂ ୧,୪୬,୮୭୧ ମାମଲାରେ ୫୩,୧୫୮ କୋଟି ଟଙ୍କାର କର୍ପୋରେଟ୍ ଟ୍ୟାକ୍ସ ରିଫଣ୍ଡ ଜାରି କରାଯାଇଥିବା ଜଣାପଡିଛି। ଏପରିକି ସିବିଡିଟିର ସୂଚନା ଅନୁଯାୟୀ ୨୦୨୨ ଏପ୍ରିଲ ୧ ରୁ ଅଗଷ୍ଟ ୩୧ ମଧ୍ୟରେ ୧.୯୭ କୋଟିରୁ ଅଧିକ ଟିକସଦାତାଙ୍କୁ ୧.୧୪ ଲକ୍ଷ କୋଟିରୁ ଅଧିକ ଟଙ୍କା ରିଫଣ୍ଡ ପ୍ରଦାନ କରାଯାଇଛି। ସେହିଭଳି ୧୯,୬୦୦,୯୯୮ ମାମଲାରେ ୬୧,୨୫୨ କୋଟି ଟଙ୍କା ଆୟକର ଫେରସ୍ତ ଏବଂ ୧୪୬,୮୭୧ ମାମଲାରେ ୫୩,୧୫୮ କୋଟି ଟଙ୍କା କର୍ପୋରେଟ ଟ୍ୟାକ୍ସ ଫେରସ୍ତ ପ୍ରଦାନ କରାଯାଇଛି ବୋଲି ସିବିଡିଟି କହିଛି।

ଅପରପକ୍ଷରେ ଆୟକର ବିଭାଗ କହିଛି, ୨୦୨୧-୨୨ରେ ସମାନ ଅବଧି ମଧ୍ୟରେ କର୍ପୋରେଟ ସଂସ୍ଥାଙ୍କଠାରୁ ଟିକସ ସଂଗ୍ରହ ୩୪% ବୃଦ୍ଧି ପାଇଛି। ଯାହା ସୂଚାଇ ଦେଇଛି ଯେ ସ୍ୱଳ୍ପ ହାରରେ ସରଳୀକୃତ ଟିକସ ବ୍ୟବସ୍ଥା ଯୋଗୁ ପରିସ୍ଥିତିର ସୁଧାର ଆସିଛି। ଏପ୍ରିଲ୍‌ରୁ ଜୁଲାଇ ମାସ ମଧ୍ୟରେ କର୍ପୋରେଟ୍ ଟିକସ ସଂଗ୍ରହ ୭.୨୩ ଟ୍ରିଲିୟନ ଟଙ୍କାରେ ପହଞ୍ଚିଛି, ଯାହା ୨୦୨୦-୨୧ ଆର୍ଥିକ ଟିକସ ସଂଗ୍ରହ ତୁଳନାରେ ୫୮% ରୁ ଅଧିକ ଅଭିବୃଦ୍ଧି ପଞ୍ଜୀକୃତ ହୋଇଛି ବୋଲି ବିଭାଗ ମତବ୍ୟକ୍ତ କରିଛି।

# ଟିନ୍ ୨.୦ରେ ବିଓଆଇ ପ୍ରଥମ ରାଷ୍ଟ୍ରାୟତ୍ତ ବ୍ୟାଙ୍କ

**ଭୁବନେଶ୍ୱର,୩।୯**

ବ୍ୟାଙ୍କ ଅଫ୍ ଇଣ୍ଡିଆ (ବିଓଆଇ)ର କାର୍ଯ୍ୟଦକ୍ଷତା ଓ ଅତ୍ୟାଧୁନିକ ଜ୍ଞାନକୌଶଳ ଜରିଆରେ ପ୍ରଦାନ କରୁଥିବା ସେବା ଯୋଗୁ ଏହା ଆୟକର ବିଭାଗର ନୂତନ ପ୍ରତ୍ୟକ୍ଷ କର ସଂଗ୍ରହ ପ୍ରଣାଳୀ ଟିନ୍ ୨.୦ରେ ଲାଇଭ ହେବାକୁ ଥିବା ପ୍ରଥମ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ରୂପେ ପରିଗଣିତ ହୋଇଛି। ଟିନ୍ ୨.୦ ପ୍ଲାଟ୍‌ଫର୍ମରେ ବିଓଆଇର ଏହି ନୂତନ ଟେକ୍ନୋଲୋଜି ସହ ଟିକସଦାତାମାନେ ନିଜର ଟିକସ ଦାଖଲ ଓ ରିଟର୍ନ ଫାଇଲ ଗୋଟିଏ ପୋର୍ଟାଲରେ କରିପାରିବେ। ଫଳରେ ସେମାନେ ମଧ୍ୟ ଦେଶ ମଧ୍ୟରେ ବିଓଆଇର ଯେ କୌଣସି ଶାଖାରେ ପ୍ରତ୍ୟକ୍ଷ ଭାବେ ଟିକସ ଦାଖଲ କରିପାରିବେ। କାରଣ ବିଓଆଇର ୫,୦୦୦ ରୁ ଊର୍ଦ୍ଧ୍ୱ ଶାଖା ଓଟିସି (ଓଭର କାଉଣ୍ଟର ମୋଡ୍) ମାଧ୍ୟମରେ ପ୍ରତ୍ୟକ୍ଷ କର ସଂଗ୍ରହ କରୁଛନ୍ତି। ଏ ସମ୍ପର୍କରେ ବ୍ୟାଙ୍କ ଅଫ୍ ଇଣ୍ଡିଆର ମହାପ୍ରବନ୍ଧକ ଡି.ଏସ୍. ଶେଖାୱତ୍ କହିଛନ୍ତି, ବ୍ୟାଙ୍କ ନିଜର ଗ୍ରାହକମାନଙ୍କ ପାଇଁ ନିରବଚ୍ଛିନ୍ନ ବ୍ୟାଙ୍କିଙ୍ଗ୍ ସେବାଗୁଡିକୁ ସୁନିଶ୍ଚିତ କରିବାକୁ ସକ୍ରିୟ ରୂପେ ଡିଜିଟାଲ ପ୍ଲାଟ୍‌ଫର୍ମରେ ଅନୁକୂଳ ସେବା ପ୍ରଦାନ କରିବାକୁ ପ୍ରତିବଦ୍ଧ। ଏପରିକି ଆୟକର ବିଭାଗର ଅତିରିକ୍ତ ନିର୍ଦ୍ଦେଶକ ବିବେକ ଉପାଧ୍ୟାୟଙ୍କୁ ତାଙ୍କର ସହଯୋଗ ପାଇଁ ବ୍ୟାଙ୍କ ପକ୍ଷରୁ କୃତଜ୍ଞତା ଜ୍ଞାପନ କରୁଛି। ସେହିଭଳି ଉକ୍ତ କାର୍ଯ୍ୟକ୍ରମରେ ପରିଚାଳନା ନିର୍ଦ୍ଦେଶକ ଅତନୁ ଦାସ ଏବଂ କାର୍ଯ୍ୟନିର୍ବାହୀ ଅଧିକାରୀ ଏମ୍. କାର୍ତ୍ତିକେୟନ୍‌ଙ୍କର ସକ୍ରିୟ ଯୋଗଦାନ ରହିଛି। ଉଲ୍ଲେଖଯୋଗ୍ୟ, ଟିନ୍ ୨.୦ (ଇ-ଫାଇଲିଂ) ଭାରତ ସରକାରଙ୍କ ଅର୍ଥ ମନ୍ତ୍ରଣାଳୟର ଆୟକର ବିଭାଗର ଅଫିସିଆଲ୍ ପୋର୍ଟାଲ ।

# ମାଲାବାରରେ 'ଏକ୍ସକ୍ଲୁସିଭ୍ ବ୍ରାଣ୍ଡେଡ୍ ଜୁଏଲେରି ଶୋ'




**କଟକ,୩।୯**

ଦେଶର ପ୍ରମୁଖ ଅଳଙ୍କାର ପ୍ରତିଷ୍ଠାନ ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସର କଟକ କ୍ୟାଣ୍ଟେନମେଣ୍ଟ ରୋଡ୍‌ସ୍ଥିତ ଏକ୍ସକ୍ଲୁସିଭ ଷ୍ଟୋର ପରିସରରେ ଏକ ୯ ଦିନିଆ 'ଏକ୍ସକ୍ଲୁସିଭ ବ୍ରାଣ୍ଡେଡ୍ ଜୁଏଲେରି ଶୋ'ର ଶୁଭାରମ୍ଭ ଶନିବାରଠାରୁ ହୋଇଯାଇଛି। ଏହି ଶୋ ସେପ୍ଟେମ୍ବର ୩ରୁ ୧୧ ପର୍ଯ୍ୟନ୍ତ ଉପଲବ୍ଧ ରହିବ ବୋଲି ଷ୍ଟୋର ପକ୍ଷରୁ କୁହାଯାଇଛି। ଏହି ଅବସରରେ ଓଡ଼ିଆ ଅଭିନେତ୍ରୀ ଲୁମ୍‌ରାଇନା ଶତପଥୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କଟକ ଷ୍ଟୋର ହେଡ୍ (ମ୍ୟାନେଜର) ମଦନ ମୋହନ ସାହୁଙ୍କ ସମେତ ଷ୍ଟୋରର ବହୁ ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ବିଶେଷକରି ଏହି ଶୋ ଜରିଆରେ ଉଭୟ ପ୍ରଦର୍ଶନୀ ଓ ବିକ୍ରୟ ପାଇଁ ଷ୍ଟୋରର ପ୍ରମୁଖ ଜେମ୍‌ସ ଅଳଙ୍କାର ସାଙ୍ଗକୁ ସୁନା ଓ ହୀରାର ଅନ୍ୟାନ୍ୟ ଡିଜାଇନ ମଧ୍ୟ ସାମିଲ ରହିଛି। ସେ ଗୁଡ଼ିକ ହେଲା ମାଇନ, ଏରା, ପ୍ରେସିଆ, ଏଥ୍ନିକ୍ସ, ଡିଭାଇନ, ହାଇ ଏବଂ ଷ୍ଟାରଲେଟ ଭଳି ହୀରା ଓ ରତ୍ନପଥରର ଅନ୍ୟାନ୍ୟ ସଂଗ୍ରହ ଉଭୟ ବିକ୍ରି ଓ ପ୍ରଦର୍ଶନୀ ପାଇଁ ଉପଲବ୍ଧ। ଅପରପକ୍ଷରେ ମାଲାବାର ଗ୍ରୁପ୍ ତା'ର ବ୍ୟବସାୟର ସିଂହଭାଗ ଲାଭ ଅଂଶ କର୍ପୋରେଟ ସାମାଜିକ ଦାୟିତ୍ୱବୋଧ (ସିଏସ୍‌ଆର୍) କାର୍ଯ୍ୟରେ ବିନିଯୋଗ କରିଥାଏ ବୋଲି ମାଲାବାର ର ଓଡ଼ିଶା ବାଣିଜ୍ୟ ମୁଖ୍ୟ (ମାର୍କେଟିଂ ମ୍ୟାନେଜର) ସିଦ୍ଧେଶ୍ୱର ରଥ ମତବ୍ୟକ୍ତ କରିଛନ୍ତି।

# ବ୍ରହ୍ମପୁରରେ କଲ୍ୟାଣ ଜୁଏଲର୍ସ

**ବ୍ରହ୍ମପୁର ଅଫିସ,୩।୯**

ଦେଶର ପ୍ରମୁଖ ଅଳଙ୍କାର ପ୍ରତିଷ୍ଠାନ 'କଲ୍ୟାଣ ଜୁଏଲର୍ସ'ର ଏକ୍ସକ୍ଲୁସିଭ୍ ଶୋ'ରୁମ୍ ବ୍ରହ୍ମପୁରର ସିଟି ହାଇସ୍କୁଲ ରୋଡ୍‌ରେ ଶନିବାର ଶୁଭାରମ୍ଭ ହୋଇଯାଇଛି। ଏହି ଅବସରରେ କଲ୍ୟାଣ ଜୁଏଲର୍ସର ସିଓଓ ସଞ୍ଜୟ ରଘୁରମଣ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ବିଗତ ବର୍ଷଗୁଡ଼ିକରେ ବ୍ୟକ୍ତିଗତ ଭାବେ ଭଲ ଲାଗିବା ଓ ସେବାଭିତ୍ତିକ ଶପିଂ ଅନୁଭୂତି ପ୍ରଦାନ କରି ଆମେ ଆମର ପୃଷ୍ଠପୋଷକଙ୍କୁ ସୁବିଧା ସୁଯୋଗ ଦେବାରେ ବଡ଼ ପଦକ୍ଷେପ ଗ୍ରହଣ କରିଛୁ ବୋଲି ସଞ୍ଜୟ କହିଛନ୍ତି। ବର୍ତ୍ତମାନ ଆମେ ଦୃଢ଼ ଗ୍ରାହକ ବିଶ୍ୱସନୀୟତା ଓ ବଜାରରେ ବ୍ରାଣ୍ଡ୍ ପରିଚୟ ଉପଭୋଗ କରୁଛୁ। ରାଜ୍ୟରେ ଏହା ୨ୟ ଶୋ'ରୁମ ହୋଇଥିବାବେଳେ ବଜାର ଅଂଶ ଓ ବ୍ରାଣ୍ଡର ଉପସ୍ଥିତିକୁ ସମ୍ପ୍ରସାରଣ କରିପାରିଛୁ। ଏହି ପରିପ୍ରେକ୍ଷୀରେ ପ୍ରତି ୧ ଲକ୍ଷ ଟଙ୍କା ମୂଲ୍ୟର ହୀରା ଗହଣା କ୍ରୟ ଉପରେ ୧୦ ହଜାର ଟଙ୍କା ପର୍ଯ୍ୟନ୍ତ ରିହାତି ପ୍ରଦାନ କରାଯିବ ବୋଲି ଷ୍ଟୋର ପକ୍ଷରୁ ଘୋଷଣା କରାଯାଇଛି। ଏହା ସହ ପ୍ରତି ଗ୍ରାମର ଗଢା ମୂଲ୍ୟ ଉପରେ ତତ୍କାଳ ୩ ଶହ ଟଙ୍କାର ରିହାତି ଓ ପୁରୁଣା ସୁନା ବଦଳ ଉପରେ ପ୍ରତି ଗ୍ରାମରେ ଅଧିକ ୫୦ ଟଙ୍କା ପ୍ରଦାନ କରାଯିବ ବୋଲି କଲ୍ୟାଣ ଜୁଏଲର୍ସ ପକ୍ଷରୁ କୁହାଯାଇଛି। ସେହଭଳି ଷ୍ଟୋର ପକ୍ଷରୁ କଲ୍ୟାଣ ସୁନା ଦରର ମଧ୍ୟ ଶୁଭାରମ୍ଭ କରାଯାଇଛି।



ବ୍ରହ୍ମପୁରଠାରେ କଲ୍ୟାଣ ଜୁଏଲର୍ସର ନୂତନ ଶୋ'ରୁମ୍‌କୁ କମ୍ପାନୀର ସିଓଓ, ଅନ୍ୟ ଅତିଥିମାନଙ୍କ ଉପସ୍ଥିତିରେ ଉଦ୍‌ଘାଟନ କରୁଛନ୍ତି ।

# ଅଗଷ୍ଟରେ ୭,୭୬୯ ୟୁନିଟ୍ ଯାନ ବିକ୍ରି

**ନୂଆଦିଲ୍ଲୀ,୩।୯**

ଦେଶର ପ୍ରମୁଖ ଚାରିଚକିଆ ଯାନ ନିର୍ମାତା ହୋଣ୍ଡା କାର୍ ଇଣ୍ଡିଆ ଲିମିଟେଡ୍ (ଏଚ୍‌ସିଆଇଏଲ୍) ପକ୍ଷରୁ ଅଗଷ୍ଟ ମାସର ଗାଡ଼ି ବିକ୍ରି ସଂଖ୍ୟା ସମ୍ପର୍କରେ ଘୋଷଣା କରାଯାଇଛି। ଏହାର ଗ୍ରାହକମାନଙ୍କର ସକାରାତ୍ମକ ମନୋଭାବ ଓ ଡିଲରଶିପ୍‌ରେ ପାର୍ବଣ ଋତୁର ଉତ୍ସାହ ଯୋଗୁ ଚଳିତ ବର୍ଷ ଅଗଷ୍ଟରେ କମ୍ପାନୀର ମୋଟ ବିକ୍ରି ୭,୭୬୯ ୟୁନିଟ୍‌ରେ ପହଞ୍ଚିଛି। ସେଥିରେ ଦେଶ ଭିତରେ ୫,୪୧୩ ଗାଡ଼ି ବିକ୍ରି ହୋଇଥିବା ବେଳେ ୨୩୫୬ ଗାଡ଼ି କମ୍ପାନୀ ରପ୍ତାନି କରିଥିବା ଜଣାପଡିଛି। ଏପରିକି ୨୦୨୧ ଅଗଷ୍ଟରେ କମ୍ପାନୀ ମୋଟ ୧୧,୧୭୭ ୟୁନିଟ୍ ଗାଡ଼ି ବିକ୍ରି କରିଥିଲା, ଯେଉଁଥିରୁ ଦେଶ ଭିତରେ ୮୯୧୫ ୟୁନିଟ୍ ଗାଡ଼ି ବିକ୍ରି ହୋଇଥିବା ବେଳେ ୨୨୬୨ ଗାଡ଼ି ରପ୍ତାନି ହୋଇଥିଲା। ଏ ସମ୍ପର୍କରେ ଏଚ୍‌ସିଆଇଏଲ୍‌ର ନିର୍ଦ୍ଦେଶକ (ମାର୍କେଟିଂ ଆଣ୍ଡ ସେଲସ) ୟୁଚି ମୁରାଟା କହିଛନ୍ତି, ପୂର୍ବ ବର୍ଷ ଅପେକ୍ଷା ଚଳିତ ବର୍ଷର ବଜାର ପ୍ରଦର୍ଶନରେ ଦ୍ରୁତ ଗତିଶୀଳତା ପରିଲକ୍ଷିତ ହୋଇଛି। ସେହିପରି ଚଳିତ ପାର୍ବଣ ଋତୁ ଯୋଗୁ ଆଗାମୀ ଦିନରେ ବ୍ୟବସାୟ ଭଲ ରହିବ ବୋଲି ସେ ମତବ୍ୟକ୍ତ କରିଛନ୍ତି।

## ଫୁରସତ୍



# ବଲିଉଡ୍‌ରେ ରଶ୍ମିକା

**ମୁମ୍ବାଇ:** ନ୍ୟାଶନାଲ କ୍ରଶ୍ ତଥା ସାଉଥ୍ ଇଣ୍ଡଷ୍ଟ୍ରିର ଲୋକପ୍ରିୟ ଅଭିନେତ୍ରୀ ରଶ୍ମିକା ମନ୍ଦାନା ବି-ଟାଉନରେ ଧମାକା କରିବାକୁ ଯାଉଛନ୍ତି। ବଲିଉଡ୍ ବାଦଶାହା ଅମିତାଭ ବଚ୍ଚନଙ୍କ ସହ ରଶ୍ମିକା ସିନେମା 'ଗୁଡ୍ ବାଏ'ରେ ସ୍କ୍ରିନ୍ ଶେୟାର କରିବେ। ଏହି ବହୁ ପ୍ରତୀକ୍ଷିତ ଫିଲ୍ମ ଅକ୍ଟୋବର ୭ରେ ପରଦାକୁ ଆସିବାକୁ ଥିବାବେଳେ ଫିଲ୍ମର ପ୍ରଥମ ଲୁକ୍ ସାର୍ବଜନୀନ ହୋଇଛି। ଅମିତାଭ ବଚ୍ଚନ ଏହି ପୋଷ୍ଟକୁ ନିଜ ସୋସିଆଲ ମିଡିଆ ଆକାଉଣ୍ଟରେ ଶେୟାର କରିଛନ୍ତି। ସେଥିରେ ବିଗ୍-ବିଙ୍କ ସହ ରଶ୍ମିକା ଗୁଡ଼ି ଉଡ଼ାଉଥିବା ନଜରକୁ ଆସିଛନ୍ତି। ପୋଷ୍ଟର ଶେୟାର କରି ଅମିତାଭ କ୍ୟାପ୍ସନରେ ଲେଖିଛନ୍ତି, 'ପରିବାର ସହିତ ରହିବା ସବୁଠାରୁ ଖାସ୍ ହୋଇଥାଏ, ଯେତେବେଳେ କେହି ପାଖରେ ନଥାନ୍ତି, ସେତେବେଳେ ଏହାର ଫରକ ଜଣାପଡ଼ିଥାଏ'। 'ଗୁଡ୍ ବାଏ' ଏକ ପରିବାରିକ ସିନେମା। ରଶ୍ମିକା ଏଥିରେ ଅମିତାଭଙ୍କ ଝିଅ ଚରିତ୍ରରେ ଅଭିନୟ କରିଛନ୍ତି। ବାପା-ଝିଅଙ୍କ ମଧ୍ୟରେ ଥିବା ସ୍ନେହ, ଶ୍ରଦ୍ଧା ଏବଂ ଭଲପାଇବାକୁ ସିନେମାରେ ପରିବେଷଣ କରାଯାଇଛି। କରୋନା ସମୟରୁ ଏହି ଫିଲ୍ମ ଶୁଟିଂ ଆରମ୍ଭ ହୋଇଥିବାବେଳେ ରଶ୍ମିକା ଏହାକୁ ନେଇ ବହୁତ ଉତ୍ସାହିତ ଥିବା କହିଛନ୍ତି। ଏକ୍‌ତା କପୁର ସିନେମାର ପ୍ରଯୋଜନା କରିଥିବାବେଳେ ବିକାଶ ଭଲ୍ ନିର୍ଦ୍ଦେଶନା ଦେଇଛନ୍ତି। ବିଗ୍-ବି, ରଶ୍ମିତାଙ୍କ ବ୍ୟତୀତ ସାହିଲ୍ ମେହଟା, ଶ୍ରୀଭିନ୍ ନରାଙ୍ଗ୍, ସୁନୀଲ ଗ୍ରୋଭର, ନୀନା ଗୁପ୍ତା, ଏଲି ଏଭରମ୍, ପଭେଲ୍ ଗୁଲାଟି ପ୍ରମୁଖ ବିଭିନ୍ନ ଭୂମିକାରେ ଅଭିନୟ କରିଛନ୍ତି। ସୂଚନାଯୋଗ୍ୟ, ବମ୍ପର ହିଟ୍ ଟଲିଉଡ୍ ସିନେମା 'ପୁଷ୍ପା'ରେ ରଶ୍ମିକା ମୁଖ୍ୟ ଭୂମିକାରେ ନଜର ଆସିଥିଲେ। ଏଥିସହ ସେ 'ଗୀତ ଗୋବିନ୍ଦ', 'ମିଶନ ମଜ୍‌ନୁ' ଭଳି ବହୁ ଫିଲ୍ମରେ ନିଜ ଅଭିନୟର ଛାପ ଛାଡିଛନ୍ତି।

# ବନ୍ୟପ୍ରାଣୀ ବଞ୍ଚିଲେ ପୃଥିବୀ ତିଷ୍ଠିବ




**ଜାତୀୟ ବନ୍ୟପ୍ରାଣୀ ଦିବସ**

ଜୈବ ବିବିଧତାରେ ବନ୍ୟପ୍ରାଣୀଙ୍କର ରହିଛି ଗୁରୁତ୍ୱପୂର୍ଣ୍ଣ ଭୂମିକା। ବନ୍ୟପ୍ରାଣୀ ବଞ୍ଚିଲେ ଜଙ୍ଗଲ ସୁରକ୍ଷିତ ରୁହେ। ଫଳରେ ପୃଥିବୀର ସବୁଜିମା ବଜାୟ ରହିଥାଏ। ଏହାଦ୍ୱାରା ପୃଥିବୀ ତିଷ୍ଠି ରହିବାର ଆଶା ବଢେ। ତେଣୁ ଏହି ପ୍ରାଣୀଙ୍କ ସୁରକ୍ଷା ଲାଗି ପ୍ରତିବର୍ଷ ସେପ୍ଟେମ୍ବର ୪ରେ ଜାତୀୟ ବନ୍ୟପ୍ରାଣୀ ଦିବସ ପାଳିତ ହୋଇଥାଏ। ୨୦୦୫ରେ କଲିନ ପାଜଙ୍କ ଉଦ୍ୟମରେ ଏହି ଦିବସ ପ୍ରଥମେ ପାଳନ କରାଯାଇଥିଲା। ଜାତୀୟ ତଥା ବିଶ୍ୱସ୍ତରରେ ବିଲୁପ୍ତ ପ୍ରାଣୀଙ୍କ ବିଷୟରେ ସଚେତନତା ସୃଷ୍ଟି କରିବାରେ ଏହି ଦିବସ ସାହାଯ୍ୟ କରିଥାଏ।

ଜାତୀୟ ବନ୍ୟପ୍ରାଣୀ ଦିବସ ଦୁଇଟି ତାରିଖରେ ପାଳନ କରାଯାଇଥାଏ। ଫେବୃୟାରୀ ୨୨ ଗୋଟିଏ ଥିବାବେଳେ ଅନ୍ୟଟି ହେଉଛି ସେପ୍ଟେମ୍ବର ୪। ଏହି ଦିବସ ପୃଥିବୀର ବିଭିନ୍ନ ସ୍ଥାନରେ ବନ୍ୟପ୍ରାଣୀଙ୍କ ଅବସ୍ଥା ବିଷୟରେ ସଚେତନତା ସୃଷ୍ଟି କରିବାର ପ୍ରୟାସକୁ ସାକାର କରିଥାଏ। ଉକ୍ତ ଦିବସ ପାଳନ ଅବସରରେ ଲୋକଙ୍କୁ ସ୍ଥାନୀୟ ପ୍ରାଣୀ ଉଦ୍ୟାନ ପରିଦର୍ଶନ ସହ ପ୍ରାଣୀଙ୍କ ଜୀବନରେ ପରିବର୍ତ୍ତନ ଆଣିବା ପାଇଁ ସଚେତନତା ସୃଷ୍ଟି ଲାଗି ଉତ୍ସାହିତ କରାଯାଇଥାଏ।

ସେପ୍ଟେମ୍ବର ୪ରେ ପୂର୍ବରୁ ପାଳନ କରାଯାଉଥିବା ଦିବସ ସହିତ ୱାଇଲ୍ଡ ଲାଇଫ ୱାରିଅର୍ ଷ୍ଟିଭ ଇରୱିନଙ୍କ ସ୍ମୃତି ତଥା ଜନ୍ମଦିନକୁ ସମ୍ମାନ ଜଣାଇବା ପାଇଁ ଫେବୃୟାରୀ ୨୨ ତାରିଖକୁ ମଧ୍ୟ ଯୋଡ଼ାଯାଇଛି।

# ମାଛ ଧରିବାକୁ ଯାଇ ୧୬ ଦିନ ଜେଲ

**ବ୍ରାସିଲିଆ**

ସମୁଦ୍ରରେ ମାଛ ଧରିବାକୁ ଯାଇ ହଟହଟା ହୋଇଛନ୍ତି ଜଣେ ଧୀବର। ଏପରି କି ତାଙ୍କୁ ୧୬ ଦିନ ଜେଲଦଣ୍ଡ ଭୋଗିବାକୁ ପଡିଛି। ସୂଚନା ମୁତାବକ, ବ୍ରାଜିଲ୍‌ର ୪୪ ବର୍ଷୀୟ ରୋମୁଆଲ୍ଡୋ ମାସିଡୋ ଜୁଲାଇରେ ବ୍ରାଜିଲର ଆୟାପୋକ୍ୟୁ ସହରରୁ ମାଛ ଧରିବା ପାଇଁ ସମୁଦ୍ରକୁ ଯାଇଥିଲେ। ସେହି ସମୟରେ ତାଙ୍କ ଡଙ୍ଗା ବୁଡ଼ିଯାଇଥିଲା। ସମୁଦ୍ରରେ ଭୟଙ୍କର ଶାର୍କଠାରୁ ଜୀବନ ବଞ୍ଚାଇବା ପାଇଁ ସେ ଡଙ୍ଗାରେ ନେଇ ଯାଇଥିବା ଏକ ଫ୍ରିଜ୍ ଭିତରେ ପଶିଯାଇଥିଲେ। ସେଥିରେ ତାଙ୍କୁ ୧୧ ଦିନ ଧରି ରହିବାକୁ ପଡ଼ିଥିଲା। ୨୮୦ କି.ମି. ଯାତ୍ରା ପରେ ସେ ଦକ୍ଷିଣ ଆମେରିକୀୟ ଦେଶ ସୁରିନାମମ୍‌ର ତଟରେ ପହଞ୍ଚିଥିଲେ। ଏକ ନୌକାରେ ଯାଉଥିବା କେତେଜଣ ଲୋକ ତାଙ୍କୁ ଉଦ୍ଧାର କରିଥିଲେ। ଏହାପରେ ପୋଲିସ ତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲା। ତେବେ ବେଆଇନ ଭାବେ ସୁରିନାମ୍ ସୀମାରେ ପ୍ରବେଶ କରିଥିବାରୁ ତାଙ୍କୁ ୧୬ ଦିନ କାରାଦଣ୍ଡ ଭୋଗିବାକୁ ପଡ଼ିଥିଲା।



# ଖବର ପରିବେଷଣବେଳେ ଢୋକିଲେ ମାଛି

**ଅଟାୱା**

ଯଦି ହଠାତ୍ ଆମ ଆଗକୁ କିଛି ଜିନିଷ ଆସିଯାଏ, ତେବେ ଆମେ ତାକୁ ସାମ୍‌ନା କରିବା ସାମାନ୍ୟ କଷ୍ଟ ହୋଇଥାଏ। କନାଡାର ଗ୍ଲୋବାଲ ନ୍ୟୁଜ୍ ଚ୍ୟାନେଲର ଆଙ୍କର ଫରାହା ନାସେର୍‌ଙ୍କୁ ନ୍ୟୁଜ୍ ପଢ଼ିବା ସମୟରେ ଏପରି ଏକ ଘଟଣାର ସାମ୍ନା କରିବାକୁ ପଡ଼ିଛି। ଗତ ମଙ୍ଗଳବାର ସେ ପାକିସ୍ତାନର ବନ୍ୟା ସମ୍ପର୍କିତ ଖବର ପରିବେଷଣ କରୁଥିଲେ। ସେହି ସମୟରେ ତାଙ୍କ ପାଟିରେ ଏକ ମାଛି ପଶିଯାଇଥିଲା। ଏଭଳି ସମୟରେ ସେ ସାମାନ୍ୟ ହଡ଼ବଡ଼େଇ ଯାଇଥିଲେ। ତାଙ୍କୁ କିଛି ସମୟ ଅଟକିବାକୁ ପଡିଥିଲା। ସବୁଠାରୁ ବଡ଼ କଥା, ସେ ମାଛିକୁ ପାଟିରୁ ନ ବାହାର କରି ଢୋକି ଦେଇଥିଲେ ଏବଂ ଖବର ପରିବେଷଣ ଜାରି ରଖିଥିଲେ। ଏଭଳି ଅପ୍ରୀତିକର ଅନୁଭୂତିକୁ ସେ ତାଙ୍କ ଟୁଇଟର ହ୍ୟାଣ୍ଡଲ୍‌ରେ ଶେୟାର କରିଛନ୍ତି।



# ଶାଜି ପ୍ରଭାକରନ ଏଆଇଏଫ୍‌ଏଫ୍ ସାଧାରଣ ସମ୍ପାଦକ

ନୂଆଦିଲ୍ଲୀ, ୩।୯ (ପି.ଟି.)


ଶାଜି ପ୍ରଭାକରନ


ଆଇ.ଏମ୍. ବିଜୟନ

ଫୁଟ୍‌ବଲ ଦିଲ୍ଲୀ ସଭାପତି ଶାଜି ପ୍ରଭାକରନ ଶନିବାର ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ (ଏଆଇଏଫ୍‌ଏଫ୍)ର ସାଧାରଣ ସମ୍ପାଦକ ଭାବେ ନିଯୁକ୍ତି ପାଇଛନ୍ତି। ସଭାପତି କଲ୍ୟାଣ ଚୌବେଙ୍କ ଅଧ୍ୟକ୍ଷତାରେ ନବଗଠିତ ଏଆଇଏଫ୍‌ଏଫ୍‌ର କାର୍ଯ୍ୟନିର୍ବାହୀ କମିଟି ପ୍ରଭାକରନଙ୍କୁ ମନୋନୀତ କରିଥିଲା, ଯାହା ପୂର୍ବରୁ ଅନୁମାନ କରାଯାଉଥିଲା। ଏଆଇଏଫ୍‌ଏଫ୍ ସଭାପତିଙ୍କ ପ୍ରସ୍ତାବକ୍ରମେ ସର୍ବସମ୍ମତିରେ ସୁନନ୍ଦୋ ଧର୍ ମହାସଂଘର ଉପସାଧାରଣ ସମ୍ପାଦକ ଭାବେ ନିଯୁକ୍ତି ପାଇଛନ୍ତି। ଧର ଆଇ-ଲିଗ୍‌ର ସିଇଓ ଭାବେ ଏଆଇଏଫ୍‌ଏଫ୍‌ରେ ଯୋଗ ଦେଇଥିଲେ। କୁଶାଲ ଦାସଙ୍କୁ ବହିଷ୍କାର କରାଯିବା ପରେ ସେ କାର୍ଯ୍ୟନିର୍ବାହୀ ସାଧାରଣ ସମ୍ପାଦକ ଭାବେ ଦାୟିତ୍ୱ ନିର୍ବାହ କରୁଥିଲେ। ଏଆଇଏଫ୍‌ଏଫ୍‌ରେ ପରିବର୍ତ୍ତନ ଆଣିବା ଲାଗି ଚାହୁଁଥିବା ଗୋଷ୍ଠୀରେ ପ୍ରଭାକରନ ସର୍ବାଗ୍ରେ ଥିଲେ। ଶୁକ୍ରବାର ଭାରତୀୟ ଫୁଟ୍‌ବଲ ମହାସଂଘ ନିର୍ବାଚନରେ ସେ ଅଂଶଗ୍ରହଣ କରି ନ ଥିଲେ। ଚୌବେ ସେଦିନ ମହାସଂଘର ଦୀର୍ଘ ୮୫ ବର୍ଷର ଇତିହାସରେ ପ୍ରଥମ ଖେଳାଳି ଭାବେ ସଭାପତି ପଦ ପାଇଁ ନିର୍ବାଚିତ ହୋଇଥିଲେ। ସୂଚନାଯୋଗ୍ୟ, ୨୦୧୭ରେ ପ୍ରଭାକରନ ଦିଲ୍ଲୀ ଫୁଟ୍‌ବଲ ଆସୋସିଏଶନର ସଭାପତି ଭାବେ ନିର୍ବାଚିତ ହୋଇଥିଲେ। ବର୍ତ୍ତମାନ ତାହା ଫୁଟ୍‌ବଲ ଦିଲ୍ଲୀ ନାମରେ ପରିଚିତ। ସେ ଆହୁରି ମଧ୍ୟ ଫିଫା ସାଉଥ ସେଣ୍ଟ୍ରାଲ ଏସିଆ ଡେଭଲପମେଣ୍ଟ ଅଫିସର ହୋଇଛନ୍ତି। ଆଲବର୍ଟୋ କୋଲାକୋ ସାଧାରଣ ସମ୍ପାଦକ ରହିଥିବା ବେଳେ ସେ ଫୁଟ୍‌ବଲ ହାଉସ୍‌ର ଭିଜନ ଓ ଜାତୀୟ ଦଳର ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରିଛନ୍ତି। ଗତ ମେ' ମାସରେ ସୁପ୍ରିମ କୋର୍ଟଙ୍କ ଦ୍ୱାରା ପ୍ରଫୁଲ୍ଲ ପଟେଲ ବିଦା ହେବା ପରେ ପ୍ରଭାକରନ ଏଆଇଏଫ୍‌ଏଫ୍ ସଭାପତି ଦୌଡ଼ରେ ରହିବେ ବୋଲି ଅନୁମାନ କରାଯାଉଥିଲା। ମାତ୍ର ପରେ ଜଣାପଡ଼ିଥିଲା ଯେ, ଚୌବେଙ୍କ ଗୋଷ୍ଠୀର ଯଦି ବିଜୟ ହୁଏ ତେବେ ତାଙ୍କୁ ସାଧାରଣ ସମ୍ପାଦକ ପଦ ମିଳିବ। ପୂର୍ବତନ ଗୋଲ୍‌କିପର ଚୌବେ ଶୁକ୍ରବାର ନିର୍ବାଚନରେ ପୂର୍ବତନ ଭାରତୀୟ ଅଧିନାୟକ ବାଇଚୁଙ୍ଗ ଭୁଟିଆଙ୍କ ବିପକ୍ଷରେ ବିପୁଳ ବିଜୟ ହାସଲ କରି ଏଆଇଏଫଏଫ୍‌ର ନୂଆ ସଭାପତି ଭାବେ ନିର୍ବାଚିତ ହୋଇଥିଲେ। ଫଳରେ ଏଆଇଏଫ୍‌ଏଫ୍ ମୁଖ୍ୟ କାର୍ଯ୍ୟାଳୟକୁ ବଡ଼ ପଦବୀ ସହ ଫେରିବା ଲାଗି ପ୍ରଭାକରନଙ୍କ ପାଇଁ ପଥ ପରିଷ୍କାର ହୋଇଥିଲା। କାର୍ଯ୍ୟନିର୍ବାହୀ କମିଟି ଆହୁରି ମଧ୍ୟ ଆଇ.ଏମ୍. ବିଜୟନଙ୍କୁ ନୂଆ ଏଆଇଏଫ୍‌ଏଫ୍ ଟେକ୍ନିକାଲ କମିଟିର ଚେୟାରମ୍ୟାନ ଭାବେ ମନୋନୀତ କରିଛି। ୟୁଜେନସନ ଲିଙ୍ଗ୍‌ଦୋ, କ୍ଲାଇମାକ୍ସ ଲରେନ୍ସ, ହରଜିନ୍ଦର ସିଂ, ଅରୁଣ ମାଲହୋତ୍ରା ଓ ପିଙ୍କି ବୋମ୍ପାଲଙ୍କୁ ଟେକ୍ନିକାଲ କମିଟିର ସଦସ୍ୟ ଭାବେ ମନୋନୀତ କରାଯାଇଛି। ଅନ୍ୟପକ୍ଷରେ ପୂର୍ବତନ ଭାରତ ଅଧିନାୟକ ଶିବର ଅଲୀଙ୍କୁ ସର୍ବସମ୍ମତିକ୍ରମେ ଉପଦେଷ୍ଟା କମିଟିର ଚେୟାରମ୍ୟାନ କରାଯାଇଛି।

## କମିଟିରେ ଅଭିଜିତ, ପିଙ୍କି


ଅଭିଜିତ୍ ପଲ୍


ପିଙ୍କି ବୋମ୍ପାଲ ମଗର

ଭୁବନେଶ୍ୱର,୩।୯ (ସ୍ପୋର୍ଟ୍ସ ବ୍ୟୁରୋ)

ଶୁକ୍ରବାର ଭାରତୀୟ ଫୁଟବଲ ମହସଂଘର ନିର୍ବାଚନ ସମାପ୍ତ ହୋଇଛି। ଏହି ନିର୍ବାଚନ ସହିତ ଓଡ଼ିଶା ଫୁଟବଲ୍ ସଂଘର ଯୁଗ୍ମ ସଚିବ ଅଭିଜିତ୍ ପଲଙ୍କୁ ଏଆଇଏଫଏଫ୍ କାର୍ଯ୍ୟକାରୀ ପରିଷଦକୁ ନିର୍ବାଚିତ ହୋଇଛନ୍ତି। ସେହିପରି ପୂର୍ବତନ ଅନ୍ତର୍ଜାତୀୟ ଖେଳାଳି ପିଙ୍କି ବୋମ୍ପାଲ ମଗରଙ୍କୁ ମଧ୍ୟ କାର୍ଯ୍ୟକାରୀ ପରିଷଦକୁ ମନୋନୀତ କରାଯାଇଛି। ଏହା ବ୍ୟତୀତ ଏଆଇଏଫଏଫ୍ କାର୍ଯ୍ୟକାରୀ ପରିଷଦ ପକ୍ଷରୁ ପିଙ୍କିଙ୍କୁ ବୈଷୟିକ କମିଟିରେ ସ୍ଥାନ ଦିଆଯାଇଛି। ନୂତନ ଦାୟିତ୍ୱ ହାସଲ ପାଇଁ ଉଭୟ ଅଭିଜିତ ଏବଂ ପିଙ୍କିଙ୍କୁ ଓଡ଼ିଶା ଫୁଟବଲ ସଂଘ ସମ୍ପାଦକ ଆଶୀର୍ବାଦ ବେହେରା ଓ ଅନ୍ୟ ସମସ୍ତ କର୍ମକର୍ତ୍ତା ଶୁଭେଚ୍ଛା ଜଣାଇଛନ୍ତି।

# ଦୃଷ୍ଟିହୀନ ମହିଳାଙ୍କୁ କ୍ରିକେଟ, ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ

ଭୁବନେଶ୍ୱର, ୩।୯ (ସ୍ପୋର୍ଟ୍ସ ବ୍ୟୁରୋ)

ଓଡିଶା ଦୃଷ୍ଟିହୀନ କ୍ରିକେଟ ସଂଘ(ସିଏଭିଆଇ)ପକ୍ଷରୁ ସ୍ଥାନୀୟ ଭୀମ ଭୋଇ ବିଦ୍ୟାଳୟରେ ଦୃଷ୍ଟିହୀନ ମହିଳାମାନଙ୍କ ନିମନ୍ତେ ଏକ ସ୍ୱତନ୍ତ୍ର କ୍ରିକେଟ ପ୍ରଶିକ୍ଷଣ ଓ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ବିଦ୍ୟାଳୟରେ ଅଧ୍ୟୟନରତ ସମସ୍ତ ଦୃଷ୍ଟିବାଧିତ ଛାତ୍ରୀମାନଙ୍କୁ ଆସନ୍ତା ୧୨ ତାରିଖ ପର୍ଯ୍ୟନ୍ତ କ୍ରିକେଟ ଏବଂ ଆତ୍ମରକ୍ଷା କୌଶଳ ତାଲିମ ଦିଆଯିବ। କାଭି ଓଡ଼ିଶାର ପ୍ରଶିକ୍ଷକ ତଥା ଆନ୍ତର୍ଜାତୀୟ କ୍ରିକେଟର୍ ସୁଖରାମ ମାଝୀ ଓ ନକୁଳ ବଡ଼ନାୟକ ଙ୍କ ତତ୍ତ୍ୱାବଧାନରେ ସେମାନେ ତାଲିମ ନେଉଛନ୍ତି। ଏହି ପ୍ରଶିକ୍ଷଣ କାର୍ଯ୍ୟରେ ଚିନ୍ମୟ କୁମାର ସାହୁ, ଅଙ୍କିତା ପାଣି ଏବଂ ଶିଲ୍ପା ସହଯୋଗ କରୁଛନ୍ତି। ଏହି ଉଦ୍‌ଘାଟନୀ ସମାରୋହରେ ଓଡ଼ିଶା ଦୃଷ୍ଟିହୀନ କ୍ରିକେଟ ସଂଘ ପକ୍ଷରୁ ମହିଳା କ୍ରିକେଟରମାନଙ୍କୁ ଖେଳ ଜର୍ସି, ଜୋତା ଏବଂ ଟୋପି ପ୍ରଦାନ କରାଯାଇଥିଲା। ଦୃଷ୍ଟିହୀନ କ୍ରିକେଟ ଖେଳର ପ୍ରଚାର ପ୍ରସାର ନିମନ୍ତେ ତଥା ଉକ୍ତ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କ ଉତ୍ସାହ ଓ ଆଗ୍ରହ କୁ ଦୃଷ୍ଟି ରେ ରଖି ଓଡିଶା ଦୃଷ୍ଟିହୀନ କ୍ରିକେଟ ସଂଘ ପକ୍ଷରୁ ବିଦ୍ୟାଳୟକୁ ଏକ କ୍ରିକେଟ କିଟ୍ ଅତିଥିମାନଙ୍କ ହାତରେ ପ୍ରଦାନ କରାଯାଇଥିଲା।

ଏହି କାର୍ଯ୍ୟକ୍ରମ ରେ ଶିଶୁ ଓ ମହିଳା ବିକାଶ ସମିତିର ଅଧ୍ୟକ୍ଷା ତଥା ରମା ଦେବୀ ମହିଳା ବିଶ ବିଦ୍ୟାଳୟ ର ସିଣ୍ଡିକେଟ ମେମ୍ବର୍, ମେଜର ଡକ୍ଟର କଳ୍ପନା ଦାସ, ମୁଖ୍ୟ ଅତିଥି ଭାବେ ଯୋଗ ଦେବା ସହିତ ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ତଥା ରାଜ୍ୟ ସାଧନ କର୍ମୀ ସିରିସ ଦାସ, ଉତ୍କଳ କରାଟେ ସ୍କୁଲର ପ୍ରତିଷ୍ଠାତା ହରି ପଟ୍ଟନାୟକ, ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ କଳାଶ୍ରୀ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଉଦ୍‌ଯାପନୀ ଉତ୍ସବକୁ ଓଡ଼ିଶା ଦୃଷ୍ଟିହୀନ କ୍ରିକେଟ ସଂଘ ସଭାପତି ମହମ୍ମଦ ଜାଫର ଇକବାଲ ପରିଚାଳନା କରିଥିଲେ। କାଭି ଓ ସିଡବ୍ଲୁଡିଏସ୍ ପକ୍ଷରୁ ସମସ୍ତ ଅତିଥି ମାନଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ତାପସ ମହାନ୍ତିଙ୍କୁ କାଭି ଓଡିଶା ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଭୀମ ଭୋଇ ଦୃଷ୍ଟିହୀନ ବିଦ୍ୟାଳୟ ର ଶିକ୍ଷକ ଶ୍ରୀଯୁକ୍ତ ତାପସ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।



ଅତିଥିଙ୍କ ଗହଣରେ ଦୃଷ୍ଟିହୀନ ମହିଳା କ୍ରିକେଟ ଓ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଭାଗ ନେଇଥିବା ଛାତ୍ରୀମାନେ।

## ରାଜ୍ୟ ଖବର

■ ପଦ୍ମଶ୍ରୀ କମଳା ପୂଜାରୀଙ୍କୁ ନଚାଇବା ପ୍ରସଙ୍ଗ

### ମହିଳା ସାମାଜିକ କର୍ମୀଙ୍କ ବିରୋଧରେ ଥାନାରେ ଅଭିଯୋଗ

ଜୟପୁର, ୩।୯ ( ନି.ପ୍ର.)

ମହିଳା ସମାଜିକ କର୍ମୀ ପଦ୍ମଶ୍ରୀ କମଳା ପୂଜାରୀଙ୍କୁ ନଚାଇ ନିଜ ଭୁଲ ଲୁଚାଇବାକୁ କମଳାଙ୍କ ଦେଖାରେଖା ପାଇଁ ଯାଇଥିବା ରାଜୀବ ହିଆଲ ଓ କମଳାଙ୍କ ନାତି ଧନ ପତି ପୂଜାରୀଙ୍କ ନାମରେ ଦୋଷ ଦେଉଛନ୍ତି। ଏହାକୁ ନେଇ ରାଜୀବ ଶନିବାର ଟାଉନଥାନାରେ ଅଭିଯୋଗ କରିଛନ୍ତି। ଅସୁସ୍ଥ କମଳା କିଛି ଦିନ ତଳେ ଜୟପୁରସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିଲେ। ସେଠାରୁ କଟକ ଏସସିବି ମେଡିକାଲକୁ ସ୍ଥାନାନ୍ତର ହୋଇଥିଲେ। ଜୟପୁରର ମହିଳା ସମାଜିକ କର୍ମୀ ଜଣକ କମଳାଙ୍କ ବନ୍ଧୁ ବୋଲି ପରିଚୟ ଦେଇ ଚିକିତ୍ସାଳୟକୁ ଆସିଥିଲେ। ସମ୍ପୃକ୍ତା ମହିଳା କମଳାଙ୍କୁ ଜୋର କରି ନଚାଇ ଏହାର ଭିଡିଓ ପ୍ରସ୍ତୁତ କରି ଭାଇରାଲ କରିଛନ୍ତି । ମାତ୍ର ନିଜ ଦୋଷ ଲୁଚାଇବାକୁ ଯାଇ ସେ ରାଜୀବ ଓ ଧନପତି ଏହି ଭିଡିଓ କରିଥିବା କହିବା ପରେ ରାଜୀବ ଏନେଇ ଟାଉନ ଥାନାରେ ଅଭିଯୋଗ କରିଛନ୍ତି ।

**ଜିଲାପାଳଙ୍କୁ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିର୍ଦ୍ଦେଶ**

### ୧୫ ସୁଦ୍ଧା ଭୋଟର ପରିଚୟ ପତ୍ର ପଠାଅ

**ଆଧାର ସଂଯୋଗ ହୋଇଛି ୫୫.୪୦%**

ଭୁବନେଶ୍ୱର,୩।୯(ବ୍ୟୁରୋ)

ରାଜ୍ୟରେ ନୂତନ ମତଦାତାଙ୍କ ପାଇଁ ପ୍ରସ୍ତୁତ ହୋଇଥିବା ଭୋଟର ଫଟୋ ପରିଚୟପତ୍ରଗୁଡ଼ିକୁ ଆସନ୍ତା ୧୫ ତାରିଖ ସୁଦ୍ଧା ସମ୍ପୃକ୍ତ ଭୋଟରଙ୍କ ନିକଟକୁ ଡାକ ଯୋଗେ ପଠାଇବାକୁ ମୁଖ୍ୟ ନିର୍ବାଚନ ଅଧିକାରୀ ସମସ୍ତ ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ରାଜ୍ୟର ସମୁଦାୟ ୩ କୋଟି ୨୫ ଲକ୍ଷ ୬୧ ହଜାର ୯୮୦ ଜଣ ମତଦାତାଙ୍କ ମଧ୍ୟରୁ ଏବେ ସୁଦ୍ଧା ୧ କୋଟି ୮୦ ଲକ୍ଷ ୩୭ ହଜାର ୯୨୮ ଜଣ ଭୋଟର ସେମାନଙ୍କର ଫଟୋ ପରିଚୟପତ୍ର ସହ ଆଧାର ନମ୍ବର ସଂଯୋଗ କରିଛନ୍ତି, ଯାହାକି ସମୁଦାୟ ଭୋଟରଙ୍କ ଶତକଡ଼ା ୫୫.୪୦ ଭାଗ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ସୁଶୀଲ କୁମାର ଲୋହାନୀ କରିଛନ୍ତି। ଶନିବାର ସମସ୍ତ ଜିଲାପାଳଙ୍କ ସହ ମୁଖ୍ୟ ନିର୍ବାଚନ ଅଧିକାରୀ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ଏକ ସମୀକ୍ଷା ବୈଠକ କରିଥିଲେ। ରାଜ୍ୟରେ ଜାରି ରହିଥିବା ଭୋଟର ତାଲିକାର ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ କାର୍ଯ୍ୟକ୍ରମ-୨୦୨୩ ଏବଂ ଭୋଟର ଫଟୋ ପରିଚୟପତ୍ର ପ୍ରସ୍ତୁତି ଓ ଏହାର ବଣ୍ଟନ, ଭୋଟର ଫଟୋ ପରିଚୟ ପତ୍ର ସହ ଆଧାର ସଂଯୋଗୀକରଣ, ଭୋଟର ତାଲିକାରେ ନୂତନ ଭୋଟର ନାମ ଅନ୍ତର୍ଭୁକ୍ତ କରିବା ଆଦି କାର୍ଯ୍ୟ ସମ୍ପର୍କରେ ବିସ୍ତୃତ ଭାବେ ସମୀକ୍ଷା କରିଥିଲେ।

ନବରଙ୍ଗପୁର ଜିଲାରେ ୭୫.୭୩ ପ୍ରତିଶତ, ମାଲକାନଗିରି ୭୨.୯୭, କଳାହାଣ୍ଡି ୬୯.୪୬, ଅନୁଗୋଳ ୬୮.୬୯ ଏବଂ ସୁବର୍ଣ୍ଣପୁର ଜିଲାରେ ୬୬.୪୪ ପ୍ରତିଶତ ଭୋଟର ସେମାନଙ୍କର ଆଧାର ନମ୍ବର ଭୋଟର ଫଟୋ ପରିଚୟପତ୍ର ସହ ସଂଯୋଗ କରିଛନ୍ତି ବୋଲି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ କହିଛନ୍ତି । ଏଥିପାଇଁ ମୁଖ୍ୟ ନିର୍ବାଚନ ଅଧିକାରୀ ଉକ୍ତ ଶ୍ରେଷ୍ଠ ୫ଟି ଜିଲାର ଜିଲାପାଳ ତଥା ଏହି କାର୍ଯ୍ୟରେ ନିୟୋଜିତ କର୍ମଚାରୀଙ୍କୁ ପ୍ରଶଂସା କରିଛନ୍ତି ।

ରାଜ୍ୟର ସହରାଞ୍ଚଳରେ ଭୋଟର ଫଟୋ ପରିଚୟପତ୍ର ସହ ଆଧାର ସଂଯୋଗୀକରଣ କାର୍ଯ୍ୟ ଧିମା ହେଉଥିବାରୁ ସେଠାରେ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ କରାଇବାକୁ ମୁଖ୍ୟ ନିର୍ବାଚନ ଅଧିକାରୀ ସମ୍ପୃକ୍ତ ଜିଲାପାଳ/ଉପଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଫଟୋ ପରିଚୟ ପତ୍ର ସହ ଆଧାର ସଂଯୋଗୀକରଣ କାର୍ଯ୍ୟ ନିମନ୍ତେ ଯୁବ ଭୋଟରମାନଙ୍କୁ ଭୋଟର ହେଲପ୍‌ଲାଇନ୍ ଆପ୍ ମାଧ୍ୟମରେ ନିଜେ ନିଜେ ଅନ୍‌ଲାଇନ୍‌ରେ ଏହି କାର୍ଯ୍ୟ କରିବା ସମ୍ପର୍କରେ ବ୍ୟାପକ ଭାବେ ସଚେତନ କରିବା ଉପରେ ମୁଖ୍ୟ ନିର୍ବାଚନ ଅଧିକାରୀ ଗୁରୁତ୍ୱାରୋପ କରିଛନ୍ତି ।

ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ଅନୁଷ୍ଠିତ ଏହି ବୈଠକରେ ରାଜ୍ୟର ସମସ୍ତ ଜିଲାପାଳ, ଅତିରିକ୍ତ ଜିଲାପାଳ ଏବଂ ଉପଜିଲାପାଳଙ୍କ ସହ ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ଶତ୍ରୁଘ୍ନ କର ଓ ସଂଘମିତ୍ରା ଶତପଥୀ, ଯୁଗ୍ମ ମୁଖ୍ୟ ନିର୍ବାଚନ ଅଧିକାରୀ ପ୍ରମୋଦ କୁମାର ସାହୁ, ଏଏସ୍‌ଇ ଇଦ୍ରିଶ ଅଲ୍ଲୀ ଖାନ୍, ଏଏସ୍‌ଇ ଯୋଗେଶ ବାବୁ ପ୍ରମୁଖ ଉପସ୍ଥିତ ଥିଲେ ।

### ଇସ୍ତଫା ଦେଲେ ଏସ୍‌ୟୁ କୁଳପତି

**ବିଭିନ୍ନ କାରଣରୁ ବିବାଦୀୟ ଥିଲେ**

ସମ୍ବଲପୁର,୩।୯(ବ୍ୟୁରୋ)


ସଞ୍ଜୀବ ମିତ୍ତଲ

ବିଭିନ୍ନ କାରଣରୁ ବିବାଦୀୟ ହୋଇପଡିଥିବା ସମ୍ବଲପୁର ବିଶ୍ୱବିଦ୍ୟାଳୟ (ଏସ୍‌ୟୁ) କୁଳପତି ପ୍ରଫେସର ସଞ୍ଜୀବ ମିତ୍ତଲ ଶେଷରେ ତାଙ୍କ ପଦରୁ ଇସ୍ତଫା ଦେଇଛନ୍ତି। ରାଜ୍ୟପାଳ ତଥା କୁଳାଧିପତି ପ୍ରଫେସର ଗଣେଶୀ ଲାଲ ତାଙ୍କ ଇସ୍ତଫା ଗୃହୀତ କରିଛନ୍ତି। ସ୍ୱାସ୍ଥ୍ୟଗତ ସମସ୍ୟା ଯୋଗୁ ସେ ପ୍ରାୟ ଏକମାସ ଧରି ଛୁଟିରେ ଥିଲେ। ତେବେ ନୂତନ କୁଳପତି ଚୟନ ହେବା ଯାଏ ଅସ୍ଥାୟୀ ଭାବେ ପିଜି କାଉନସିଲ ଅଧକ୍ଷା ସଂଯୁକ୍ତା ଦାଶ କୁଳପତି ଦାୟିତ୍ୱ ନିର୍ବାହ କରିବେ। କୁଳପତି ଭାବେ ପ୍ରଫେସର ମିତ୍ତଲ ଯୋଗଦେବା ପରଠାରୁ ବିବାଦ ଘେରକୁ ଆସିଥିଲେ। ଆତ୍ମାହୁତି ଦେଇଥିବା ଅସ୍ଥାୟୀ କର୍ମଚାରୀ ଦୀନବନ୍ଧୁ ମିଶ୍ର ନିଜ ସୁଇସାଇଡ୍ ନୋଟରେ କୁଳପତି ମିତ୍ତଲଙ୍କ ସମେତ ଅନ୍ୟ ତିନିଜଣଙ୍କୁ ଦାୟୀ କରିଥିଲେ। କୁଳପତି ମିତ୍ତଲ ଓ ଅନ୍ୟମାନଙ୍କ ନାମରେ ବୁର୍ଲା ଥାନାରେ ମାମଲା ରୁଜୁ ହୋଇଥିଲା। ଏବେ ମାମଲା ତଦନ୍ତାଧୀନ ରହିଛି। ଏହାସହ ଜ୍ୟୋତିବିହାର ପରିସରରେ ବେଆଇନ ଗଛ କଟାଯାଇଥିଲା। ଉକ୍ତ ଗଛକୁ ଜଣେ ବ୍ୟବସାୟୀଙ୍କୁ ବିକ୍ରି କରିଦିଆଯାଇଥିବା ଅଭିଯୋଗ ହୋଇଥିଲା। ଏହାକୁ ନେଇ ମଧ୍ୟ ଉତ୍ତେଜନା ପ୍ରକାଶ ପାଇଥିଲା। ଅନେକ ସମୟରେ ଏସ୍‌ୟୁର ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀଙ୍କୁ ଦୁର୍ବ୍ୟବହାର ଆଚରଣ କରୁଥିବା ଅଭିଯୋଗ ହୋଇଥିଲା। ଏସ୍‌ୟୁ ପାଇଁ କମ୍ପ୍ୟୁଟର ଓ ଅନ୍ୟାନ୍ୟ ସାମଗ୍ରୀ କିଣାରେ ହୋଇଥିବା ଦୁର୍ନୀତିରେ ତାଙ୍କ ନାମ ଚର୍ଚ୍ଚାକୁ ଆସିଥିଲା। ପ୍ରାୟ ଅଧକୋଟିର ଆର୍ଥିକ ଅନିୟମିତତା ହୋଇଥିବା ନେଇ ଅଭିଯୋଗ ହୋଇଥିଲା। ଏସ୍‌ୟୁରେ ସ୍ୱଚ୍ଛତା ଅଭିଯାନ ଓ ସଚେତନତା କାର୍ଯ୍ୟକ୍ରମ ପାଇଁ ସଂସ୍ଥା ପକ୍ଷରୁ ୩୫ଲକ୍ଷ ଟଙ୍କା ଅନୁଦାନ ଆସିଥିଲା। ଉକ୍ତ ଟଙ୍କାକୁ ନିଜ ସ୍ତ୍ରୀ ଓ ପୁଅଙ୍କ ସହିତ ଏସ୍‌ୟୁର ଅନ୍ୟ ଅଧିକାରୀଙ୍କ ଜମାଖାତା ଜରିଆରେ ଉଠାଇ ନେଇଥିଲେ। କୁଳାଧିପତିଙ୍କ ସମେତ ଉଚ୍ଚଶିକ୍ଷା ବିଭାଗର ପୂର୍ବତନ ସିନେଟ ଓ ସିଣ୍ଡିକେଟ ସଦସ୍ୟ ମଧ୍ୟ ତଦନ୍ତ ପାଇଁ ଦାବି କରିଥିଲେ। ତଦନ୍ତ ପରେ ଟଙ୍କା ହେରଫେର ହୋଇଥିବା ଜଣାପଡ଼ିଥିଲା। ସରକାର ଉକ୍ତ ଟଙ୍କା ଭରଣା କରିବାକୁ ନିର୍ଦ୍ଦେଶ ଦେବା ପରେ କୁଳପତି ଟଙ୍କା ଫେରସ୍ତ କରିଥିଲେ। ଏହାପରେ ଜୁନ ୨୪ ତାରିଖଠାରୁ କୁଳପତି ସ୍ୱାସ୍ଥ୍ୟଗତ ସମସ୍ୟା ଦର୍ଶାଇ ୭ଦିନିଆ ଛୁଟିରେ ଯାଇଥିଲେ। ପରେ ଛୁଟିକୁ ଜୁଲାଇ ୨୪ ପର୍ଯ୍ୟନ୍ତ ବଢ଼ାଇଥିଲେ।

# ୭ ଜଣଙ୍କୁ 'ଓଡ଼ିଶା ଜର୍ନାଲିଜମ୍ ଆୱାର୍ଡ'



କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସହ 'ଓଡ଼ିଶା ଜର୍ନାଲିଜମ୍ ଆୱାର୍ଡ' ପାଇଥିବା ସାମ୍ବାଦିକା ସାମ୍ବାଦିକ ଓ ଅନ୍ୟମାନେ।

ଭୁବନେଶ୍ୱର, ୩।୯ (ବ୍ୟୁରୋ)

ଆଞ୍ଚଳିକ ଖବରର ଗୁରୁତ୍ୱ ବଢ଼ିଛି। ଏଥିସହ ସାମ୍ବାଦିକମାନଙ୍କର ସମାଜରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଇଣ୍ଟରନେଟ ପାଇଁ ଖବର ଆଉ ଏକଚାଟିଆ ହୋଇ ରହିନାହିଁ ବୋଲି ଶିକ୍ଷା, କୌଶଳ ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ସାହିତ୍ୟ ଓ ସାଂସ୍କୃତିକ ସଂଗଠନ ପଲ୍ଲୀବାଣୀ ମିଶନ ଦ୍ୱାରା ଶନିବାର ନୂଆଦିଲ୍ଲୀସ୍ଥିତ କନ୍‌ଷ୍ଟିଚ୍ୟୁଶନ କ୍ଲବର ସ୍ପିକର ହଲ୍‌ରେ ଅନୁଷ୍ଠିତ ଓଡ଼ିଶା ସାମ୍ବାଦିକତା ପୁରସ୍କାର ସମାରୋହର ଚତୁର୍ଥ ସଂସ୍କରଣରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କେନ୍ଦ୍ରମନ୍ତ୍ରୀ ଏହା କହିଛନ୍ତି। ସମ୍ମାନିତ ଅତିଥି ଭାବେ ସାମ୍ବାଦିକ ତଥା ସ୍ତମ୍ଭକାର ଶିଳା ଭଟ୍ଟ ଯୋଗଦେଇ, ଖବର ଏବଂ ଖବର ମଧ୍ୟରେ ଲୁକ୍କାୟିତ ସୂକ୍ଷ୍ମ ଖବରର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଜଗନ୍ନାଥମୟ ଓଡ଼ିଶା ବୌଦ୍ଧିକତା ଏବଂ ପ୍ରତିଭାରେ ସମୃଦ୍ଧ ଭୂଖଣ୍ଡ ବୋଲି ସେ କହିଥିଲେ। ଏହି ଅବସରରେ ସାମ୍ବାଦିକତା କ୍ଷେତ୍ରରେ ପ୍ରମୁଖ ଯୋଗଦାନ ପାଇଁ ଟାଇମ୍ସ ଅଫ୍ ଇଣ୍ଡିଆର ଭୁବନେଶ୍ୱର ବ୍ୟୁରୋ ମୁଖ୍ୟ ଅଶୋକ କୁମାର ପ୍ରଧାନ, ଚଳଚ୍ଚିତ୍ର ସାମ୍ବାଦିକ ତଥା ଲେଖକ ସୂର୍ଯ୍ୟ ଦେଓ, ଫାଇନାନ୍ସିଆଲ ଏକ୍ସପ୍ରେସର ସହଯୋଗୀ ସମ୍ପାଦକ ସନ୍ଦୀପ ଦାସ, ନ୍ୟୁଜ୍୭ର ଉପସ୍ଥାପିକା ମୌସୁମୀ ମହାନ୍ତି, ଓଟିଭିର ମାଲକାନଗିରି ଜିଲା ପ୍ରତିନିଧି ଜିତେନ୍ଦ୍ର ବେଉରା, ସମାଜ ଓ କଳିଙ୍ଗ ଟିଭିର କୋଲକାତା ପ୍ରତିନିଧି ପ୍ରମୋଦ କୁମାର ମହାନ୍ତି ଏବଂ କୋରାପୁଟ ପଟ୍ଟାଙ୍ଗୀର ସମ୍ବାଦ ଓ କନକ ନ୍ୟୁଜ ପ୍ରତିନିଧି ପ୍ରଶାନ୍ତ କୁମାର ଦାଶଙ୍କୁ 'ଓଡ଼ିଶା ଜର୍ଣ୍ଣାଲିଜମ୍ ଆୱାର୍ଡ' ପ୍ରଦାନ କରାଯାଇଥିଲା। ମିଶନର ଅଧ୍ୟକ୍ଷ ତଥା ପଲ୍ଲୀବାଣୀ ପତ୍ରିକାର ସମ୍ପାଦକ ରାମଚନ୍ଦ୍ର ନାଥଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ କବି ତଥା ପ୍ରଶାସକ ଅମରେନ୍ଦ୍ର ଖଟୁଆ ଯୋଗଦେଇଥିଲେ। ପତ୍ରିକାର ୨୫ ବର୍ଷ ପୂର୍ତ୍ତି ଉପଲକ୍ଷେ ଅତିଥିଙ୍କ ଦ୍ୱାରା ରୌପ୍ୟ ଜୟନ୍ତୀ ଲୋଗୋ ଉନ୍ମୋଚନ କରାଯାଇଥିଲା। ଇପ୍ସା ପ୍ରତିବିମ୍ବିତା ଷଡଙ୍ଗୀ ଉପସ୍ଥାପନା କରିଥିବାବେଳେ ଅନୁଷ୍ଠାନର ସମ୍ପାଦକ ନବଜ୍ୟୋତି ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଶ୍ରୀଦେବ ନନ୍ଦ, ସଂଗ୍ରାମ ଧର, ଦେବରାଜ ମହାନ୍ତି, ଜିତେନ୍ଦ୍ର ତ୍ରିପାଠୀ, ସୀତାଂଶୁ ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ସମ୍ପାଦନା କରିଥିଲେ।

# ପାଚେରି ଡେଇଁ ଜିଲାପାଳଙ୍କୁ ଭେଟିବାକୁ ଆସିଲେ ୨୦ ଛାତ୍ର

**ଆଶ୍ରମ ବିଦ୍ୟାଳୟକୁ ସମସ୍ୟା ଛାଡୁନି**

■ ଛାତ୍ରାବାସର ଚାଉଳକୁ ୱାର୍ଡେନ ବିକ୍ରି କରି ଦେଉଛନ୍ତି
■ ପାନୀୟ ଜଳ, ପାଇଖାନା ସୁବିଧା ନାହିଁ
■ ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ହେବ: ଜିଲା ମଙ୍ଗଳ ଅଧିକାରୀ

ମାଲକାନଗିରି/କୋରୁକୋଣ୍ଡା,୩।୯(ଡି.ଏନ୍.ଏ.)

ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ମାରିବାଡ଼ା ଆଶ୍ରମ ବିଦ୍ୟାଳୟରେ ଲାଗି ରହିଥିବା ଅବ୍ୟବସ୍ଥାର ସମାଧାନ ପାଇଁ ଛାତ୍ରୀଛାତ୍ର ବାରମ୍ବାର ଅନୁରୋଧ କରୁଥିଲେ ହେଁ କର୍ତ୍ତୃପକ୍ଷ କିମ୍ବା ଜିଲା ମଙ୍ଗଳ ଅଧିକାରୀ ଶୁଣୁ ନ ଥିବା ଜଣାପଡ଼ିଛି। ଏଥିଯୋଗୁ ଶୁକ୍ରବାର ବିଳମ୍ବିତ ରାତିରେ ପ୍ରାୟ ୨୦ ଜଣ ଛାତ୍ର ବିଦ୍ୟାଳୟ ପାଚେରି ଡେଇଁ ଚାଲିଆସି ସେମାନଙ୍କ ସମସ୍ୟା ଜିଲାପାଳଙ୍କୁ ଜଣାଇବା ପାଇଁ ଶନିବାର ମାଲକାନଗିରି ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସିଥିଲେ। ଏହି ଛାତ୍ରମାନଙ୍କୁ ପଚାରିବାରୁ ସେମାନେ କହିଥିଲେ, ଆମ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ କୌଣସି କଥା ବିଦ୍ୟାଳୟ କର୍ତ୍ତୃପକ୍ଷ ଶୁଣୁ ନାହାନ୍ତି। ପ୍ରତି ମାସରେ ଛାତ୍ରଙ୍କ ପାଇଁ ଆସୁଥିବା ଚାଉଳକୁ ଛାତ୍ରାବାସର ୱାର୍ଡେନ ବିକ୍ରି କରିଦେଉଛନ୍ତି। ୱାର୍ଡେନଙ୍କ ଝିଅକୁ ନ ଧରିଲେ କିମ୍ବା ନ ଖେଳାଇଲେ ଆମକୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରୁଛନ୍ତି। ବିଦ୍ୟାଳୟ ଛାତ୍ରାବାସରେ ପାନୀୟ ଜଳ ସୁବିଧା ନାହିଁ। ପାଇଖାନା ବ୍ୟବସ୍ଥା ମଧ୍ୟ ନାହିଁ। ସେମାନଙ୍କୁ ନାଳ ସଫା କରିବା ସହ ୱାର୍ଡେନଙ୍କ ସମସ୍ତ କାର୍ଯ୍ୟ କରିବା ପାଇଁ ବାଧ୍ୟ କରାଯାଉଛି। ଶେଷରେ ସବୁ ସମସ୍ୟା ଜିଲାପାଳଙ୍କୁ ଜଣାଇବାକୁ ଆସିଛୁ ବୋଲି ଛାତ୍ରମାନେ କହିଛନ୍ତି। ଘଟଣା ସମ୍ପର୍କରେ ଜାଣି ଜିଲା ମଙ୍ଗଳ ଅଧିକାରୀ କୃପାସିନ୍ଧୁ ବେହେରା ଓ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ତ୍ରିନାଥ ମାଝି ଜାଣିବାକୁ ପାଇ ଛାତ୍ରମାନଙ୍କ ନିକଟରେ ପହଞ୍ଚି ସେମାନଙ୍କୁ ବୁଝାଶୁଝା କରି ପୁନର୍ବାର ବିଦ୍ୟାଳୟକୁ ପଠାଇ ଦେଇଛନ୍ତି। ଏ ନେଇ ଉଭୟ ଅଧିକାରୀ ବେହେରା ଓ ମାଝି କହିଛନ୍ତି, ଏପରି ସମସ୍ୟା ସମ୍ପର୍କରେ ପୂର୍ବରୁ ସେମାନଙ୍କ ନିକଟକୁ କୌଣସି ଅଭିଯୋଗ ଆସିନାହିଁ। ଏବେ ସେମାନଙ୍କ ଅଭିଯୋଗ ଶୁଣିଛୁ। ଏହାର ତଦନ୍ତ କରି ଉଚିତ ପଦକ୍ଷେପ ନିଆଯିବ। ଛାତ୍ରମାନଙ୍କ ଅଭିଯୋଗର ସତ୍ୟତା ଥିଲେ ସମ୍ପୃକ୍ତ ୱାର୍ଡେନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେମାନେ ପ୍ରକାଶ କରିଛନ୍ତି।

ମନେ ପଡ଼ନ୍ତି
ଏକାଦଶାହ ଉପଲକ୍ଷେ



୰ତ୍ରିମିଳା ସ୍ୱାଇଁ
କୁଲାଡ଼, ଅନୁଗୋଳ
ଆବିର୍ଭାବ: ୨୦।୦୩।୧୯୬୧
ତିରୋଧାନ: ୨୫।୦୮।୨୦୨୨
ଆପଣଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ।
**ଆପଣଙ୍କର ଶୋକସନ୍ତପ୍ତ:-**
ସ୍ୱାମୀ, ପୁତ୍ର, ବଧୂ, ଝିଅ, ଜ୍ୱାଇଁ ଓ ପରିବାରବର୍ଗ ।
ଧ-୧୪୧୭



# ପ୍ରେରଣା

ଯାହାଙ୍କ ମାର୍ଗଦର୍ଶନ ପିଲାଙ୍କୁ ଭଲ ମଣିଷ କରି ଗଢ଼ିବାରେ ବିଶେଷ ଭୂମିକା ବହନ କରେ, ଯାହାଙ୍କ କେଇ ପଦ କଥା ଅବା ପରାମର୍ଶ ପିଲାଙ୍କୁ ସଫଳତାର ଶିଖର ଛୁଇଁବା ଲାଗି ପ୍ରେରଣା ଯୋଗାଏ, ସେ ହେଉଛନ୍ତି ଗୁରୁ। ଗୁରୁଦିବସ ଉପଲକ୍ଷେ ବିଶେଷ ଉପସ୍ଥାପନା...

**ସଫଳ କରିଛି ସାର୍‌ଙ୍କ ମାର୍ଗଦର୍ଶନ:** ''ଗୁରୁ କହିଲେ କେବଳ ସ୍କୁଲ, କଲେଜରେ ପାଠ ପଢ଼ାଉଥିବା ଶିକ୍ଷୟିତ୍ରୀଶିକ୍ଷକ ନୁହନ୍ତି, ବରଂ ଜୀବନରେ ଧ୍ରୁବତାରା ପରି ମାର୍ଗଦର୍ଶନ କରୁଥିବା ପ୍ରତ୍ୟେକ ମହାନ୍ ବ୍ୟକ୍ତିତ୍ୱଙ୍କୁ ହିଁ ଗୁରୁର ଆଖ୍ୟା ଦିଆଯାଇପାରେ। ମୋ ଜୀବନରେ ଯିଏ ମୋତେ ଅନ୍ଧାରରୁ ହାତ ଧରି ଆଲୋକବର୍ତ୍ତୀ କରିଛନ୍ତି, ସେ ହେଉଛନ୍ତି ମୋର ପ୍ରାଥମିକ ଶିକ୍ଷା ଅନୁଷ୍ଠାନର ଶିକ୍ଷକ ହରେକୃଷ୍ଣ ତ୍ରିପାଠୀ ସାର୍। ସେ କେବଳ ଜଣେ ଶିକ୍ଷକ ନ ଥିଲେ, ମୋ ପାଇଁ ମାର୍ଗଦର୍ଶକ ଓ ସର୍ବୋପରି ଈଶ୍ୱର ଅଟନ୍ତି। ମୁଁ ତୃତୀୟ ଶ୍ରେଣୀରେ ପାଠ ପଢ଼ିଲା ବେଳେ ସେ ଆମ ସ୍କୁଲକୁ ବଦଳି ହୋଇ ଆସିଥିଲେ। ପ୍ରଥମଥର ସେ ଯେତେବେଳେ ଆମ ଶ୍ରେଣୀକୁ ଆସିଲେ, ସେ ପିଲାମାନଙ୍କୁ ଗୋଟିଏ ଦରଖାସ୍ତ ଲେଖିବା ପାଇଁ କହିଥିଲେ। କିଛି ପିଲା ଲେଖିସାରି ଦେଖାଇଲେ, କିଛି ପିଲା ଏପଟସେପଟ ଅନାଇ କାହାଠାରୁ ଉତାରିବୁ ସେ ଚିନ୍ତାରେ ଥିଲେ। ହେଲେ ମୁଁ ସାର୍‌ଙ୍କ ସାମ୍ନାରେ ଖାତାଟି ବଢ଼ାଇଦେଇ କହିଲି– ମୋତେ ଆସୁନି, ଆପଣ ବତେଇ ଦିଅନ୍ତୁ। ସାର୍ ବୋଧହୁଏ ମୋତେ ପରୀକ୍ଷା କରିବା ପାଇଁ କହିଲେ, ତୁ ଅନ୍ୟ ପିଲାଙ୍କ ପରି କାହାଠୁ ଉତାରି ଆଣିଲୁନି? ମୁଁ ମଧ୍ୟ ଦମ୍ଭର ସହ ଉତ୍ତରଦେଲି, ଆପଣ ମୋର ଶିକ୍ଷକ; ସେ ପିଲାମାନେ ନୁହନ୍ତି। ସାର୍ ହସିଲେ। ସେଇଦିନଠାରୁ ସାର୍ ନିଜ ଝିଅ ଭଳି ମୋତେ ସବୁ ବିଷୟରେ ଉତ୍ସାହିତ କଲେ। ଆଉ ମୁଁ ମଧ୍ୟ କୌଣସି ଶ୍ରେଣୀରେ ଆଉ ଦ୍ୱିତୀୟ ସ୍ଥାନ ଅଧିକାର କରିନି। ତୃତୀୟ, ପଞ୍ଚମ, ସପ୍ତମ ଶ୍ରେଣୀରେ ବୃତ୍ତି ପାଇବା ସହ ବିଜ୍ଞାନ ପ୍ରଦର୍ଶନୀରେ ସଫଳତା, ଏତଦ୍‌ବ୍ୟତୀତ ସବୁ ପ୍ରତିଯୋଗିତାରେ ଭାଗ ନେଇ ସଫଳ ହୋଇଛି। ଆଜି ସମାଜରେ ମୁଣ୍ଡ ଟେକି ସମ୍ମାନର ସହ ବଞ୍ଚିବାର ଶ୍ରେୟ କେବଳ ମୋ ସାର୍‌ଙ୍କର ମାର୍ଗଦର୍ଶନ ଓ ଶିକ୍ଷାର ପରିଣାମ ବୋଲି ମୁଁ ସ୍ୱୀକାର କରେ। ଆଜି ଗୁରୁଦିବସର ଏଇ ପୁଣ୍ୟ ଅବସରରେ ମୋର ସେଇ ପିତୃପ୍ରତିମ ଗୁରୁଙ୍କୁ ପ୍ରଣାମ ଜଣାଇବା ସହ ତାଙ୍କର ଦୀର୍ଘାୟୁ ଓ ସୁଖୀ ଜୀବନ କାମନା କରୁଛି।


ଲିପ୍ସା ପଟେଲ

**– ଲିପ୍ସା ପଟେଲ, ଭବାନୀପାଟଣା**

**ଶିକ୍ଷକଙ୍କ ଗାଳି ବଦଳାଇ ଦେଲା ଜୀବନ:** ୧୯୬୨ ମସିହା କଥା। ସେତେବେଳେ ମୁଁ କେନ୍ଦ୍ରାପଡ଼ା ଜିଲା ଦୋହଳି ମଡେଲ ହାଇସ୍କୁଲରେ ଷଷ୍ଠଶ୍ରେଣୀରେ ପଢୁଥାଏ। ବର୍ତ୍ତମାନ ଏହା ବନମାଳୀ ବ୍ରହ୍ମଚାରୀ ହାଇସ୍କୁଲ ନାମରେ ପରିଚିତ। ଆମର ଜଣେ ଶିକ୍ଷକ ଥିଲେ ଜଗନ୍ନାଥ ମିଶ୍ର। ତାଙ୍କୁ ସମସ୍ତେ ଡରନ୍ତି। କାରଣ ଅକ୍ଷର ଖରାପ କଲେ କିମ୍ବା ଅଙ୍କ ଭୁଲ କଲେ ସେ ଆଙ୍ଗୁଠିକୁ ବହୁତ ପିଟନ୍ତି। ଥରେ ତାଙ୍କ ହାବୁଡ଼େ ମୋ ପାଳି ପଡ଼ିଲା। ମୋ ହସ୍ତାକ୍ଷର ଖାତା ଦେଖି ମୋର ହାତ ଆଙ୍ଗୁଠିକୁ ଡଷ୍ଟରରେ ଛେଚିଲେ। ଆଉ କହିଲେ, ଏତେ ଖରାପ ଅକ୍ଷର ଲେଖିଲେ ଜୀବନରେ କ'ଣ କରିବୁ। ଭବିଷ୍ୟତରେ ଯଦି ଡାକ୍ତଟିଏ ହେବୁ, ତାହାଲେ କ'ଣ ଏମିତି ଅକ୍ଷରରେ ରୋଗୀଙ୍କୁ ଔଷଧ ଲେଖିକିଦେବୁ? ଯେଉଁ ପର୍ଯ୍ୟନ୍ତ ତୋ ଅକ୍ଷର ଭଲ ନ ହୋଇଛି, ସେ ପର୍ଯ୍ୟନ୍ତ ଆଙ୍ଗୁଠିଛେଚା ଖାଉଥିବୁ। ମନେମନେ ତାଙ୍କ ଉପରେ ବହୁତ ରାଗିଥାଏ। ସେହିଦିନଠାରୁ କେତେଥର ଆଙ୍ଗୁଠିରେ ମାଡ଼ ଖାଇଛି ଏବଂ ଚେଷ୍ଟା କରିଛି ଭଲ ଲେଖିବା ପାଇଁ। ଧୀରେ ଧୀରେ ଅକ୍ଷର ଭଲ ହେବା ସହ ଯାହା ହେଉ ଜଣେ ଡାକ୍ତର ମଧ୍ୟ ହୋଇ ପାରିଛି। ସତରେ ସେଦିନ ସାର୍‌ଙ୍କ ସେହି ଗାଳି ଯେ ମୋ ପାଇଁ ଆଶୀର୍ବାଦ ହୋଇ ଏତେ ବଡ଼ ପରିବର୍ତ୍ତନ ଆଣିଦେବ ଏବେ ସେ କଥା ବେଶ୍ ଭଲ ଭାବେ ବୁଝିପାରୁଛି। ସେହି ମହାନ୍ ଶିକ୍ଷକ ମୋ ପାଇଁ ସର୍ବଦା ନମସ୍ୟ।


ଡା. ନରେଶ ଚନ୍ଦ୍ର ଆଚାର୍ଯ୍ୟ

**– ଡା. ନରେଶ ଚନ୍ଦ୍ର ଆଚାର୍ଯ୍ୟ**, ଶିଶୁରୋଗ ବିଶେଷଜ୍ଞ, ଭୁବନେଶ୍ୱର

**ଗୁରୁଙ୍କ ଶିକ୍ଷା ସର୍ବଦା କାମରେ ଆସେ:** ମୁଁ ବ୍ରଜନାଥ ବଡ଼ଜେନା ଉଚ୍ଚ ବିଦ୍ୟାଳୟରେ ପଢୁଥାଏ। ନବମ ଶ୍ରେଣୀରେ ବିଜ୍ଞାନ ଓ ଗଣିତ ପାଇଁ ଆମର ବିଜ୍ଞାନ ଶିକ୍ଷକ ଶତ୍ରୁଘ୍ନ ଭୂତିଆ ସାର୍‌ଙ୍କ ପାଖକୁ ଟିଉସନ୍ ହେବାକୁ ଯାଉଥିଲି। ସାର୍ ଜଣେ ଛାତ୍ରବତ୍ସଳ ଶିକ୍ଷକ। ସେ ମଧ୍ୟ ଆମର ଏନ୍‌ସିସି ସାର୍ ଥିଲେ। ଜଣେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ଭାବରେ ସମାଜରେ ତାଙ୍କର ବହୁତ ସୁନାମ ଥାଏ। ସେ ଅନେକ ପୁସ୍ତକ ରଚନା କରିଛନ୍ତି। ଏକଦା ସାର୍ ଆମ ସମସ୍ତ ଟିଉସନ୍ ଛାତ୍ରୀଛାତ୍ରଙ୍କୁ କପିଳାସ ଡିଅର ପାର୍କକୁ ଭୋଜି କରିବାକୁ ନେଇଥିଲେ। ସାଙ୍ଗରେ ଆମ ସ୍କୁଲ୍‌ର ଶିକ୍ଷକ କାଶୀ ସାର୍ ମଧ୍ୟ ଯାଇଥିଲେ ଏବଂ ସେ ରୋଷେଇ ଦାୟିତ୍ୱ ବୁଝୁଥିଲେ। ସେଦିନ ବଣଭୋଜି ଆସରଟା ବହୁତ ମଜାରେ କଟିଥିଲା। ସନ୍ଧ୍ୟା ହେବାକୁ କିଛି ସମୟ ଥିଲା। ଖାଇ ପିଇ ସାରି ଆମେ ଜିନିଷପତ୍ର ଧରି ଗାଡ଼ି ପାଖକୁ ଚାଲିଚାଲି ଆସିଲୁ। ବାଟରେ ଆସିଲା ବେଳେ ଗୋଟିଏ ଗଛ ପାଖରେ ସାର୍ ଆମ ସମସ୍ତଙ୍କୁ ଅଟକାଇ ଗଛଟିକୁ ଦେଖିବାକୁ କହିଲେ। ଆମେ ସମସ୍ତେ ଗଛକୁ ଚାହିଁଲୁ। ଗଛଟି ବିରାଟକାୟ ହେଲେ ମଧ୍ୟ ପୂରା ଗଛଟିକୁ ଗୋଟିଏ ନଈ ପରାଏ ଲତାଟିଏ ଢାଙ୍କି ରଖିଥାଏ। ସମସ୍ତେ ଉତ୍ସୁକତାର ସହିତ ଲତ ଟିକୁ ଦେଖୁଥାଉ। ତା' ପରେ ସାର୍ ବୁଝାଇଲେ, ଏହି ଲତାଟି ବଞ୍ଚିବା ପାଇଁ ନିଜେ ସଂଘର୍ଷ ନକରି ଅନ୍ୟ ଉପରେ ବଞ୍ଚିବା ଓ ବଢ଼ିବାକୁ ଭରସା କରିଥାଏ। ଏହା ଏକ ପରଜୀବୀ ଅଟେ। ଏହା ଛୋଟିଆ ଖଣ୍ଡେ ହୋଇଥିଲେ ମଧ୍ୟ ଯେତେବେଳେ ଅନ୍ୟ ଏକ ବୃକ୍ଷ ସମ୍ପର୍କରେ ଆସେ, ଖୁବ୍‌ଶୀଘ୍ର ଏହା ସମଗ୍ର ବୃକ୍ଷଟିକୁ ବ୍ୟାପୀଯାଏ। ଶେଷରେ ଯେଉଁ ଗଛର ଆଶ୍ରା ପାଇ ବଞ୍ଚେ ଓ ବଢ଼େ ପରେ ସେଇ ଗଛଟିକୁ ମାରି ଦେଇଥାଏ। ତେବେ ଏହି ଲତାଟିର ନାଁ ହେଲା ନିର୍ମୂଳି। ବୁଝିଲ ପିଲେ! ତେବେ ଏଥିରୁ ଆମେ କ'ଣ ଶିଖିଲେ? ଏହି ନିର୍ମୂଳି ଲତା ପରି ମଣିଷ ମଧ୍ୟ ଆମ ସମାଜରେ ଅଛନ୍ତି। ଯେଉଁମାନେ ଅନ୍ୟ ମନରେ ବିଶ୍ୱାସ ଜନ୍ମାଇ ସର୍ବସ୍ୱ ଲୁଟି ନେଇ ଶେଷରେ ମରଣମୁଖକୁ ଠେଲି ଦିଅନ୍ତି। ତେଣୁ ସେହିପରି ବନ୍ଧୁ କି ମଣିଷକୁ ଚିହ୍ନି ନିଜକୁ ସେମାନଙ୍କଠାରୁ ଦୂରେଇ ରଖିପାରିଲେ ନିଜେ ସୁରକ୍ଷିତ ବଞ୍ଚିପାରିବ। ଏହି ତତ୍ତ୍ୱଟିକୁ ବିଜ୍ଞାନ ଶିକ୍ଷା ମଧ୍ୟରେ ସାର୍ ସେଦିନ ଆମକୁ ଶିଖେଇଥିଲେ। ଆଜି ବି ଯେଉଁ ଗଛରେ ନିର୍ମୂଳି ଲତାଟି ମାଡ଼ିଥାଏ, ସମୟ ପାଇଲେ ତାକୁ ସେହି ଗଛରୁ କାଢ଼ିଦିଏ ଓ ସାର୍‌ଙ୍କ କଥା ମନେପଡ଼ିଯାଏ। ଦୁଃଖର କଥା, ସାର୍ ଆଉ ନାହାନ୍ତି। ଏହି ଗୁରୁଦିବସରେ ତାଙ୍କ ଦ୍ୱାଦଶାହ କାର୍ଯ୍ୟପାଳନ ହେବ। ତାଙ୍କ ଅମର ଆତ୍ମା ପ୍ରତି ମୋର ଗଭୀର ଶ୍ରଦ୍ଧାଞ୍ଜଳି ଜଣାଉଛି। ଏମିତିରେ ବିଦ୍ୟାଳୟ ବେଳରେ ଅନେକ ଗୁରୁଙ୍କ ସହିତ ସ୍ମୃତି ରହିଛି। ଗୁରୁଦିବସ ଅବସରରେ ମୋର ସମସ୍ତ ଗୁରୁଙ୍କ ଚରଣ ତଳେ କୋଟି ପ୍ରଣାମ ଜଣାଉଛି।


ଅବନୀ କୁମାର ମିଶ୍ର

**– ଅବନୀ କୁମାର ମିଶ୍ର,** ଢେଙ୍କାନାଳ



ୟୁଥ୍ ଆଲର୍ଟ

# କମ୍ପ୍ୟୁଟରରେ କାମ କରୁଥିଲେ...

ବର୍ତ୍ତମାନ ପିଲାଠୁ ବୃଦ୍ଧ ପର୍ଯ୍ୟନ୍ତ ବିଶେଷ କରି ଯୁବପିଢି ଅଧିକାଂଶ ସମୟ କମ୍ପ୍ୟୁଟର ବ୍ୟବହାର କରୁଥିବା ଦେଖିବାକୁ ମିଳୁଛି। ପଢିବା ଲାଗି ହେଉ ଅବା ଅଫିସ୍ କାମ ପାଇଁ କମ୍ପ୍ୟୁଟର ଆଗରେ ଦୀର୍ଘ ସମୟ ବସିବା ଦ୍ୱାରା ବିଭିନ୍ନ ପ୍ରକାରର ଶାରୀରିକ ସମସ୍ୟା ଦେଖାଦେଉଛି। ଯାହାକୁ ଦୂର କରିବା ଲାଗି କେତୋଟି ଉପଚାର ଆପଣାଇଲେ ଉପକୃତ ହୋଇପାରିବେ...



- ସର୍ବପ୍ରଥମେ ନିଜର ବସିବା ଶୈଳୀକୁ ଠିକ୍ କରନ୍ତୁ। ଏକ କମ୍ଫର୍ଟେବଲ୍ ପୋଜିସନ୍‌ରେ ବସନ୍ତୁ ଯେପରି ବେକ, ପିଠି, ଅଣ୍ଟା ସିଧା ରହିବ। କାରଣ କମ୍ପ୍ୟୁଟରରେ କାମ କରିବା ବେଳେ ଭୁଲ୍ ବସିବା ଶୈଳୀ ମଧ୍ୟ କେତେକାଂଶରେ ସ୍ପଣ୍ଡିଲାଇଟିସ୍ ପାଇଁ ଦାୟୀ।



- କାମ କରିବା ବେଳେ ଯଦି ବେକ, ଅଣ୍ଟା, ମେରୁଦଣ୍ଡ ଆଦିରେ ଯନ୍ତ୍ରଣା ଆରମ୍ଭ ହୁଏ, ତେବେ ଗୋଟିଏ ସ୍ଥାନରେ ଦୀର୍ଘ ସମୟ ବସି ନ ରହି କିଛି ସମୟ ପାଇଁ ନିଜ ଜାଗାରୁ ଉଠି ଚଲାବୁଲା କରନ୍ତୁ।
- ଯଦି ଅଧିକ ଯନ୍ତ୍ରଣା ହେଉଥାଏ, ତେବେ ଉକ୍ତ ସ୍ଥାନରେ ଆଇସ୍ ପ୍ୟାକ୍ ଲଗାନ୍ତୁ। ନଚେତ୍ ଆପଣ ହିଟିଂ ପ୍ୟାଡ୍‌ରେ ବି ସେକି ପାରିବେ।
- ଯେହେତୁ ଦୀର୍ଘ ସମୟ ଗୋଟିଏ ସ୍ଥାନରେ ବସି କାମ କରିବା ଦ୍ୱାରା ବେକ ଅଧିକ ପ୍ରଭାବିତ ହୋଇଥାଏ, ତେଣୁ ଏଥିରୁ ଉପଶମ ପାଇବା ଲାଗି ବିଭିନ୍ନ ପ୍ରକାର ନେକ୍ ଷ୍ଟ୍ରେଚ୍ ଏକ୍ସରସାଇଜ୍ କରନ୍ତୁ।
- ମେରୁଦଣ୍ଡରେ ଥିବା ଷ୍ଟିଫ୍‌ନେସ୍ କମ୍ କରିବା ଲାଗି ପ୍ରତିଦିନ ଶାଲଭାସନ, ବକ୍ରାସନ, ଅର୍ଦ୍ଧଚକ୍ରାସନ, ଧନୁରାସନ, ଶବାସନ ଇତ୍ୟାଦି ଭଳି ଯୋଗ କରନ୍ତୁ। ମନେରଖନ୍ତୁ, ଯୋଗ ଟ୍ରେନର, ଫିଜିଓଥେରାପିଷ୍ଟଙ୍କ ପରାମର୍ଶ କ୍ରମେ ଯୋଗ କିମ୍ବା ବ୍ୟାୟାମ କରିବା ନିରାପଦ।

## ଏ ସପ୍ତାହର ପ୍ରଶ୍ନ

୧– ରାଜୀବ ଗାନ୍ଧୀ ରୁରାଲ ଅଲିମ୍ପିକ୍ ଗେମ୍ସ .... ରାଜ୍ୟରେ ଆରମ୍ଭ ହୋଇଯାଇଛି ?
୨– .......ରାଜ୍ୟରେ ୧୦୦ ବର୍ଷ ପରେ ଦ୍ୱିତୀୟ ରେଲୱେ ଷ୍ଟେଶନ୍ ନିର୍ମାଣ କରାଗଲା ?
୩– ........ ଗ୍ୟାସ୍ ଥିବାରୁ ଏଲ୍‌ପିଜି ଗ୍ୟାସ୍ ଲିକ୍ ହେବା ମାତ୍ରେ ବାସ୍ନାରୁ ଆମେ ସହଜରେ ଜାଣିପାରୁ ?
୪– ଶେଷ ମୋଗଲ ଶାସକଙ୍କ ନାମ ........... ?
୫– 'ଅଟଳଜୀ ନେ କହା' ପୁସ୍ତକର ଲେଖକ .......... ?

## ଗତ ଥରର ଉତ୍ତର

୧ ନିଆଁ
୨ କାଫ୍
୩ ରିଓ ଡି ଜେନିରୋ
୪ କ୍ଲସ୍ ମାର୍ଟିନ୍ ସ୍ୱାବ
୫ ଏ ସଙ୍ଗ୍ ଅଫ୍ ଆଇସ୍ ଆଣ୍ଡ ଫାୟାର୍

## ଉତ୍ତରଦାତା


ଶେଖ୍ ୟାକୁବ୍, ଗୋପ୍


ସିଦ୍ଧାର୍ଥ ପଣ୍ଡା, ଢେଙ୍କାନାଳ

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି ଇ–ମେଲ୍ ଠିକଣା: dharitriagamiasha @gmail.com

## ଟପ୍ ୧୦

### ପୃଥିବୀର ସର୍ବାଧିକ ବ୍ୟସ୍ତବହୁଳ ପୋର୍ଟ



| | |
|---|---|
| ୧– ସାଙ୍ଘାଇ ପୋର୍ଟ | ୩୭.୧ ମିଲିଅନ୍ |
| ୨– ସିଙ୍ଗାପୁର ପୋର୍ଟ | ୩୦.୯ ମିଲିଅନ୍ |
| ୩– ସେନ୍‌ଜେନ୍ ପୋର୍ଟ | ୨୪ ମିଲିଅନ୍ |
| ୪– ନିଙ୍ଗ୍‌ବୋ ପୋର୍ଟ | ୨୧ ମିଲିଅନ୍ |
| ୫– ପୋର୍ଟ ଅଫ୍ ବୁସାନ୍ | ୧୯.୯ ମିଲିଅନ୍ |
| ୬– ପୋର୍ଟ ଅଫ୍ ହଂକଂ | ୧୯.୭ ମିଲିଅନ୍ |
| ୭– ପୋର୍ଟ ଅଫ୍ ଗୁଆଙ୍ଗଝୌ | ୧୮.୯ ମିଲିଅନ୍ |
| ୮– ପୋର୍ଟ ଅଫ୍ କିଙ୍ଗଡାଓ | ୧୮ ମିଲିଅନ୍ |
| ୯– ପୋର୍ଟ ଅଫ୍ ଦୁବାଇ | ୧୫.୭ ମିଲିଅନ୍ |
| ୧୦– ପୋର୍ଟ ଅଫ୍ ତିଆଞ୍ଜିନ୍ | ୧୪.୫ ମିଲିଅନ୍ |

ୟୁଥ୍ ଫ୍ୟାଶନ

# ଓଲଟା ଜିନ୍ସ ଫ୍ୟାଶନ

ମାର୍କେଟ୍‌କୁ ଆସୁଥିବା ନୂଆ ନୂଆ ଡିଜାଇନ୍‌ର ଜିନ୍ସକୁ ନେଇ ଏକ୍ସପେରିମେଣ୍ଟ କରିବାରେ ସବୁଠୁ ଆଗରେ ଯୁବପିଢ଼ି। ତେବେ ବର୍ତ୍ତମାନ ଓଲଟା ଜିନ୍ସ ପାଲଟିଛି ଅନେକଙ୍କ ପାଇଁ ଫ୍ୟାଶନ୍ ଷ୍ଟେଟ୍‌ମେଣ୍ଟ...





- ଏହି ଜିନ୍ସର ନାଁ ଦିଆଯାଇଛି ମିଡ୍ ରାଇଜ୍ ରିଭର୍ସ ଜିନ୍ସ।
- ହଠାତ୍ ଏହି ଜିନ୍ସ ଦେଖିଲେ ଆପଣଙ୍କୁ ଲାଗିବ ବୋଧହୁଏ ଏହାକୁ ଭୁଲ୍‌ରେ କେହି ଓଲଟା ପିନ୍ଧିଦେଇଛି। କିନ୍ତୁ ହେଲେ ଏହି ଜିନ୍ସକୁ ଓଲଟା ଡିଜାଇନ୍‌ରେ ପ୍ରସ୍ତୁତ କରାଯାଇଛି। ଯାହାକି ଏବେର ଯୁବପିଢିଙ୍କ ପାଇଁ ଲାଟେଷ୍ଟ ଟ୍ରେଣ୍ଡ୍ ପାଲଟିଛି।
- ଅନ୍ୟମାନଙ୍କ ଦୃଷ୍ଟି ଆକର୍ଷଣ କରିବା ଲାଗି ଏହାର ଷ୍ଟିଚିଂକୁ ଭିନ୍ନ ଧରଣର କରାଯାଇଛି। ଅର୍ଥାତ୍ ଭିତରେ ରହୁଥିବା ଷ୍ଟିଚିଂକୁ ବାହାରପଟେ କରାଯିବା ସହ ଭିତରପଟ ପକେଟ୍‌କୁ ମଧ୍ୟ ବାହାରେ ରଖାଯାଇଛି।
- ଏହାର ମୂଲ୍ୟ ୧୫୦୦ ଟଙ୍କାରୁ ଆରମ୍ଭ ହୋଇଛି।
- ଏହି ଜିନ୍ସର ଅନ୍ୟ ଏକ ଭେରାଇଟି ଏକ୍ସଟ୍ରିମ୍ କଟ୍‌ଆଉଟ୍ ଦେଖିବାକୁ ମଧ୍ୟ ଭିନ୍ନ ଧରଣର। ଅଣ୍ଟାଠାରୁ ପକେଟ ପର୍ଯ୍ୟନ୍ତ ଛାଡ଼ି ଗୋଇଠି ପର୍ଯ୍ୟନ୍ତ କଟା ହୋଇଥାଏ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା: ୧୪ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ରବିବାର, ୪ ସେପ୍ଟେମ୍ବର, ୨୦୨୨ Bhubaneswar, Sunday, September 4/2022

# ତୃତୀୟ ରାଉଣ୍ଡରୁ ସେରେନା, ମୁରେ ଆଉଟ

**ୟୁଏସ୍ ଓପନ**

ନ୍ୟୁୟର୍କ,୩।୯(ପି.ଟି)

ଚଳିତ ବର୍ଷର ଅନ୍ତିମ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ୟୁଏସ୍ ଓପନରେ ଦେଖିବାକୁ ମିଳିଛି ପୁଣି ଏକ ବଡ ବିପର୍ଯ୍ୟୟ। ନିଜର ଅନ୍ତିମ ଗ୍ରାଣ୍ଡସ୍ଲାମ ଖେଳୁଥିବା ସେରେନା ୱିଲିୟମ୍ସ ତୃତୀୟ ରାଉଣ୍ଡରୁ ହାରି ବିଦାୟ ନେଇଥିବା ବେଳେ ୩ ଥର ଗ୍ରାଣ୍ଡସ୍ଲାମ ଚାମ୍ପିୟନ ଆଣ୍ଡି ମୁରେ ମଧ୍ୟ ପରାଜୟ ସହିତ ବିଦାୟ ନେଇଛନ୍ତି। ନିଜ କ୍ୟାରିୟରର ଅନ୍ତିମ ଗ୍ରାଣ୍ଡସ୍ଲାମ ଖେଳୁଥିବା ନେଇ ସେରେନା ପରୋକ୍ଷ ଭାବରେ ସୂଚନା ଦେଇ ସାରିଥିବା ବେଳେ ଏହି ପରାଜୟ ସହିତ ୨୩ ଗ୍ରାଣ୍ଡସ୍ଲାମ ବିଜୟିନୀ ସେରେନାଙ୍କ ଯାତ୍ରାରେ ପୂର୍ଣ୍ଣଚ୍ଛେଦ ପଡିଛି। ଶୁକ୍ରବାର ବିଳମ୍ବିତ ରାତିରେ ଆର୍ଥର ଆଶେ ଷ୍ଟାଡିୟମରେ ଖେଳାଯାଇଥିବା ଏହି ମ୍ୟାଚ ପରେ ସେରେନା କାନ୍ଦି ପକାଇଥିଲେ। ଯଦିଓ ସେରେନା ନିଜ ଅବସର ସମ୍ପର୍କରେ କୌଣସି ସ୍ପଷ୍ଟ ସୂଚନା ଦେଇନାହାନ୍ତି ତଥାପି ଭଉଣୀ ଭେନସ ୱିଲିୟମ୍ସଙ୍କ ସୂଚନା ଏସବୁ ଆକଳନକୁ ସ୍ପଷ୍ଟ କରୁଛି। ତୃତୀୟ ରାଉଣ୍ଡ ମ୍ୟାଚରେ ଅଷ୍ଟ୍ରେଲିଆର ଆଲା ଟମଲାନୋଭିଚଙ୍କ


କ୍ୟାରିୟରର ଅନ୍ତିମ ଗ୍ରାଣ୍ଡସ୍ଲାମ୍ ଖେଳିସାରିବା ପରେ ଦର୍ଶକଙ୍କଠାରୁ ବିଦାୟ ନେଉଛନ୍ତି ସେରେନା ୱିଲିୟମ୍ସ।

ଓ ୬-୧ରେ ପରାଜିତ ହୋଇଥିଲେ। ଏହି ପରାଜୟ ପରେ ସେ କାନ୍ଦି ପକାଇଥିବା ବେଳେ ୨୯ ବର୍ଷୀୟା ଟମଲାନୋଭିଚ ମଧ୍ୟ ଦୁଃଖ ପ୍ରକାଶ କରିଥିଲେ। ସେରେନାଙ୍କୁ ଏପରି ଅବସ୍ଥାରେ ଦେଖିବା ନିହାତି କଷ୍ଟଦାୟକ ବୋଲି ଟମଲାନୋଭିଚ ବିଜୟ-ପରାଜୟ ରେକର୍ଡ ୨୮-୩୧ ରହିଥିବା ବେଳେ କେବେ ବି ତୃତୀୟ ରାଉଣ୍ଡ ପାର କରି ନ ଥିଲେ। ଶୁକ୍ରବାରର ବିଜୟ ସହିତ ଟମଲାନୋଭିଚ ପ୍ରଥମ ଥର ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି। ମାଟ୍ଟେଓ ବେରେଟ୍ଟିନୀଙ୍କ ସହିତ ନିଜର ବର୍ଷୀୟ ଆଣ୍ଡି ମୁରେ ମଧ୍ୟ ସମଦଶା ଭୋଗିଛନ୍ତି। ୨୦୨୧ ୱିମ୍ବେଲଡନ୍ ଫାଇନାଲିଷ୍ଟ ବେରେଟ୍ଟିନୀଙ୍କ ସହିତ ସାଢେ ୩ ଘଣ୍ଟାର ଲଢେଇ ପରେ ୬-୪, ୬-୪, ୬-୭(୧), ୬-୩ରେ ହାର ମାନିଥିଲେ ମୁରେ। ପରାଜିତ ହୋଇଥିଲେ ହେଁ ସେ ନିଜ ପ୍ରଦର୍ଶନକୁ ନେଇ ଖୁସି ପ୍ରକାଶ କରିଛନ୍ତି। ୩୫ ବର୍ଷ ବୟସରେ ଜଣେ ସିଡେଡ ଖେଳାଳିଙ୍କ ମୁକାବିଲା କରୁଥିବାରୁ ସେ ଖୁସି ପ୍ରକାଶ କରିଛନ୍ତି। ୨୦୧୬ ପରଠାରୁ ୬ ବର୍ଷରେ ପ୍ରଥମ ଥର ପାଇଁ ଗ୍ରାଣ୍ଡସ୍ଲାମ ପ୍ରବେଶରେ ମୁଁ ଅତ୍ୟନ୍ତ ଖୁସି ବୋଲି ମୁରେ କହିଛନ୍ତି।

ଅନ୍ୟତମ ଆମେରିକୀୟ ଖେଳାଳି କୋକୋଆ ଗୌଫ୍ ବିଜୟ ସହିତ ୪ର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି। ମାଡିସନ୍ କିସ୍‌ଙ୍କୁ ୬-୨, ୬-୩ ରେ ପରାସ୍ତ କରିଥିବା ବେଳେ ପରବର୍ତ୍ତୀ ମ୍ୟାଚରେ ଝାଙ୍ଗ ଶୁ ଆଇଙ୍କୁ ଭେଟିବେ। ଡିଫେଣ୍ଡିଂ ପୁରୁଷ ଚାମ୍ପିୟନ ଡାନିଲ ମେଡଭେଡେଭ୍ ଚାଇନାର ୱୁ ୟିବିଙ୍ଗଙ୍କୁ ୬-୪, ୬-୨ ଓ ୬-୨ରେ ପରାସ୍ତ କରି ୪ର୍ଥ ରାଉଣ୍ଡରେ ପହଞ୍ଚିଛନ୍ତି। ଅନ୍ୟ ଏକ ମ୍ୟାଚରେ ୱିମ୍ବେଲଡନ୍ ଚାମ୍ପିୟନ ଓନ୍ସ ଜାବୁଏର୍ ୩୧ ନମ୍ବର ଖେଳାଳି ସେଲବି ରୋଜର୍ସଙ୍କୁ ପରାସ୍ତ କରିଛନ୍ତି। ପୂର୍ବରୁ ସିଡେଡ ଓ ଗ୍ରାଣ୍ଡସ୍ଲାମ ଚାମ୍ପିୟନ ଖେଳାଳିଙ୍କ ମଧ୍ୟରେ ଆନେଟ୍ଟ କୋଣ୍ଟାଭିଟ୍, ମାରିଆ ସାକ୍କାରୀ, ପଉଲା ବଡୋସା, ଏମ୍ମା ରାଡୁକାନୁ ଓ ଲେୟଲା ଫର୍ନାଣ୍ଡେଜ୍ ବିଦାୟ ନେଇଥିବା ବେଳେ ଇଗା ସ୍ୱିଟେକ୍ କଓ ଜାବୁଏର୍ ୪ର୍ଥ ରାଉଣ୍ଡ ପ୍ରବେଶ କରିଛନ୍ତି। ଜାବୁଏର ପରବର୍ତ୍ତୀ ରାଉଣ୍ଡରେ ଭେରୋନିକା କୁଦେରମେଟୋଭାଙ୍କୁ ଭେଟିବେ।

# ଜଗରନଟ୍ସ-ଯୋଦ୍ଧାସ୍ ଫାଇନାଲ


ଗୁଜରାଟ ଜାଏଣ୍ଟ୍ସ ଓ ତେଲୁଗୁ ଯୋଦ୍ଧାସ୍ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।

ଭୁବନେଶ୍ୱର,୩।୯(ସ୍ପୋର୍ଟ୍ସ ବ୍ୟୁରୋ)

ଅଲଟିମେଟ ଖୋ ଖୋ ପ୍ରଥମ ସିଜିନର ଫାଇନାଲରେ ପ୍ରବେଶ କରିଛନ୍ତି ଓଡ଼ିଶା ଜଗରନଟ୍ସ ଓ ତେଲୁଗୁ ଯୋଦ୍ଧାସ। ପୁଣେର ମହାଲୁଙ୍ଗେ ସ୍ଥିତ ଶ୍ରୀ ଶିବ ଛତ୍ରପତି ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଟାଇଟଲ ଲଢେଇ ଖେଳାଯିବ। ଓଡ଼ିଶା ଜଗରନଟ୍ସ ପୂର୍ବରୁ ଫାଇନାଲରେ ପହଞ୍ଚି ସାରିଥିଲା। ଶନିବାର ଖେଳାଯାଇଥିବା କ୍ୱାଲିଫାୟର-୨ରେ ତେଲୁଗୁ ଯୋଦ୍ଧାସ ୬୭-୪୪ରେ ଲିଗ୍ ପର୍ଯ୍ୟାୟର ଟେବଲ ଟପର ଗୁଜରାଟ ଜାଏଣ୍ଟ୍ସକୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛି।

ବିଜୟୀ ଦଳର ଅରୁଣ ଗୁଞ୍ଜି ସର୍ବାଧିକ ୧୬ ପଏଣ୍ଟ ସ୍କୋର କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ୧୪ ପଏଣ୍ଟ ସହିତ ପ୍ରଜ୍ୱଳ କେ ଏଚ୍ ୧୪ ପଏଣ୍ଟ ସ୍କୋର କରିଥିବା ବେଳେ ୫ ଜଣ ଖେଳାଳିଙ୍କୁ ଆଉଟ କରିଥିଲେ। ଚଳିତ ସିଜିନରେ ଆକ୍ରମଣାତ୍ମକ ଖେଳ ପ୍ରଦର୍ଶନ କରୁଥିବା ତେଲୁଗୁ ଯୋଦ୍ଧାସ ଅଲରାଉଣ୍ଡ ପ୍ରଦର୍ଶନ ସହିତ ବିଜୟୀ ହୋଇଛି। ପ୍ରଥମ ରାଉଣ୍ଡ ସୁଦ୍ଧା ଗୁଜରାଟ ୨୧-୩୯ରେ ପଛୁଆ ରହିଥିଲ। ତେବେ ଡିଫେଣ୍ଡର ଅଭିନନ୍ଦନ ପାଟିଲ ଚମତ୍କାର ପ୍ରଦର୍ଶନ କରିଥିଲେ। ପାଟିଲ ୪.୨୬ ମିନିଟର ଡିଫେଣ୍ଡ କରିବା ସହିତ ୮ ବୋନସ ପଏଣ୍ଟ ହାସଲ କରିଥିଲେ। ପାଟିଲଙ୍କ ପ୍ରଦର୍ଶନ ସତ୍ତ୍ୱେ ଗୁଜରାଟ ପରାଜୟରୁ ବର୍ତ୍ତି ପାରିନଥିଲା। ତୃତୀୟ ଟର୍ନ ସୁଦ୍ଧା ଦଳ ୬୧-୨୯ରେ ପଛୁଆ ଥିଲା। ଶେଷ ଟର୍ନରେ ଯୋଦ୍ଧାସ ଧୀମା ଖେଳିବା ସହିତ ମ୍ୟାଚକୁ ଅନାୟାସରେ ଜିତି ନେଇଥିଲା।

## ଜଗରନଟ୍ସ ଖେଳାଳି, କୋଚ୍‌ଙ୍କ ସହ କଥା ହେଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୩।୯ (ସ୍ପୋର୍ଟ୍ସ ବ୍ୟୁରୋ):** ଓଡ଼ିଶା ଜଗରନଟ୍ସ ପୁଣେଠାରେ ଚାଲିଥିବା ଅଲ୍ଟିମେଟ୍ ଖୋ ଖୋ ଲିଗ୍‌ର ଫାଇନାଲରେ ପ୍ରବେଶ କରିବା ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଜୟୀ ଦଳକୁ ଅଭିନନ୍ଦନ ଜଣାଇଛନ୍ତି। ଏଥିସହ ଭିଡିଓ କନ୍‌ଫରେନ୍ସ ଜରିଆରେ ସେ କୋଚ୍ ଓ ଖେଳାଳିଙ୍କ ସହ ବାର୍ତ୍ତାଳାପ କରିଛନ୍ତି। ରବିବାର ଖେଳାଯିବାକୁ ଥିବା ଫାଇନାଲରେ ଦଳର ଭଲ ପ୍ରଦର୍ଶନ ନେଇ ସେ ଶୁଭକାମନା କରିଛନ୍ତି। ରାଜ୍ୟ ମାଲିକାନାରେ ରହିଥିବା ଜଗରନଟ୍ସ ଶୁକ୍ରବାର ଗୁଜରାଟ ଜାଏଣ୍ଟ୍ସ ବିପକ୍ଷରେ ପ୍ରାଧାନ୍ୟ ବିସ୍ତାର କରି ବିଜୟ ଲାଭ କରିଥିଲା। ଭିଡିଓ କନ୍‌ଫରେନ୍ସ ଜରିଆରେ ମୁଖ୍ୟମନ୍ତ୍ରୀ ମୁଖ୍ୟ କୋଚ୍ ଅଶ୍ୱିନ କୁମାର ଶର୍ମା, ସହ-ଅଧିନାୟକ ଦୀପେଶ ବିଜୟ ମୋରେ ଓ ଖେଳାଳି ଜଗନ୍ନାଥ ମୁର୍ମୁଙ୍କ ସହ କଥାହୋଇଥିଲେ। ଓଡ଼ିଶା ସରକାରଙ୍କଠାରୁ ମିଳିଥିବା ସମର୍ଥନକୁ ନେଇ ସେମାନେ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ରବିବାର ପ୍ରଭାବୀ ପ୍ରଦର୍ଶନ କରି ଲୋଭନୀୟ ଟ୍ରଫି ସହ ସେମାନେ ଭୁବନେଶ୍ୱର ଫେରିବେ ବୋଲି ଆଶା ପ୍ରକାଶ କରି କହିଥିଲେ।

# ନେପାଳରେ ପହଞ୍ଚିଲା ମହିଳା ଦଳ

**ସାଫ୍ କପ୍ ଫୁଟ୍‌ବଲ୍**


ଭାରତୀୟ ମହିଳା ଫୁଟବଲ୍ ଦଳ।

ନୂଆଦିଲ୍ଲୀ,୩।୯

ଦକ୍ଷିଣ ଏସୀୟ ଫୁଟବଲ ମହାସଂଘ (ସାଫ୍) ପକ୍ଷରୁ ଆୟୋଜିତ ହେବାକୁ ଥିବା ମହିଳା ଚାମ୍ପିୟନଶିପ୍ ପାଇଁ ଭାରତୀୟ ଦଳ ନେପାଳରେ ପହଞ୍ଚିଛି। ଡିଫେଣ୍ଡିଂ ଚାମ୍ପିୟନ୍ ଭାରତ ଆଶାଲତା ଦେବୀଙ୍କ ନେତୃତ୍ୱରେ କାଠମାଣ୍ଡୁରେ ପହଞ୍ଚିଛି। ୬ ତାରିଖରୁ ନେପାଳର କାଠମାଣ୍ଡୁରେ ଏହି ଟୁର୍ନାମେଣ୍ଟ ଆୟୋଜିତ ହେବ। ଭାରତ ଗ୍ରୁପ୍-ଏରେ ସ୍ଥାନ ପାଇଥିବାବେଳେ ପାକିସ୍ତାନ, ମାଳଦ୍ୱୀପ ଓ ବାଂଲାଦେଶ ସମାନ ଗ୍ରୁପ୍‌ରେ ରହିଛନ୍ତି। ସୁରେନ ଛେତ୍ରୀ ଭାରତୀୟ ଦଳର କୋଚ୍ ରହିଥିବା ବେଳେ ୭ ତାରିଖରେ ପାକିସ୍ତାନ ବିପକ୍ଷରେ ଦଳ ଉଦ୍‌ଘାଟନୀ ମ୍ୟାଚ୍ ଖେଳିବ। ୧୦ ସେପ୍ଟେମ୍ବରରେ ମାଳଦ୍ୱୀପ ଓ ସେପ୍ଟେମ୍ବର ୧୩ରେ ବାଂଲାଦେଶ ବିପକ୍ଷରେ ମ୍ୟାଚ୍ ଖେଳିବ ଭାରତ। କାଠମାଣ୍ଡୁସ୍ଥିତ ଦଶରଥ ଷ୍ଟାଡିୟମରେ ଏହି ଟୁର୍ନାମେଣ୍ଟର ସମସ୍ତ ମ୍ୟାଚ୍ ଖେଳାଯିବ। ପୁନେରେ କ୍ୟାମ୍ପ୍ ପରେ ଭାରତୀୟ ମହିଳା ଦଳ ନେପାଳ ଗସ୍ତ କରିଥିବା ବେଳେ ଉଜ୍‌ବେକିସ୍ତାନରେ ଖେଳୁଥିବା ଡେଙ୍ଗମେଇ ଗ୍ରେସ୍ ଭାରତୀୟ ଦଳ ସହିତ ଯୋଗ ଦେବେ। **ଗୋଲ କିପର:** ଅଦିତି ଚୌହାନ, ମାଇବାମ ଲିନଥୋଇନଗାମ୍ବି ଦେବୀ, ସୋମିୟା ନାରାୟଣସାମୀ। **ଡିଫେଣ୍ଡର:** ସ୍ୱିଟି ଦେବୀ, ରିତୁ ରାଣୀ, ଆଶାଲତା ଦେବୀ, ରଞ୍ଜନା ଚାନୁ, ମନୀଷା ପନ୍ନା, ମିଚେଲ୍ କାଷ୍ଟାନା, ଜୁଲି କିଶାନ, ସନ୍ତୋଷ। **ମିଡଫିଲ୍ଡର:** ଅଞ୍ଜୁ ତମାଙ୍ଗ, ପ୍ରିୟଙ୍କା ଦେବୀ, ମାର୍ଟିନା ଥୋକଚୋମ୍, ସନ୍ଧ୍ୟା ରଙ୍ଗନାଥନ, କାର୍ଶ୍ମିନା, ରତ୍ନବାଳା ଦେବୀ। **ଫରୱାର୍ଡ:** ଡୁଲାର ମାରାଣ୍ଡି, ଅପୂର୍ଣ୍ଣା ନାର୍ଜାରେ, ସୌମ୍ୟା ଗୁଗୁଲୋଥ୍, ରେଣୁ, କିରଣ ପିସଦା, ଡେଙ୍ଗମେଇ ଗ୍ରେସ୍। **ମୁଖ୍ୟ କୋଚ୍:** ସୁରେନ୍ ଛେତ୍ରୀ।

## ଲାରା ସନରାଇଜର୍ସ ମୁଖ୍ୟ କୋଚ୍

**ନୂଆଦିଲ୍ଲୀ, ୩।୯ (ପି.ଟି.):** ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ସିଜନ ୨୦୨୩ ପାଇଁ ପୂର୍ବତନ ଅଷ୍ଟ୍ରେଲୀୟ କ୍ରିକେଟର ଟମ୍ ମୁଡିଙ୍କ ସ୍ଥାନରେ କିମ୍ବଦନ୍ତୀ ବ୍ରାଏନ ଲାରା ସନରାଇଜର୍ସ ହାଇଦ୍ରାବାଦ ଟିମ୍‌ର ମୁଖ୍ୟ କୋଚ୍ ଭାବେ ନିଯୁକ୍ତି ପାଇଛନ୍ତି। ୫୩ ବର୍ଷୀୟ ଲାରା ପ୍ରଥମଥର ପାଇଁ ଏକ ଟି୨୦ ଟିମ୍‌ର ମୁଖ୍ୟ କୋଚ୍ ହୋଇଛନ୍ତି। ୱେଷ୍ଟଇଣ୍ଡିଜର ପୂର୍ବତନ ଅଧିନାୟକ ଗତ ଡିସେମ୍ବରରେ ସନରାଇଜର୍ସ ଟିମ୍‌ର ରଣକୌଶଳ ଉପଦେଷ୍ଟା ଓ ବ୍ୟାଟିଂ କୋଚ୍ ଭାବେ ଯୋଗ ଦେଇଥିଲେ।

# ଆଫଗାନିସ୍ତାନକୁ ହରାଇଲା ଶ୍ରୀଲଙ୍କା

ଦୁବାଇ,୩।୯

ଏସଆ କପ୍ ଟି୨୦ କ୍ରିକେଟ ମୁକାବିଲାର ସୁପର-୪ ପର୍ଯ୍ୟାୟରେ ବିଜୟରୁ ଅଭିଯାନ ଆରମ୍ଭ କରିଛି ଶ୍ରୀଲଙ୍କା। ୧୭୬ ରନ୍ ଲକ୍ଷ୍ୟର ପିଛା କରୁଥିବା ଶ୍ରୀଲଙ୍କା ୬ଟି ବଲ୍ ବାକିଥାଇ ୬ ଉଇକେଟ ହରାଇ ଜିତି ନେଇଛି। ଏହା ସହିତ ଲିଗ୍ ପର୍ଯ୍ୟାୟ ପରାଜୟର ପ୍ରତିଶୋଧ ନେଇଛି। ଭାନୁକା ରାଜପକ୍ଷା ୧୪ ବଲରୁ ଦ୍ରୁତ ୩୧ ରନ୍ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କୁଶାଲ ମେଣ୍ଡିସ୍(୩୬), ପାଥୁମ୍ ନିସଙ୍କା(୩୫) ଓ ଧନୁଷ୍କା ଗୁଣଥିଲକା(୩୩) ରନ୍‌ର ଉପଯୋଗୀ ଇନିଂସ ଖେଳିଥିଲେ। ୧୯ ଓଭରର ଅନ୍ତିମ ବଲ୍‌ରେ ଚୌକା ମାରି ହସରଙ୍ଗା(୧୬) ଦଳକୁ ଜିତାଇଥିଲେ। ରାଜପକ୍ଷେଙ୍କ ଇନିଂସରେ ୪ ଚୌକା ଓ ୧ ଛକା ସାମିଲ ଥିଲା। ଶ୍ରୀଲଙ୍କା ପକ୍ଷରୁ ଜଣେ ବି ଖେଳାଳି ଅର୍ଦ୍ଧଶତକ ହାସଲ କରି ନ ଥିଲେ। ତେବେ ୫ ବ୍ୟାଟରଙ୍କ ଉପଯୋଗୀ ଅବଦାନ ରହିଥିଲା। ୧୯ ବଲରୁ ୩୬ ରନ୍ କରିଥିବା କୁଶାଲ ୨ଚୌକା ଓ ୩ ଛକା ମାରିଥିଲେ। ଆଫଗାନିସ୍ତାନ ପକ୍ଷରୁ ମୁଜିବୁର ରେହମାନ ଓ ନବୀନ ଉଲ ହକ୍ ଦୁଇଟି ଲେଖାଏ ଉଇକେଟ ନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଶିଦ୍ ଖାନ୍ ଓ ମହମ୍ମଦ ନବି ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଟସ୍ ଜିତି ଶ୍ରୀଲଙ୍କା ବୋଲିଂ କରିଥିବା ବେଳେ ଓପନର ରହମାନୱାଲା ଗୁରବାଜ ୮୪ ରନ୍‌ର ଇନିଂସ ସହିତ ଆଫଗାନିସ୍ତାନ ୧୭୫ ରନ କରିଥିଲା। ହଜରତଉଲ୍ଲା ଜଜାଇ(୧୫) ଓ ଗୁରବାଜ ପ୍ରଥମ ଉଇକେଟରେ ୪୬ ରନ୍ ଯୋଡ଼ିଥିଲେ। ଜଜାଇଙ୍କୁ ବୋଲ୍ଡ କରି ଦିଲଶାନ ମଧୁଶଙ୍କା ଏହି ଯୋଡ଼ି ଭାଙ୍ଗିଥିଲେ। ଇବ୍ରାହିମ୍ ଜାଦ୍ରାନ(୪୦)ଙ୍କୁ ସାଥୀ କରି ତୃତୀୟ ଉଇକେଟରେ ଗୁରବାଜ ୯୩ ରନ୍ ଯୋଡ଼ିଥିଲେ। ଗୁରବାଜ ୪୫ ବଲ ଖେଳି ଧୂଆଁଧାର ୮୪ ରନ୍ କରିଥିଲେ। ଏହି ଇନିଂସରେ ୪ ଚୌକା ଓ ୬ ଛକା ସାମିଲ ରହିଥିଲା। ଶ୍ରୀଲଙ୍କା ପକ୍ଷରୁ ଦିଲଶାନ ମଧୁଶଙ୍କା ସର୍ବାଧିକ ଦୁଇଟି ଉଇକେଟ ନେଇଛନ୍ତି। ଆସିଥା ଫର୍ନାଣ୍ଡୋ ଓ ମହୀଷ ତୀକ୍ଷଣା ଅନ୍ୟ ଦୁଇଟି ଉଇକେଟ ସେମାନଙ୍କ ମଧ୍ୟରେ ବାଣ୍ଟି ନେଇଥିଲେ।


ଏକ ଆକର୍ଷଣୀୟ ଶଟ୍ ଖେଳୁଛନ୍ତି ପ୍ଲେୟାର ଅଫ୍ ଦି ମ୍ୟାଚ୍ ରହମାନୁଲ୍ଲା ଗୁରବାଜ।

# ଆଜି ଭାରତ-ପାକିସ୍ତାନ ମୁକାବିଲା

**ଏସିଆ କପ୍ ସୁପର ୪**

ଦୁବାଇ,୩।୯(ପି.ଟି)

ଏସିଆ କପ୍ ଟି୨୦ କ୍ରିକେଟରେ ରବିବାର ପାକିସ୍ତାନ ବିପକ୍ଷରେ ସୁପର-୪ ମ୍ୟାଚ୍ ଖେଳିବ ଭାରତ। ଲିଗ୍ ପର୍ଯ୍ୟାୟରେ ଭାରତ ଅପରାଜେୟ ରହି ସୁପର୍-୪ରେ ପ୍ରବେଶ କରିଥିବା ବେଳେ ହଂକଂ ବିପକ୍ଷରେ ବୃହତ ବିଜୟ ସହିତ ପାକିସ୍ତାନ ଦଳ ପ୍ରବେଶ କରିଥିଲା। ତେବେ ଉଭୟ ଦଳ ମଧ୍ୟରେ ଖେଳାଯାଇଥିବା ଲିଗ୍ ମ୍ୟାଚକୁ ୫ ଉଇକେଟ ଓ ୨ଟି ବଲ୍ ବାକିଥାଇ ଜିତି ନେଇଥିଲା ଭାରତ। ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଅଲରାଉଣ୍ଡ ସଫଳତା ବଳରେ ଭାରତ ସଂଘର୍ଷପୂର୍ଣ୍ଣ ଏନକାଉଣ୍ଟର ଜିତିଥିଲା। ତେବେ ସୁପର-୪ର ମ୍ୟାଚ ପୂର୍ବରୁ ଭାରତୀୟ ଟପ୍ ଅର୍ଡର ଉପରେ ସଭିଙ୍କ ନଜର ରହିବ। ଭାରତୀୟ ଟପ୍ ଅର୍ଡର ବ୍ୟାଟ୍ସମ୍ୟାନ୍ ବିସ୍ଫୋରକ ବ୍ୟାଟିଂ କରିବାରେ ଅସମର୍ଥ ରହିବା ସହିତ ପାୱାର ପ୍ଲେ ଓଭରରେ ଦ୍ରୁତ ରନ୍ ସଂଗ୍ରହ କରି ପାରୁନାହାନ୍ତି। ଲୋକେଶ ରାହୁଲ ପ୍ରତ୍ୟାବର୍ତ୍ତନ କରୁଥିବା କାରଣରୁ ଏହା ତାଙ୍କ ପାଇଁ ସ୍କୋରିଂ ଏତେଟା ସହଜ ରହୁନାହିଁ ମାତ୍ର ରୋହିତ ଶର୍ମା ଓ ବିରାଟ କୋହଲିଙ୍କ ବ୍ୟାଟ ମଧ୍ୟ ନୀରବ ରହୁଛି। ଅଲରାଉଣ୍ଡର ରବୀନ୍ଦ୍ର ଜାଡେଜା ଆହତ ହୋଇ ଟୁର୍ନାମେଣ୍ଟରୁ ବାଦ ପଡିବା ଭାରତ ପାଇଁ ଆଉ ଏକ ବଡ ସମସ୍ୟା ସୃଷ୍ଟି କରିଛି। ଏହା ଭାରତୀୟ ଦଳର କମ୍ବିନେସନ ବିଗାଡିପାରେ। ଜାଡେଜାଙ୍କ ବଦଳ ଖେଳାଳି ଭାବରେ ଭାରତୀୟ ଦଳରେ ସ୍ଥାନ ପାଇଥିବା ଅକ୍ଷର ପଟେଲ ଏହି ମ୍ୟାଚ ଖେଳି ପାରନ୍ତି। ତେବେ ଅକ୍ଷର ନିମ୍ନକ୍ରମରେ ଜଣେ ଭଲ ବ୍ୟାଟ୍ସମ୍ୟାନ ହୋଇଥିଲେ ହେଁ ତାଙ୍କୁ ୪-୫ ନମ୍ବରରେ ଖେଳାଇବା ବୁମେରାଙ୍ଗ ସାବ୍ୟସ୍ତ ହୋଇପାରେ। ସେହିପରି ରିଷଭ ପନ୍ତ ଓ ଦୀନେଶ କାର୍ତ୍ତିକଙ୍କ ମଧ୍ୟରୁ କିଏ ଚୂଡାନ୍ତ ଏକାଦଶରେ ସ୍ଥାନ ପାଇବେ ତାହାକୁ ନେଇ ମଧ୍ୟ ଆଶଙ୍କା ଲାଗି ରହିଛି। ପାକିସ୍ତାନ ବିପକ୍ଷ ଲିଗ୍ ମ୍ୟାଚରେ ପନ୍ତ ଖେଳିନଥିବା ବେଳେ ଏହ ମ୍ୟାଚର ଚୂଡାନ୍ତ ଏକାଦଶ ନିର୍ଦ୍ଧାରଣ କରିବା ରାହୁଲ ଦ୍ରାଭିଡ୍-ରୋହିତ ଶର୍ମାଙ୍କ ପାଇଁ ଚିନ୍ତାର କାରଣ ହେବ। ସେହିପରି ଭାରତ ପାଇଁ ଆଉ ଏକ ଚିନ୍ତାର କାରଣ ହେଉଛି ପେସ୍ ବୋଲିଂ। ଭୁବନେଶ୍ୱର ଓ ଅର୍ଶଦୀପ ସିଂଙ୍କ ବୋଲିଂ ଆକ୍ରମଣ ବେଶ ଶକ୍ତିଶାଳୀ ହୋଇଥିବା ବେଳେ ତୃତୀୟ ପେସର୍ ଆଭେଶ ଖାନ୍ ନିହାତି ସାଧାରଣ ବୋଲିଂ କରିଛନ୍ତି। ଓପନିଂ ଯୋଡି ପରିବର୍ତ୍ତନର ବିକଳ୍ପ ରହିଥିବା ବେଳେ ଆଭେଶ୍ ଖାନଙ୍କ ସ୍ଥାନରେ ଭାରତ ଦୀପକ ହୁଡା କିମ୍ବା ଆର. ଅଶ୍ୱିନଙ୍କୁ ସାମିଲ କରିପାରେ। ଦୁବାଇର ଧୀମା ଟ୍ରାକରେ ଉଭୟଙ୍କ ମଧ୍ୟରୁ ଜଣେ ଖେଳିଲେ ଭାରତକୁ ଏହାର ଫାଇଦା ମିଳିପାରିବ। ପାକିସ୍ତାନର ଟପ୍ ଅର୍ଡରରେ ୨ ଜଣ ବାମହାତୀ ଖେଳାଳି ରହିଥିବାରୁ ଅଫ୍ ସ୍ପିନର ଅଶ୍ୱିନ୍ ଓ ହୁଡାଙ୍କ ମଧ୍ୟରୁ ଜଣଙ୍କୁ ସାମିଲ କରାଗଲେ ଭାରତକୁ ଏହାର ଫାଇଦା ମିଳିପାରିବ। ଭୁବନେଶ୍ୱର କୁମାର ଓ ହାର୍ଦ୍ଦିକ ପାଣ୍ଡ୍ୟା ଭାରତୀୟ ବୋଲିଂର ନେତୃତ୍ୱ ନେବେ।

**ମ୍ୟାଚ୍ ସ୍ଥାନ: ଦୁବାଇ**
**ସମୟ: ରାତି ୭.୩୦**

# ଜିମ୍ବାୱେର ଚମତ୍କପ୍ରଦ ବିଜୟ

**ଟାଉନ୍ସଭିଲେ, ୩।୯(ଏପି):** ଅଷ୍ଟ୍ରେଲିଆ ବିପକ୍ଷ ତୃତୀୟ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ମ୍ୟାଚରେ ଜିମ୍ବାୱେ ୩ ଉଇକେଟରେ ବିଜୟ ହାସଲ କରିଛି। ଦଳର ପ୍ରଥମ ଡାଉନ୍‌ଅଣ୍ଡର ପଦାର୍ପଣ ୩୦ ବର୍ଷ ପରେ ଅଷ୍ଟ୍ରେଲିଆ ବିପକ୍ଷ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟରେ ଜିମ୍ବାୱେର ଏହା ପ୍ରଥମ ବିଜୟ। ର୍ୟାନ୍ ବର୍ଲ ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ସେ ମାତ୍ର ୧୦ରନ ବିନିମୟରେ ୫ ଉଇକେଟ ଅକ୍ତିଆର କରିଥିଲେ। **ସଂକ୍ଷିପ୍ତ ସ୍କୋର:** ଅଷ୍ଟ୍ରେଲିଆ: ୩୧ ଓଭରରେ ୧୪୧/ଅଲଆଉଟ (ଡେଭିଡ୍ ୱାର୍ନର-୯୪, ଗ୍ଲେନ ମାକ୍ସୱେଲ-୧୯ ; ର୍ୟାନ୍ ବର୍ଲ-୫/୧୦, ବ୍ରାଡ୍ ଇଭାନ୍ସ-୨/୩୫)। ଜିମ୍ବାୱେ : ୪୭ ଓଭରରେ ୧୪୨/୭ (ଟାଡିୱାନାସି ମାରୁମାନି-୩୫, ରେଗିସ୍ ଚକାଭା - ୩୭*; ଜୋସ୍ ହାଜେଲଉଡ୍ - ୩/୩୦)।







1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

## ସଂକ୍ଷେପରେ

### ୨୯ ଗ୍ରାମ ବ୍ରାଉନସୁଗାର ଜବତ, ୨ ଗିରଫ



ଖୋର୍ଦ୍ଧା ଅଫିସ,୩ା୯: ଖୋର୍ଦ୍ଧାରେ ବ୍ରାଉନସୁଗାର କାରବାର ବଢ଼ିଚାଲିଛି। ଅବକାରୀ ବିଭାଗ, ଏସ୍‌ଟିଏଫ୍ ଓ ପୋଲିସର ବାରମ୍ବାର ଚଢ଼ାଉ ସତ୍ତ୍ୱେ ଏହି କାରବାର ଥମୁନାହିଁ। ଶନିବାର ଅପରାହ୍ନରେ ଖୋର୍ଦ୍ଧା ଅବକାରୀ ପୋଲିସ ନୂଆ ବସଷ୍ଟାଣ୍ଡରେ ଚଢ଼ାଉ କରି ୨୯ ଗ୍ରାମ ବ୍ରାଉନସୁଗାର ସହ ଏକ ଅଟୋ (ଓଡି୧୩-ଇ-୪୫୨୯) ଜବତ କରିଛି। ଏଥିରେ ସମ୍ପୃକ୍ତି ନେଇ ପୋଲିସ ୨ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ପୁରୀ ରେଲୱେ କଲୋନୀର ରାକେଶ ନାୟକ(୩୫) ଏବଂ ଅଟୋଚାଳକ ଘୋଡା ବଜାରର ଏନ୍. ମୋହନ ରେଡ୍ଡୀ। ଜବତ ବ୍ରାଉନସୁଗାରର ଆନୁମାନିକ ମୂଲ୍ୟ ୨ଲକ୍ଷ ୯୦ହଜାର ଟଙ୍କା ହେବ। ଏନେଇ ଅବକାରୀ ଥାନାରେ ଏନଡିପିଏସ ଆକ୍ଟରେ ଏକ ମାମଲା(ନଂ.୬୩/୨୨) ରୁଜୁ ହୋଇଛି। ଅଭିଯୁକ୍ତ ରାକେଶ ଖୋର୍ଦ୍ଧାର ଜଣେ ବେପାରୀଙ୍କ ଠାରୁ ବ୍ରାଉନସୁଗାର କିଣି ଅଟୋରେ ପୁରୀ ଯାଉଥିଲେ। କୌଣସି ସୂତ୍ରରୁ ଖବରପାଇ ଅବକାରୀ ଟିମ ଚଢ଼ାଉ କରି ବ୍ରାଉନସୁଗାର ସହ ଅଟୋକୁ ଜବତ କରିଥିଲେ। ତେବେ ସେ କାହା ଠାରୁ ବ୍ରାଉନସୁଗାର ଆଣିଥିଲେ ସେ ସମ୍ପର୍କରେ ତଦନ୍ତ ଜାରି ରହିଥିବା ପୋଲିସ କହିଛି।

### ଫୁଟ୍‌ବଲ: ୨ ମ୍ୟାଚ୍ ଡ୍ର

**ଯାଁଳା,୩ା୯(ଡି.ଏନ୍.ଏ.):** ମଦନପୁର ନବଜ୍ୟୋତି କ୍ଲବ ପକ୍ଷରୁ ଆୟୋଜିତ ଫୁଟ୍‌ବଲ ଲିଗ୍ ଟୁର୍ନାମେଣ୍ଟରେ ଶନିବାର ନବଜ୍ୟୋତି କ୍ଲବ ମଦନପୁର ଏବଂ ଗାଦିଶ୍ୱର କ୍ଲବ କୁଜିମହୁଲ ମଧରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଖେଳ ଶେଷ ପର୍ଯ୍ୟନ୍ତ କେହି କାହାରିକୁ ଗୋଲ ଦେଇ ପାରି ନ ଥିଲେ। ଫଳରେ ଉଭୟ ଟିମ୍ ଗୋଟିଏ ଲେଖାଏ ପଏଣ୍ଟ ହାସଲ କରିଥିଲେ। ସେହିପରି ଦ୍ୱିତୀୟ ମ୍ୟାଚରେ ବଜରଙ୍ଗବାଲି ଘାଟିକିଆ ଓ ଇଲେଭେନ ଷ୍ଟାର ବେଣାଝୁରୀ ମଧରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଖେଳ ଶେଷ ପର୍ଯ୍ୟନ୍ତ କେହି କାହାରିକୁ ଗୋଲ ନ ଦେଇ ପାରିବାରୁ ଗୋଟିଏ ଲେଖାଏ ପଏଣ୍ଟ ହାସଲ କରିଥିଲେ। ଆନନ୍ଦ ନାୟକ, ସୁବାଷ ସିଂ ଓ ପ୍ରକାଶ ନାୟକ ମ୍ୟାଚ୍ ପରିଚାଳନା କରିଥିଲେ।

### ଶ୍ୱଶୁରଘର ଲୋକଙ୍କୁ ପୋଡ଼ି ମାରିବା ଉଦ୍ୟମ, ଜ୍ୱାଇଁ ଗିରଫ

**ଭୁବନେଶ୍ୱର,୩ା୯ (ବ୍ୟୁରୋ):** ଶ୍ୱଶୁର ଘର ଲୋକଙ୍କୁ ପେଟ୍ରୋଲ ଢାଳି ନିଆଁ ଲଗାଇ ପୋଡ଼ି ମାରିଦେବାକୁ ଉଦ୍ୟମ କରିବା ଅଭିଯୋଗରେ ଖଣ୍ଡଗିରି ଥାନା ପୋଲିସ ସଂପୃକ୍ତ ଜ୍ୱାଇଁଙ୍କୁ ଗିରଫ କରିଛି। ସେ ହେଲେ ଭରତପୁର ଥାନା ଅଞ୍ଚଳରେ ରହୁଥିବା କେନ୍ଦ୍ରାପଡାର ସୌମ୍ୟ ରଞ୍ଜନ ନାୟକ। ତାଙ୍କଠାରୁ ଏକ ପେଟ୍ରୋଲ ବୋତଲ ଜବତ କରାଯାଇଛି। ପୋଲିସ ମାମଲା (ନଂ.୪୩୭/୨୨) ରୁଜୁ କରି ଅଭିଯୁକ୍ତ ସୌମ୍ୟଙ୍କୁ ଶନିବାର କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଡୁମୁଡୁମା ଅଞ୍ଚଳର ମହେଶ୍ୱର ନାୟକଙ୍କ ଝିଅଙ୍କୁ ସୌମ୍ୟ ୫ ବର୍ଷ ତଳେ ବିବାହ କରିଥିଲା। ୨୪ ଅଗଷ୍ଟରେ ସୌମ୍ୟ ଶ୍ୱଶୁର ଘରକୁ ଆସି ସମସ୍ତଙ୍କୁ ପୋଡ଼ି ମାରିଦେବାକୁ ଉଦ୍ୟମ କରିଥିଲେ।

# ଆସିଲା ମା'କାଳିଜାଈଙ୍କ ଆଜ୍ଞାମାଳ

**ମା' ଭଗବତୀଙ୍କ ଶାରଦୀୟ ପାର୍ବଣ ଶୁଭାରମ୍ଭ**

■ ଚିଲିକାରେ ହେଲା ପାଣିତୋଳା ଉତ୍ସବ

ବାଲୁଗାଁ,୩ା୯(ଡି.ଏନ୍.ଏ.)

ଭାଦ୍ରବ ଶୁକ୍ଳପକ୍ଷ ସପ୍ତମୀ ତିଥି ଅବସରରେ ଶନିବାର ବାଣପୁରର ଆରାଧ୍ୟ ଦେବୀ ମା'ଭଗବତୀଙ୍କ ଶାରଦୀୟ ପାର୍ବଣର ଶୁଭାରମ୍ଭ ହୋଇଛି। ଏଥିସହ ଏକ ଡଙ୍ଗାରେ ମା'କାଳିଜାଈଙ୍କ ଆଜ୍ଞାମାଳ ଆସିବା ପରେ ଚିଲିକାରେ ମା'ଭଗବତୀ ଓ କାଳିଜାଈଙ୍କ ପାଣିତୋଳା ଉତ୍ସବ ଅନୁଷ୍ଠିତ ହୋଇଥିଲା। ତେବେ ଭଗବତୀଙ୍କ ଶାରଦୀୟ ପାର୍ବଣ ନିମନ୍ତେ ତଥାକଥିତ ଛଅ ଭଉଣୀଙ୍କୁ ବିଭିନ୍ନ ତିଥିରେ ନିମନ୍ତ୍ରଣ କରାଯାଇଥାଏ। ପୂର୍ବରୁ ପଣା ସଂକ୍ରାନ୍ତିରେ ଭଉଣୀ ମା' ସିଦ୍ଧାମ୍ବରୀ, ଅଶୋକାଷ୍ଟମୀ ତିଥିରେ ମା'ନାରାୟଣୀଙ୍କ ଆଜ୍ଞାମାଳ ଆସିସାରିଥିବା ବେଳେ ଭେଟ ଅମାବାସ୍ୟା ତିଥିରେ ମା' ବିରଜାଈ, ମା'ପୋଲକାଶୁଣୀ, ମା' ବୁଢ଼ୀଠାକୁରାଣୀଙ୍କ ଆଜ୍ଞାମାଳ ଆସିଥାଏ।

ପରମ୍ପରା ଅନୁଯାୟୀ ଅପରାହ୍ନରେ ମା' ଭଗବତୀଙ୍କ କାଠି ଠାକୁରାଣୀ ସେବାୟତଙ୍କ ଗହଣରେ ଘଣ୍ଟ, ବାଦ୍ୟ, କାହାଳି ପାଟପଟୁଆର ସହ ବାଣପୁରରୁ ବାହାରି ବାଲୁଗାଁ ଚିଲିକା କୂଳରେ ପହଞ୍ଚିଥିଲେ। ସେଠାରୁ ଏକ ସୁସଜ୍ଜିତ ବୋଇତରେ ମା'ଙ୍କୁ ବିରାଜମାନ କରାଯାଇ ଚିଲିକା ବକ୍ଷକୁ ନିଆଯାଇଥିଲା। ସେପଟୁ ଅନ୍ୟ ଏକ ଡଙ୍ଗାରେ ମା'କାଳିଜାଈଙ୍କ ଆଜ୍ଞାମାଳ ଆସିବା ପରେ ଆରମ୍ଭ ହୋଇଥିଲା ପାଣି ତୋଳା ଉତ୍ସବ। ଏହି ସମୟରେ ଘଣ୍ଟ, କାହାଳି, ହରିବୋଲ ଧ୍ୱନିରେ ଚିଲିକା ବକ୍ଷ ପ୍ରକମ୍ପିତ ହୋଇ ଉଠିଥିଲା। ପୂଜାନୀତି ସମାପନ ପରେ ଶାରଦୀୟ ପର୍ବ ପାଇଁ କାଳିଜାଈଙ୍କୁ ନିମନ୍ତ୍ରଣ ସ୍ୱରୂପ ଆଜ୍ଞାମାଳ ନେଇ ବାଲୁଗାଁ ପ୍ରତ୍ୟାବର୍ତ୍ତନ କରିଥିଲେ। ବିଳମ୍ବିତ ରାତିରେ କାଠି ଠାକୁରାଣୀ ପ୍ରଥମେ ବାଲୁଗାଁ ସାମନ୍ତରାପୁର ସାହି. ଗୁଣ୍ଟୁରୁପୁର ସାହି, ପାଟଣାସାହି ଏବଂ ଅନ୍ତରକିଆରୀ ଗ୍ରାମରେ ଭୋଗ ସାରି ବାଣପୁରସ୍ଥିତ ନିଜସ୍ୱ ମନ୍ଦିରକୁ ଫେରିଥାନ୍ତି। ଏହା ପରେ ରାଧାଷ୍ଟମୀ ତିଥିରେ ଭଗବତୀଙ୍କର ଶୟନ ଉତ୍ସବ ଅନୁଷ୍ଠିତ ହୋଇଥାଏ। ଏହି ଶୟନ ଉତ୍ସବର ଆଠଦିନ ପରେ ଅର୍ଥାତ୍ ଭାଦ୍ରବ ଶୁକ୍ଳ ତ୍ରୟୋଦଶୀ ତିଥିରେ ମା' ଦକ୍ଷିଣ ଦିଗକୁ ପାର୍ଶ୍ୱ ପରିବର୍ତ୍ତନ କରନ୍ତି। ପୁନଃ ଏହାର ଆଠଦିନ ପରେ ମୂଳାଷ୍ଟମୀ ତିଥିରେ ଶାରଦୀୟ ପୂଜା ପାଇଁ ମା'ଙ୍କୁ ମନ୍ତ୍ର ମୁତାବକ ଆରାଧନା କରାଯାଇ ଶୟନ ଅବସ୍ଥାରୁ ଉତ୍‌ଥାପନ କରାଯାଇଥାଏ ଏବଂ ସହସ୍ର କୁମ୍ଭାଭିଷେକ ଅନୁଷ୍ଠିତ ହୋଇଥାଏ। ଉକ୍ତ ଦିନଠାରୁ ଭଗବତୀଙ୍କର ଷୋଡ଼ଶ ଦିବସୀୟ ଶାରଦୀୟ ପୂଜା ଆରମ୍ଭ ହୋଇଥାଏ। ମୂଳାଷ୍ଟମୀ ଠାରୁ ପ୍ରଥମ ଆଠଦିନ ଅର୍ଥାତ୍ ଅମାବାସ୍ୟା ପର୍ଯ୍ୟନ୍ତ ଭଗବତୀ ମନ୍ଦିରରେ ଯେଉଁ ପୂଜା ଅନୁଷ୍ଠିତ ହୁଏ ତାହାକୁ ଭିତର ପୂଜା କୁହାଯାଇଥାଏ। ତହିଁ ଆଠଦିନ ପର୍ଯ୍ୟନ୍ତ ମା'ଙ୍କ ପିତ୍ରାଳୟ ଦକ୍ଷପ୍ରଜାପତି ମନ୍ଦିର ନିକଟସ୍ଥ ସାତବଖରା ଘରେ ବାହ୍ୟ ପୂଜା ଅନୁଷ୍ଠିତ ହୋଇଥାଏ। ଏହି ଅବସରରେ ଶାରଦୀୟ ପାର୍ବଣ ନିମନ୍ତେ ମା'ଙ୍କ ତଥାକଥିତ ଅନ୍ୟ ଭଉଣୀ ମା' ବିରଜାଈ, ମା' ନାରାୟଣୀ, ମା' ପୋଲକାଶୁଣୀ, ମା' କାଳିଜାଈ, ମା' ସିଦ୍ଧାମ୍ବରୀ ଓ ମା' ବୁଢ଼ୀ ଠାକୁରାଣୀ ବାହାର ପର୍ବ ଗୃହରେ ଆସ୍ଥାନ ଗ୍ରହଣ କରିଥାନ୍ତି। ସପ୍ତମୀ ତିଥିରୁ ଦିନେ ପରେ ଦିନେ ପାରମ୍ପରିକ ବଳିଜେନା ନୃତ୍ୟ ଅନୁଷ୍ଠିତ ହୁଏ। ମହାନବମୀ ତିଥିରେ ଭଗବତୀଙ୍କ ମନ୍ଦିର ଗୃହରେ ନବକଳଶ, ପୂଜା, ହୋମ ଓ ବଳିଦାନ ଇତ୍ୟାଦି ସମାପନ ପରେ ଦଶମୀ ତିଥିରେ ପରମ୍ପରା ଅନୁଯାୟୀ ଶାରଦୀୟ ପାର୍ବଣ ପୂଜା ଅନୁଷ୍ଠିତ ହୋଇଥାଏ।



ସେବାୟତଙ୍କ ଗହଣରେ ମା' ଭଗବତୀଙ୍କ କାଠି ଠାକୁରାଣୀ।

## ପରିବେଶ ସୁରକ୍ଷା ପାଇଁ ବୃକ୍ଷପୂଜା

ବେଗୁନିଆ,୩ା୯(ଡି.ଏନ୍.ଏ.)

ପ୍ରକୃତି ଏବେ ଦାଉ ସାଧୁଛି। ବାୟୁମଣ୍ଡଳ ଦୂଷିତ ହେବାରେ ଲାଗିଛି। ପୃଥିବୀ ପୃଷ୍ଠରେ ବାସ କରୁଥିବା ଜୀବଜଗତ ଉପରେ ଏହାର ପ୍ରଭାବ ପଡିଛି। ଫଳରେ ବର୍ଷାର ପରିମାଣ ହ୍ରାସ ପାଉଛି। ଏହାର ପ୍ରମୁଖ କାରଣ ହେଉଛି ମାତ୍ରାଧିକ ଗଛ କାଟ୍। ତେଣୁ ଏବେ ସଚେତନ ହେବାର ସମୟ ଆସିଛି। ଆସନ୍ତୁ ସଭିଏଁ ମିଳିତଭାବେ ଚାରାଟିଏ ଲଗାଇ ତାର ଯତ୍ନ ନେବା। ପୁଣି ପୂର୍ବ ଭଳି ଜଙ୍ଗଲ ସୃଷ୍ଟି ହେବା ସହ ସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହୋଇପାରିବ। ବେଗୁନିଆ ବ୍ଲକ ଗଡମାଣତୀର ଗାଁରେ କେତେଜଣ ବରିଷ୍ଠ ନାଗରିକ ଏଭଳି ସଚେତନତା ବାର୍ତ୍ତା ଦେଉଥିବା ଦେଖିବାକୁ ମିଳିଥିଲା। ତାପମାତ୍ରା ବୃଦ୍ଧି ସମୟରେ କେବଳ ଗଛଟିଏ ଆମର ଜୀବନ ବଞ୍ଚାଇପାରିବ ଆଦି ବାର୍ତ୍ତା ସମାଜରେ ବାଣ୍ଟିଥିଲେ। ଶିକ୍ଷାବିତ୍ ବଳରାମ ରଣସିଂହ, ସାମାଜିକ କର୍ମୀ ତ୍ରିଲୋଚନ ବାଘସିଂହ, ସରସ୍ୱତୀ ବିଶ୍ୱାଳ, ସୁଭଦ୍ରା ରଣସିଂହ, ରାଜରାଜେଶ୍ୱରୀ ରଣସିଂହ ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

# ମନମୋହିଲା ଓଡ଼ିଶୀ ନୃତ୍ୟ

**ଜଙ୍କିଆ ପଲ୍ଲୀ ମହୋତ୍ସବର ଚତୁର୍ଥ ସନ୍ଧ୍ୟା**

ନିରାକାରପୁର,୩ା୯(ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲା ଜଙ୍କିଆ ପଞ୍ଚାୟତ ବାଲିଗାଡିଆ ସ୍ଥିତ ବାସନ୍ତି ପଡ଼ିଆରେ ଓଁ ଶ୍ରୀ ଗ୍ରୁପ ଆନୁକୂଲ୍ୟରେ ଚାଲିଥିବା ପଲ୍ଲୀ ମହୋତ୍ସବର ଶନିବାର ଥିଲା ଚତୁର୍ଥ ସନ୍ଧ୍ୟା। ଏଥିରେ ରାଜ୍ୟ ସଭା ସଦସ୍ୟ ମୁନା ଖାଁ ମୁଖ୍ୟ ଅତିଥି, ଖୋର୍ଦ୍ଧା ବ୍ଲକ ଉପାଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ସାମନ୍ତରାୟ ମୁଖ୍ୟ ବକ୍ତା, ଖୋର୍ଦ୍ଧା ବାର୍ ଆସୋସିଏଶନର ପୂର୍ବତନ ସଭାପତି ଶିଶିର ପରିଡା, ସାମାଜିକ କର୍ମୀ ଦାସରଥି ବିଶୋଇ, ଜ୍ଞାନ୍ୟନନ୍ଦ ସାଗର ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଓଁ ଶ୍ରୀ ଗ୍ରୁପ ଗଣେଶ ପୂଜା କମିଟିର ସଭାପତି କୃଷ୍ଣଚନ୍ଦ୍ର ନରେନ୍ଦ୍ର ପୌରୋହିତ୍ୟ କରିଥିଲେ। ପରେ ମଞ୍ଚରେ ପାଇକ ଆଖଡା ଖୋର୍ଦ୍ଧା, ଚାରୁରତନ ଏକାଡେମୀ ପୁରୀ ଓ ନୀଳଶୈଳ ଏକାଡେମୀ ଜଟଣୀ କଳାକାରଙ୍କ ଓଡ଼ିଶୀ ନୃତ୍ୟ ଉପସ୍ଥିତ ଦର୍ଶକଙ୍କୁ ବିମୋହିତ କରିଥିଲା। କମେଲେଶ ମହାରଣା ଓ ଅଶ୍ୱିନୀ ମହାନ୍ତି କାର୍ଯ୍ୟକ୍ରମ ଉପସ୍ଥାପନା କରିଥିବା ବେଳେ ଅନୁଷ୍ଠାନର ସଂଯୋଜକ ବିଶ୍ୱ ଭୂଷଣ ଛୋଟରାୟ ଧନ୍ୟବାଦ ଦେଇଥିଲେ। ସଂଗ୍ରାମ ପଟ୍ଟନାୟକଙ୍କ ସମେତ ପୂଜା କମିଟିର କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



**ନିରାକାରପୁର:** ଜଙ୍କିଆ ପଲ୍ଲୀ ମହୋତ୍ସବର ଚତୁର୍ଥ ସନ୍ଧ୍ୟାରେ କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି।

## ମାରଣାସ୍ତ୍ର ଦେଖାଇ ମହିଳାଙ୍କଠାରୁ ୮ ହଜାର ଲୁଟ୍

ଭୁବନେଶ୍ୱର,୩ା୯ (ବ୍ୟୁରୋ)

ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ ଝାରପଡ଼ା ବ୍ରିଜ୍ ନିକଟ ଗୋଲେଇ ଛକରେ ଜଣେ ମହିଳା ବ୍ୟବସାୟୀ ଲୁଟ୍‌ର ଶିକାର ହୋଇଛନ୍ତି। ମାରଣାସ୍ତ୍ର ଦେଖାଇ ତାଙ୍କଠାରୁ ୮ ହଜାର ଟଙ୍କା ଓ ଏଟିଏମ କାର୍ଡ ନେଇ ଦୁର୍ବୃତ୍ତ ଫେରାର ହୋଇଯାଇଛନ୍ତି। ମହିଳାଜଣଙ୍କ ହେଲେ ଉକ୍ତ ଥାନା ଅଞ୍ଚଳର ଲଳିତା ଜେନା। ସେ ଏ ସମ୍ପର୍କରେ ଲକ୍ଷ୍ମୀସାଗର ଥାନାରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଜାରି ରଖିଛି। ଅଭିଯୋଗ ଅନୁଯାୟୀ, ଶନିବାର ଭୋର ସମୟରେ ଲଳିତା ନିଜ ସ୍କୁଟିରେ ୪ନମ୍ବର ହାଟକୁ ପରିବା ପାଇଁ ଯାଉଥିଲେ। ଏହି ସମୟରେ ଦୁର୍ବୃତ୍ତମାନେ ତାଙ୍କୁ ପିଛା କରି ଗୋଲେଇ ଛକରେ ଅଟକାଇଥିଲେ। ଆଗ ଓ ପଛରୁ ଦୁଇଟି ବାଇକରେ ୪ଜଣ ଦୁର୍ବୃତ୍ତ ବେକରେ ଖଣ୍ଡା ଲଗାଇ ତାଙ୍କ ନିକଟରୁ ୮ ହଜାର ଟଙ୍କା, ୨ଟି ଏଟିଏମ ନେଇ ଫେରାର ହୋଇଯାଇଥିଲେ। ତାଙ୍କର ସ୍କୁଟି ନେଇ ଫେରାର ହେଉଥିବା ବେଳେ ମହିଳା ଜଣଙ୍କ ଚିତ୍କାର କରିବାରୁ ଦୁର୍ବୃତ୍ତମାନେ ଗାଡି ଛାଡି ଦେଇ ପଳାଇ ଯାଇଥିଲେ ।

## 'ସ୍ୱାଧୀନତା ସଂଗ୍ରାମରେ ଆଦିବାସୀଙ୍କ ଭୂମିକା' ଆଲୋଚନାଚକ୍ର




ବୈଠକରେ କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ ଏବଂ ଅନ୍ୟ ଅତିଥି।

ଜଟଣୀ,୩ା୯(ଡି.ଏନ୍.ଏ.)

ଜଟଣୀ ଆରଗୁଲସ୍ଥିତ ଆଇଆଇଟି ଭୁବନେଶ୍ୱର କମ୍ୟୁନିଟି ହଲରେ ଶନିବାର ସ୍ୱାଧୀନତା ସଂଗ୍ରାମରେ ଆଦିବାସୀଙ୍କ ଭୂମିକା ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ ମୁଖ୍ୟ ଅତିଥିଭାବେ ଯୋଗଦେଇ ଆଦିବାସୀଙ୍କ ଜୀବନ ଏବଂ ଆଦିବାସୀ ନେତାଙ୍କ ସଙ୍ଘର୍ଷ ଉପରେ ଗୁରୁତ୍ୱାରୋପ କରିଥିଲେ। ବିଭିନ୍ନ ସରକାରୀ କାର୍ଯ୍ୟକ୍ରମରେ ଆଦିବାସୀ ସମ୍ପ୍ରଦାୟକୁ କିପରି ମୁଖ୍ୟସ୍ରୋତରେ ସାମିଲ କରାଯାଉଛି ସେ ସମ୍ବନ୍ଧରେ ମଧ୍ୟ ସୂଚନା ଦେଇଥିଲେ। ଭଞ୍ଜ ଦିସୋମ୍ ପରଘାନା ମହୁଲ ସଭାପତି ସନାତନ ମାଝି ଆଦିବାସୀ ସମ୍ପ୍ରଦାୟର ବିଦ୍ରୋହ, ଆନ୍ଦୋଳନ, ବ୍ୟକ୍ତିଗତ ସଂଗ୍ରାମ ଓ ଗୁମୁଡୁମାହା ନାୟକମାନଙ୍କ ଉପରେ ଆଲୋକପାତ କରିଥିଲେ। ପ୍ରଫେସର ମିଲିନ୍ଦ ଦାଣ୍ଡେକର ଏନସିଏସଟିର ଉଦ୍ଦେଶ୍ୟ ଏବଂ ପ୍ରେରଣା ବିଷୟରେ ସୂଚନା ଦେଇଥିଲେ। ଆଇଆଇଟି ଭୁବନେଶ୍ୱରର ନିର୍ଦ୍ଦେଶକ ପ୍ରଫେସର ଭି. କେ. ତିୱାରୀ ରାଷ୍ଟ୍ରର ସୁରକ୍ଷା ଓ ବିକାଶରେ ଶିକ୍ଷା ବ୍ୟବସ୍ଥାର ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ। ଆଇଆଇଟି ଭୁବନେଶ୍ୱରର ସ୍କୁଲ ଅଫ୍ ହ୍ୟୁମାନିଟିଜ୍, ସୋସିଆଲ ସାଇନ୍ସ ଆଣ୍ଡ ମ୍ୟାନେଜମେଣ୍ଟର ମୁଖ୍ୟ ଡ. ଦୁଖବନ୍ଧୁ ସାହୁ ଧନ୍ୟବାଦ ଦେଇଥିଲେ।

# ପୋଖରୀ ନିଲାମ ବାତିଲ

ନିରାକାରପୁର,୩ା୯(ଡି.ଏନ୍.ଏ.)

ଟାଙ୍ଗୀ ବ୍ଲକ ଡିଆ ପଞ୍ଚାୟତ ଅସ୍ଥାୟୀ କାର୍ଯ୍ୟାଳୟ ମିଶନ ଶକ୍ତି ଗୃହରେ ବ୍ଲକ ପ୍ରଶାସନ ପକ୍ଷରୁ ଶନିବାର ପୋଖରୀ ନିଲାମ ପ୍ରକ୍ରିୟା ଅନୁଷ୍ଠିତ ହୋଇଥିଲା। ତେବେ ତରବରିଆ ଭାବେ ନିଲାମ ଡକାଯାଇଥିବାରୁ ନିଲାମଧାରୀ ଅସନ୍ତୋଷ ପ୍ରକାଶ କରି ଏହି ନିଲାମକୁ ଆଉ ଏକ ଦିନକୁ ଧାର୍ଯ୍ୟ କରାଯାଉ କହିବା ପରେ ନିଲାମ ବାତିଲ କରାଯାଇଥିଲା। ଡିଆ ପଞ୍ଚାୟତରେ ଅବସ୍ଥାପିତ ଡିଆର କାଣୀ ପୋଖରୀ, ଭୂଇଁ କୁଡିଆ ପୋଖରୀ, ନୂଆ ପୋଖରୀ, ମେଦ ଗାଡିଆ ପୋଖରୀ, ବଡ ପୋଖରୀ, ଗୋଲା ପୋଖରୀ, ଅଷ୍ଟଦେବୀ ପୋଖରୀ, ସନିଆ ପୋଖରୀ, ବନିଆଁ ପୋଖରୀ, ଖଜୁରି ପୋଖରୀ, ହାତ ଗାଡିଆ ପୋଖରୀ, ନୂଆ ପୋଖରୀ, କାଶିପୁରର ହିଡିଲି ପୋଖରୀ, ହଳଦୀ ପୋଖରୀ, କପିଳେଶ୍ୱରପୁରର କପିଳେଶ୍ୱର ଦେବ ପୋଖରୀ ଓ ତୋଟା ପୋଖରୀ ମୋଟ୍ ୧୬ଟି ପୋଖରୀର ନିଲାମ ପାଇଁ ଶୁକ୍ରବାର ଅପରାହ୍ନରେ ଗ୍ରାମରେ ଡେଙ୍ଗୁରା ଦିଆଯାଇ ଶନିବାର ଅପରାହ୍ନ ୨ଟାରେ ଏହି ନିଲାମ ପ୍ରକ୍ରିୟା ଆରମ୍ଭ ହୋଇଥିଲା।

ତିନି ବର୍ଷ ପାଇଁ ଯେଉଁ ପୋଖରୀ ୧୯୦୦ଟଙ୍କା ଥିଲା ତାହା ଚଳିତ ବର୍ଷ ୩୮,୩୭୫ ଟଙ୍କା ହୋଇଥିବାରୁ ଆସିଥିବା ନିଲାଧାରୀ ଅସନ୍ତୋଷ ପ୍ରକାଶ କରିଥିଲେ। ଡେଙ୍ଗୁରା ଦିଆଯିବାର ସାତଦିନ ପରେ ନିଲାମ ଦିନ ଧାର୍ଯ୍ୟ କରିବାର ନିୟମ ରହିଥିଲେ ମଧ୍ୟ କରାଯାଇ ନାହିଁ। ଏକ ନିର୍ଦ୍ଦିଷ୍ଟ ତାରିଖ ଧାର୍ଯ୍ୟ କରାଯାଉ ବୋଲି ନିଲାମଧାରୀ କହିବା ପରେ ସେଠାରେ ଉପସ୍ଥିତ ଅଧିକାରୀ ଏହି ନିଲାମକୁ ବାତିଲ କରିଥିଲେ।

# ୧୦ ମାସ ବିତିଲା, ଟେର୍ ପାଉନି ପୋଲିସ

**ଗାଈ ଚରାଇବାକୁ ଯାଇ ଯୁବକ ନିଖୋଜ ଘଟଣା**

■ ଦୁଇଟି ଟିମ୍ ଗଠନ କରାଯାଇଥିଲା

■ ତତ୍କାଳୀନ ଏସ୍‌ପିଙ୍କ ପ୍ରତିଶ୍ରୁତି ସତ୍ତ୍ୱେ ସୁଫଳ ମିଳିଲାନି

ଖୋର୍ଦ୍ଧା ଅଫିସ,୩ା୯

ଖୋର୍ଦ୍ଧା ଟାଉନ ଥାନା ଅଧୀନ କୁମ୍ଭିଲୋ ଗ୍ରାମର ସନ୍ତୋଷ ବେହେରା ଓରଫ ରାଜା ଗାଈ ଚରାଇବାକୁ ଯାଇ ୧୦ମାସ ହେବ ନିଖୋଜ ଅଛନ୍ତି। ଅଭିଯୋଗ ସତ୍ତ୍ୱେ ମାମଲା ରୁଜୁ କରି ଚୁପ ବସିଛି ପୋଲିସ। ଏତେ ଦିନ ପରେ ବି ରାଜାଙ୍କ ସମ୍ବନ୍ଧରେ ସନ୍ଧାନ ନ ମିଳିବାରୁ ସ୍ଥାନୀୟ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ଅନ୍ୟପଟେ ପୋଲିସର କାର୍ଯ୍ୟଦକ୍ଷତା ଉପରେ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ସୂଚନାଥାଉ କି, କୁମ୍ଭିଲୋ ଗ୍ରାମର ଲକ୍ଷ୍ମୀଧର ବେହେରାଙ୍କ ପୁଅ ରାଜା ୨୦୨୧ ଅକ୍ଟୋବର ୨୪ ତାରିଖରେ ପୂର୍ବାହ୍ନରେ ଗାଁ ପାଳି ଅନୁସାରେ ଗାଈ ଚରାଇବାକୁ ଯାଇଥିଲେ। ଅପରାହ୍ନରେ ଗାଈ ଗୋଠ ଗାଁକୁ ଫେରି ଆସିଥିଲା। ହେଲେ ସନ୍ତୋଷ ଫେରି ନ ଥିଲେ। ପରିବାର ଲୋକେ ଖୋଜାଖୋଜି ଆରମ୍ଭ କରିଥିଲେ। ସନ୍ଧ୍ୟାରେ ପତନିବର ଗ୍ରାମର କେତେଜଣ ଯୁବକ ଲକ୍ଷ୍ମୀଧରଙ୍କ ଘରକୁ ଆସି ରାଜା କାହିଁ ବୋଲି ପଚାରିଥିଲେ। ଧରାପଡିଲେ, ମାଡ ମାରିବୁ, ପୋଲିସ ଜିମା ଦେବୁ ବୋଲି ଧମକ ଦେଇ ପଳାଇଥିଲେ। ତା'ପରେ ବିଳମ୍ବିତ ରାତି ପର୍ଯ୍ୟନ୍ତ ରାଜା ଘରକୁ ଫେରିନଥିଲା। ରାଜାଙ୍କ ମୋବାଇଲ ନମ୍ବରକୁ ବାରମ୍ବାର ଯୋଗାଯୋଗ ସତ୍ତ୍ୱେ ସୁଇଚ୍ ଅଫ୍ ଆସିଥିଲା। ଫଳରେ ପରିବାର ଲୋକେ ବ୍ୟସ୍ତ ହୋଇପଡିଥିଲେ। ତାପର ଦିନ(୨୫ତାରିଖ) ଲକ୍ଷ୍ମୀଧର ଟାଉନ ଥାନାରେ ଏସମ୍ପର୍କରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକ୍ରମେ ଥାନାରେ ଏକ ନିଖୋଜ ମାମଲା(ନଂ.୪୨/୨୧) ରୁଜୁ ହୋଇଥିଲା। ପରିବାର ଲୋକେ ବାରମ୍ବାର ଥାନାକୁ ଦୌଡି ନିରାଶ ହେବା ପରେ ଗତ ଅକ୍ଟୋବର ୨୮ରେ ଏସ୍‌ପି ଅଫିସ ଆଗରେ ଶତାଧିକ ଗ୍ରାମବାସୀଙ୍କ ସହ ଜଟଣୀ ବିଧାୟକଙ୍କ ନେତୃତ୍ୱରେ ଧାରଣା ଦେଇଥିଲେ। ତତ୍କାଳୀନ ଏସ୍‌ପି ୨୪ ଘଣ୍ଟା ସମୟ ନେଇଥିଲେ। ଏପରିକି ପୋଲିସ ପକ୍ଷରୁ ନିଖୋଜ ସମ୍ପର୍କରେ ପୋଷ୍ଟର ମଧ୍ୟ ମରାଯାଇଥିଲା। ତଥାପି ପୋଲିସକୁ କୌଣସି ସୁଫଳ ମିଳିଲା ନାହିଁ ବୋଲି ଗ୍ରାମବାସୀ କହିଛନ୍ତି। ସଦର ଏସ୍‌ଡିପିଓ ସୁଶୀଲ ମିଶ୍ର କହିଛନ୍ତି, ଘଟଣା ସମ୍ପର୍କରେ ଥାନାରେ ଏକ ନିଖୋଜ ମାମଲା ରୁଜୁ ହୋଇଥିଲା। ତତ୍କାଳୀନ ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଦୁଇଟି ଟିମ୍ ଗଠନ କରାଯାଇ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇଛି। ନିଖୋଜ ଯୁବକଙ୍କ ମୋବାଇଲ ଫୋନ କଲ ରେକର୍ଡ ଯାଞ୍ଚ କରାଯାଇଥିଲା। ରାଜାଙ୍କ ସାଙ୍ଗ ସାଥିଙ୍କୁ ପଚରାଉଚୁରା ସହ ସେ ଗାଈ ଚରାଇବାକୁ ଯାଇଥିବା ଅଞ୍ଚଳକୁ ଯାଞ୍ଚ କରାଯାଇଥିଲା। ପୋଲିସ ପକ୍ଷରୁ ଚେଷ୍ଟା କରାଯାଇଛି ବୋଲି ସେ କହିଛନ୍ତି।

## ଜଟଣୀର ବିଭିନ୍ନ ମଣ୍ଡପରେ ନିର୍ମିତ ତୋରଣ



ଗୋଲେଇ ଏବଂ ନ୍ୟୁ ମାର୍କେଟ ବ୍ୟବସାୟୀ ସଂଘ।



ନୀଳଚକ୍ର ମାର୍କେଟ ବ୍ୟବସାୟୀ ସଂଘ।



ରାଜାବଜାର ବ୍ୟବସାୟୀ ସଂଘ।



ପରିବାର ଓ ମତ୍ସ୍ୟ ବ୍ୟବସାୟୀ ସଂଘ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୩।୯।୨୦୨୨

| | |
|---|---|
| ୫,୭,୫୧୯ ଟଙ୍କା | |
| ସୁନା | ୧୮୬.୪୦୦ ଗ୍ରାମ |
| ରୁପା | ୮୨ ଗ୍ରାମ |

# ଫନୀ ବିପନ୍ନଙ୍କ ଆଇନ ଅମାନ୍ୟ ଆନ୍ଦୋଳନ

- ପ୍ରତିଶ୍ରୁତି କଥା ଶୁଣି ଆନ୍ଦୋଳନକାରୀ ଉତ୍ତ୍ୟକ୍ତ
- ପୋଲିସ ସହ ଧସ୍ତାଧସ୍ତି, ଜଣେ କର୍ମଚାରୀ ଆହତ
- ତହସିଲଦାର କଲେ ଅଭିଯୋଗ

ସାକ୍ଷୀଗୋପାଳ,୩।୯(ଡି.ଏନ୍.ଏ./ସ୍ୱ.ପ୍ର.): ୨୦୧୯ରେ ହୋଇଥିବା ଫନୀ ବାତ୍ୟାରେ ପୁରୀ ଜିଲା ସତ୍ୟବାଦୀରେ କ୍ଷତିଗ୍ରସ୍ତ ବିପନ୍ନମାନଙ୍କୁ ଏପର୍ଯ୍ୟନ୍ତ ସହାୟତା ରାଶି ମିଳିନାହିଁ। ଏ ନେଇ ବିପନ୍ନମାନେ ବାରମ୍ବାର ପ୍ରଶାସନ ନିକଟରେ ଦାବି କରିଆସୁଥିଲେ ମଧ୍ୟ କେବଳ ପ୍ରତିଶ୍ରୁତି ହିଁ ମିଳୁଛି। ଏହି ପ୍ରତିବାଦରେ ଫନୀ କ୍ରିୟାନୁଷ୍ଠାନ କମିଟି ଓ ନବନିର୍ମାଣ କୃଷକ ସଂଗଠନ ତରଫରୁ ଶନିବାର ସଙ୍ଗଠନର ଶତାଧିକ ପୁରୁଷ ଓ ମହିଳାଙ୍କ ସମେତ ଫନୀ ବିପନ୍ନମାନେ ସତ୍ୟବାଦୀ ତହସିଲ କାର୍ଯ୍ୟାଳୟ ଘେରାଉ କରି ଆଇନ ଅମାନ୍ୟ ଆନ୍ଦୋଳନ ଓ ଜେଲଭରୋ ଆନ୍ଦୋଳନ କରିଥିଲେ। ପ୍ରଶାସନ ବିରୋଧରେ ବିଭିନ୍ନ ସ୍ଲୋଗାନ ଦେବା ସହ ଶୀଘ୍ର ସହାୟତା ଦେବା ପାଇଁ ଦାବି କରିଥିଲେ। ସୂଚନାଥାଉ କି, ଗତ ତିନି ବର୍ଷ ତଳେ ବାତ୍ୟା ଫନୀରେ ସତ୍ୟବାଦୀ ଅଞ୍ଚଳର ଅନେକ ଲୋକ କ୍ଷତିଗ୍ରସ୍ତ ହୋଇଥିଲେ। ପରେ ପ୍ରଶାସନ ପକ୍ଷରୁ ତଦନ୍ତ କରାଯାଇ କେତେଜଣଙ୍କୁ ଅଳ୍ପକିଛି ସହାୟତା ମିଳିଥିଲା। ହେଲେ ଅଧିକାଂଶ ବିପନ୍ନ




ସତ୍ୟବାଦୀ ତହସିଲ କାର୍ଯ୍ୟାଳୟ ଆଗରେ ଫନୀ ବିପନ୍ନମାନେ ଆନ୍ଦୋଳନ କରୁଛନ୍ତି ।

ଏପର୍ଯ୍ୟନ୍ତ ସହାୟତା ନ ପାଇ ପଲିଥିନ ତଳେ ରହିଛନ୍ତି। ଏପଟେ ଫନୀ ବିପନ୍ନଙ୍କ ସହାୟତା ନିମନ୍ତେ ଅନୁଦାନ ଆସିଥିଲା। ସେଥିରୁ ଅଳ୍ପ କେତେଜଣ ବିପନ୍ନଙ୍କୁ ସହାୟତା ମିଳିଥିବା ବେଳେ ଅବଶିଷ୍ଟ ଟଙ୍କା ଫେରସ୍ତ କରାଯାଇଥିବା ଜଣାପଡିବା ପରେ ସହାୟତା ପାଇଁ ଚାହିଁ ରହିଥିବା ବିପନ୍ନମାନେ ନିରାଶ ହୋଇଥିଲେ। ଏହି ପ୍ରମୁଖ ସମସ୍ୟା ବିଷୟରେ ବିପନ୍ନମାନେ ଫନୀ କ୍ରିୟାନୁଷ୍ଠାନ କମିଟି ଓ ନବନିର୍ମାଣ କୃଷକ ସଂଗଠନକୁ ଜଣାଇବା ପରେ ଶନିବାର ଏହି ଧାରଣା ଦିଆଯାଇଛି।

ପରେ ଆନ୍ଦୋଳନକାରୀମାନେ ତହସିଲଦାର ଜୟନ୍ତ କୁମାର ଜୟ ସିଂ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ପୂର୍ଣ୍ଣଚନ୍ଦ୍ର ପ୍ରଧାନ ଓ ଏସଡିପିଓ ଦେବଦତ୍ତ ବରାଳ ପ୍ରମୁଖଙ୍କ ସହିତ ଆଲୋଚନା କରିଥିଲେ। ସହାୟତା ପାଇ ନ ଥିବା ଫନୀ ବିପନ୍ନଙ୍କ ଯାଞ୍ଚ କରାଯାଇ ବିଜୁ ପକ୍କାଘର କିମ୍ବା ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ କରାଯିବ ବୋଲି ତହସିଲଦାର ଜୟନ୍ତ କୁମାର ଜୟସିଂ ପ୍ରତିଶ୍ରୁତି ଦେଇଥିଲେ। ହେଲେ ପୁଣି ପ୍ରତିଶ୍ରୁତି କଥା ଶୁଣି ଆନ୍ଦୋଳନକାରୀମାନେ ଉତ୍ତ୍ୟକ୍ତ ହୋଇ ତହସିଲ ଗେଟ ଭଙ୍ଗାରୁଜା କରି ଭିତରେ ପଶିବାକୁ ଚେଷ୍ଟା କରିଥିଲେ। ଏହାକୁ ପୋଲିସ ଅଟକାଇବା ବେଳେ ଆନ୍ଦୋଳନକାରୀଙ୍କ ସହିତ ଧସ୍ତାଧସ୍ତି ହୋଇଥିଲା। ଏଥିରେ ପୋଲିସ ରଞ୍ଜନ କୁମାର ଦଳାଇ ଆହତ ହୋଇଥିଲେ। ଅନ୍ୟପଟେ ଧାରଣାରେ ଆନ୍ଦୋଳନକାରୀ ରୀନା ମଲ୍ଲିକ ହଠାତ୍ ଅସୁସ୍ଥ ହୋଇପଡ଼ିବାରୁ ତାଙ୍କୁ ସାକ୍ଷୀଗୋପାଳ ଡାକ୍ତରଖାନା ନିଆଯାଇଥିଲା। ପରେ ଉପସ୍ଥିତ ପୋଲିସ ବିଶୃଙ୍ଖଳାକୁ ରୋକିବା ପାଇଁ ମୃଦୁ ଲାଠିଚାଳନା କରିଥିଲା। ଏହି ଲାଠିଚାଳନାରେ ଆନ୍ଦୋଳନରେ ଥିବା ଚନ୍ଦ୍ରମା ଦେଇ(୪୮) ଆହତ ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ଅପରପକ୍ଷେ ତହସିଲଦାର ଜୟନ୍ତ କୁମାର ଜୟସିଂ ଆନ୍ଦୋଳନକାରୀଙ୍କ ବିରୋଧରେ ସରକାରୀ ସମ୍ପତ୍ତି ନଷ୍ଟ, କାର୍ଯ୍ୟରେ ବାଧା ଦେବା, ସରକାରୀ କର୍ମଚାରୀଙ୍କୁ ଉଦ୍ଦେଶ୍ୟମୂଳକ ଭାବେ ଆକ୍ରମଣ କରିବା ନେଇ ସତ୍ୟବାଦୀ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏ ନେଇ ପୋଲିସ ଏକ ମାମଲା(ନଂ.୨୬୦/୨୨) ରୁଜୁ କରି ତଦନ୍ତ ଚାଲିଛି ବୋଲି ଥାନା ଆଇଆଇସି ବିଜୟ କେତନ ବେହେରା ସୂଚନା ଦେଇଛନ୍ତି। ଅନ୍ୟପଟେ ସନ୍ଧ୍ୟା ହେବାରୁ ଆନ୍ଦୋଳନକାରୀମାନେ ଧାରଣାସ୍ଥଳରୁ ଫେରି ଯାଇଥିଲେ। କିନ୍ତୁ ଆଗାମୀ ଦିନରେ ପୁଣି ଆଲୋଚନା କରାଯାଇ ପରବର୍ତ୍ତୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଆନ୍ଦୋଳନକାରୀ କହିଥିଲେ। ଏହି ଆନ୍ଦୋଳନରେ ଅନୁଷ୍ଠାନର ସଭାପତି ପ୍ରାଣନାଥ ବିଶ୍ୱାଳ, ପଦ୍ମଲୋଚନ ମିଶ୍ର, ବସନ୍ତ ପ୍ରଧାନ ପ୍ରମୁଖଙ୍କ ନେତୃତ୍ୱରେ ଏହି ଆନ୍ଦୋଳନ ହୋଇଥିଲା। ଏ ନେଇ ତହସିଲଦାର ଜୟ ସିଂ କହିଛନ୍ତି, ଆଗରୁ ଏହି ଆନ୍ଦୋଳନ ବିଷୟରେ କୌଣସି ସୂଚନା ଦିଆ ନ ଯାଇ ଏଭଳି ଘଟିବା ଦୁର୍ଭାଗ୍ୟଜନକ।

## ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଅଭିନନ୍ଦନ

ପୁରୀ ଅଫିସ ୩।୯

ନୂଆଦିଲ୍ଲୀ କ୍ୟାପିଟାଲ ଫାଉଣ୍ଡେଶନ ସୋସାଇଟି ତରଫରୁ ଚଳିତ ମାସ ୪ ତାରିଖ ରବିବାର ନୂଆଦିଲ୍ଲୀରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଜୀବନ ବ୍ୟାପୀ ସାଧନା ପୁରସ୍କାର ପ୍ରଦାନ କରାଯିବାର କାର୍ଯ୍ୟକ୍ରମ ରହିଛି। ସୁପ୍ରିମ କୋର୍ଟର ପୂର୍ବତନ ପ୍ରଧାନ ବିଚାରପତି ଏନ୍. ଭି ରମନା ମୁଖ୍ୟମନ୍ତ୍ରୀଙ୍କୁ ଏହି ପୁରସ୍କାର ପ୍ରଦାନ କରିବେ। ଏହି ପରିପ୍ରେକ୍ଷୀରେ ଲୋକନାୟକ ଜୟ ପ୍ରକାଶ ନାରାୟଣ ଜୟନ୍ତୀ କମିଟି ପୁରୀ ତରଫରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଅଭିନନ୍ଦନ ଜ୍ଞାପନ କରାଯାଇଛି। ଅନୁଷ୍ଠାନ ସଭାପତି ଗିରିଶ ନାୟକ, ସମ୍ପାଦକ ଶ୍ରମିକ ନେତା ବିମଳ କୁମାର ପାତ୍ର ଏବଂ ଅନ୍ୟମାନେ ଶୁଭେଚ୍ଛା ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀ ସମ୍ମାନିତ ହୋଇ ଚଳିତ ମାସ ୬ ତାରିଖରେ ଓଡିଶା ଫେରିବା ସମୟରେ ପ୍ରାୟ ଏକ ଲକ୍ଷ ଯୁବ, ଛାତ୍ର, ମହିଳା ଶ୍ରମିକ କର୍ମଚାରୀ ମୁଖ୍ୟମନ୍ତ୍ରୀଙ୍କୁ ଶୁଭେଚ୍ଛା ଜଣାଇବେ ବୋଲି ପାତ୍ର ସୂଚନା ପ୍ରଦାନ କରିଛନ୍ତି।

## ସଂକ୍ଷେପରେ

### ସ୍ତ୍ରୀଙ୍କଠୁ ରାସ୍ତାରେ ମଙ୍ଗଳସୂତ୍ର ଛଡ଼ାଇ ସ୍ୱାମୀ ଗିରଫ

ନିମାପଡ଼ା,୩।୯(ଡି.ଏନ୍.ଏ.): ନିମାପଡ଼ା ଥାନା ଅନ୍ତର୍ଗତ ନିମାପଡ଼ା ରିଲିଆନ୍ସ ପେଟ୍ରୋଲ ପମ୍ପ ନିକଟରେ ଜଣେ ମହିଳାଙ୍କଠାରୁ ତାଙ୍କ ସ୍ୱାମୀ ମଙ୍ଗଳସୂତ୍ର ଭିଡିନେବା ନେଇ ଶୁକ୍ରବାର ଥାନାରେ ଅଭିଯୋଗ ହୋଇଛି। ଏନେଇ ପୋଲିସ ଏକ ମାମଲା (ନଂ. ୨୯୭/୨୨) ରୁଜୁ କରି ଶନିବାର ଅଭିଯୁକ୍ତ ସ୍ୱାମୀଙ୍କୁ କୋର୍ଟ ଚାଲାଣ କରିଛି। ଜାମିନ୍ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ଜେଲକୁ ପଠାଇ ଦିଆଯାଇଛି। ସୂଚନା ମୁତାବକ, ଉକ୍ତ ଥାନା ଅନ୍ତର୍ଗତ ଆମରଙ୍ଗ ଗ୍ରାମର ଜିତେନ୍ଦ୍ର ମିଶ୍ର(୩୮)ଙ୍କ ସ୍ତ୍ରୀ ନିହାରିକା ସାହୁ(୩୦) ଗତ ୩୧ ତାରିଖରେ କୌଣସି କାମରେ ନିମାପଡ଼ା ଆସିଥିଲେ। କାମ ସାରି ତାଙ୍କ ବାପଘର ଉକ୍ତ ଥାନା ଅନ୍ତର୍ଗତ ରେଞ୍ଚ ଶାସନ ଗ୍ରାମକୁ ସ୍କୁଟି ଯୋଗେ ଫେରୁଥିଲେ। ସେହି ସମୟରେ ରିଲିଆନ୍ସ ପେଟ୍ରୋଲ ପମ୍ପ ନିକଟରେ ଉପସ୍ଥିତ ଥିବା ନିହାରିକାଙ୍କ ସ୍ୱାମୀ ତାଙ୍କୁ ଅଟକାଇଥିଲେ। ଏଥିସହ ନିହାରିକାଙ୍କୁ ଜିତେନ୍ଦ୍ର ଖରାପ ଭାଷାରେ ଗାଳିଗୁଲଜ କରିବା ସହ ଅନେକ ଧମକଚମକ ଦେଇ ତାଙ୍କ ବେକରୁ ସୁନା ମଙ୍ଗଳସୂତ୍ର ଭିଡି ନେଇଥିଲେ। ପରେ ମୋବାଇଲ ଓ ସ୍କୁଟିକୁ ଛଡାଇ ରାସ୍ତାରେ ଫିଙ୍ଗି ଦେଇଥିବା ଶୁକ୍ରବାର ନିହାରିକା ଅଭିଯୋଗ ଫର୍ଦ୍ଦରେ ଦର୍ଶାଇଛନ୍ତି। ସୂଚନା ଯେ, ପାରିବାରିକ କଳହ, ବିବାଦ ଯୋଗୁ ନିହାରିକା ତାଙ୍କ ୯ବର୍ଷର ଏକ ପୁଅ ସହ ଶାଶୁଘର ଛାଡି ଦୀର୍ଘ ୬ ବର୍ଷ ହେବ ବାପଘରେ ରହୁଛନ୍ତି। ୧୨ ବର୍ଷ ତଳେ ଦୁହିଙ୍କ ବିବାହ ହୋଇଥଇଲା। ତାଙ୍କୁ ଯୌତୁକ ନିର୍ଯାତନା ଦିଆଯିବାରୁ ସେ ଶାଶୁଘର ଛାଡି ୬ ବର୍ଷ ହେବ ବାପଘରେ ରହିଥିବା ନିହାରିକା କହିଛନ୍ତି।

### ମୋବାଇଲ ଚୋରି କରି ଯୁବକ ଗିରଫ

ନିମାପଡ଼ା,୩।୯(ଡି.ଏନ୍.ଏ.): ନିମାପଡ଼ା ଥାନା ଅନ୍ତର୍ଗତ ତେରଣ୍ଡିଆ ଗ୍ରାମର କାଳିନ୍ଦୀ ବେହେରାଙ୍କ ଘରୁ ସେହି ଗ୍ରାମର ଜଣେ ଯୁବକ କିଛି ଦିନ ତଳେ ଏକ ମୋବାଇଲ ଚୋରି କରିଥିବା ଶନିବାର ଥାନାରେ ଅଭିଯୋଗ ହୋଇଛି। ସେ ହେଲେ ମିଟୁ ଭୋଇ। ଏନେଇ ପୋଲିସ ମିଟୁଙ୍କ ବିରୋଧରେ ଏକ ମାମଲା (ନଂ. ୨୯୯/୨୨) ରୁଜୁ କରି କୋର୍ଟ ଚାଲାଣ କରିଛି। ମିଟୁଙ୍କ ଜାମିନ୍ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନା ମୁତାବକ, ଭୋର ସମୟରେ କାଳିନ୍ଦୀଙ୍କ ଘରେ କେହି ନ ଥିବା ସୁଯୋଗରେ ମିଟୁ ତାଙ୍କ ଘରେ ପଶି ମୋବାଇଲ ଚୋରି କରି ନେଇଥିଲେ। କାଳିନ୍ଦୀ ଓ ତାଙ୍କ ପୁଅ ଏହା ଜାଣିପାରି ଶନିବାର ମିଟୁଙ୍କ ନାମରେ ଅଭିଯୋଗ କରିଛନ୍ତି। ମୋବାଇଲର ଦାମ୍ ୧୭ ହଜାର ୫ଶହ ଟଙ୍କା ହେବ ବୋଲି ଅଭିଯୋଗରେ ଦର୍ଶାଇଛନ୍ତି।




ପୁଣେରେ ଚାଲିଥିବା ଖୋ ଖୋ ଲିଗ୍‌ରେ ଓଡିଶା ଟିମ୍‌କୁ ଫାଇନାଲରେ ବିଜୟୀ କାମନା କରି ଶନିବାର ସିଂହଦ୍ୱାର ସମ୍ମୁଖରେ ସମୂହ ଦୀପଦାନ ।

## ଓଡ଼ିଶା ଜଗରନଟ୍ସର ବିଜୟ ଆଶା କାମନା କରି ଦୀପଦାନ

ପୁରୀ ଅଫିସ, ୩।୯

ପୁଣେର ମହାଲୁଙ୍ଗେସ୍ଥିତ ଶ୍ରୀ ଶିବ ଛତ୍ରପତି ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ପ୍ରଥମଥର ପାଇଁ ଚାଲିଥିବା ଅଲ୍ଟିମେଟ ଖୋ ଖୋ ଲିଗ୍ ଫାଇନାଲ ରବିବାର ଅନୁଷ୍ଠିତ ହେବାକୁ ଯାଉଛି। ପ୍ରଥମଥର ପାଇଁ ଆୟୋଜିତ ହୋଇଥିବା ଉକ୍ତ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଓଡ଼ିଶା ଫ୍ରାଞ୍ଚାଇଜ ଦଳ ଓଡ଼ିଶା ଜଗରନଟ୍ସ ଫାଇନାଲରେ ପହଞ୍ଚିଛି। ଏହି ଅବସରରେ ଦଳ ଫାଇନାଲରେ ଜିତି ଟାଇଟଲ ଜିତିବାର କାମନା କରି ଶନିବାର ଶ୍ରୀମନ୍ଦିର ସିଂହଦ୍ୱାର ନିକଟରେ ଏକ ସମୂହ ଦୀପଦାନ କରାଯାଇଛି। ଦଳର ବିଜୟ ଆଶା କରି ଫେଟ୍ ଫାଇଟର ଓଡ଼ିଶା ମାଲଖମ୍ବ ଏକାଡେମୀ ପୁରୀ ପକ୍ଷରୁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ କରାଯାଇ ଆଶୀର୍ବାଦ ଭିକ୍ଷା କରାଯାଇଛି। ସଂଗଠନ ସମ୍ପାଦକ ଜ୍ଞାନରଞ୍ଜନ ମହାନ୍ତିଙ୍କ ନେତୃତ୍ୱରେ ଏହି ଦୀପଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ନଦୀବନ୍ଧ ଘାଇ ବୁଲି ଦେଖିଲେ ଜଳସମ୍ପଦ ସଚିବ, ସର୍ବୋଚ୍ଚ ଯନ୍ତ୍ରୀ



ରାଜ୍ୟ ଜଳସମ୍ପଦ ବିଭାଗ ସଚିବ ଅନୁ ଗର୍ଗ ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି ।

### ନଦୀବନ୍ଧ ତୁରନ୍ତ ମରାମତି କରିବାକୁ ନିର୍ଦ୍ଦେଶ

ଗୋପ,୩।୯(ଡି.ଏନ୍.ଏ.)

ଚଳିତ ଲଘୁଚାପଜନିତ ବର୍ଷା ଓ ବନ୍ୟା ଯୋଗୁ ପୁରୀ ଜିଲାର ଗୋପ, କଣାସ ବ୍ଲକ ଅଞ୍ଚଳରେ ଅଧିକ କ୍ଷୟକ୍ଷତି ହୋଇଛି। ନଦୀବନ୍ଧରେ ଘାଇ ହୋଇ ଅଞ୍ଚଳ ସବୁ ଜଳମଗ୍ନ ହୋଇଯାଇଥିଲା। ଏବେ କେତୋଟି ଜାଗାରେ ନଦୀବନ୍ଧ ମରାମତି କରାଯାଇଛି। ଏହି ପରିପ୍ରେକ୍ଷୀରେ ରାଜ୍ୟ ଜଳସମ୍ପଦ ବିଭାଗ ସଚିବ ଅନୁ ଗର୍ଗ ଶନିବାର ଗୋପ ଜଳସମ୍ପଦ ବିଭାଗ ଅଧୀନ କୁଶଭଦ୍ରା ନଦୀର ଖଣ୍ଡିଆକୁଦରେ ସୃଷ୍ଟି ହୋଇଥିବା ଘାଇ ବୁଲି ଦେଖିବା ସହ ମରାମତି ହୋଇଥିବା ଅସ୍ଥାୟୀ ବନ୍ଧ ମଧ୍ୟ ବୁଲି ଦେଖିଥିଲେ। ସଚିବଙ୍କ ଗସ୍ତ ସମୟରେ ଜଳସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଭକ୍ତରଞ୍ଜନ ମହାନ୍ତି, ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ ବିଘ୍ନରାଜ ପୁରୋହିତ, ନିମାପଡ଼ା ଅଧୀକ୍ଷଣ ଯନ୍ତ୍ରୀ ଶଶୀଭୂଷଣ ମିଶ୍ର, ଗୋପ ଜଳସମ୍ପଦ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ସଂଗ୍ରାମ କେଶରୀ ମହାନ୍ତି, ସହକାରୀ ଯନ୍ତ୍ରୀ ସଞ୍ଜୀବ ନାରାୟଣ ସାହୁ, ମହେଶ୍ୱର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଅଗଷ୍ଟ ୧୬ରେ ଗୋପ ଜଳସମ୍ପଦ ବିଭାଗ ଅଧୀନ କୁଶଭଦ୍ରା ନଦୀ ଖଣ୍ଡିଆକୁଦ ନିକଟରେ ଏକ ୩୦ ଫୁଟ ଲମ୍ବର ଘାଇ ସୃଷ୍ଟି ହୋଇଥିଲା। ପରେ ଏହି ବନ୍ୟାଜଳ ଗୋପ ବ୍ଲକର କେତେକ ପଞ୍ଚାୟତରେ ପଶିବାରୁ ଏକର ଏକର ଚାଷଜମି ନଷ୍ଟ ହେବା ସହ ଲୋକ ଦୀର୍ଘଦିନ ଜଳମଗ୍ନରେ ରହିଥିଲେ। କୁଶଭଦ୍ରା ନଦୀର ଜଳସ୍ତର କମିବା ପରେ ନିମାପଡ଼ା ଜଳସମ୍ପଦ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ଶଶୀଭୂଷଣ ମିଶ୍ର, ଗୋପ ଜଳସମ୍ପଦ ସହକାରୀ ନିର୍ବାହୀ ଯନ୍ତ୍ରୀ ମହାନ୍ତିଙ୍କ ତତ୍ତ୍ୱାବଧାନରେ ଘାଇ ମରାମତି କାର୍ଯ୍ୟ ଆରମ୍ଭ ହୋଇ ଦୁଇ ଦିନ ତଳେ ଶେଷ ହୋଇଥିଲା। ଜଳସମ୍ପଦ ବିଭାଗ ସଚିବ ଅନୁ ଗର୍ଗ ପହଞ୍ଚି ଘାଇ ମରାମତି ହେବା ଦେଖି ସନ୍ତୋଷ ପ୍ରକାଶ କରିବା ସହ ଘାଇ ନିକଟ କେନାଲ ବନ୍ଧକୁ ତୁରନ୍ତ ମରାମତି କରି ଚାଷୀମାନଙ୍କୁ କେନାଲ ପାଣି ଯୋଗାଇଦେବାକୁ ନିର୍ଦ୍ଦେଶ ଦେଇଥିଲେ।

## ଆଜି ଯମେଶ୍ୱରଙ୍କଠାରୁ ହିସାବ ବୁଝିବେ ସୁଦର୍ଶନ

ପୁରୀ ଅଫିସ,୩।୯

ରବିବାର ରାଧାଷ୍ଟମୀ ଅବସରରେ ଚକ୍ରରାଜ ସୁଦର୍ଶନ ଯମେଶ୍ୱରଙ୍କଠାରୁ ବର୍ଷକର ହିସାବ ବୁଝିବା ନିମନ୍ତେ ଯମେଶ୍ୱର ମନ୍ଦିରକୁ ବିଜେ କରିବେ। ଶ୍ରୀମନ୍ଦିର ସ୍ୱତ୍ୱଲିପି ଅନୁଯାୟୀ, ମହାପ୍ରଭୁଙ୍କ ଭଣ୍ଡାର ରକ୍ଷକ ଶ୍ରୀଲୋକନାଥ ହୋଇଥିବା ବେଳେ ଶ୍ରୀମନ୍ଦିରର ବର୍ଷକ ଯାକର ହିସାବ ବୁଝାଶୁଝା କରନ୍ତି ପ୍ରଭୁ ଯମେଶ୍ୱର। ତେଣୁ ଯମେଶ୍ୱରଙ୍କୁ ଶ୍ରୀମନ୍ଦିରର ହିସାବ ରକ୍ଷକ ବୋଲି କୁହାଯାଏ। ରାଧାଷ୍ଟମୀରେ ମହାପ୍ରଭୁଙ୍କ ପ୍ରତିନିଧି ଚକ୍ରରାଜ ସୁଦର୍ଶନ ଯମେଶ୍ୱରଙ୍କ ନିକଟକୁ ଯାଇ ଶ୍ରୀମନ୍ଦିରର ବର୍ଷକ ଯାକର ଆୟ ବ୍ୟୟ ହିସାବ ବୁଝି ବଡ଼ଦେଉଳକୁ ବାହୁଡା ବିଜେ କରିଥାନ୍ତି। ସକାଳ ଧୂପ ବଢିବା ପରେ ଶ୍ରୀଦେବୀ ମହାଜନ ସେବକଙ୍କ ହସ୍ତରେ ରତ୍ନସିଂହାସନ ନିକଟକୁ ବିଜେ କରିବେ। ସେଠାରୁ ମହାପ୍ରଭୁଙ୍କଠାରୁ ଆଜ୍ଞାମାଳ ପାଇ ଶ୍ରୀଦେବୀ ମହାଲକ୍ଷ୍ମୀ ମନ୍ଦିରକୁ ବିଜେ କରିବେ। ସେଠାରେ ନୀତି ସମ୍ପନ୍ନ କରି ମଧ୍ୟାହ୍ନ ଧୂପ ଉଠିବା ପରେ ଶ୍ରୀଦେବୀ ରତ୍ନସିଂହାସନକୁ ବିଜେ କରିବେ। ପରେ ଶ୍ରୀଦେବୀ, ଭୂଦେବୀଙ୍କୁ ପୁଷ୍ପାଳକ ସେବକମାନେ ଖଟଶେଯ ଘରେ ବିଜେ କରିବେ। ପରେ ମହାପ୍ରଭୁଙ୍କ ଶ୍ରୀଅଙ୍ଗରୁ ଆଜ୍ଞାମାଳ ପାଇ ଶ୍ରୀସୁଦର୍ଶନ ଦଇତାପତି ସେବକଙ୍କ ଦ୍ୱାରା ଜଗମୋହନରେ ଥିବା ଚଉଦୋଳିରେ ବିଜେ କରି ଯମେଶ୍ୱରଙ୍କ ମନ୍ଦିରରେ ବିଜେ କରିବେ। ଠାକୁରଙ୍କୁ ପ୍ରସାଦ ଲାଗି ହୋଇ ଶୀତଳ ଭୋଗ ଓ ବନ୍ଦାପନା କରାଯିବ। ପରେ ଯମେଶ୍ୱରଙ୍କ ପୂଜାପଣ୍ଡା ଶ୍ରୀସୁଦର୍ଶନଙ୍କ ସମ୍ମୁଖରେ ବର୍ଷକର ଆୟବ୍ୟୟ ହିସାବ ଦେବେ। ପରେ ଶ୍ରୀସୁଦର୍ଶନ ବିଭିନ୍ନ ସ୍ଥାନରେ ପନ୍ତି ଭୋଗ ହୋଇ ଶ୍ରୀମନ୍ଦିର ସିଂହାସନକୁ ବାହୁଡା ବିଜେ କରିବେ। ପରେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଅନ୍ୟାନ୍ୟ ନୀତି ଅନୁଷ୍ଠିତ ହେବ।

## ହେଲ୍‌ମେଟ୍ ବ୍ୟବହାର ପାଇଁ ସଚେତନତା

କଣାସ,୩।୯(ସ୍ୱ.ପ୍ର.):

କଣାସ ବ୍ଲକ ଅନ୍ତର୍ଗତ ଦୟାବିହାରରେ ପ୍ରତିଷ୍ଠିତ ଦୟାବିହାର ସ୍ନାତକ ମହାବିଦ୍ୟାଳୟ ଯୁବ ରେଡ୍‌କ୍ରସ୍ ତରଫରୁ ହେଲ୍‌ମେଟ୍ ବ୍ୟବହାର ନିମନ୍ତେ ଏକ ସଚେତନତା କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଶାନ୍ତ କୁମାର ବିଶ୍ୱାଳ ଉଦ୍‌ଘାଟନ କରିଥିଲେ। ୩୦ରୁ ଊର୍ଦ୍ଧ୍ୱ ସ୍ୱେଚ୍ଛାସେବୀ ଜଙ୍କିଆ, କଣାସ ରାସ୍ତାରେ ଯାଉଥିବା ଚାଳକମାନଙ୍କୁ ହେଲ୍‌ମେଟ୍ ଆବଶ୍ୟକତା ଉପରେ ସଚେତନ କରାଇଥିଲେ। ହେଲ୍‌ମେଟ୍ ପିନ୍ଧି ଆସୁଥିବା ଚାଳକମାନଙ୍କୁ ଚକ୍‌ଲେଟ୍ ଉପହାର ଦେଇ ସ୍ୱାଗତ କରିଥିଲେ।

## ଯୁବକଙ୍କୁ ମାଡ଼ ମାରୁଥିବା ଭିଡିଓ ଭାଇରାଲ୍

କଣାସ,୩।୯ (ସ୍ୱ.ପ୍ର):

କଣାସ ଥାନା ଅଧୀନ ଏକ ଅଞ୍ଚଳରେ ଜଣେ ଯୁବକଙ୍କୁ ୩ରୁ ୪ଜଣ ଯୁବକ ଉଂଲଘ୍ନ କରି ମାଡ଼ ମାରୁଥିବାର ଭିଡିଓ ସୋସିଆଲ୍ ମିଡିଆରେ ଭାଇରାଲ୍ ହେଉଛି। ମାଡ ଖାଉଥିବା ଯୁବକ ଜଣକ ସ୍ଥାନୀୟ ମହାବିଦ୍ୟାଳୟରେ ଅଧ୍ୟୟନ କରୁଥିବା ବେଳେ ଏକ ଅନୈତିକ କାର୍ଯ୍ୟ କରୁଥିବା ବେଳେ ୩/୪ଜଣ ଯୁବକଙ୍କ ହାତରେ ଧରାପଡ଼ିଥିଲେ। ଫଳରେ ସେମାନେ ଉକ୍ତ ଯୁବକଙ୍କୁ ଉଂଲଘ୍ନ କରି ମାଡ ମାରୁଥିଲେ। ଏହି ସମୟରେ ହୋଇଥିବା ଭିଡିଓଟି ଏବେ ଭାଇରାଲ ହେବାରେ ଲାଗିଛି। ହେଲେ ଏ ସମ୍ପର୍କରେ କଣାସ ଥାନାରେ କୌଣସି ଅଭିଯୋଗ ହୋଇ ନାହିଁ।

## ଶ୍ରୀମନ୍ଦିରରେ କେକେଶୀ ବଧ ନୀତି ସମ୍ପନ୍ନ

ପୁରୀ ଅଫିସ ୩।୯

ଭାଦ୍ରବ ମାସ କୃଷ୍ଣପକ୍ଷ ଅଷ୍ଟମୀ ବା ଜନ୍ମାଷ୍ଟମୀଠାରୁ ଶ୍ରୀମନ୍ଦିର ଏବଂ ଶ୍ରୀକ୍ଷେତ୍ରରେ ଆରମ୍ଭ ହୋଇଛି ଶ୍ରୀକୃଷ୍ଣ ଲୀଳା। ଏହି କ୍ରମରେ ଶୁକ୍ଳ ସପ୍ତମୀ ତିଥି ଶନିବାର ଅବସରରେ ଶ୍ରୀମନ୍ଦିରରେ କୃଷ୍ଣଲୀଳା କ୍ରମରେ କେକେଶୀ ବଧ ଲୀଳା ନୀତି ସମ୍ପନ୍ନ ହୋଇଛି । ଭଗବାନ ଶ୍ରୀକୃଷ୍ଣ କେକେଶୀକୁ ବଧ କରିଛନ୍ତି। ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କ ସନ୍ଧ୍ୟାଧୂପ ପରେ ଶ୍ରୀମଦନମୋହନ ମହାଜନଙ୍କ ଦ୍ୱାରା ରତ୍ନ ସିଂହାସନକୁ ବିଜେ କରିଥିଲେ। ପରେ ମହାପ୍ରଭୁଙ୍କ ନିକଟରୁ ଆଜ୍ଞାମାଳ ପାଇ ନାଟ ମନ୍ଦିର ଖଟ ଶେଯକୁ ବିଜେ କରିଥିଲେ। ସେଠାରେ କାଳିକା ଦେବୀ ସାହି ପକ୍ଷରୁ କେକେଶୀ ବଧ ଲୀଳା ପ୍ରସ୍ତାବ ଆଗତ ହୋଇଥିଲା। ଜଣେ ବେଶଧାରୀ କେକେଶୀ ଅସୁର ବେଶରେ ସଜ୍ଜିତ ହୋଇ ନଗର ପରିକ୍ରମା କରି ଶେଷରେ ଶ୍ରୀମନ୍ଦିରକୁ ଆସିଥିଲେ। ସେଠାରେ ଠାକୁରଙ୍କ ସମ୍ମୁଖରେ ନୀତି ଅନୁଷ୍ଠିତ ହୋଇଥିଲା। ନୀତି ସମ୍ପନ୍ନ ହେବା ପରେ ଠାକୁରଙ୍କୁ ଶୀତଳ ଭୋଗ ମଣୋହି ହେବା ସହ ବନ୍ଦାପନା ଅନୁଷ୍ଠିତ ହୋଇଥିଲା। ନୀତି ସମ୍ପନ୍ନ ହେବା ପରେ ଠାକୁର ବାହୁଡା ବିଜେ କରିଥିଲେ। ପୌରାଣିକ କଥାବସ୍ତୁ ଅନୁଯାୟୀ, ଭଗବାନ ଶ୍ରୀକୃଷ୍ଣ ଯେତେବେଳେ ବୃନ୍ଦାବନରେ ଲୀଳା କରୁଥିଲେ ତାଙ୍କୁ ମାରିବା ପାଇଁ କଂସାସୁର କେଶୀ ନାମକ ଦୈତ୍ୟକୁ ପଠାଇଥିଲେ। ଏହି ଦୈତ୍ୟ ଘୋଟକ ରୂପରେ ଶ୍ରୀକୃଷ୍ଣଙ୍କୁ ଆକ୍ରମଣ କରିବାକୁ ଆସିଥିଲା। ଯମୁନା ତଟରେ ଶ୍ରୀକୃଷ୍ଣ ତା' ପାଟି ଭିତରେ ହାତ ଭର୍ତ୍ତିକରି ଶ୍ୱାସରୁଦ୍ଧ କରି ବିନାଶ କରିଥିଲେ। ସୂଚନାଯୋଗ୍ୟ, ଏବେ ମଧ୍ୟ ବୃନ୍ଦାବନ ଯମୁନା କୂଳରେ ଏକ ଘାଟର ନାମ କେଶୀ ଘାଟ ରହିଛି। ସେହି ସ୍ମୃତିରେ ଶ୍ରୀମନ୍ଦିରରେ କୃଷ୍ଣ ଲୀଳା କ୍ରମରେ କେଶୀ ବା କେକେଶୀ ବଧ ଲୀଳା ଅନୁଷ୍ଠିତ ହୋଇଥାଏ।



କଳିକା ଦେବୀ ସାହି ପକ୍ଷରୁ ଶ୍ରୀକୃଷ୍ଣ, ବଳରାମ ବେଶଧାରୀ କେକେଶୀ ବଧ ନୀତି ସମ୍ପନ୍ନ କରାଯାଉଛି ।

## ଆଧୁନିକତା ଭିତରେ ହସ୍ତତନ୍ତର ସ୍ୱତନ୍ତ୍ରତା ରହିଛି

ପୁରୀ ଅଫିସ,୩।୯:

ରାଜ୍ୟ ସରକାରଙ୍କ ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ ବିଭାଗ ଦ୍ୱାରା ଅନୁମୋଦିତ ବାର୍ଷିକ ତାଲିକା ହିସାବରେ ଏ ବର୍ଷ ସମ୍ବଲପୁରୀ ବସ୍ତ୍ରାଳୟ ଦ୍ୱାରା ଏକ ସ୍ୱତନ୍ତ୍ର ହସ୍ତତନ୍ତ ମେଳା-୨୦୨୨ ପୁରୀସ୍ଥିତ ନୀଳାଚଳ ଅର୍ବାନ ହାଟରେ ଆୟୋଜିତ ହୋଇଯାଇଛି। ରାଜ୍ୟର ବିଭିନ୍ନ ଜିଲାରେ ଥିବା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ବୁଣାକାରମାନଙ୍କୁ ବଜାର ଯୋଗାଇଦେବା ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମ କରାଯାଇଛି। ରାଜ୍ୟର ୩ଶହ ମହିଳା ବୁଣାକାର ଓ ସମ୍ବଲପୁରୀ ବସ୍ତ୍ରାଳୟର ୪ଶହ ବୁଣାକାରମାନଙ୍କୁ ରୋଜଗାର ଦେବାରେ ଏହି ମେଳା ସହାୟକ ହେବ। ଏହି ମେଳାରେ ସମ୍ବଲପୁରୀ ବସ୍ତ୍ରାଳୟ ସହ ବରଗଡ଼, କଟକ, ସୋନପୁର, ଆଠଗଡ଼, ଢେଙ୍କାନାଳ, ବାରିପଦା, ଖୋର୍ଦ୍ଧା, ନୟାଗଡ଼, କଳାହାଣ୍ଡି, ବଲାଙ୍ଗୀରର ଓ ବୌଦ୍ଧ ବୟନ ମଣ୍ଡଳରୁ ୨୨ଟି ସ୍ୱୟଂ ସହାୟକ ଗୋଷ୍ଠୀ ଓ ୧୧ଜଣ ହସ୍ତଶିଳ୍ପ କାରିଗର କାର୍ଯ୍ୟକ୍ରମକୁ ଆସିଛନ୍ତି। ପ୍ରଶାସନ ପକ୍ଷରୁ ନୀଳାଚଳ ଅର୍ବାନ ହାଟରେ ୩୩ଟି ଦେୟମୁକ୍ତ ଷ୍ଟଲ ଯୋଗାଇ ଦିଆଯାଇଛି। ଏହି ସ୍ୱତନ୍ତ୍ର ହସ୍ତମେଳା ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ଏହି ଅର୍ବାନ ହାଟରେ ଚାଲିବ।

ଗତ ଜୁନ୍ ୧୦ ଓ ଅଗଷ୍ଟ ୩୧ ତାରିଖରେ ଆୟୋଜିତ ହସ୍ତମେଳାରେ ସମୁଦାୟ ୧ କୋଟି ୩ ଲକ୍ଷ ୪୪ ହଜାର ଟଙ୍କାର ବ୍ୟବସାୟ ହୋଇସାରିଛି। ସମ୍ପୃକ୍ତ ସମୟ ଅବଧି ମଧ୍ୟରେ ୧ ଲକ୍ଷ ୧୪ ହଜାରରୁ ଊର୍ଦ୍ଧ୍ୱ ଲୋକେ ଅର୍ବାନ ହାଟ ବୁଲି ଆସି ହସ୍ତତନ୍ତ ଦେଖିଛନ୍ତି। ନୀଳାଚଳ ଅର୍ବାନ ହାଟରେ ସଦାସର୍ବଦା ହସ୍ତତନ୍ତ ଓ ବୟନଶିଳ୍ପକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ବଜାର ସୃଷ୍ଟି କରାଯାଉଛି। ହସ୍ତତନ୍ତ ଓ ସମ୍ବଲପୁରୀ ଲୁଗା ୧୦ ପ୍ରତିଶତ ରିହାତି ମୂଲ୍ୟରେ ଉପଲବ୍ଧ ହେଉଥିବା ସୂଚନା ରହିଛି। ଏହି ହସ୍ତତନ୍ତ ମେଳାରେ ହସ୍ତତନ୍ତ, ହସ୍ତଶିଳ୍ପ ଓ ବୟନଶିଳ୍ପ ବିଭାଗର କମିଶନର ତଥା ସଚିବ ଶୁଭା ଶର୍ମା, ସମ୍ବଲପୁରୀ ବସ୍ତ୍ରାଳୟର ସଭାପତି ସମ୍ମିତ କୁମାର ଆଚାର୍ଯ୍ୟ, ସମ୍ପାଦକ ସମ୍ପୂର୍ଣ୍ଣାନନ୍ଦ ପ୍ରଧାନ, ହସ୍ତଶିଳ୍ପ ସହକାରୀ ନିର୍ଦ୍ଦେଶକ ଶ୍ରୀକାନ୍ତ ଶ୍ରୀଚନ୍ଦନ ଓ ସମ୍ବଲପୁରୀ ବସ୍ତ୍ରାଳୟର ବାଣିଜ୍ୟ ଅଧିକାରୀ ହେମନ୍ତ କୁମାର ମିଶ୍ର ପ୍ରତିଦିନ ତଦାରଖ ପାଇଁ ଆସୁଛନ୍ତି। ଏ ନେଇ ବିଭାଗର କମିଶନର ଶୁଭା ଶର୍ମା କହିଛନ୍ତି, ଆଧୁନିକତା ସହ ତାଳ ଦେଇ ଲୋକଙ୍କର ପୋଷାକ ରୁଚି ବଦଳିଥିଲେ ମଧ୍ୟ ହସ୍ତତନ୍ତ ପ୍ରତି ସାଧାରଣରେ ସ୍ୱତନ୍ତ୍ର ଆଗ୍ରହ ରହିଛି। ବଜାର ଉପଲବ୍ଧ ହେଲେ ଲୋକେ ହସ୍ତତନ୍ତ କପଡ଼ା କ୍ରୟ କରିବେ। ପୁରୀ ଅର୍ବାନହାଟରେ ଏଭଳି ମେଳା କ୍ରମାଗତ ଭଲ ପ୍ରଦର୍ଶନ କରିଆସୁଛି। ଲୋକେ ବହୁମାତ୍ରାରେ ହାଟରେ ପହଞ୍ଚି ହସ୍ତତନ୍ତ ବସ୍ତ୍ର କିଣୁଛନ୍ତି।

### ସ୍ୱତନ୍ତ୍ର ହସ୍ତତନ୍ତ ମେଳା



ପୁରୀ ନୀଳାଚଳ ଅର୍ବାନ ହାଟରେ ହୋଇଥିବା ହସ୍ତତନ୍ତ ମେଳାର ଏକ ଷ୍ଟଲରେ ଶାଢ଼ି ଦେଖୁଛନ୍ତି ।

# ସରକାରୀ ରାସ୍ତା ଅବରୋଧକୁ ବିରୋଧ

ତିଗିରିଆ,୩।୯(ଡି.ଏନ୍.ଏ)

ତିଗିରିଆ ତହସିଲ ଅନ୍ତର୍ଗତ ନୂଆପାଟଣାର ସୁରେନ୍ଦ୍ରପଟଣାଠାରେ ଏକ ସରକାରୀ ରାସ୍ତାକୁ କେନ୍ଦ୍ରକରି ଗଣ୍ଡଗୋଳ ପରିସ୍ଥିତି ସୃଷ୍ଟି ହୋଇଛି। କେତେଜଣ ବ୍ୟକ୍ତି ଏହି ରାସ୍ତାକୁ ଜବରଦଖଲ କରି ରଖିଥିବା ନେଇ ତିଗିରିଆ ଥାନା ଅଞ୍ଚଳର ମହିଳା ଓ ପୁରୁଷମାନେ ଥାନା ଓ ତହସିଲଦାରଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ତହସିଲଦାର ପ୍ରମୋଦ କୁମାର ବାସ୍କେ ଶୁକ୍ରବାର ରାତିରେ ଘଟଣାସ୍ଥଳରେ ପହଞ୍ଚି ଜବରଦଖଲକାରୀ ଏହି ସ୍ଥାନକୁ ୩୦ ବର୍ଷ ହେବ ଦଖଲରେ ରଖିଥିବା କହି ଚାଲି ଆସିଥିଲେ। ଏନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଶନିବାର ସ୍ଥାନୀୟ ବିଧାୟକ ତଥା କୃଷି ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ତିଗିରିଆ ଗସ୍ତରେ ଆସିଥିବାବେଳେ ସ୍ଥାନୀୟ ଅଞ୍ଚଳର ମହିଳା ଓ ପୁରୁଷମାନେ ତାଙ୍କୁ



ପୋଲିସ, ପ୍ରଶାସନିକ ଅଧିକାରୀଙ୍କ ସହ ଗ୍ରାମବାସୀ ଆଲୋଚନା କରୁଛନ୍ତି।

ଭେଟି ସମସ୍ୟାର ସମାଧାନ କରିବାକୁ ଦାବି କରିଥିଲେ। ଏହାପରେ ପୁନର୍ବାର ମହିଳାମାନେ ତହସିଲାଦାରଙ୍କୁ କାର୍ଯ୍ୟାଳୟରେ ଭେଟିବାରୁ ୭ ଦିନ ମଧ୍ୟରେ ଏହାର ସମାଧାନ କରାଯିବ ବୋଲି ବାସ୍କେ କହିଛନ୍ତି। ଅପରାହ୍ନରେ ତିଗିରିଆ ଆଇଆଇସି ସୁଚିତ୍ରା ଜେନା, ଆଠଗଡ ଅତିରିକ୍ତ ଉପ ଜିଲାପାଳ ଦୀପ୍ତିମୟୀ ବେହେରା, ତିଗିରିଆ ଅତିରିକ୍ତ ବିଡିଓ ଅଭିପ୍ସା ସ୍ୱାଇଁ ପ୍ରମୁଖ ଗ୍ରାମରେ ପହଞ୍ଚି ଖୁବ୍‌ଶୀଘ୍ର ଏହାର ସମାଧାନ ହୋଇଯିବ ବୋଲି କହିଛନ୍ତି।

## ସଂକ୍ଷେପରେ

### କଥା କଟାକଟିକୁ କେନ୍ଦ୍ରକରି ଯୁବକଙ୍କୁ ଆକ୍ରମଣ

**ସାଲେପୁର,୩।୯(ଡି.ଏନ୍.ଏ.):** ହୋଟେଲରେ ଖାଇବା ସମୟରେ ସାମାନ୍ୟ କଥାକୁ କେନ୍ଦ୍ରକରି ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ଶନିବାର ଅପରାହ୍ନ ପ୍ରାୟ ୩ଟା ସମୟରେ କଟକ-ସାଲେପୁର ରାସ୍ତାର ଧବଳେଶ୍ୱର ମନ୍ଦିର ନିକଟରେ ଥିବା ଏକ ହୋଟେଲରେ ୩ଜଣ ଯୁବକ ଖାଉଥିଲେ। କଥା କଟାକଟିକୁ କେନ୍ଦ୍ରକରି ୨ଜଣ ଯୁବକ ଅଲିପୁର ଗ୍ରାମର ରମେଶ ଚନ୍ଦ୍ର ବେହେରାଙ୍କୁ ନିସ୍ଥୁକ ମାଡ଼ ମାରିବାରୁ ତାଙ୍କ ମୁହଁ, ପେଟ, ଛାତି, ଆଖିରେ ଗଭୀର ଆଘାତ ଲାଗିଛି। ତାଙ୍କୁ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଏହି ଘଟଣା ପରେ ଆକ୍ରମଣକାରୀ ଚମ୍ପଟ ମାରିଛନ୍ତି। ଏ ସମ୍ପର୍କରେ ସାଲେପୁର ଥାନାରେ କୌଣସି ଅଭିଯୋଗ ହୋଇନାହିଁ।

### ଶୋଭାଯାତ୍ରାରେ ଡେଙ୍ଗୁ, ମ୍ୟାଲେରିଆ ସଚେତନତା

**ଫୁଲନଖରା,୩।୯(ଡି.ଏନ୍.ଏ.):** କଟକ ମହାନଗର ନିଗମର ୫୮ନଂ. ୱାର୍ଡରେ ମ୍ୟାଲେରିଆ, ଡେଙ୍ଗୁ, ଡାଇରିଆ, କରୋନା ସଚେତନତା କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ କର୍ପୋରେଟର ଜନାର୍ଦ୍ଦନ ପରିଡ଼ାଙ୍କ ନେତୃତ୍ୱରେ ଏହି ଶୋଭାଯାତ୍ରା ନୂଆଗଡ଼ ଗ୍ରାମର ବାଲୁଙ୍କେଶ୍ୱର ମନ୍ଦିର ପରିସରରୁ ବାହାରି ପ୍ରତାପନଗରୀ, ଧାକୁଲେଇ ପୀଠ, ଭାଣପୁର, ପୀରବଜାର, ଡାହାଳିଆବାଗ, ନୂଆଗଡ଼ ଦାଣ୍ଡକୂଳ ସାହି ହୋଇ କୁମ୍ଭରାଜପୁରରେ ପହଞ୍ଚିଥିଲା। ଏଥିରେ ଭାଣପୁରର ମା' ସିନ୍ଦୂରାଇ ମହିଳା ଆରୋଗ୍ୟ ସମିତି, ପ୍ରତାପନଗରୀର ମା' ଧାକୁଲେଇ ମହିଳା ଆରୋଗ୍ୟ ସମିତି, ନୂଆଗଡ଼ର ମା' ସୁନାଦେଇ ମହିଳା ଆରୋଗ୍ୟ ସମିତି, ତ୍ରିନାଥ ମହିଳା ଆରୋଗ୍ୟ ସମିତିର ସଭାନେତ୍ରୀ, କୋଷାଧ୍ୟକ୍ଷ, ସଦସ୍ୟଙ୍କ ସମେତ ଆଶାକର୍ମୀ, ଅଙ୍ଗନୱାଡି କର୍ମୀ ଓ ସ୍ୱଚ୍ଛସାଥୀ ସାମିଲ ହୋଇଥିଲେ। ସେମାନେ ଉକ୍ତ ରୋଗର ଭୟାବହତା ଓ ନିରାକରଣ ସମ୍ପର୍କରେ ଲୋକମାନଙ୍କୁ ସଚେତନ କରାଇଥିଲେ। ଏଥିସହ ଉକ୍ତ ୱାର୍ଡକୁ ଏକ ନମ୍ବର ୱାର୍ଡ ଭାବେ ଗଢି ତୋଳିବାକୁ ଶପଥ ନେଇଥିଲେ। ବନିତା ରାଉତ, ପ୍ରଭାସିନୀ ଦାସ, ବନିତା ମହାରଣା, ସୁଚିତ୍ରା ପତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ମେଲୋଡିରେ ଝୁମିଲେ ଦର୍ଶକ

**କଟକ ଅଫିସ, ୩।୯:** ଗଣେଶ ପୂଜା ଉପଲକ୍ଷେ ବିଭିନ୍ନ ପୂଜା କମିଟି ପକ୍ଷରୁ ମଣ୍ଡପ ନିକଟରେ ମେଲୋଡି ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହେଉଛି। କରୋନା ମହାମାରୀ ଯୋଗୁ ବନ୍ଦ ରହିଥିବା ଏହି କାର୍ଯ୍ୟକ୍ରମ ଦେଖିବା ପାଇଁ ଦର୍ଶକଙ୍କ ବେଶ୍ ଭିଡ ଜମୁଛି। କଳାକାରମାନେ ମନପସନ୍ଦର ଗୀତ ପରିବେଷଣ କରି ଦର୍ଶକଙ୍କ ହୃଦୟ ଜିତିପାରୁଛନ୍ତି। ଲୋକମାନେ ବିଭିନ୍ନ ମଣ୍ଡପରେ ଗଣେଶଙ୍କୁ ଦର୍ଶନ କରିବା ସହ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଉପଭୋଗ କରୁଛନ୍ତି। ଶନିବାର ସନ୍ଧ୍ୟାରେ ବାଦାମବାଡି, ରିଂରୋଡ, ରାଜେନ୍ଦ୍ରନଗର ଆଦି ସ୍ଥାନରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ହୋଇଥିଲା। କଳାକାରଙ୍କ ଗୋଟିଏ ପରେ ଗୋଟିଏ ହିଟ୍ ଗୀତରେ ଦର୍ଶକ ଝୁମିଥିଲେ। ସେହିପରି ନୂଆପଡା ଅଞ୍ଚଳରେ ଭଳିକିଭଳି ତୋରଣ ଦେଖିବାକୁ ଲୋକଙ୍କ ଗହଳି ଲାଗିଥିଲା। ଏଠାରେ କେଦାରନାଥ ମନ୍ଦିର, ରାଷ୍ଟ୍ରପତି ଭବନ, ବାରବାଟୀ କ୍ଲକ ଟାୱାର ଆକୃତିରେ ତୋରଣ ମୁଖ୍ୟ ଆକର୍ଷଣ ପାଲଟିଛି।

# ୩ୟ ଦିନରେ ଫାର୍ମାସିଷ୍ଟଙ୍କ ଆନ୍ଦୋଳନ

ସାଲେପୁର,୩।୯(ଡି.ଏନ୍.ଏ.)

ରାଜ୍ୟ ଫାର୍ମାସୀ ସଂଘ ନିଷ୍ପତ୍ତି କ୍ରମେ ରାଜ୍ୟ ସମେତ ସାଲେପୁର ଅଞ୍ଚଳର ଫାର୍ମାସିଷ୍ଟମାନେ ସେପ୍ଟେମ୍ବର ୧ରୁ ରିପୋର୍ଟ ରିଟର୍ନ ବନ୍ଦ କରି ୮ଦଫା ଦାବି ନେଇ ଆନ୍ଦୋଳନ ଜାରି ରଖିଛନ୍ତି। ଏହି ଆନ୍ଦୋଳନ ଶନିବାର ତୃତୀୟ ଦିନରେ ପହଞ୍ଚିଛି। ଏହା ଏକ ମାସ ଧରି ଚାଲୁରହିବ ବୋଲି ଅନୁଷ୍ଠାନ ପକ୍ଷରୁ କୁହାଯାଇଛି। ରାଜ୍ୟରେ କାର୍ଯ୍ୟରତ ଫାର୍ମାସିଷ୍ଟମାନଙ୍କ ବିଭିନ୍ନ ସମସ୍ୟା ରହିଛି। ଏସବୁ ସମସ୍ୟାର ସମାଧାନ ଦାବିରେ ଆନ୍ଦୋଳନ ଜାରି ରହିଛି। ସେମାନଙ୍କ ଦାବି ଅନୁଯାୟୀ, ମୂଳ ଦରମା ଗ୍ରେଡ୍ ପେ ୨୪ହଜାରରୁ ୨୮ହଜାରକୁ ବୃଦ୍ଧି, ଚାକିରୀ ନିୟମିତ ହେବାର ୨ମାସ ପରେ ପେ ବ୍ୟାଣ୍ଡ-୨ ଦରମା ପ୍ରଦାନ, ସଂଶୋଧିତ ଫାର୍ମାସିଷ୍ଟ କ୍ୟାଡର ନିୟମକୁ ୨୪।୦୮।୨୦୧୩ରୁ ପ୍ରଚଳନ କରିବା, ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରମାନଙ୍କରେ ଅତିରିକ୍ତ ଫାର୍ମାସିଷ୍ଟ ପଦବୀ ସୃଷ୍ଟି କରିବା ଇତ୍ୟାଦି ଅନ୍ତର୍ଭୁକ୍ତ। ଏନେଇ ସରକାରଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ଦିଆଯାଇଛି। ଏକ ମାସ ଭିତରେ ଦାବି ପୂରଣ ନ ହେଲେ ସଂଘ ପକ୍ଷର ସ୍ୱାସ୍ଥ୍ୟ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅହୋରାତ୍ର ଶାନ୍ତିପୂର୍ଣ୍ଣ ଆନ୍ଦୋଳନ କରାଯିବ ବୋଲି ସଂଘର ରାଜ୍ୟ ଉପସଭାପତି ସୁଧାଂଶୁ ଶେଖର ପଣ୍ଡା ସୂଚନା ଦେଇଛନ୍ତି।

# ଉନ୍ନତମାନର ଶିକ୍ଷା, ସ୍ମାର୍ଟ କ୍ଲାସ୍‌ରୁମ୍‌କୁ ଗୁରୁତ୍ୱ



ସମୀକ୍ଷା ବୈଠକରେ ଯୋଗଦେଇଥିବା ପ୍ରଶାସନିକ ଅଧିକାରୀମାନେ।

ବାଙ୍କୀ,୩।୯(ସ୍ୱ.ପ୍ର.)

**୩ୟ ପର୍ଯ୍ୟାୟ ବିଦ୍ୟାଳୟ ରୂପାନ୍ତରଣ ପାଇଁ ସମୀକ୍ଷା ବୈଠକ**

ବାଙ୍କୀ ଉପଖଣ୍ଡର ଡମପଡ଼ା ଓ ବାଙ୍କୀ ବ୍ଲକରେ ୨ଟି ପର୍ଯ୍ୟାୟରେ ୧୪ଟି ଉଚ୍ଚ ବିଦ୍ୟାଳୟ ରୂପାନ୍ତରଣ କରାଯାଇଛି। ତୃତୀୟ ପର୍ଯ୍ୟାୟ ରୂପାନ୍ତରଣରେ ବାଙ୍କୀର ୯ ଏବଂ ଡମପଡ଼ା ବ୍ଲକର ୧୦ ବିଦ୍ୟାଳୟକୁ ଚିହ୍ନଟ କରାଯାଇଛି। ଏସବୁ ବିଦ୍ୟାଳୟର ଲୋକାର୍ପଣ ନିମନ୍ତେ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି। ଏନେଇ ଆୟୋଜିତ ସମୀକ୍ଷା ବୈଠକରେ କଟକ ଜିଲା ପ୍ରକଳ୍ପ ଅଧିକାରୀ ଅମ୍ବର କର ଯୋଗଦେଇ ଉକ୍ତ ବିଦ୍ୟାଳୟର ସ୍ଥିତି ସମ୍ପର୍କରେ ସମୀକ୍ଷା କରିଥିଲେ। ଏହି ଅବସରରେ ରୂପାନ୍ତରଣ ହେବାକୁ ଥିବା ବିଦ୍ୟାଳୟଗୁଡ଼ିକରେ ସ୍ୱଚ୍ଛ ପାନୀୟ ଜଳ, ଉନ୍ନତ ଶୌଚାଳୟ, ଇ-ଲାଇବ୍ରେରୀ, ସ୍ମାର୍ଟ କ୍ଲାସରୁମ, ବିଦ୍ୟାଳୟ ହତାରେ ବର୍ଷା ଜଳ ସଂରକ୍ଷଣ, ବିଦ୍ୟାଳୟ ପରିସରରେ ସବୁଜୀକରଣ ସମ୍ପର୍କରେ ଆଲୋଚନା ହୋଇଥିଲା। ଏହାଛଡ଼ା ବିଦ୍ୟାଳୟରେ କିପରି ଉନ୍ନତ ଶିକ୍ଷା ବ୍ୟବସ୍ଥା ଦିଆଯାଇପାରିବ ସେ ସମ୍ପର୍କରେ କର ସମସ୍ତଙ୍କୁ ଅବଗତ କରାଇଥିଲେ। କାର୍ଯ୍ୟକ୍ରମରେ ବାଙ୍କୀ ଓ ଡମପଡ଼ା ବ୍ଲକ ବିଡିଓ ଶ୍ୟାମଳ ରାୟ, ଜିଲା ପରିଷଦ ସଭ୍ୟା ମିନତୀ ମହାପାତ୍ର, ଆଶିଷ କୁମାର ସାହୁ, ସଞ୍ଜୟ ପାତ୍ର, ପ୍ରଣବ କିଶୋର ପଟେଲ, ଡମପଡ଼ା ତହସିଲଦାର କ୍ଷୀତିଶ ବେହେରା, ବାଙ୍କୀ ବ୍ଲକ ଶିକ୍ଷା ଅଧିକାରୀ ସନ୍ତୋଷ ସେଠୀ, ଡମପଡ଼ା ବ୍ଲକ ଶିକ୍ଷାଅଧିକାରୀ ନରେନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ମୁଖ୍ୟ ଅଭିଯୁକ୍ତଙ୍କ ହେଲା ପଲିଗ୍ରାଫ୍ ଟେଷ୍ଟ

**ଅଟୋଚାଳକ ହତ୍ୟା ମାମଲା**

କଟକ ସଦର,୩।୯(ଡି.ଏନ୍.ଏ.)

କିଶନ ନଗର ଥାନା ଅନ୍ତର୍ଗତ ପ୍ରହରାଜପୁର ଗ୍ରାମର ଅଟୋଚାଳକ ଅବ୍‌ଦୁଲ୍ କାଦର ହତ୍ୟା ମାମଲାର ମୁଖ୍ୟ ଅଭିଯୁକ୍ତ ସେକ୍ ସକିଲ୍‌ଙ୍କ ଶନିବାର ପଲିଗ୍ରାଫ ଟେଷ୍ଟ କରାଯାଇଛି। ରସୁଲଗଡ଼ସ୍ଥିତ ଫରେନ୍ସିକ ଲାବୋରେଟୋରିରେ ପଲିଗ୍ରାଫ ଟେଷ୍ଟବେଳେ ଡିଏସ୍‌ପି ରଣଜିତ୍ ପୃଷ୍ଟି ଓ ଅନ୍ୟ ପୋଲିସ ଅଧିକାରୀ ଉପସ୍ଥିତ ଥିଲେ। ସେଠାରେ ବିଶେଷଜ୍ଞମାନେ ସକିଲଙ୍କୁ ବିଭିନ୍ନ ପ୍ରଶ୍ନ ପଚାରିଥିଲେ। ପରେ ତାଙ୍କୁ କିଶନ ନଗର ଥାନାକୁ ନିଆଯାଇ ସେଠାରେ ଥିବା ଅନ୍ୟ ୩ ଜଣଙ୍କ ସହ ମୁହାଁମୁହିଁ ଜେରା କରାଯାଇଥିଲା। ଶୁକ୍ରବାର ପୋଲିସ ପ୍ରହରାଜପୁର ଗ୍ରାମର ୩ ଜଣଙ୍କୁ ଡାକି ଘଟଣା ସମ୍ପର୍କରେ ପଚରାଉଚରା କରିଥିଲା। ସେମାନଙ୍କ ମଧ୍ୟରେ ହତ୍ୟାରେ ବ୍ୟବହୃତ ଛୁରି ତିଆରି କରିଥିବା ଜଣେ କମାର ଥିବା ଜଣାପଡ଼ିଛି। ମୁଖ୍ୟ ଅଭିଯୁକ୍ତଙ୍କର ରିମାଣ୍ଡ ଅବଧି ଶନିବାର ଶେଷ ହୋଇଥିବାରୁ ତାଙ୍କୁ ଜେଲ୍‌କୁ ପଠାଇ ଦିଆଯାଇଛି। ସୂଚନାଯୋଗ୍ୟ, ଗତମାସ ୧୦ ତାରିଖ ରାତିରେ ଅବ୍‌ଦୁଲ୍‌ଙ୍କ ଗଳା କାଟି ହତ୍ୟା କରାଯାଇଥିଲା। ପରେ ମୃତଦେହକୁ ସ୍ଥାନୀୟ ନମାଜ ପଡିଆ ନିକଟ ପାଚେରି ପାର୍ଶ୍ୱରେ ଫିଙ୍ଗି ଦିଆଯାଇଥିଲା। ୧୧ ତାରିଖ ସକାଳେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲା। ଏ ନେଇ ମୃତକଙ୍କ ସ୍ତ୍ରୀ ୱାହିଦା ଖାତୁନ୍ ଅଭିଯୋଗ କରିବା ପରେ ପୋଲିସ ହତ୍ୟା ମାମଲା(ନଂ.୧୪୩/୨୨) ରୁଜୁ କରି ୩ ଜଣଙ୍କୁ ଗିରଫ କରିଥିଲା। ହେଲେ ଏହି ଘଟଣାରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତମାନଙ୍କ ବିଷୟରେ ଜାଣିବା ପାଇଁ ସ୍ଥାନୀୟ ଲୋକଙ୍କଠାରୁ ପୋଲିସ ଠିକ୍ ତଥ୍ୟ ନ ପାଇବାରୁ ଅଭିଯୁକ୍ତଙ୍କୁ ରିମାଣ୍ଡରେ ଆଣିବା ପାଇଁ କୋର୍ଟରେ ଆବେଦନ କରିଥିଲା।

# ସ୍କୁଲରେ ଅଣଛାତ୍ରଙ୍କ ପ୍ରବେଶ ରୋକିବାକୁ ନିଷ୍ପତ୍ତି



ବୈଠକରେ ସ୍କୁଲର ପ୍ରଶାସନିକ ଅଧିକାରୀ ଓ ଅନ୍ୟମାନେ ଯୋଗଦେଇଛନ୍ତି।

ସାଲେପୁର,୩।୯(ଡି.ଏନ୍.ଏ.)

କିଛିଦିନ ହେବ ସାଲେପୁର ହାଇସ୍କୁଲ ପରିସରରେ ଅଣଛାତ୍ରମାନଙ୍କ ଯାତାୟାତ ବୃଦ୍ଧି ପାଇଛି। ଏଥିପାଇଁ ଛାତ୍ରୀଛାତ୍ରଙ୍କ ପାଠପଢ଼ାରେ ସମସ୍ୟା ସୃଷ୍ଟି ହୋଇଛି। କେତେଜଣ ଅଣଛାତ୍ର ଛାତ୍ରୀଛାତ୍ରଙ୍କୁ ଦୁର୍ବ୍ୟବହାର କରିବା ସହ ଗଣ୍ଡଗୋଳ କରୁଛନ୍ତି। ଏହାକୁ ନେଇ ଶନିବାର ସାଲେପୁର ହାଇସ୍କୁଲ ପରିସରରେ ପୁରାତନ ଛାତ୍ର ସଂସଦ କର୍ମକର୍ତ୍ତା, ଅଭିଭାବକ ଓ ସ୍କୁଲ ପ୍ରଶାସନ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। କୌଣସି କାରଣ ନ ଥାଇ ବିଦ୍ୟାଳୟରେ ଅଣଛାତ୍ର ପ୍ରବେଶ କରିପାରିବେ ନାହିଁ। ଯଦି ଏଥିରେ ବ୍ୟତିକ୍ରମ ଘଟେ ସେମାନଙ୍କ ବିରୋଧରେ ସ୍କୁଲ ପକ୍ଷରୁ ସାଲେପୁର ଥାନାରେ ଲିଖିତ ଅଭିଯୋଗ କରାଯିବ। ସାଲେପୁର ହାଇସ୍କୁଲ ଆଲୁମନି ଆସୋସିଏଶନ୍ ପକ୍ଷରୁ ବି ଥାନାରେ ଅଭିଯୋଗ କରାଯାଇଛି। ଗଣେଶପୂଜା ଦିନ କେତେଜଣ ଅଣଛାତ୍ର ସ୍କୁଲ ପରିସରରେ ପଶି ଛାତ୍ରୀଛାତ୍ରଙ୍କୁ ଦୁର୍ବ୍ୟବହାର କରିବା ସହ ମାରଣାସ୍ତ୍ର ଧରି ଭୟଭୀତ କରିଥିଲେ। ଏ ସଂକ୍ରାନ୍ତରେ ଅଭିଭାବକମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ଏହାକୁ ନେଇ ଶନିବାର ବିଦ୍ୟାଳୟ ପକ୍ଷରୁ ସଂପୃକ୍ତ ଅଣଛାତ୍ରଙ୍କ ବିରୋଧରେ ଲିଖିତ ଅଭିଯୋଗ ହୋଇଛି। ଉକ୍ତ ବୈଠକରେ ସାଲେପୁର ହାଇସ୍କୁଲର ପ୍ରଧାନ ଶିକ୍ଷକ ମନୋରଞ୍ଜନ ବାରିକ, ପୁରାତନ ଛାତ୍ର ତଥା ସାମ୍ବାଦିକ ଅକ୍ଷୟ କୁମାର ଦାଶ, ଆଲୁମ୍‌ନି ଆସୋସିଏଶନ୍‌ର ସଭାପତି ମିହିର କୁମାର ଜେନା, ଆବାହକ ନନ୍ଦକିଶୋର ଭୂୟାଁ, ହେମନ୍ତ କୁମାର ଭୂୟାଁ, ଅରବିନ୍ଦ ଭୂୟାଁ, ଶିଶିର କୁମାର ଦାଶ, ଜୟଦେବ ଶତପଥୀ, ରାଜେଶ ମହାନ୍ତି, ଅଶ୍ୱିନୀ କୁମାର ଦାସ, ଅବସରପ୍ରାପ୍ତ ଶିକ୍ଷକ କୃଷ୍ଣ ବେହେରା, ମନୋଜ ବେହେରା, ଅଭୟ କୁମାର ନାୟକ, ଅଶୋକ କୁମାର ଦାସ, ଦିଲୀପ କୁମାର ମଲ୍ଲିକ, ବିଜୟ କୁମାର ବେହେରାଙ୍କ ସମେତ ବହୁ ପୁରାତନ ଛାତ୍ର ଓ ଅଭିଭାବକମାନେ ସାମିଲ ହୋଇଥିଲେ।

# 'ବାଙ୍କୀ ମହୋତ୍ସବ ଏବେ ଓଡ଼ିଶାର ଗଣପର୍ବ'

ବାଙ୍କୀ,୩।୯(ସ୍ୱ.ପ୍ର.)

**ବାଙ୍କୀ ମହୋତ୍ସବ କମିଟି ପକ୍ଷରୁ ସରଣ୍ଡାରେ ପ୍ରତିଯୋଗିତା**

ବାଙ୍କୀ ମହୋତ୍ସବ କମିଟି ପକ୍ଷରୁ ବାଙ୍କୀ ବ୍ଲକ ଅନ୍ତର୍ଗତ ସରଣ୍ଡାସ୍ଥିତ ଅଂଶୁପା କନିଷ୍ଠ ମହାବିଦ୍ୟାଳୟରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ସରଣ୍ଡା ଜୋନର ଜିଲା ପରିଷଦ ସଭ୍ୟା ରଶ୍ମିରେଖା ପଣ୍ଡା ମୁଖ୍ୟ ଅତିଥିଭାବେ ଯୋଗଦେଇ ବାଙ୍କୀ ମହୋତ୍ସବ ଏବେ ଓଡିଶାରେ ଗଣପର୍ବରେ ପରିଣତ ହୋଇଛି ବୋଲି କହିଥିଲେ। ଏହି ମହୋତ୍ସବ ଦ୍ୱାରା ବାଙ୍କୀ ଉପଖଣ୍ଡର ବହୁ ପ୍ରତିଭା ଲୋକଲୋଚନକୁ ଆସିପାରୁଛି। ମହୋତ୍ସବ କମିଟି ଦ୍ୱାରା ଆୟୋଜିତ ପ୍ରତିଯୋଗିତାରେ ବହୁ କଳାକାର ଓ ଛାତ୍ରୀଛାତ୍ର ଅଂଶଗ୍ରହଣ କରୁଛନ୍ତି ବୋଲି ପଣ୍ଡା କହିଥିଲେ। କାର୍ଯ୍ୟକ୍ରମକୁ ମହୋତ୍ସବର ସାଧାରଣ ସମ୍ପାଦକ ଡ. ଗଣେଶ୍ୱର ସ୍ୱାଇଁ ପରିଚାଳନା କରିଥିଲେ। ଏହି ଅବସରରେ ମହିଳା ଭାଗବତ, ସଂକୀର୍ତ୍ତନ ମଣ୍ଡଳ, ଦଣ୍ଡ ଓ ପାଲା ଆଦି ଲୋକକଳାର କଳାକାରମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ସ୍ୱାଧୀନତା ସଂଗ୍ରାମରେ ବାଙ୍କୀର ଅବଦାନ ଶୀର୍ଷକ ବକ୍ତୃତା ପ୍ରତିଯୋଗିତାରେ ଭାଗ ନେଇଥିବା ହାଇସ୍କୁଲ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ କଲେଜ ଅଧ୍ୟକ୍ଷ ପ୍ରଦୀପ ବେଉରା ସହଯୋଗ କରିଥିଲେ। ଘୋଲପୁର ସରପଞ୍ଚ ଗତିକୃଷ୍ଣ ସ୍ୱାଇଁ, ସାମାଜିକ କର୍ମୀ ଚନ୍ଦ୍ରମଣି ସାହୁ ଓ ପୂର୍ଣ୍ଣଚନ୍ଦ୍ର ନାୟକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ପାଦକ ଭରତ ବେହେରା ଧନ୍ୟବାଦ ପ୍ରଦାନ କରିଥିଲେ। ଏହିପରି ୫ଟି ସ୍ଥାନରେ ପ୍ରତିଯୋଗିତା ଅନୁଷ୍ଠିତ ହେବ ବୋଲି ମହୋତ୍ସବ କମିଟି ପକ୍ଷରୁ କୁହାଯାଇଛି।



କଟକ ଯୋବ୍ରା ଦୁର୍ଗାପୂଜା କମିଟି ପକ୍ଷରୁ ମା' ଦୁର୍ଗାଙ୍କ ମୃଣ୍ମୟୀ ପ୍ରତିମା ନିର୍ମାଣ ପାଇଁ ମହାନଦୀତଟରୁ ମାଟି ଅନୁକୂଳ।

# ସଂକୁଳସ୍ତରୀୟ ଜ୍ଞାନବିଜ୍ଞାନ ମେଳା

ବାଙ୍କୀ,୩।୯(ସ୍ୱ.ପ୍ର.)

ବାଙ୍କୀ ବ୍ଲକ ଅନ୍ତର୍ଗତ ପଥୁରୀପଡ଼ା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ବାଙ୍କୀ ସଂକୁଳସ୍ତରୀୟ ଜ୍ଞାନବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବାଙ୍କୀ, ନିସ୍ତିପୁର, ଗୟଳବାଙ୍କ, ବ୍ରହ୍ମପୁରା, ପଥୁରୀପଡ଼ା ଓ ତୁଳସୀପୁର ଆଦି ୬ ଶିଶୁ ମନ୍ଦିରର ୧୦୭ଜଣ ବିଦ୍ୟାର୍ଥୀ ଅଂଶଗ୍ରହଣ କରିଥିଲେ। ବିଜ୍ଞାନ ପ୍ରକଳ୍ପ, ବିଜ୍ଞାନ ପ୍ରଶ୍ନମଞ୍ଚ, ଗଣିତ ପ୍ରୟୋଗ, ଗଣିତ ପ୍ରଶ୍ନମଞ୍ଚ, ଗଳ୍ପ କଥନ ଆଦି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଶିକ୍ଷା ବିକାଶ ସମିତି ଓ ପୂର୍ବ ସମ୍ଭବର ସଭାପତି କୁଳମଣି ମିଶ୍ର କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବୈଜ୍ଞାନିକ ମନୋବୃତ୍ତି ଜାଗରଣ କରିବା ପାଇଁ ଗୁରୁଜୀ,ଗୁରୁମାଙ୍କୁ ମାର୍ଗ ଦର୍ଶନ ଦେଇଥିଲେ। ମୁଖ୍ୟଅତିଥି ଭାବେ ବରପୁଟ ସରପଞ୍ଚ ପଣ୍ଡିତ ଅଶୋକ କୁମାର ମିଶ୍ର ପ୍ରାଚୀନ ଭାରତରେ ବିଜ୍ଞାନର କିପରି ମାନ ଥିଲା ତାହା ବର୍ଣ୍ଣନା କରିଥିଲେ। ସମ୍ମାନିତ ଅତିଥି ଭାବେ ପଥୁରୀପଡ଼ା ଶିଶୁ ବିଦ୍ୟାମନ୍ଦିର ସମ୍ପାଦକ ସୁନୀଲ କୁମାର ମିଶ୍ର, ବାଙ୍କୀ ସଂକୁଳ ପ୍ରମୁଖ ଧରଣୀଧର ସାହୁ, କବି ସୁରେଶ୍ୱର ବେହେରା ଓ ମହାବେରଣା ବିଦ୍ୟାପୀଠ ପ୍ରଧାନଶିକ୍ଷକ ମଧୁସୂଦନ ମହାପାତ୍ର ଯୋଗଦାନ କରି ବିଜ୍ଞାନର ଉପକାରିତା ଉପରେ ଆଲୋକପାତ କରିଥିଲେ। ଶିଶୁ ବିଦ୍ୟାମନ୍ଦିରର ପ୍ରଧାନ ଆଚାର୍ଯ୍ୟ ରତ୍ନାକର ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବିଚାରକ ଭାବେ ବିଜୟ ମହାନ୍ତି, ସୁଶାନ୍ତ ଦଳେଇ, ମାନସ ବିଶ୍ୱାଳ, ସଦାନନ୍ଦ ସାହୁ ଯୋଗଦାନ କରି ପ୍ରତିଯୋଗିତାଗୁଡିକର ମୂଲ୍ୟାୟନ କରିଥିଲେ। ପ୍ରଭାତ ପଣ୍ଡା, ମୁରଲୀଧର ପ୍ରଧାନ, ଅନନ୍ତ ଚରଣ ଦାଶ, ଭିକାରି ମିଶ୍ର, ଅକ୍ଷୟ ତ୍ରିପାଠୀ, ମାନସ ବିଶ୍ୱାଳ ଓ ଜାଗେରୀ ଗୁରୁମା ପ୍ରମୁଖ ସହଯୋଗ କରିଥିଲେ। ସଂକୁଳ ସଂଯୋଜକ ନରେଶ ମନ୍ତ୍ରୀ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ପ୍ରସନ୍ନ ସ୍ୱାଇଁ ଧନ୍ୟବାଦ ଦେଇଥିଲେ।




ଅତିଥିଙ୍କ ଗହଣରେ କୃତୀ ଛାତ୍ରୀଛାତ୍ର ଓ ଅନ୍ୟମାନେ।

# ଓଟିଡିସିକୁ ବିଶ୍ୱସ୍ତରୀୟ କରିବାକୁ ଆହ୍ୱାନ

ଭୁବନେଶ୍ୱର,୩।୯(ବ୍ୟୁରୋ)

ଓଡ଼ିଶା ପର୍ଯ୍ୟଟନ ନିଗମ (ଓଟିଡିସି) ସର୍ବଦା 'ଅତିଥି ଦେବୋ ଭବଃ'କୁ ଗୁରୁତ୍ୱ ଦେଇ ଆସୁଛି। ଅନ୍ୟରାଜ୍ୟ ବା ଦେଶରୁ ଆସୁଥିବା ଅତିଥିମାନଙ୍କୁ ଉଚିତ୍ ଆତିଥେୟତା ସହ ଆନୁଷଙ୍ଗିକ ସୁବିଧା ପ୍ରଦାନ କରୁଛି। ଆଗାମୀ ଦିନରେ ଓଟିଡିସିକୁ ଏକ ବିଶ୍ୱସ୍ତରୀୟ ଅନୁଷ୍ଠାନରେ ପରିଣତ କରିବାକୁ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ତଥା ଅବକାରୀ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ଆହ୍ୱାନ ଦେଇଛନ୍ତି। ଶନିବାର ଭୁବନେଶ୍ୱରସ୍ଥିତ ପାନ୍ଥନିବାସଠାରେ ନିଗମର ୪୩ତମ ପ୍ରତିଷ୍ଠା ଦିବସ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଯୋଗଦେଇ ମନ୍ତ୍ରୀ କହିଲେ, ନିଜ କାର୍ଯ୍ୟରେ ଉନ୍ନତି ସାଙ୍ଗକୁ ବିଭିନ୍ନ ସରକାରୀ ନିଷ୍ପତ୍ତି କାର୍ଯ୍ୟକାରୀ କରିବାରେ ନିଗମ ତାହାର କାର୍ଯ୍ୟ ଅବ୍ୟାହତ ରଖିଛି। ଓଡିଶାରେ ଶ୍ରୀକ୍ଷେତ୍ର ପୁରୀ, କୋଣାର୍କ, ଭିତରକନିକା, ସିମିଳିପାଳ, ମନ୍ଦିରମାଳିନୀ ସହର ଭୁବନେଶ୍ୱର ଆଦି ପର୍ଯ୍ୟଟନସ୍ଥଳୀ ବିଶ୍ୱ ମାନଚିତ୍ରରେ ସ୍ଥାନ ପାଇଛି। ଏହାକୁ ଦୃଷ୍ଟିରେ ରଖି ଓଟିଡିସି ଠିକ୍ ପ୍ରସ୍ତୁତି




କାର୍ଯ୍ୟକ୍ରମରେ ଅତିଥିମାନେ ଓଟିଡିସିର ବାର୍ଷିକ ମୁଖପତ୍ର 'ଏଲିଭେଟିଂ ଓଡିଶା'କୁ ଉନ୍ମୋଚନ କରୁଛନ୍ତି।

**୪୩ତମ ପ୍ରତିଷ୍ଠା ଦିବସ**

**■ଓଟିଡିସିର ବୁକିଂ ୱେବ୍ ସାଇଟ୍ ଉନ୍ମୋଚିତ**

କରିବାକୁ ମନ୍ତ୍ରୀ ପରାମର୍ଶ ଦେଇଥିଲେ।

ପର୍ଯ୍ୟଟନ ବିଭାଗର ପ୍ରମୁଖ ଶାସନ ସଚିବ ସୁରେନ୍ଦ୍ର କୁମାର ଯୋଗଦେଇ ଓଟିଡିସିର କାର୍ଯ୍ୟଧାରା ଓ ସଫଳତା ସମ୍ପର୍କରେ ଆଲୋକପାତ କରିଥିଲେ। ଓଟିଡିସି ଉପଲବ୍ଧ ସୁବିଧାକୁ ପୁନଃ ତର୍ଜମା କରି ଆତିଥେୟତା ପ୍ରଦାନରେ ସ୍ୱତନ୍ତ୍ରତା ଆଣିବା, ଅତିଥିମାନଙ୍କୁ ସମ୍ମାନର ସହ ସୁରକ୍ଷିତ ରଖିବା ଏବଂ ସୁଖାଦ୍ୟ ପରିବେଷଣ ଉପରେ ଅଧିକ ଧ୍ୟାନ ଦେଲେ ସେମାନେ ଓଡିଶାରୁ ନୂଆ ଅନୁଭୂତି ନେଇଯିବେ ବୋଲି ପ୍ରମୁଖ ଶାସନ ସଚିବ କହିଥିଲେ। ବିଭାଗୀୟ ନିର୍ଦ୍ଦେଶକ ସଚିନ୍ ରାମଚନ୍ଦ୍ର ଯାଦବ ଯୋଗଦେଇ ରାଜ୍ୟର ବିଭିନ୍ନ ସ୍ଥାନରେ ଓଟିଡିସି ତରଫରୁ ପ୍ରଦାନ କରାଯାଉଥିବା ଭ୍ରମଣ, ପାନ୍ଥନିବାସ ସୁବିଧା ଓ ଆତିଥେୟତା ସଂପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ଓଟିଡିସିର ବୁକିଂ ୱେବ୍ ସାଇଟ୍ www.bookodisha.com ଏବଂ ବାର୍ଷିକ ମୁଖପତ୍ର 'ଏଲିଭେଟିଂ ଓଡିଶା' ଉନ୍ମୋଚିତ ହୋଇଥିଲା। ଏଥିସହ ଓଟିଡିସିର କର୍ମଚାରୀମାନଙ୍କୁ ପୁରସ୍କୃତ କରାଯାଇଥିଲା।

ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୪ ସେପ୍ଟେମ୍ବର ୨୦୨୨

## ଶ୍ରମିକଙ୍କ ଝୁଲନ୍ତା ମୃତଦେହ ଜବତ

କଟକ ସଦର,(ଡି.ଏନ୍.ଏ.)- ୪୨ ମୌଜା ଥାନା ଅନ୍ତର୍ଗତ ବେଣ୍ଟକାର ଛକରେ ଥିବା ଏକ ଗଛରୁ ଶନିବାର ପୋଲିସ ଜଣେ ଶ୍ରମିକଙ୍କ ଝୁଲନ୍ତା ମୃତଦେହ ଜବତ କରିଛି। ସେ ହେଲେ ଗଞ୍ଜାମ ଜିଲା ପାଟପୁର ଅଞ୍ଚଳର ସନ୍ତୋଷ ସାହୁ। ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ମିଳିଥିବା ସୂଚନା ଅନୁଯାୟୀ, ସନ୍ତୋଷ ଶ୍ରମିକ ଭାବେ କାମ କରି ଉକ୍ତ ଅଞ୍ଚଳରେ ଘରଭଡା ନେଇ ରହୁଥିଲେ। ଶନିବାର ସକାଳେ ତାଙ୍କ ମୃତଦେହ ଗଛରେ ରଶି ସାହାଯ୍ୟରେ ଝୁଲୁଥିବା ଦେଖିବାକୁ ମିଳିଥିଲା। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ କଟକ ବଡ ଡାକ୍ତରଖାନା ପଠାଇଛି।



## ସଂକ୍ଷେପରେ

### ଶିଳାନ୍ୟାସ ଫଳକରେ କର୍ପୋରେଟରଙ୍କ ନାଁ ନାହିଁ

କଟକ ଅଫିସ, ୩।୯- ସ୍ୱାୟତ୍ତ ଶାସନ ଦିବସ ଉପଲକ୍ଷେ ଗତ ଅଗଷ୍ଟ ୩୧ ତାରିଖରେ କଟକ ମହାନଗର ନିଗମ(ସିଏମ୍‌ସି) ପକ୍ଷରୁ ସହରର ୫ଟି ସ୍ଥାନରେ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପାଇଁ ଶିଳାନ୍ୟାସ କରାଯାଇଥିଲା। କିନ୍ତୁ ସମ୍ପୃକ୍ତ ୱାର୍ଡରେ ଭାଜପା କର୍ପୋରେଟର ରହିଥିବାରୁ ସେମାନଙ୍କ ନାମ ଶିଳାନ୍ୟାସ ଫଳକରେ ନାହିଁ। ଏହାକୁ ଭାଜପା କଟକ ନଗର ପକ୍ଷରୁ ତୀବ୍ର ନିନ୍ଦା କରାଯାଇଛି। ଶନିବାର ପିଠାପୁରଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଭାଜପା କଟକ ନଗର ସଭାପତି ଲଲାଟେନ୍ଦୁ ବଡୁ ଶିଳାନ୍ୟାସ ରାଜନୀତିକୁ ସମାଲୋଚନା କରିଛନ୍ତି। ସମସ୍ତ ଫଳକର ଶିଳାନ୍ୟାସ ଷଣ୍ଢପୁରରେ କାହିଁକି କରାଗଲା ଓ ସମ୍ପୃକ୍ତ କର୍ପୋରେଟରମାନଙ୍କୁ କାହିଁକି ସୂଚନା ଦିଆଯାଇ ନ ଥିଲା ବୋଲି ବଡୁ ପ୍ରଶ୍ନ କରିଛନ୍ତି। ଏହି ଭୁଲର ପୁନରାବୃତ୍ତି ନ ହେବା ପାଇଁ ଭାଜପା ନେତାମାନେ ଦାବି କରିଛନ୍ତି। ଏହି ସମ୍ମିଳନୀରେ କର୍ପୋରେଟର ଗଗନ ଓଝା, ଗୋପାଳ ବେହେରା, ଦୀପକ ଦାସ, ରାକେଶ ସ୍ୱାଇଁ ଓ ଭବାନୀ ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

### ଭୀମ ଭୋଇ ସାମର୍ଥ୍ୟ ଶିବିର

କଟକ ଅଫିସ, ୩।୯- କଟକ ମହାନଗର ନିଗମ(ସିଏମ୍‌ସି) ପକ୍ଷରୁ ଭୀମଭୋଇ ସାମର୍ଥ୍ୟ ଶିବିର ଶନିବାର ସ୍ଥାନୀୟ କଲ୍ୟାଣୀ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ଏହାକୁ ସିଏମ୍‌ସି ମେୟର ସୁବାସ ସିଂ ଉଦ୍‌ଘାଟନ କରିଥିଲେ। ଏହି ଶିବିରରେ ୧୦୦ ଜଣଙ୍କ ଅସ୍ଥିଶଲ୍ୟ, ୨୨ ଜଣଙ୍କ ଚକ୍ଷୁ, ୭୨ ଜଣଙ୍କ ନାସା, ଗଳା କର୍ଣ୍ଣ ପରୀକ୍ଷା କରାଯାଇ ଭିନ୍ନକ୍ଷମ ପ୍ରମାଣପତ୍ର ପଞ୍ଜୀକରଣ କରାଯାଇଥିଲା। ଆସନ୍ତା ୨୧ ତାରିଖରେ ନେହେରୁପଲ୍ଲୀ ଉଚ୍ଚ ବିଦ୍ୟାଳୟରେ ଆଉ ଏକ ଶିବିର ଆୟୋଜନ କରାଯିବ ବୋଲି ସିଏମ୍‌ସି ଡେପୁଟି କମିଶନର ଶ୍ୱେତପଦ୍ମା ଡି. ଶତପଥୀ ସୂଚନା ଦେଇଛନ୍ତି।

### ନକଲି ମଦ ଜବତ, ୨ ଗିରଫ

କଟକ ଅଫିସ,୩।୯
ଜିଲା ଅବକାରୀ ବିଭାଗ ପକ୍ଷରୁ ଓଲଟପୁର ଥାନା ଅନ୍ତର୍ଗତ ଖଣ୍ଡିଆରିପୁର ଅଞ୍ଚଳରେ ଚଢ଼ାଉ କରାଯାଇ ଏକ ପିକ୍‌ଅପ୍ ଭ୍ୟାନ୍ ସହ ୮ ପେଟି ନକଲି ବିଦେଶୀ ମଦ ଜବତ କରାଯାଇଛି। ଏହି ଘଟଣାରେ ସମ୍ପୃକ୍ତ ଓଲଟପୁର ଥାନା ଅନ୍ତର୍ଗତ ଚିତଲପୁର ଗ୍ରାମର ଅଚ୍ୟୁତାନନ୍ଦ ଜଟ୍ଟା(୪୦) ଓ ଗୋବିନ୍ଦପୁର ଥାନା ଅଧୀନ ଶଙ୍ଖୁଆ ଗ୍ରାମର ଶରତ ଚନ୍ଦ୍ର ରାୟ(୩୮)ଙ୍କୁ ଗିରଫ କରାଯାଇଛି। ଖୋର୍ଦ୍ଧାରୁ ନିଆଳି ଅଞ୍ଚଳକୁ ମଦ ଚାଲାଣ ହେଉଥିବା ଖବର ମିଳିବା ପରେ ଅବକାରୀ ବିଭାଗ ଚଢ଼ାଉ କରିଥିଲା। ଜବତ ସାମଗ୍ରୀର ଆନୁମାନିକ ମୂଲ୍ୟ ଏକ ଲକ୍ଷ ଟଙ୍କାରୁ ଅଧିକ ହେବ ବୋଲି ଅବକାରୀ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

### ମା' ମଙ୍ଗଳା ୟୁଥ୍ କ୍ଲବ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ

କଟକ ଅଫିସ, ୩।୯- ଗଣେଶ ପୂଜା ଉପଲକ୍ଷେ ରାଜେନ୍ଦ୍ରନଗରର ମା' ମଙ୍ଗଳା ୟୁଥ୍ କ୍ଲବ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ କଟକ ଡିସିପି ପିନାକ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କ୍ଲବର କାର୍ଯ୍ୟକାରୀ ସଭାପତି ସମ୍ବିତ କୁମାର ଶ୍ରୀଚନ୍ଦନ ଓ ସମ୍ପାଦକ ପ୍ରତୀକ ମହାପାତ୍ର ଉପସ୍ଥିତ ଥିଲେ। କ୍ଲବ ସଭାପତି ପୁଲକ୍ ମହାନ୍ତି ଧନ୍ୟବାଦ ଦେଇଥିଲେ।

# 'ଅଧ୍ୟୟନ ଏକ ନିରନ୍ତର ପ୍ରକ୍ରିୟା'

କଟକ ଅଫିସ, ୩।୯



ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଇଂଲିଶ ବିଭାଗର ଶତବାର୍ଷିକ ସମାରୋହରେ ଉପସ୍ଥିତ ଅତିଥିମାନେ।

ଐତିହାସିକ ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ରାଜ୍ୟର ସର୍ବପୁରାତନ ଶିକ୍ଷାନୁଷ୍ଠାନ। ଏଠାରେ ଇଂଲିଶ ବିଭାଗ ଭଳି ଏକ ବିଭାଗ ଶହେ ବର୍ଷ ପୂରଣ କରିବା ବଡ଼ ସଫଳତା। ଛାତ୍ର କିମ୍ବା ଅଧ୍ୟାପକ ହୁଅନ୍ତୁ ସେମାନଙ୍କର ଅଧ୍ୟୟନ କେବେ ଶେଷ ହୁଏ ନାହିଁ। ଏହା ଏକ ନିରନ୍ତର ପ୍ରକ୍ରିୟା। ଜଣେ ଛାତ୍ର ନିଜର ଲକ୍ଷ୍ୟ ହାସଲ କରିବାକୁ ହେଲେ ସମୟାନୁବର୍ତ୍ତିତା ହେବା ଆବଶ୍ୟକ ବୋଲି ସୁପ୍ରିମକୋର୍ଟର ପୂର୍ବତନ ପ୍ରଧାନ ବିଚାରପତି ଜଷ୍ଟିସ ଦୀପକ ମିଶ୍ର କହିଛନ୍ତି। ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଇଂଲିଶ ବିଭାଗର ଶତବାର୍ଷିକୀ ସମାରୋହ ଶନିବାର ବିଶ୍ୱବିଦ୍ୟାଳୟର ସେଭେନ୍ ପିଲାର୍ସ ଅଫ୍ ୱିଜ୍‌ଡମ୍ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଜଷ୍ଟିସ୍ ମିଶ୍ର ଯୋଗଦେଇ ଉପରୋକ୍ତ ବିଷୟରେ କହିଥିଲେ। ସେହିପରି ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ଗାଳ୍ପିକା ଯଶୋଧାରା ମିଶ୍ର ଯୋଗଦେଇ କହିଥିଲେ, ଭାରତୀୟ ସାହିତ୍ୟ କ୍ଷେତ୍ରରେ ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଇଂଲିଶ ବିଭାଗର ଅନେକ ଅବଦାନ ରହିଛି। ପୁରାତନ ଛାତ୍ରୀଛାତ୍ରମାନେ ଇଂଲିଶ ସାହିତ୍ୟ ମାଧ୍ୟମରେ ଓଡ଼ିଆ ସାହିତ୍ୟ ସହ ଭାରତୀୟ ସାହିତ୍ୟକୁ ଋଦ୍ଧିମନ୍ତ କରିଛନ୍ତି।

ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସଞ୍ଜୟ ନାୟକ କହିଥିଲେ, ଇଂଲିଶ ବିଭାଗର ଶହେ ବର୍ଷ ପାଳନ କରିବା ଆମ ପାଇଁ ଏକ ବଡ଼ ଅନୁଭୂତି। ବିଂଶ ଶତାବ୍ଦୀକୁ ଦେଖିଲେ କେବଳ କଲେଜ ଅଫ୍ ବେଙ୍ଗଲ ଏବଂ କଲେଜ ଅଫ୍ ପାଟନା ବ୍ୟତୀତ ରେଭେନ୍‌ଶାର ଇଂଲିଶ ବିଭାଗର ଶହେ ବର୍ଷ ଗୌରବମୟ ଇତିହାସ ରହିଛି। ଇଂଲିଶ ବିଭାଗ ଶତବାର୍ଷିକୀ ସମାରୋହ କମିଟି ଅଧ୍ୟକ୍ଷ

**ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଇଂଲିଶ ବିଭାଗର ଶତବାର୍ଷିକ ସମାରୋହ**

ପ୍ରଦୋଷ ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ବିଭାଗର ମୁଖ୍ୟ ପ୍ରଫେସର ଡ. ସମ୍ବିତ ପାଣିଗ୍ରାହୀ ଶତବାର୍ଷିକୀ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା ଶତବାର୍ଷିକୀ ସ୍ମରଣିକା ଉନ୍ମୋଚିତ ହୋଇଥିଲା। ଜଷ୍ଟିସ୍ ମିଶ୍ର ଆଲୁମ୍‌ନି ଆସୋସିଏଶନକୁ ୫ ଲକ୍ଷ ଟଙ୍କା ପ୍ରଦାନ କରିଥିଲେ। ଏଥିସହ ଜଷ୍ଟିସ ମିଶ୍ର ବିଭାଗର ସ୍ନାତକ ଓ ସ୍ନାତକୋତ୍ତର ପରୀକ୍ଷାରେ ଟପ୍ପର ହୋଇଥିବା ଛାତ୍ରୀଛାତ୍ରଙ୍କୁ ଗୋଲ୍ଡ ମେଡାଲ ଓ ପିଏଚ୍‌ଡି ଛାତ୍ରୀଛାତ୍ରଙ୍କୁ ଡିଗ୍ରୀ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଭାଗର ୨ଜଣ ଆଲୁମ୍‌ନି ତଥା ପୁରାତନ ପ୍ରାଧ୍ୟାପକଙ୍କୁ ସମ୍ମାନିତ କରାଯାଇଥିଲା। ଶତବାର୍ଷିକୀ ଆୟୋଜକ କମିଟିର ସମ୍ପାଦକ ଡ. ଅଂଶୁମାନ ମହାନ୍ତି କାର୍ଯ୍ୟକ୍ରମ ସଞ୍ଚାଳନ ଓ ଡ. ଉର୍ମିଶ୍ରୀ ବେଦମାତା ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।



କଟକ ସାରଳା ଭବନରେ ଅନୁଷ୍ଠିତ ଇଣ୍ଡିଆ ଥିଏଟର ଅଲିମ୍ପିୟାଡ୍‌ର ଶନିବାର ଦ୍ୱିତୀୟ ସନ୍ଧ୍ୟା କାର୍ଯ୍ୟକ୍ରମରେ ପୁରସ୍କୃତ କଳାକାରଙ୍କ ସହ ଅତିଥିମାନେ।

# ଗୁଣାତ୍ମକ ଶିକ୍ଷା ଉପରେ ଗୁରୁତ୍ୱ ଦିଅନ୍ତୁ ଶିକ୍ଷକ

**ଦଧୀଚି ଶିକ୍ଷା ସମୂହର ପ୍ରତିଷ୍ଠା ଦିବସ**

କଣ୍ଟାପଡା, ୩।୯(ଡି.ଏନ୍.ଏ.)

କଣ୍ଟାପଡା ବ୍ଲକ ସୁନ୍ଦରଗ୍ରାମ ନିକଟସ୍ଥ ଦଧୀଚି ଶିକ୍ଷା ସମୂହର ପ୍ରତିଷ୍ଠା ଦିବସ ଶନିବାର ପାଳିତ ହୋଇଯାଇଛି। ଦଧୀଚି ଶିକ୍ଷା ସମୂହର ଅଧ୍ୟକ୍ଷ ଡ. ମନୋଜ କୁମାର ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିକ୍ଷକମାନେ ଗୁଣାତ୍ମକ ଶିକ୍ଷାକୁ ଗୁରୁତ୍ୱଦେବା ପାଇଁ ପରାମର୍ଶ ଦେଇଥିଲେ। ଅନୁଷ୍ଠାନର କାର୍ଯ୍ୟନିର୍ବାହୀ ଟ୍ରଷ୍ଟି ବବିତା ଦାସ ସମ୍ମାନିତ ଅତିଥିଭାବେ ଯୋଗଦେଇ ଗରିବ ମେଧାବୀ ଛାତ୍ରୀଛାତ୍ରଙ୍କୁ ସାହାଯ୍ୟ ପାଇଁ ଦଧୀଚି ଶିକ୍ଷାନୁଷ୍ଠାନ ସବୁବେଳେ ଉନ୍ମୁକ୍ତ ବୋଲି କହିଥିଲେ। ଦଧୀଚି ପବ୍ଲିକ ସ୍କୁଲର ଅଧ୍ୟକ୍ଷ ଦେବେନ୍ଦ୍ରନାଥ ଭଞ୍ଜ, ଏକାଡେମିଆ ନ୍ୟାଶନାଲ କଲେଜ ଅଫ୍ ସାଇନ୍ସର ଅଧ୍ୟକ୍ଷ କାର୍ତ୍ତିକ ପୃଷ୍ଟି, ଦଧୀଚି ଶିଳ୍ପ ତାଲିମ କେନ୍ଦ୍ର ଅଧ୍ୟକ୍ଷ ନିବେଦିତା ମହାନ୍ତି, ଏଆଇଆଇଟି ଅଧ୍ୟକ୍ଷ ଅଭିମନ୍ୟୁ ଜେନା, ଦଧିଚି ଫାର୍ମାସୀ କଲେଜ ଅଧ୍ୟକ୍ଷ ରଜତ କୁମାର କର ପ୍ରମୁଖ ଅନ୍ୟତମ ଅତିଥିଭାବେ ଯୋଗ ଦେଇଥିଲେ। ଅନୁଷ୍ଠାନର ଅର୍ଥ ନିର୍ଦ୍ଦେଶକ ବାସୁଦେବ ବିଶ୍ୱାଳ, ପ୍ରକଳ୍ପ ନିର୍ଦ୍ଦେଶକ ପ୍ରଭାତ କୁମାର ପାଢ଼ୀ ଯୋଗଦେଇ ଅନୁଷ୍ଠାନର ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ଅନୁଷ୍ଠାନର ଅଧ୍ୟକ୍ଷ ଓ ଅଧ୍ୟାପିକାମାନଙ୍କୁ ସମ୍ମାନିତ କରାଯାଇଥିଲା। ଶୁଭସ୍ମିତା ଦାଶ ଓ ହରେକୃଷ୍ଣ ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ବିଚାର ଭାରତୀ ଟ୍ରଷ୍ଟ ପକ୍ଷରୁ ମେଧାବୀ ଛାତ୍ରୀଙ୍କୁ ବୃତ୍ତି ପ୍ରଦାନ



କାର୍ଯ୍ୟକ୍ରମରେ ଛାତ୍ରୀ ଶୁଭଶ୍ରୀ ସ୍ୱାଇଁଙ୍କୁ ସ୍ନେହଲତା ଧଳ ମେମୋରିଆଲ ମେରିଟ୍ ଆୱାର୍ଡ ପ୍ରଦାନ କରାଯାଉଛି।

କଟକ ଅଫିସ, ୩।୯

ଅଭିନବ ବିଡାନାସୀସ୍ଥିତ ଶୋଭନୀୟ ଶିକ୍ଷାଶ୍ରମରେ ବିଚାର ଭାରତୀ ଟ୍ରଷ୍ଟ ପକ୍ଷରୁ ଷଷ୍ଠ ସ୍ନେହଲତା ଧଳ ମେମୋରିଆଲ ମେରିଟ୍ ଆୱାର୍ଡ ପ୍ରଦାନ କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଚଳିତବର୍ଷ ମାଟ୍ରିକ ପରୀକ୍ଷାରେ କୃତିତ୍ୱ ହାସଲ କରିଥିବା ଶିକ୍ଷାଶ୍ରମର ଛାତ୍ରୀ ଶୁଭଶ୍ରୀ ସ୍ୱାଇଁଙ୍କୁ ଉକ୍ତ ଆୱାର୍ଡ ପ୍ରଦାନ କରାଯାଇଛି। ଶୁଭଶ୍ରୀ ମାଟ୍ରିକ ପରୀକ୍ଷାରେ ସର୍ବାଧିକ ନମ୍ବର ରଖିଥିବାରୁ ତାଙ୍କୁ ମାନପତ୍ର ସହ ୫ ହଜାର ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଟ୍ରଷ୍ଟର ସମ୍ପାଦିକା ପ୍ରୀତି ଧଳ, ସଙ୍ଗଠନ ସମ୍ପାଦକ ଲାଲା ସୁନୀଲ କୁମାର ରଥ, ସାମାଜିକ କର୍ମୀ ନମ୍ରତା ଚଢା, ଶୋଭନୀୟ ଶିକ୍ଷାଶ୍ରମର ନିର୍ଦ୍ଦେଶିକା ଡ. ଅରୁନ୍ଧତୀ ଦେବୀ, ରାଜ୍ୟ ମାନବଧିକାର କମିଶନ୍‌ର ଆଡ୍‌ଭୋକେଟ୍ ଅସୀମ ଅମିତାଭ ଦାସ ଓ ସ୍ୱପ୍ନା ତ୍ରିପାଠୀ ପ୍ରମୁଖ ଯୋଗଦେଇଥିଲେ।

# ସଦ୍‌ଗୁରୁ ହସ୍ପିଟାଲରେ ଯୁବକଙ୍କ ଗୁପ୍ତାଙ୍ଗ ଅସ୍ତ୍ରୋପଚାର

କଟକ ଅଫିସ, ୩।୯

କଟକ ଜଗତ୍‌ପୁରସ୍ଥିତ ସଦ୍‌ଗୁରୁ ହସ୍ପିଟାଲରେ ଜଣେ ଯୁବକଙ୍କ ଗୁପ୍ତାଙ୍ଗ ଅସ୍ତ୍ରୋପଚାର ଶନିବାର କରାଯାଇଛି। ସେ ହେଲେ ପୁରୀ ଜିଲା ଗୋପ ଥାନା ଅନ୍ତର୍ଗତ ହେଲାରୀ ଅଞ୍ଚଳର ଶ୍ରୀନାଥ ବେହେରା(୨୫)। ସେ ମାନସିକ ଭାରସାମ୍ୟ ହରାଇ ଏକ ଧାରୁଆ ଅସ୍ତ୍ରରେ ନିଜର ଗୁପ୍ତାଙ୍ଗ କାଟି ଦେଇଥିବା ପରିବାର ଲୋକେ କହିଥିଲେ। ପରେ ସେମାନେ ତାଙ୍କୁ ବିଭିନ୍ନ ସରକାରୀ ଡାକ୍ତରଖାନାକୁ ନେଇ ନିରାଶ ହୋଇଥିଲେ। ଶେଷରେ ସେମାନେ ସଦ୍‌ଗୁରୁ ହସ୍ପିଟାଲକୁ ଆସିଥିଲେ। ହସ୍ପିଟାଲ କର୍ତ୍ତୃପକ୍ଷ ଘଟଣାକୁ ଗୁରୁତ୍ୱର ସହ ନେଇ ଶ୍ରୀନାଥଙ୍କ ଅସ୍ତ୍ରୋପଚାର ପାଇଁ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରିଥିଲେ। ବରିଷ୍ଠ ପ୍ଲାଷ୍ଟିକ ସର୍ଜରୀ ବିଶେଷଜ୍ଞ ଡା. ଶକ୍ତି ପ୍ରସାଦ ମିଶ୍ରଙ୍କ ନେତୃତ୍ୱରେ ତାଙ୍କର ଚିକିତ୍ସା ଆରମ୍ଭ ହୋଇଥିଲା। ଏ ନେଇ ଡା. ମିଶ୍ର କହିଛନ୍ତି, ଧାରୁଆ ଅସ୍ତ୍ରରେ କଟିଯିବାରୁ ଗୁପ୍ତାଙ୍ଗର ରକ୍ତନଳୀ, ପରିସ୍ରା ନଳୀ, ମାଂସପେଶୀ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିଲା। ଏଣୁ ଲେୟର ୱାଇଜ କ୍ୟାଥୋଟାରାଇଜେସନ୍ ପ୍ରକ୍ରିୟାରେ ତାଙ୍କର ଅସ୍ତ୍ରୋପଚାର କରାଯାଇଥିଲା। ଏବେ ସେ ସୁସ୍ଥ ଥିବାବେଳେ ତାଙ୍କର ଆନୁସଙ୍ଗିକ ଚିକିତ୍ସା ଜାରି ରହିଛି। ରାଜ୍ୟ ସରକାରଙ୍କ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ଏହି ଚିକିତ୍ସା ମାଗଣାରେ କରାଯାଇଛି। ଏହି ସଫଳ ଚିକିତ୍ସା ପାଇଁ ଶ୍ରୀନାଥଙ୍କ ପରିବାର ଲୋକେ ହସ୍ପିଟାଲ କର୍ତ୍ତୃପକ୍ଷଙ୍କୁ କୃତଜ୍ଞତା ଜଣାଇଛନ୍ତି।



# ଟ୍ରକ୍ ଯନ୍ତ୍ରାଂଶ, ସିଲିଣ୍ଡର ଜବତ: ୪ ଗିରଫ

ମଙ୍ଗୁଳି,୩।୯(ଡି.ଏନ୍.ଏ.)

ଜଗତ୍‌ପୁର ଥାନା ଅଧୀନ ଅନନ୍ତପୁରସ୍ଥିତ ଏକ ସ୍ଥାନରେ ଶନିବାର ପୂର୍ବାହ୍ନରେ ପୋଲିସ ଚଢ଼ାଉ କରି ୪ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଏହି ଥାନା ଅନ୍ତର୍ଗତ ପୀରବଜାର ଗୁଜରପୁରର ସେକ୍ ସାବିତ୍, ସେକ୍ ସାହିଲ, ମଙ୍ଗଳାବାଗ ଥାନା ଅଧୀନ ଯୋବ୍ରା ରହମନ୍‌ସାହିର ସେକ୍ ମୁସ୍ତାକିମ ଓ ଯୋବ୍ରା ଚାରିଘରିଆ ଅଞ୍ଚଳର ସେକ୍ କରିମ ବକ୍ସ। ସେମାନଙ୍କ ନିକଟରୁ ଗ୍ୟାସ୍ କଟର, ଟ୍ରକର କଟାଯାଇଥିବା ଯନ୍ତ୍ରାଂଶ, ଗ୍ୟାସ୍ ସିଲିଣ୍ଡର ଓ ପାଇପ ଆଦି ଜବତ କରାଯାଇଛି। ଏ ନେଇ ଥାନାରେ ଏକ ମାମଲା (ନଂ. ୩୭୨/୨୨)ରୁଜୁ ହୋଇଛି। ଅନନ୍ତପୁରର ଉକ୍ତ ସ୍ଥାନରେ ଅଭିଯୁକ୍ତମାନେ ଚୋରା ଟ୍ରକ କାଟୁଥିବା ପୋଲିସ ଖବର ପାଇଥିଲା। ଏସ୍‌ଆଇ ଦିଲ୍ଲୀପ ମହାନ୍ତି ପୋଲିସ ଟିମ୍ ସହ ସେଠାରେ ଚଢ଼ାଉ କରି ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲେ। ଜବତ ଯନ୍ତ୍ରାଂଶର ମୂଲ୍ୟ ୪ଲକ୍ଷ ଟଙ୍କା ହେବ ବୋଲି ଆଇଆଇସି ରବୀନ୍ଦ୍ର ନାଥ ମେହେର କହିଛନ୍ତି।

# 'ସେବାକୁ ଜୀବନର ବ୍ରତ କରନ୍ତୁ ସ୍ୱେଚ୍ଛାସେବୀ'




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

କଟକ ଅଫିସ, ୩।୯

**ଆତ୍ମନିର୍ଭର ଭାରତ କାର୍ଯ୍ୟକ୍ରମ**

କଟକ ଦେଉଳସାହିସ୍ଥିତ ରଘୁନାଥଜୀଉ ଡିଗ୍ରୀ କଲେଜରେ ଜାତୀୟ ସେବା ଯୋଜନା (ଏନ୍‌ଏସ୍‌ଏସ୍) ୟୁନିଟ୍ ପକ୍ଷରୁ ଆତ୍ମନିର୍ଭର ଭାରତ କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉତ୍କଳ ବିଶ୍ୱବିଦ୍ୟାଳୟ ଏନ୍‌ଏସ୍‌ଏସ୍‌ର ପୂର୍ବତନ ସଂଯୋଜକ ଡ. ମନୋରଞ୍ଜନ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ସେଚ୍ଛାସେବୀ ସେବାକୁ ଜୀବନର ବ୍ରତ ଭାବେ ଗ୍ରହଣ କରିବାକୁ କହିଥିଲେ। ସେହିପରି ସ୍ୱଦେଶୀ ଜାଗରଣ ମଞ୍ଚ ପୂର୍ବତନ ସହ ସଂଘର୍ଷ ବାହିନୀ ପ୍ରମୁଖ ପ୍ରହଲ୍ଲାଦ ବେହେରା ମୁଖ୍ୟବକ୍ତା ଭାବେ ଯୋଗଦେଇ ଆତ୍ମନିର୍ଭରଶୀଳ ହେବା ସହିତ ଅନ୍ୟମାନଙ୍କୁ ଆତ୍ମନିର୍ଭର କରିବା ଉପରେ ମତ ଦେଇଥିଲେ। କଲେଜ ଅଧ୍ୟକ୍ଷ ଚନ୍ଦ୍ରମୋହନ ସ୍ୱାଇଁ ସ୍ୱେଚ୍ଛାସେବୀମାନଙ୍କୁ ସେବା କାର୍ଯ୍ୟକ୍ରମରେ ମନୋନିବେଶ କରିବାକୁକହିଥିଲେ। କଲେଜ ଏନ୍‌ଏସ୍‌ଏସ୍‌ର କାର୍ଯ୍ୟକ୍ରମ ଅଧିକାରୀ ନୀହାର ରଞ୍ଜନ ରଥ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିରେ କଲେଜର ଆଡମିନିଷ୍ଟ୍ରେଟିଭ ଅଧିକାରୀ ଡ. ସରୋଜ କୁମାର ଦାଶ ଓ ପୂର୍ବତନ କାର୍ଯ୍ୟକ୍ରମ ଅଧିକାରୀ ଡ. ଅକ୍ଷୟ କୁମାର ନାୟକ ବକ୍ତବ୍ୟ ଦେଇଥିଲେ। ରୂପାଲି ସାହୁ ଧନ୍ୟବାଦ ଦେଇଥିଲେ।

# ଏନ୍‌ଏଲ୍‌ୟୁଓରେ ଷ୍ଟାର୍ଟଅପ୍ ଓଡ଼ିଶା ଭ୍ୟାନ୍

କଟକ ଅଫିସ, ୩।୯

ଶିକ୍ଷିତ ଯୁବଗୋଷ୍ଠୀଙ୍କୁ ସଫଳ ଉଦ୍ୟୋଗୀ ଭାବେ ଗଢ଼ି ତୋଳିବା ପାଇଁ ରାଜ୍ୟ ସରକାର ଷ୍ଟାର୍ଟଅପ୍ ଓଡ଼ିଶା ଯାତ୍ରା ଆରମ୍ଭ କରିଛନ୍ତି। ଏହାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗତ ଅଗଷ୍ଟ ୨୬ରେ ଶୁଭାରମ୍ଭ କରିଥିଲେ। ଉକ୍ତ ଷ୍ଟାର୍ଟଅପ୍ ଓଡ଼ିଶା ଭ୍ୟାନ୍ ଶୁକ୍ରବାର ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ ଓଡ଼ିଶା (ଏନ୍‌ଏଲ୍‌ୟୁଓ) କ୍ୟାମ୍ପସ୍‌ରେ ପହଞ୍ଚିଥିଲା। ଏହି ଅବସରରେ ଏନ୍‌ଏଲ୍‌ୟୁଓ କ୍ୟାମ୍ପସ ପରିସରରେ ଏକ ବୁଟ୍ କ୍ୟାମ୍ପର ଆୟୋଜନ କରାଯାଇଥିଲା। ଏହି କ୍ୟାମ୍ପରେ କୁଳପତି ଭେଦ କୁମାରୀ ଯୋଗଦେଇ ନୂତନ ଚିନ୍ତାଧାରା ପ୍ରସ୍ତୁତ କରିବାକୁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ସେହିପରି କୁଳସଚିବ ପ୍ରଫେସର ଯୋଗେଶ ପ୍ରତାପ ସିଂ ସ୍ୱାଗତ ଭାଷଣ ଦେଇ ନୂତନ ପ୍ରକଳ୍ପ ପ୍ରସ୍ତୁତ କରିବାକୁ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ବିଶ୍ୱବିଦ୍ୟାଳୟର ଛାତ୍ରମାନଙ୍କ ଦ୍ୱାରା ସମୁଦାୟ ୧୪ଟି ନୂତନ ଚିନ୍ତାଧାରା ଦିଆଯାଇଥିଲା। ଏଥିରେ ଅଧିକାଂଶ ବିବିଏ-ଏଲ୍‌ଏଲ୍‌ବି ପାଠ୍ୟକ୍ରମର ଛାତ୍ରୀଛାତ୍ର ରହିଛନ୍ତି। ସେମାନଙ୍କ ଦ୍ୱାରା ପ୍ରସ୍ତୁତ ନୂତନ ଚିନ୍ତାଧାରାଗୁଡ଼ିକର ମୂଲ୍ୟାଙ୍କନ କରାଯିବ। ଏଥିସହ ବିଜେତାମାନଙ୍କୁ ରାଜ୍ୟ ସରକାରଙ୍କ ଘୋଷଣା ମୁତାବକ ପୁରସ୍କାର ପ୍ରଦାନ କରାଯିବ। ଏଥିରେ ଫାକଲ୍‌ଟି ଆଡ୍‌ଭାଇଜର ମଧୁବ୍ରତା ରାୟସିଂ, ଡ. ଅର୍ଜୟାଲୋପା ମିଶ୍ର, ଡ. ସୁଦତ୍ତା ବାରିକ ଓ ଡ. ମୟଙ୍କ ତିୱାରୀ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ୨୦୨୫ ସୁଦ୍ଧା ୫ହଜାର ଷ୍ଟାର୍ଟଅପ ସୃଷ୍ଟି କରିବାକୁ ରାଜ୍ୟ ସରକାରଙ୍କ ପକ୍ଷରୁ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି। ଏହି ଭ୍ୟାନ୍ ଆସନ୍ତା ୨ ମାସ ମଧ୍ୟରେ ରାଜ୍ୟର ୩୦ ଜିଲାର ୧୦୦ ଶିକ୍ଷାନୁଷ୍ଠାନ ପରିକ୍ରମା କରିବ। ଏଥିସହ ତୃଣମୂଳ ସ୍ତରରୁ ଇନୋଭେଟର, ମହିଳା ଉଦ୍ୟୋଗୀ ସୃଷ୍ଟି କରିବା ସହ ଯୁବଗୋଷ୍ଠୀଙ୍କୁ ଉଦ୍ୟୋଗ ପ୍ରତି ଆକୃଷ୍ଟ କରିବା ଲକ୍ଷ୍ୟ ନେଇ ଏହି ଯାତ୍ରା ଆରମ୍ଭ କରାଯାଇଛି।




# ବିପର୍ଯ୍ୟସ୍ତ ରାସ୍ତାଘାଟ ପ୍ରତିବାଦରେ ପଥ ସତ୍ୟାଗ୍ରହ

କଟକ ଅଫିସ, ୩।୯

କଟକ ସହରର ବିପର୍ଯ୍ୟସ୍ତ ରାସ୍ତାଘାଟ ଏବଂ ଜାଇକା, ସିଏମ୍‌ସି ଓ ପୂର୍ତ୍ତ ବିଭାଗର ଅପାରଗତା ପ୍ରତିବାଦରେ ସୁଭାଷ ସଙ୍ଗଠନ ପକ୍ଷରୁ ଶନିବାର ଯୋବ୍ରାଠାରେ ପୁଣିଥରେ ଅଭିନବ ଉପାୟରେ ପଥ ସତ୍ୟାଗ୍ରହ କରାଯାଇଛି। ସହରର ରାସ୍ତାଘାଟ ବିପର୍ଯ୍ୟସ୍ତ ହୋଇପଡିଛି। ଜାଇକା ପକ୍ଷରୁ ବିଭିନ୍ନ ସ୍ଥାନରେ ରାସ୍ତା ଖୋଳି ଦିଆଯିବା ଦ୍ୱାରା ଯାତାୟାତରେ ସମସ୍ୟା ହେଉଛି। ବର୍ଷା ହେଲେ ଉକ୍ତ ଖାଲରେ ପାଣି ଜମୁଛି। ଫଳରେ ଲୋକମାନେ ସେଥିରେ ପଡି ଆହତ ହେଉଛନ୍ତି। ରାସ୍ତା ନିର୍ମାଣ ପାଇଁ ୧୦ବର୍ଷ ତଳେ ଶିଳାନ୍ୟାସ ହୋଇଥିଲା। ହେଲେ ଏପର୍ଯ୍ୟନ୍ତ କାର୍ଯ୍ୟ ଶେଷ ହୋଇପାରିନାହିଁ। ଏହାକୁ ନେଇ ସହରବାସୀଙ୍କ ମଧ୍ୟରେ ଅସନ୍ତୋଷ ଜୋର୍ ଧରିଛି। ଆଗକୁ ଦୁର୍ଗାପୂଜା ଆସୁଛି। ଏହା ପୂର୍ବରୁ ସହରର ରାସ୍ତାଘାଟ ମରାମତି ପାଇଁ ଦାବି କରି ସଙ୍ଗଠନ ପକ୍ଷରୁ ଗତ ୨୪ ତାରିଖରେ ରାସ୍ତାରେ ଗଡି ପ୍ରତିବାଦ କରାଯାଇଥିଲା। ଏହାସତ୍ତ୍ୱେ ଜାଇକା, ସିଏମ୍‌ସି କିମ୍ବା ପୂର୍ତ୍ତ ବିଭାଗ କର୍ତ୍ତୃପକ୍ଷ କର୍ଣ୍ଣପାତ କଲେ ନାହିଁ। ତେଣୁ ସଙ୍ଗଠନ କର୍ମକର୍ତ୍ତାମାନେ ଏହି ୩ ବିଭାଗର କୁଶପୁତ୍ତଳିକାକୁ ଏକ କୋକେଇରେ ବାନ୍ଧି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପରେ ଏହି ୩ ବିଭାଗର କୁଶପୁତ୍ତଳିକା ଦାହ କରାଯାଇଥିଲା।




ଯୋବ୍ରାଠାରେ ସୁଭାଷ ସଙ୍ଗଠନ ପକ୍ଷରୁ ଅଭିନବ ଉପାୟରେ ପ୍ରତିବାଦ କରାଯାଉଛି।

**ଜାଇକା, ସିଏମ୍‌ସି ଓ ପୂର୍ତ୍ତ ବିଭାଗର କୁଶପୁତ୍ତଳିକା ଦାହ**

ଯଦି ଆଗାମୀ ଦିନରେ ଏହି ସମସ୍ୟାର ସମାଧାନ ନ ହୁଏ ତେବେ ଆନ୍ଦୋଳନକୁ ତୀବ୍ର କରାଯିବ ବୋଲି ସଙ୍ଗଠନ ପକ୍ଷରୁ ଚେତାବନୀ ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ସଙ୍ଗଠନର ସଭାପତି ଆଶୁତୋଷ ଦାସ, ସାଧାରଣ ସମ୍ପାଦକ ସୁରେଶ ମହାନ୍ତି, ଗୁରୁପ୍ରସାଦ ସାହୁ, ଦେବଶ୍ରୀ ଛାଟୋଇ, ବାପୁଜୀ କର, ମନୋଜ ବେହେରା, ସୋମନାଥ ସାହୁ, ପୃଥ୍ୱୀରାଜ ବେହେରା, ବିରଞ୍ଚି ସାମଲ, ଶ୍ରୀନିବାସ ରେଡ୍ଡୀ ଓ ମଣ୍ଟୁ ସାହୁ ପ୍ରମୁଖ ସାମିଲ ହୋଇଥିଲେ।

## ସଂକ୍ଷେପରେ

### ଭୋଟର ସଚେତନତା ରଥ ଉଦ୍‌ଘାଟିତ

ପୁରୀ ସହର,୩।୯: ଭୋଟରମାନଙ୍କୁ ସଚେତନ କରିବା ଲକ୍ଷ୍ୟରେ ଏକ ସଚେତନତା ରଥକୁ ଜିଲାପାଳ ସମର୍ଥ ବର୍ମା ଶନିବାର ଉଦ୍‌ଘାଟନ କରିଛନ୍ତି। ପୂର୍ବାହ୍ନରେ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଭୋଟର ସଚେତନତା ରଥ ଉଦ୍‌ଘାଟନ କରି ଏହି ରଥ ସାଧାରଣ ଭୋଟରମାନଙ୍କୁ ସେମାନଙ୍କ ଦାୟିତ୍ୱ ଓ ଅଧିକାର ସମ୍ପର୍କରେ ସଚେତନ ସତର୍କ କରାଇବ ବୋଲି ଜିଲାପାଳ କହିଥିଲେ। ନିର୍ବାଚନ ଆୟୁକ୍ତ ଭୋଟର କାର୍ଡରେ ଆଧାର ନମ୍ବର ସଂଯୁକ୍ତ ପାଇଁ ବ୍ୟବସ୍ଥା କରିଥିବାରୁ ଭୋଟରମାନଙ୍କୁ ସଚେତନ କରାଇବା, ନୂତନ ଭୋଟରମାନଙ୍କୁ ଭୋଟର ତାଲିକାରେ ସାମିଲ କରାଇବା, ମୃତ ଇତ୍ୟାଦି କ୍ଷେତ୍ରରେ ଭୋଟର ତାଲିକାରୁ ନାମ ବାଦ ଦେବା ଏହି ସଚେତନତା ରଥର ମୁଖ୍ୟ ଉଦ୍ଦେଶ୍ୟ ବୋଲି ସେ ସୂଚନା ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ପ୍ରଶାସନ ପ୍ରଦୀପ କୁମାର ସାହୁ, ଉପଜିଲାପାଳ ଭବତାରଣ ସାହୁ, ଡେପୁଟି କଲେକ୍ଟର ସୁମନ୍ତ କର, ଜିତେନ୍ଦ୍ର କୁମାର ପାତ୍ର, ତହସିଲଦାର ରବୀନ୍ଦ୍ର କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

### ଅତିବଡ଼ୀ ଜଗନ୍ନାଥ ଦାସଙ୍କ ଜୟନ୍ତୀ ପାଳିତ

ପୁରୀ ଅଫିସ, ୩।୯- ରାଧାଷ୍ଟମୀ ଉପଲକ୍ଷେ ମହାପୁରୁଷ ଅତିବଡ଼ୀ ଜଗନ୍ନାଥ ଦାସଙ୍କ ଜୟନ୍ତୀ ଉତ୍ସବ କବିଙ୍କ ସାଧନା ଓ ସମାଧି ପୀଠ ସାତଲହଡି ମଠ ପରିସରରେ ଶନିବାର ପାଳିତ ହୋଇଛି। ପ୍ରାତଃରେ ନାମ ସଂକୀର୍ତ୍ତନ, ଭାଗବତ ପଠନ ଯଜ୍ଞ, ଭକ୍ତ ସମ୍ମିଳନୀ, ପ୍ରବଚନ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପରେ ମଧ୍ୟାହ୍ନ ସମୟରେ ସାଧୁ ଓ ଭକ୍ତ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସେହିପରି ସନ୍ଧ୍ୟାରେ ବାଦ୍ୟ ବିଚିତ୍ରା ସହ ଏକ ଶୋଭାଯାତ୍ରାରେ ଭକ୍ତମାନେ ସମୁଦ୍ରକୂଳରେ ଏକତ୍ରିତ ହୋଇ ସମୁଦ୍ର ଆଳତି କରିଥିଲେ। ଏ ସମସ୍ତ କାର୍ଯ୍ୟକ୍ରମ ମଠର ମଠାଧୀଶ ବ୍ରହ୍ମଚାରୀ ବାମଦେବନନ୍ଦଙ୍କ ତତ୍ତ୍ୱାବଧାନରେ ପରିଚାଳିତ ହୋଇଥିଲା। କାର୍ଯ୍ୟକ୍ରମରେ ରାଜ୍ୟର ବିଭିନ୍ନ ଜିଲା ଯଥା ଯାଜପୁର, ବାଲେଶ୍ୱର, କଟକ, ଢେଙ୍କାନାଳ, କେନ୍ଦୁଝର ଓ ଜଗତ୍‌ସିଂହପୁର ଜିଲାରୁ ଭକ୍ତମାନେ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମକୁ ଅତିବଡ଼ୀ ଜଗନ୍ନାଥ ଦାସ ସ୍ମୃତି ରକ୍ଷା କମିଟିର ସଦସ୍ୟ ପ୍ରଫୁଲ୍ଲ କୁମାର ସାମନ୍ତରାୟ ପରିଚାଳନାରେ ସହଯୋଗ କରିଥିଲେ।

### ତଳ କୋର୍ଟ ରେକର୍ଡ ପଠାଉ ନ ଥିବା ଅଭିଯୋଗ

ପୁରୀ ଅଫିସ,୩।୯- ଏକ ଜମି ମାମଲାରେ ପିପିଲି ତହସିଲ କାର୍ଯ୍ୟାଳୟ (ତଳ କୋର୍ଟ) ପକ୍ଷରୁ ଏକ ରେକର୍ଡ ପଠାଉ ନ ଥିବାରୁ ଉପର କୋର୍ଟରେ ମାମଲାର ଶୁଣାଣି ହୋଇ ପାରୁ ନାହିଁ ବୋଲି ପୁରୀ ଜିଲା ବଳଙ୍ଗା ଥାନା ଅନ୍ତର୍ଗତ ଗଡଚାନ୍ଦପୁର ଗ୍ରାମର ଗଭିମଣି ମାଝି ଅଭିଯୋଗ ଆଣିଛନ୍ତି। ଅଭିଯୋଗକାରୀଙ୍କ ସୂଚନା ଅନୁଯାୟୀ, ପିପିଲି ତହସିଲ ଅଧୀନ ଭୋଗପାଟଳି ମୌଜାର ଖାତା ନମ୍ବର ୧୭, ଚକ ନମ୍ବର ୨୩, ପ୍ଲଟ ନମ୍ବର ୩୦, ଏରିଆ ୯୨ଡିସିମିଲ ଚକ ଭୁକ୍ତ ଜମି ଅଟେ। ଏହି ଜମି ବିକ୍ରି ସମୟରେ ବିକ୍ରେତା ତହସିଲଦାରଙ୍କ ବିନା ଅନୁମତିରେ ବିକ୍ରି କରିଥିଲେ। ଫଳରେ କେତେକ ଅଂଶୀଦାର ବିକ୍ରି ସମୟରେ ଦସ୍ତଖତ ଦେଇ ନ ଥିଲେ। ପିପିଲି ସବରେଜିଷ୍ଟାର କାର୍ଯ୍ୟାଳୟରେ ଧରାଧରି କରି କ୍ରେତା ନିଜ ନାମରେ ୨୦୦୯ ମସିହାରେ କବଲା କରି ନେଇଥିଲେ। କ୍ରେତା କବଲା କରିବା ପରେ ରେକର୍ଡ ସଂଶୋଧନ ପାଇଁ ପିପିଲି ତହସିଲ କାର୍ଯ୍ୟାଳୟରେ ୨୦୦୯ରୁ ୨୦୧୭ ମସିହା ମଧ୍ୟରେ ଅନେକଥର ମ୍ୟୁଟେଶନ କେସ୍ କରିଥିଲେ। କିନ୍ତୁ ମ୍ୟୁଟେଶନ କେସକୁ ନେଇ ଆପତ୍ତି ଅଭିଯୋଗ ହେବାରୁ ସବୁ ମ୍ୟୁଟେଶନ କେଶ ଖାରଜ ହୋଇଥିଲା। ୨୦୨୦ରେ କ୍ରେତା ପୁଣି ଏକ ମ୍ୟୁଟେଶନ କେସ କରିଥିଲେ। କେସ ନମ୍ବର ନଂ.୩୭୨୨/୨୦ ରହିଥିଲା। ତେବେ ଏହି କେସରେ ସମସ୍ତ ପକ୍ଷଙ୍କୁ ନୋଟିସ ଦିଆଯାଇ ନ ଥିବାରୁ କେହି ଅଂଶୀଦାରୀ ଅବଗତ ନ ଥିଲେ। କୌଣସି ପ୍ରକାରେ କ୍ରେତା ନିଜ ନାମରେ ରେକର୍ଡ କରିବା ପରେ କିଛି ଅଂଶୀଦାର ମ୍ୟୁଟେଶନ କେସ ଆଦେଶକୁ ଚ୍ୟାଲେଞ୍ଜ କରି ଉପଜିଲାପାଳଙ୍କ କୋର୍ଟରେ ୨୦୨୧ ମସିହା ମାର୍ଚ୍ଚ ୩୦ ତାରିଖରେ ଏହା ବିରୋଧରେ ଉପ ଜିଲାପାଳ କୋର୍ଟଙ୍କଠାରେ ଅପିଲ କରିଥିଲେ। ଅପିଲ କେସ ନମ୍ବର ୨୩/୨୧ ରହିଥିଲା। ଗତବର୍ଷ ଡିସେମ୍ବର ୧୪ରେ ଅପିଲ କେସ ବିଚାରଯୋଗ୍ୟ ହୋଇଥିଲା। କେସ ଶୁଣାଣି ପାଇଁ ତଳ କୋର୍ଟର ରେକର୍ଡ ଆବଶ୍ୟକ ଥିବାରୁ ଫେବୃୟାରୀ ୨୨ ଏବଂ ଜୁଲାଇ ୨୨ରେ ଉପଜିଲାପାଳଙ୍କ କାର୍ଯ୍ୟାଳୟ ତରଫରୁ ପିପିଲି ତହସିଲଦାରଙ୍କ ନିକଟକୁ ୨ଥର ଚିଠି ପଠାଯାଇଥିଲା। କିନ୍ତୁ ପିପିଲି ତହସିଲ ଅଫିସ ତରଫରୁ ଏ ସମ୍ବନ୍ଧିତ କୌଣସି ରେକର୍ଡ ପଠାଯାଉ ନାହିଁ। ଫଳରେ ଅପିଲ କେସର ଶୁଣାଣି ହୋଇପାରୁ ନାହିଁ ବୋଲି ଗଭିମଣି ମାଝି ଅଭିଯୋଗ କରିଛନ୍ତି।

# ହଷ୍ଟେଲ, ସ୍ୱତନ୍ତ୍ର କୋଠା ପାଇଁ ଦାବି

■ ଗୌରବ ହରାଉଛି କନିଷ୍ଠ ମହାବିଦ୍ୟାଳୟ
■ ଜବରଦଖଲ ହେଉଛି ଏସ୍‌ସିଏସ୍ କଲେଜ ଜମି

ପୁରୀ ଅଫିସ,୩।୯:




ପୁରୀ ଜିଲାର ସାମନ୍ତ ଚନ୍ଦ୍ରଶେଖର (ଏସ୍‌ସିଏସ୍) କନିଷ୍ଠ ମହାବିଦ୍ୟାଳୟ ଉଚ୍ଚଶିକ୍ଷା ବିଭାଗର ଅବହେଳା ଯୋଗୁ ନିଜର ଗୌରବ ହରାଇବାକୁ ବସିଛି। କ୍ରମାଗତ ପ୍ରଶାସନର ଅବହେଳା ହେତୁ କନିଷ୍ଠ ମହାବିଦ୍ୟାଳୟ ଏବେ ମେଧାବୀ ଛାତ୍ରୀଛାତ୍ରଙ୍କ ପାଇଁ ପ୍ରଥମ ବିକଳ୍ପ ହୋଇ ରହିନାହିଁ। ଏ ନେଇ ବୁଦ୍ଧିଜୀବୀମାନେ ବିଭିନ୍ନ ସମୟରେ ଦାବି ଉପସ୍ଥାପନ କରିଥିଲେ ମଧ୍ୟ ସରକାର ଏଥିପ୍ରତି ଧ୍ୟାନ ଦେଇନାହାନ୍ତି। ମାଟ୍ରିକ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ପରେ ଉପକୂଳ ଓଡ଼ିଶାର ମେଧାବୀ ଛାତ୍ରୀଛାତ୍ରମାନେ ଦୂରଦୂରାନ୍ତରୁ ଏସ୍‌ସିଏସ୍ କନିଷ୍ଠ ମହାବିଦ୍ୟାଳୟକୁ ପାଠ ପଢ଼ିବା ପାଇଁ ଆସୁଥିଲେ। ମାତ୍ର ସମ୍ପ୍ରତି ମହାବିଦ୍ୟାଳୟର ପ୍ରସିଦ୍ଧି ଧୀରେ ଧୀରେ ଏବେ କମିବାରେ ଲାଗିଛି। ଜିଲାର ଏହା ପ୍ରମୁଖ କନିଷ୍ଠ ମହାବିଦ୍ୟାଳୟ ହୋଇଥିଲେ ସୁଦ୍ଧା ମହାବିଦ୍ୟାଳୟର ନିଜସ୍ୱ ଛାତ୍ରାବାସ କିମ୍ବା ଛାତ୍ରୀନିବାସଟିଏ ନାହିଁ। ଦୂରଦୂରାନ୍ତରୁ ଆସୁଥିବା ଛାତ୍ରୀଛାତ୍ର ଛାତ୍ରାବାସରେ ରହିବାର ସୁଯୋଗ ପାଉନାହାନ୍ତି। ୨୦୧୫ ମସିହା ପରେ ଚକ୍ରତୀର୍ଥ ରୋଡ୍‌ସ୍ଥିତ ପାଥେରପୁରୀ ଛାତ୍ରାବାସ ବନ୍ଦ ହୋଇଯାଇଛି। ସେହିଭଳି ୨୦୧୮-୧୯ ଶିକ୍ଷାବର୍ଷରୁ କନିଷ୍ଠ ଛାତ୍ରୀନିବାସ ମଧ୍ୟ ବନ୍ଦ ହୋଇସାରିଛି। ଛାତ୍ରମାନଙ୍କ ପାଇଁ କୌଣସି ବିକଳ୍ପ ବ୍ୟବସ୍ଥା ନ ଥିବାବେଳେ ଯୁକ୍ତ ୨ ପ୍ରଥମ ବର୍ଷର ୧୫ଜଣ ଓ ୨ୟ ବର୍ଷର ୧୫ଜଣ ଛାତ୍ରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ପାଇଁ ଉଦ୍ଦିଷ୍ଟ ସୁକନ୍ୟା ହଷ୍ଟେଲରେ ରହୁଛନ୍ତି।

ଉଲ୍ଲେଖଯୋଗ୍ୟ, ଏସ୍‌ସିଏସ୍ କନିଷ୍ଠ ମହାବିଦ୍ୟାଳୟରେ ୫୧୨ଜଣ କଳା, ୫୧୨ ଜଣ ବିଜ୍ଞାନ ଓ ୨୫୬ ଜଣ ବାଣିଜ୍ୟ ଛାତ୍ରୀଛାତ୍ରଙ୍କ ପାଇଁ ସିଟ୍ ରହିଛି। ହେଲେ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଉଭୟ ଛାତ୍ରୀ ଓ ଛାତ୍ର ଆବାସରେ ୩ଶହ ଲେଖାଏ ପିଲା ରହିବା ନେଇ ବ୍ୟବସ୍ଥା ହୋଇଥିଲେ ମଧ୍ୟ କନିଷ୍ଠ ମହାବିଦ୍ୟାଳୟର ୧୨୮୦ ଛାତ୍ରୀଛାତ୍ରଙ୍କ ପାଇଁ ଗୋଟିଏ ହେଲେ ଛାତ୍ରାବାସ ରହିନାହିଁ। ଫଳରେ ଛାତ୍ରୀଛାତ୍ରଙ୍କ ରହିବା ସୁବିଧା ଠିକ୍ ନ ଥିବାରୁ ଚୟନ ନ କରିବା ଏକପ୍ରକାର କାରଣ ହୋଇପାରେ। ତେଣୁ କଲେଜ କର୍ତ୍ତୃପକ୍ଷ ଉଚ୍ଚଶିକ୍ଷା ବିଭାଗକୁ ଏ ନେଇ ଅର୍ଥ ବରାଦ କରିବା ସହ ନୂଆ ହଷ୍ଟେଲ ସ୍ଥାନ ଚିହ୍ନଟ କରିବା ପାଇଁ ଚିଠି ଲେଖି ସୁପାରିସ କରୁ ବୋଲି ବିଜେଡି ଛାତ୍ର ସଭାପତି ରାଜେଶ ମିଶ୍ର କହିଛନ୍ତି। ଅନ୍ୟପକ୍ଷେ କନିଷ୍ଠ ମହାବିଦ୍ୟାଳୟ ପାଇଁ ସ୍ୱତନ୍ତ୍ର କୋଠା ନିର୍ମାଣ ଲାଗି ୨୦୧୫ରେ ଦାବି ଉଠିଥିଲା। ଏହି କ୍ରମରେ ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟ ୨୦୧୫-୧୬ ଶିକ୍ଷାବର୍ଷରେ ଉଚ୍ଚ ଶିକ୍ଷା ବିଭାଗକୁ ଚିଠି ଲେଖି ନୂଆ କୋଠା ପାଇଁ ସୁପାରିସ କରିଥିଲା। ତାଳବଣିଆଠାରେ କଲେଜ ଜମିରେ କନିଷ୍ଠ ମହାବିଦ୍ୟାଳୟ ନିର୍ମାଣ ନେଇ ସୁପାରିସ ହୋଇଥିଲା। ତାଳବଣିଆଠାରେ ଥିବା ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟର ୩୬ ଏକର ଜମି ରହିଛି। ସେହି ସ୍ଥାନରେ ଅଧ୍ୟାପକଙ୍କ ପାଇଁ ୭ ଡୁପ୍ଲେକ୍ସ ମଧ୍ୟ ନିର୍ମାଣ ହୋଇଥିଲା। ସଂପ୍ରତି ଅଧ୍ୟାପକମାନେ ସେଠାରେ ରହୁ ନ ଥିବାବେଳେ କଲେଜର ତଳିଆ କର୍ମଚାରୀମାନେ ରହୁଛନ୍ତି। ସେହିଭଳି ୨ ଏକରରୁ ଉର୍ଦ୍ଧ୍ୱ ଜମି ଜବରଦଖଲ ହୋଇସାରିଲାଣି। ଏହାର ଦେଖାଶୁଣା କରିବାକୁ କେହି ନ ଥିବା ହେତୁ ଏହା ସମ୍ପୂର୍ଣ୍ଣ ରୂପେ ଜବରଦଖଲ ହୋଇଯିବା ନେଇ ଆଶଙ୍କା ଦେଖାଦେଉଛି ବୋଲି ବୁଦ୍ଧିଜୀବୀ ହେକ୍ଟର ମିଶ୍ର କହିଛନ୍ତି। ସେହିଭଳି ବିଗତ ଦିନରେ ସ୍ଥାନୀୟ ପୋଲିସ ସମ୍ପୃକ୍ତ ସ୍ଥାନରୁ ନିଶା ସେବନକାରୀଙ୍କୁ ଗିରଫ କରିଛି। ଏସ୍‌ସିଏସ୍ କଲେଜ କର୍ତ୍ତୃପକ୍ଷ ସମ୍ପୃକ୍ତ ଜମିକୁ ଜବରଦଖଲମୁକ୍ତ କରି କନିଷ୍ଠ ମହାବିଦ୍ୟାଳୟ କୋଠା ନିର୍ମାଣ ପାଇଁ ପଦକ୍ଷେପ ନେବା ନେଇ ଦାବି ଉଠୁଛି। ଅନ୍ୟପକ୍ଷେ ଗତ ୨ ବର୍ଷ ମଧ୍ୟରେ ମହାବିଦ୍ୟାଳୟ ସ୍ତରରୁ ହଷ୍ଟେଲ କିମ୍ବା କୋଠା ନିର୍ମାଣ ନେଇ କୌଣସି ସୁପାରିସ ଆସି ନାହିଁ। ମହାବିଦ୍ୟାଳୟର ଛାତ୍ରାବାସକୁ ନେଇ ସମସ୍ୟା ଥିଲେ କଲେଜ କର୍ତ୍ତୃପକ୍ଷ ଏନେଇ ତୁରନ୍ତ ଉଚ୍ଚ ଶିକ୍ଷା ବିଭାଗର ଦୃଷ୍ଟି ଆକର୍ଷଣ କରିବା ଦରକାର ବୋଲି ଉଚ୍ଚ ଶିକ୍ଷା ବିଭାଗରୁ ସୂଚନା ମିଳିଛି। ଏ ନେଇ କନିଷ୍ଠ ମହାବିଦ୍ୟାଳୟ ଅଧ୍ୟକ୍ଷ ବିଟା ମହାନ୍ତିଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ପ୍ରତିକ୍ରିୟା ମିଳିପାରିନାହିଁ।

## ୨୯ ଗ୍ରାମ୍ ବ୍ରାଉନସୁଗାର ଜବତ, ୨ ଗିରଫ

ଖୋର୍ଦ୍ଧା ଅଫିସ,୩।୯:

ଖୋର୍ଦ୍ଧାରେ ବ୍ରାଉନସୁଗାର କାରବାର ବଢ଼ିଚାଲିଛି। ଅବକାରୀ ବିଭାଗ, ଏସ୍‌ଟିଏଫ୍ ଓ ପୋଲିସର ବାରମ୍ବାର ଚଢ଼ାଉ ସତ୍ତ୍ୱେ ଏହି କାରବାର ଥମୁନାହିଁ। ଶନିବାର ଅପରାହ୍ନରେ ଖୋର୍ଦ୍ଧା ଅବକାରୀ ପୋଲିସ ନୂଆ ବସଷ୍ଟାଣ୍ଡରେ ଚଢ଼ାଉ କରି ୨୯ ଗ୍ରାମ ବ୍ରାଉନସୁଗାର ସହ ଏକ ଅଟୋ (ଓଡି୧୩-ଇ-୪୫୨୯) ଜବତ କରିଛି। ଏଥିରେ ସମ୍ପୃକ୍ତି ନେଇ ପୋଲିସ ୨ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ପୁରୀ ରେଲୱେ କଲୋନୀର ରାକେଶ ନାୟକ(୩୫) ଏବଂ ଅଟୋଚାଳକ ଘୋଡା ବଜାରର ଏନ୍. ମୋହନ ରେଡ୍ଡୀ। ଜବତ ବ୍ରାଉନସୁଗାରର ଆନୁମାନିକ ମୂଲ୍ୟ ୨ଲକ୍ଷ ୯୦ହଜାର ଟଙ୍କା ହେବ। ଏନେଇ ଅବକାରୀ ଥାନାରେ ଏନଡିପିଏସ ଆକ୍ଟରେ ଏକ ମାମଲା(ନଂ.୬୩/୨୨) ରୁଜୁ ହୋଇଛି। ଅଭିଯୁକ୍ତ ରାକେଶ ଖୋର୍ଦ୍ଧାର ଜଣେ ବେପାରୀଙ୍କ ଠାରୁ ବ୍ରାଉନସୁଗାର କିଣି ଅଟୋରେ ପୁରୀ ଯାଉଥିଲେ। କୌଣସି ସୂତ୍ରରୁ ଖବରପାଇ ଅବକାରୀ ଟିମ ଚଢ଼ାଉ କରି ବ୍ରାଉନସୁଗାର ସହ ଅଟୋକୁ ଜବତ କରିଥିଲେ। ତେବେ ସେ କାହା ଠାରୁ ବ୍ରାଉନସୁଗାର ଆଣିଥିଲେ ସେ ସମ୍ପର୍କରେ ତଦନ୍ତ ଜାରି ରହିଥିବା ପୋଲିସ କହିଛି।



ଅତିବଡ଼ୀ ଜଗନ୍ନାଥ ଦାସଙ୍କ ଜୟନ୍ତୀ ଅବସରରେ ଶନିବାର ଭକ୍ତମାନେ ଏକତ୍ରିତ ହୋଇ ସମୁଦ୍ର ବେଳାଭୂମିରେ ଆଳତି କରୁଛନ୍ତି ।

## ଅଣ୍ଡରା-ଇଚ୍ଛାପୁରରେ ସ୍ୱାସ୍ଥ୍ୟସେବା ଟିମ୍

ଗୋପ,୩।୯(ଡି.ଏନ୍.ଏ.)

ସ୍ୱାସ୍ଥ୍ୟ ଠିକ୍ ରହିଲେ ସବୁ କିଛି ସମ୍ଭବ। ବନ୍ୟା ଭଳି ସମୟରେ ବିପନ୍ନମାନେ ସେମାନଙ୍କ ସ୍ୱାସ୍ଥ୍ୟ ଉପରେ ଗୁରୁତ୍ୱ ଦେବା ଜରୁରୀ ବୋଲି ଶନିବାର ଗୋପ ବ୍ଲକର ଅଣ୍ଡରା-ଇଚ୍ଛାପୁର ପଞ୍ଚାୟତରେ କରାଯାଇଥିବା ସ୍ୱାସ୍ଥ୍ୟସେବା ଶିବିରରେ ଗୋପ ବ୍ଲକ ଉପାଧ୍ୟକ୍ଷ ବନରଞ୍ଜନ ପଟ୍ଟନାୟକ ବିପନ୍ନମାନଙ୍କୁ ଏହା କହିଥିଲେ। ସାମାଜିକ କର୍ମୀ ଜିତେନ୍ଦ୍ର କୁମାର ମହାନ୍ତିଙ୍କ ଉଦ୍ୟମରେ କରାଯାଇଥିବା ଏହି କାର୍ଯ୍ୟକ୍ରମରେ ଅଣ୍ଡରା-ଇଚ୍ଛାପୁର ପଞ୍ଚାୟତର ସରପଞ୍ଚ ମିନା କୁମାରୀ ମହାନ୍ତି, ଡ. ଟି. ପ୍ରକାଶ ସାହୁ, ରବୀନ୍ଦ୍ରନାଥ ପ୍ରଧାନ ଉପସ୍ଥିତ ରହିଥିଲେ। ପଞ୍ଚାୟତର ଶ୍ରୀକେରେଣ୍ଡା, ଗବଶିଙ୍ଗା ଗ୍ରାମରେ ପ୍ରଥମ ପର୍ଯ୍ୟାୟରେ ଏହି ସ୍ୱାସ୍ଥ୍ୟ ସେବା ଟିମ ପହଞ୍ଚି ୫୩୬ ଜଣ ରୋଗୀଙ୍କୁ ଚିକିତ୍ସା କରିବା ସହ ମାଗଣା ଔଷଧ ବଣ୍ଟନ କରିଥିଲେ। ପ୍ରକାଶ ଯେ, ଅଗଷ୍ଟରେ କୁଶଭଦ୍ରା ଓ ଧନୁଆ ନଦୀର ବନ୍ୟା ଜଳରେ ଗୋପ ବ୍ଲକର ୧୦ ପଞ୍ଚାୟତରେ ବନ୍ୟାଜଳ ପଶିଥିଲା। ଫଳରେ ୪୧ ଗାଁ ର ୨୯ ହଜାରରୁ ଅଧିକ ଲୋକ ଜଳବନ୍ଦୀ ଭାବେ ରହିଥିଲେ। ପ୍ରାୟ ସପ୍ତାହ ପର୍ଯ୍ୟନ୍ତ ଗ୍ରାମବାସୀ ଜଳମଗ୍ନରେ ରହିବାରୁ ଜ୍ୱର, ଝାଡ଼ାବାନ୍ତି, ଥଣ୍ଡା ସହିତ ଚର୍ମରୋଗ ବ୍ୟାପିବା ଆରମ୍ଭ କରିଥିଲା। ସରପଞ୍ଚ ମହାନ୍ତି ବିପନ୍ନମାନଙ୍କୁ ଫୁଟାପାଣି ପିଇବା, ଗରମ ଜାତୀୟ ଖାଦ୍ୟ ଖାଇବା ସହ ପାଇଖାନା ଯିବାପାଇଁ ପରାମର୍ଶ ଦେଇଥିଲେ। ବିଶେଷକରି ଅଣ୍ଡରା-ଇଚ୍ଛାପୁର ପଞ୍ଚାୟତରେ ଅଧିକମାତ୍ରାରେ ଥଣ୍ଡାଜ୍ୱର ହେବାରୁ ଏପରି ପଦକ୍ଷେପ ନିଆ ଯାଇଛି। ଏପରି ଏକ କାର୍ଯ୍ୟକ୍ରମକୁ କୋଣାର୍କର ସାଧୁଚରଣ ଚାରିଟେବୁଲ ଟ୍ରଷ୍ଟ ପରିଚାଳନା କରିଥିଲା। ଅଣ୍ଡରା-ଇଚ୍ଛାପୁର ପଞ୍ଚାୟତ ପକ୍ଷରୁ ୨ଟି ଗ୍ରାମରେ ବ୍ଲିଚିଂ ପକାଯାଇ ସ୍ୱଚ୍ଛ କରାଯାଇଥିଲା।

## ଅଧ୍ୟୟନ ଏକ ନିରନ୍ତର ପ୍ରକ୍ରିୟା



ଶତବାର୍ଷିକୀ ସମାରୋହରେ ଉପସ୍ଥିତ ଅତିଥିମାନେ ସ୍ମରଣିକା ଉନ୍ମୋଚନ କରୁଛନ୍ତି ।

**ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଇଂଲିଶ ବିଭାଗର ଶତବାର୍ଷିକୀ ସମାରୋହ**

କଟକ ଅଫିସ, ୩।୯

ଐତିହାସିକ ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ରାଜ୍ୟର ସର୍ବପୁରାତନ ଶିକ୍ଷାନୁଷ୍ଠାନ। ଏଠାରେ ଇଂଲିଶ ବିଭାଗ ଭଳି ଏକ ବିଭାଗ ଶହେ ବର୍ଷ ପୂରଣ କରିବା ବଡ଼ ସଫଳତା। ଛାତ୍ର କିମ୍ବା ଅଧ୍ୟାପକ ହୁଅନ୍ତୁ ସେମାନଙ୍କର ଅଧ୍ୟୟନ କେବେ ଶେଷ ହୁଏ ନାହିଁ। ଏହା ଏକ ନିରନ୍ତର ପ୍ରକ୍ରିୟା। ଜଣେ ଛାତ୍ର ନିଜର ଲକ୍ଷ୍ୟ ହାସଲ କରିବାକୁ ହେଲେ ସମୟାନୁବର୍ତ୍ତିତା ହେବା ଆବଶ୍ୟକ ବୋଲି ସୁପ୍ରିମକୋର୍ଟର ପୂର୍ବତନ ପ୍ରଧାନ ବିଚାରପତି ଜଷ୍ଟିସ ଦୀପକ ମିଶ୍ର କହିଛନ୍ତି। ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଇଂଲିଶ ବିଭାଗର ଶତବାର୍ଷିକୀ ସମାରୋହ ଶନିବାର ବିଶ୍ୱବିଦ୍ୟାଳୟର ସେଭେନ୍ ପିଲାର୍ସ ଅଫ୍ ୱିଜ୍‌ଡମ୍ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଜଷ୍ଟିସ୍ ମିଶ୍ର ଯୋଗଦେଇ ଉପରୋକ୍ତ ବିଷୟରେ କହିଥିଲେ। ସେହିପରି ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ଗାଳ୍ପିକା ଯଶୋଧାରା ମିଶ୍ର ଯୋଗଦେଇ କହିଥିଲେ, ଭାରତୀୟ ସାହିତ୍ୟ କ୍ଷେତ୍ରରେ ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଇଂଲିଶ ବିଭାଗର ଅନେକ ଅବଦାନ ରହିଛି। ପୁରାତନ ଛାତ୍ରୀଛାତ୍ରମାନେ ଇଂଲିଶ ସାହିତ୍ୟ ମାଧ୍ୟମରେ ଓଡ଼ିଆ ସାହିତ୍ୟ ସହ ଭାରତୀୟ ସାହିତ୍ୟକୁ ଋଦ୍ଧିମନ୍ତ କରିଛନ୍ତି।

ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସଞ୍ଜୟ ନାୟକ କହିଥିଲେ, ଇଂଲିଶ ବିଭାଗର ଶହେ ବର୍ଷ ପାଳନ କରିବା ଆମ ପାଇଁ ଏକ ବଡ଼ ଅନୁଭୂତି। ବିଂଶ ଶତାବ୍ଦୀକୁ ଦେଖିଲେ କେବଳ କଲେଜ ଅଫ୍ ବେଙ୍ଗଲ ଏବଂ କଲେଜ ଅଫ୍ ପାଟନା ବ୍ୟତୀତ ରେଭେନ୍‌ଶାର ଇଂଲିଶ ବିଭାଗର ଶହେ ବର୍ଷ ଗୌରବମୟ ଇତିହାସ ରହିଛି। ଇଂଲିଶ ବିଭାଗ ଶତବାର୍ଷିକୀ ସମାରୋହ କମିଟି ଅଧ୍ୟକ୍ଷ ପ୍ରଦୋଷ ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ବିଭାଗର ମୁଖ୍ୟ ପ୍ରଫେସର ଡ. ସମିତ ପାଣିଗ୍ରାହୀ ଶତବାର୍ଷିକୀ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା ଶତବାର୍ଷିକୀ ସ୍ମରଣିକା ଉନ୍ମୋଚିତ ହୋଇଥିଲା। ଜଷ୍ଟିସ୍ ମିଶ୍ର ଆଲୁମ୍‌ନି ଆସୋସିଏଶନକୁ ୫ ଲକ୍ଷ ଟଙ୍କା ପ୍ରଦାନ କରିଥିଲେ। ଏଥିସହ ଜଷ୍ଟିସ ମିଶ୍ର ବିଭାଗର ସ୍ନାତକ ଓ ସ୍ନାତକୋତ୍ତର ପରୀକ୍ଷାରେ ଟପ୍ପର ହୋଇଥିବା ଛାତ୍ରୀଛାତ୍ରଙ୍କୁ ଗୋଲ୍ଡ ମେଡାଲ ଓ ପିଏଚ୍‌ଡି ଛାତ୍ରୀଛାତ୍ରଙ୍କୁ ଡିଗ୍ରୀ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ବିଭାଗର ୨ଜଣ ଆଲୁମ୍‌ନି ତଥା ପୁରାତନ ପ୍ରାଧ୍ୟାପକଙ୍କୁ ସମ୍ମାନିତ କରାଯାଇଥିଲା। ଶତବାର୍ଷିକୀ ଆୟୋଜକ କମିଟିର ସମ୍ପାଦକ ଡ. ଅଂଶୁମାନ ମହାନ୍ତି କାର୍ଯ୍ୟକ୍ରମ ସଞ୍ଚାଳନ ଓ ଉର୍ମିଶ୍ରୀ ବେଦମାତା ଧନ୍ୟବାଦ ଦେଇଥିଲେ।

## ଜିଲା ଅଧିବକ୍ତା ସଂଘ ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର

ପୁରୀ ଅଫିସ, ୩।୯

ଜିଲାରେ ହିତାଧିକାରୀଙ୍କୁ ଗହମ ନ ମିଳିବା ଘଟଣାକୁ ନେଇ ଜିଲା ଯୁବ ଅଧିବକ୍ତା ସଂଘ ପକ୍ଷରୁ ଶନିବାର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରକୁ ଯାଇ ଜିଲାପାଳଙ୍କୁ ସାକ୍ଷାତ କରିବା ସହ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସଂଘ ପକ୍ଷରୁ ଦାବିପତ୍ରରେ ଦର୍ଶାଯାଇଛି, ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା ଓ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନା ଅନୁସାରେ ଗହମ ମିଳିଥାଏ। ତେବେ ଗତ ଫେବୃୟାରୀଠାରୁ ପୁରୀ ଜିଲାରେ ପ୍ରାୟ ୪ଲକ୍ଷ ହିତାଧିକାରୀଙ୍କୁ ଗହମ ମିଳୁ ନ ଥିବା ଅଭିଯୋଗ କରିଛନ୍ତି। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଖାଦ୍ୟ ସୁରକ୍ଷା ଯୋଜନା ମାଧ୍ୟମରେ କେବଳ ୫ କିଲୋଗ୍ରାମ ଗହମ ଓ ଚାଉଳ ଯୋଗାଇ ଦେଉଛନ୍ତି। ଦୁଃଖ ଓ ପରିତାପର ବିଷୟ ରାଜ୍ୟର ୨୯ଟି ଜିଲାରେ ଗରିବ ହିତାଧିକାରୀଙ୍କୁ ଗହମ ମିଳୁଥିବା ବେଳେ ପୁରୀ ଜିଲାକୁ ଗହମ ଦିଆଯାଉନାହିଁ।



ଜିଲା ଯୁବ ଅଧିବକ୍ତା ସଂଘ ପକ୍ଷରୁ ଜିଲାପାଳ ସମର୍ଥ ବର୍ମାଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି ।

ପ୍ରକାଶ ଥାଉ କି, ପୁରୀର ହିତାଧିକାରୀଙ୍କୁ ଦୀର୍ଘ ୬ମାସରୁ ଉର୍ଦ୍ଧ୍ୱ ହେବ ଗହମ ପ୍ରଦାନ କରାଯାଇନାହିଁ। ଗହମ ଯୋଗାଣ ବନ୍ଦ ଥିବାରୁ ଅନେକ ମଧୁମେହ ରୋଗୀ ଓ ବରିଷ୍ଠ ନାଗରିକମାନେ ଅଟା କିଣିବା ପାଇଁ ସମର୍ଥ ହେଇପାରୁନାହାନ୍ତି। ଏଣୁ ଜିଲାବାସୀମାନଙ୍କ ସମସ୍ୟାକୁ ଗୁରୁତ୍ୱର ସହ ନେଇ ହିତାଧିକାରୀଙ୍କୁ ତୁରନ୍ତ ଗହମ ପ୍ରଦାନ କରାଯାଉ ବୋଲି ଯୁବ ଅଧିବକ୍ତା ସଂଘ ଦାବି କରିଛି। ଯଦି ଯଥାଶୀଘ୍ର ସମସ୍ୟାର ସମାଧାନ ନ କରାଯାଏ ତେବେ ଆଗାମୀ ଦିନରେ ସଂଘ ପକ୍ଷରୁ ଆନ୍ଦୋଳନର ଡାକରା ଦିଆଯିବ ବୋଲି ସଂଘ ସୂଚନା ଦେଇଛି। ଦାବିପତ୍ର ପ୍ରଦାନ ସମୟରେ ସଂଘର ଆବାହକ ଅନୀଲ କୁମାର ସାହୁ, ସଭାପତି ବିଶ୍ୱଜିତ୍ ପ୍ରଧାନ, ସଦସ୍ୟ ସୁରେଶ ମହାପାତ୍ର, ଭାଗବତ ପଟ୍ଟନାୟକଙ୍କ ସମେତ ସଂଘର ଅନ୍ୟାନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

## ସଦ୍‌ଗୁରୁ ହସ୍ପିଟାଲରେ ଯୁବକଙ୍କ ଗୁପ୍ତାଙ୍ଗ ଅସ୍ତ୍ରୋପଚାର

କଟକ ଅଫିସ, ୩।୯:

କଟକ ଜଗତ୍‌ପୁରସ୍ଥିତ ସଦ୍‌ଗୁରୁ ହସ୍ପିଟାଲରେ ଜଣେ ଯୁବକଙ୍କ ଗୁପ୍ତାଙ୍ଗ ଅସ୍ତ୍ରୋପଚାର ଶନିବାର କରାଯାଇଛି। ସେ ହେଲେ ପୁରୀ ଜିଲା ଗୋପ ଥାନା ଅନ୍ତର୍ଗତ ହେଲାରୀ ଅଞ୍ଚଳର ଶ୍ରୀନାଥ ବେହେରା (୨୫)। ସେ ମାନସିକ ଭାରସାମ୍ୟ ହରାଇ ଏକ ଧାରୁଆ ଅସ୍ତ୍ରରେ ନିଜର ଗୁପ୍ତାଙ୍ଗ କାଟି ଦେଇଥିବା ପରିବାର ଲୋକେ କହିଥିଲେ। ପରେ ସେମାନେ ତାଙ୍କୁ ବିଭିନ୍ନ ସରକାରୀ ଡାକ୍ତରଖାନାକୁ ନେଇ ନିରାଶ ହୋଇଥିଲେ। ଶେଷରେ ସେମାନେ ସଦ୍‌ଗୁରୁ ହସ୍ପିଟାଲକୁ ଆସିଥିଲେ। ହସ୍ପିଟାଲ କର୍ତ୍ତୃପକ୍ଷ ଘଟଣାକୁ ଗୁରୁତ୍ୱର ସହ ନେଇ ଶ୍ରୀନାଥଙ୍କ ଅସ୍ତ୍ରୋପଚାର ପାଇଁ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରିଥିଲେ। ବରିଷ୍ଠ ପ୍ଲାଷ୍ଟିକ ସର୍ଜରୀ ବିଶେଷଜ୍ଞ ଡା. ଶକ୍ତି ପ୍ରସାଦ ମିଶ୍ରଙ୍କ ନେତୃତ୍ୱରେ ତାଙ୍କର ଚିକିତ୍ସା ଆରମ୍ଭ ହୋଇଥିଲା। ଏ ନେଇ ଡା. ମିଶ୍ର କହିଛନ୍ତି, ଧାରୁଆ ଅସ୍ତ୍ରରେ କଟିଯିବାରୁ ଗୁପ୍ତାଙ୍ଗର ରକ୍ତନଳୀ, ପରିସ୍ରା ନଳୀ, ମାଂସପେଶୀ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିଲା। ଏଣୁ ଲେୟର ୱାଇଜ କ୍ୟାଥୋଟାରାଇଜେସନ୍ ପ୍ରକ୍ରିୟାରେ ତାଙ୍କର ଅସ୍ତ୍ରୋପଚାର କରାଯାଇଥିଲା। ଏବେ ସେ ସୁସ୍ଥ ଥିବାବେଳେ ତାଙ୍କର ଆନୁସଙ୍ଗିକ ଚିକିତ୍ସା ଜାରି ରହିଛି। ରାଜ୍ୟ ସରକାରଙ୍କ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ଏହି ଚିକିତ୍ସା ମାଗଣାରେ କରାଯାଇଛି। ଏହି ସଫଳ ଚିକିତ୍ସା ପାଇଁ ଶ୍ରୀନାଥଙ୍କ ପରିବାର ଲୋକେ ହସ୍ପିଟାଲ କର୍ତ୍ତୃପକ୍ଷଙ୍କୁ କୃତଜ୍ଞତା ଜଣାଇଛନ୍ତି।




ପରିବାରଙ୍କ ସହ ଶ୍ରୀନାଥ ବେହେରା ।

## ଓଟିଡିସିକୁ ବିଶ୍ୱସ୍ତରୀୟ କରିବାକୁ ଆହ୍ୱାନ

**୪୩ତମ ପ୍ରତିଷ୍ଠା ଦିବସ**

■ ଓଟିଡିସିର ବୁକିଂ ୱେବ୍‌ସାଇଟ୍ ଉନ୍ମୋଚିତ

ଭୁବନେଶ୍ୱର,୩।୯(ବ୍ୟୁରୋ)




କାର୍ଯ୍ୟକ୍ରମରେ ଅତିଥିମାନେ ଓଟିଡିସିର ବାର୍ଷିକ ମୁଖପତ୍ର 'ଏଲିଭେଟିଂ ଓଡିଶା'କୁ ଉନ୍ମୋଚନ କରୁଛନ୍ତି ।

ଓଡ଼ିଶା ପର୍ଯ୍ୟଟନ ନିଗମ (ଓଟିଡିସି) ସର୍ବଦା 'ଅତିଥି ଦେବୋ ଭବଃ'କୁ ଗୁରୁତ୍ୱ ଦେଇ ଆସୁଛି। ଅନ୍ୟ ରାଜ୍ୟ ବା ଦେଶରୁ ଆସୁଥିବା ଅତିଥିମାନଙ୍କୁ ଉଚିତ୍ ଆତିଥେୟତା ସହ ଆନୁଷଙ୍ଗିକ ସୁବିଧା ପ୍ରଦାନ କରୁଛି। ଆଗାମୀ ଦିନରେ ଓଟିଡିସିକୁ ଏକ ବିଶ୍ୱସ୍ତରୀୟ ଅନୁଷ୍ଠାନରେ ପରିଣତ କରିବାକୁ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ତଥା ଅବକାରୀ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ଆହ୍ୱାନ ଦେଇଛନ୍ତି। ଶନିବାର ଭୁବନେଶ୍ୱରସ୍ଥିତ ପାନ୍ଥନିବାସଠାରେ ନିଗମର ୪୩ତମ ପ୍ରତିଷ୍ଠା ଦିବସ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଯୋଗଦେଇ ମନ୍ତ୍ରୀ କହିଲେ, ନିଜ କାର୍ଯ୍ୟରେ ଉନ୍ନତି ସାଙ୍ଗକୁ ବିଭିନ୍ନ ସରକାରୀ ନିଷ୍ପତ୍ତି କାର୍ଯ୍ୟକାରୀ କରିବାରେ ନିଗମ ତାହାର କାର୍ଯ୍ୟ ଅବ୍ୟାହତ ରଖିଛି। ଓଡିଶାରେ ଶ୍ରୀକ୍ଷେତ୍ର ପୁରୀ, କୋଣାର୍କ, ଭିତରକନିକା, ଶିମିଳିପାଳ, ମନ୍ଦିରମାଳିନୀ ସହର ଭୁବନେଶ୍ୱର ଆଦି ପର୍ଯ୍ୟଟନସ୍ଥଳୀ ବିଶ୍ୱ ମାନଚିତ୍ରରେ ସ୍ଥାନ ପାଇଛି। ଏହାକୁ ଦୃଷ୍ଟିରେ ରଖି ଓଟିଡିସି ଠିକ୍ ପ୍ରସ୍ତୁତି କରିବାକୁ ମନ୍ତ୍ରୀ ପରାମର୍ଶ ଦେଇଥିଲେ।

ପର୍ଯ୍ୟଟନ ବିଭାଗର ପ୍ରମୁଖ ଶାସନ ସଚିବ ସୁରେନ୍ଦ୍ର କୁମାର ଯୋଗଦେଇ ଓଟିଡିସିର କାର୍ଯ୍ୟଧାରା ଓ ସଫଳତା ସମ୍ପର୍କରେ ଆଲୋକପାତ କରିଥିଲେ। ଓଟିଡିସି ଉପଲବ୍ଧ ସୁବିଧାକୁ ପୁନଃ ତର୍ଜମା କରି ଆତିଥେୟତା ପ୍ରଦାନରେ ସ୍ୱତନ୍ତ୍ରତା ଆଣିବା, ଅତିଥିମାନଙ୍କୁ ସମ୍ମାନର ସହ ସୁରକ୍ଷିତ ରଖିବା ଏବଂ ସୁଖାଦ୍ୟ ପରିବେଷଣ ଉପରେ ଅଧିକ ଧ୍ୟାନ ଦେଲେ ସେମାନେ ଓଡିଶାରୁ ନୂଆ ଅନୁଭୂତି ନେଇଯିବେ ବୋଲି ପ୍ରମୁଖ ଶାସନ ସଚିବ କହିଥିଲେ। ବିଭାଗୀୟ ନିର୍ଦ୍ଦେଶକ ସଚିନ୍ ରାମଚନ୍ଦ୍ର ଯାଦବ ଯୋଗଦେଇ ରାଜ୍ୟର ବିଭିନ୍ନ ସ୍ଥାନରେ ଓଟିଡିସି ତରଫରୁ ପ୍ରଦାନ କରାଯାଉଥିବା ଭ୍ରମଣ, ପାନ୍ଥନିବାସ ସୁବିଧା ଓ ଆତିଥେୟତା ସଂପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ଓଟିଡିସିର ବୁକିଂ ୱେବ୍‌ସାଇଟ୍ www.bookodisha.com ଏବଂ ବାର୍ଷିକ ମୁଖପତ୍ର 'ଏଲିଭେଟିଂ ଓଡିଶା' ଉନ୍ମୋଚିତ ହୋଇଥିଲା। ଏଥିସହ ଓଟିଡିସିର କର୍ମଚାରୀମାନଙ୍କୁ ପୁରସ୍କୃତ କରାଯାଇଥିଲା।

## ସଂକ୍ଷେପରେ

### ଆଜି ଯମେଶ୍ୱରଙ୍କଠାରୁ ହିସାବ ବୁଝିବେ ସୁଦର୍ଶନ

**ପୁରୀ ଅଫିସ,୩।୯:** ରବିବାର ରାଧାଷ୍ଟମୀ ଅବସରରେ ଚକ୍ରରାଜ ସୁଦର୍ଶନ ଯମେଶ୍ୱରଙ୍କଠାରୁ ବର୍ଷକର ହିସାବ ବୁଝିବା ନିମନ୍ତେ ଯମେଶ୍ୱର ମନ୍ଦିରକୁ ବିଜେ କରିବେ। ଶ୍ରୀମନ୍ଦିର ସ୍ୱତ୍ୱଲିପି ଅନୁଯାୟୀ, ମହାପ୍ରଭୁଙ୍କ ଭଣ୍ଡାର ରକ୍ଷକ ଶ୍ରୀଲୋକନାଥ ହୋଇଥିବା ବେଳେ ଶ୍ରୀମନ୍ଦିରର ବର୍ଷକ ଯାକର ହିସାବ ବୁଝାଶୁଝା କରନ୍ତି ପ୍ରଭୁ ଯମେଶ୍ୱର। ତେଣୁ ଯମେଶ୍ୱରଙ୍କୁ ଶ୍ରୀମନ୍ଦିରର ହିସାବ ରକ୍ଷକ ବୋଲି କୁହାଯାଏ। ରାଧାଷ୍ଟମୀରେ ମହାପ୍ରଭୁଙ୍କ ପ୍ରତିନିଧି ଚକ୍ରରାଜ ସୁଦର୍ଶନ ଯମେଶ୍ୱରଙ୍କ ନିକଟକୁ ଯାଇ ଶ୍ରୀମନ୍ଦିରର ବର୍ଷକ ଯାକର ଆୟ ବ୍ୟୟ ହିସାବ ବୁଝି ବଡ଼ଦେଉଳକୁ ବାହୁଡା ବିଜେ କରିଥାନ୍ତି। ସକାଳ ଧୂପ ବଢ଼ିବା ପରେ ଶ୍ରୀଦେବୀ ମହାଜନ ସେବକଙ୍କ ହସ୍ତରେ ରତ୍ନସିଂହାସନ ନିକଟକୁ ବିଜେ କରିବେ। ସେଠାରୁ ମହାପ୍ରଭୁଙ୍କଠାରୁ ଆଜ୍ଞାମାଳ ପାଇ ଶ୍ରୀଦେବୀ ମହାଲକ୍ଷ୍ମୀ ମନ୍ଦିରକୁ ବିଜେ କରିବେ। ସେଠାରେ ନୀତି ସମ୍ପନ୍ନ କରି ମଧ୍ୟାହ୍ନ ଧୂପ ଉଠିବା ପରେ ଶ୍ରୀଦେବୀ ରତ୍ନସିଂହାସନକୁ ବିଜେ କରିବେ। ପରେ ଶ୍ରୀଦେବୀ, ଭୂଦେବୀଙ୍କୁ ପୁଷ୍ପାଳକ ସେବକମାନେ ଖଟଶେଯ ଘରେ ବିଜେ କରିବେ। ପରେ ମହାପ୍ରଭୁଙ୍କ ଶ୍ରୀଅଙ୍ଗରୁ ଆଜ୍ଞାମାଳ ପାଇ ଶ୍ରୀସୁଦର୍ଶନ ଦଇତାପତି ସେବକଙ୍କ ଦ୍ୱାରା ଜଗମୋହନରେ ଥିବା ଚଉଦୋଳିରେ ବିଜେ କରି ଯମେଶ୍ୱରଙ୍କ ମନ୍ଦିରରେ ବିଜେ କରିବେ। ଠାକୁରଙ୍କୁ ପ୍ରସାଦ ଲାଗି ହୋଇ ଶୀତଳ ଭୋଗ ଓ ବନ୍ଦାପନା କରାଯିବ। ପରେ ଯମେଶ୍ୱରଙ୍କ ପୂଜାପଣ୍ଡା ଶ୍ରୀସୁଦର୍ଶନଙ୍କ ସମ୍ମୁଖରେ ବର୍ଷକର ଆୟବ୍ୟୟ ହିସାବ ଦେବେ। ପରେ ଶ୍ରୀସୁଦର୍ଶନ ବିଭିନ୍ନ ସ୍ଥାନରେ ପନ୍ତି ଭୋଗ ହୋଇ ଶ୍ରୀମନ୍ଦିର ସିଂହାସନକୁ ବାହୁଡା ବିଜେ କରିବେ। ପରେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଅନ୍ୟାନ୍ୟ ନୀତି ଅନୁଷ୍ଠିତ ହେବ।

### ବେଣାଗଡ଼ିଆରେ ପାଇପ୍ କାର୍ଯ୍ୟ ବୁଲି ଦେଖିଲେ ବିଧାୟକ

**ବାରଙ୍ଗ,୩।୯(ଡି.ଏନ୍.ଏ.):** ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ ଭୁବନେଶ୍ୱର ବ୍ଲକ ଅନ୍ତର୍ଗତ କଲ୍ୟାଣପୁର ପଞ୍ଚାୟତ ଗସ୍ତ କରି ଶନିବାର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ବୁଲି ଦେଖିଛନ୍ତି। ଦୀର୍ଘଦିନ ଧରି ଉକ୍ତ ପଞ୍ଚାୟତର ବେଣାଗାଡିଆ ଗ୍ରାମରେ ପାଣି ସମସ୍ୟା ଲାଗି ରହିଥିଲା। ନିର୍ବାଚନ ପରେ ନୂତନ ସରପଞ୍ଚ ଦେବରାଜ ଭୋଇ ଦାୟିତ୍ୱ ନେବା ପରେ ଗ୍ରାମରେ ପାଣି ସମସ୍ୟାକୁ ଦୃଷ୍ଟିରେ ରଖି ତାଙ୍କ ନିର୍ଦ୍ଦେଶରେ ପାଣି ପାଇପ୍ କାର୍ଯ୍ୟ ଆରମ୍ଭ ହୋଇଛି। ବିଧାୟକଙ୍କ ଗସ୍ତ ସମୟରେ ସରପଞ୍ଚ ଦେବରାଜ ଭୋଇ, ସମିତି ସଭ୍ୟ ଭୁବନ ମୋହନ ଦାସଙ୍କ ସମେତ ୱାର୍ଡସଭ୍ୟ ଏବଂ ଗ୍ରାମବାସୀ ଉପସ୍ଥିତ ଥିଲେ।

### ଶ୍ରୀମନ୍ଦିରରେ କେକେଶୀ ବଧ ନୀତି ସମ୍ପନ୍ନ

**ପୁରୀ ଅଫିସ ୩।୯:** ଭାଦ୍ରବ ମାସ କୃଷ୍ଣପକ୍ଷ ଅଷ୍ଟମୀ ବା ଜନ୍ମାଷ୍ଟମୀଠାରୁ ଶ୍ରୀମନ୍ଦିର ଏବଂ ଶ୍ରୀକ୍ଷେତ୍ରରେ ଆରମ୍ଭ ହୋଇଛି ଶ୍ରୀକୃଷ୍ଣ ଲୀଳା। ଏହି କ୍ରମରେ ଶୁକ୍ଳ ସପ୍ତମୀ ତିଥି ଶନିବାର ଅବସରରେ ଶ୍ରୀମନ୍ଦିରରେ କୃଷ୍ଣଲୀଳା କ୍ରମରେ କେକେଶୀ ବଧ ଲୀଳା ନୀତି ସମ୍ପନ୍ନ ହୋଇଛି । ଭଗବାନ ଶ୍ରୀକୃଷ୍ଣ କେକେଶୀକୁ ବଧ କରିଛନ୍ତି। ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କ ସନ୍ଧ୍ୟାଧୂପ ପରେ ଶ୍ରୀମଦନମୋହନ ମହାଜନଙ୍କ ଦ୍ୱାରା ରତ୍ନ ସିଂହାସନକୁ ବିଜେ କରିଥିଲେ। ପରେ ମହାପ୍ରଭୁଙ୍କ ନିକଟରୁ ଆଜ୍ଞାମାଳ ପାଇ ନାଟ ମନ୍ଦିର ଖଟ ଶେଯକୁ ବିଜେ କରିଥିଲେ। ସେଠାରେ କାଳିକା ଦେବୀ ସାହି ପକ୍ଷରୁ କେକେଶୀ ବଧ ଲୀଳା ପ୍ରସ୍ତାବ ଆଗତ ହୋଇଥିଲା। ଜଣେ ବେଶଧାରୀ କେକେଶୀ ଅସୁର ବେଶରେ ସଜ୍ଜିତ ହୋଇ ନଗର ପରିକ୍ରମା କରି ଶେଷରେ ଶ୍ରୀମନ୍ଦିରକୁ ଆସିଥିଲେ। ସେଠାରେ ଠାକୁରଙ୍କ ସମ୍ମୁଖରେ ନୀତି ଅନୁଷ୍ଠିତ ହୋଇଥିଲା। ନୀତି ସମ୍ପନ୍ନ ହେବା ପରେ ଠାକୁରଙ୍କୁ ଶୀତଳ ଭୋଗ ମଣୋହି ହେବା ସହ ବନ୍ଦାପନା ଅନୁଷ୍ଠିତ ହୋଇଥିଲା। ନୀତି ସମ୍ପନ୍ନ ହେବା ପରେ ଠାକୁର ବାହୁଡା ବିଜେ କରିଥିଲେ। ପୌରାଣିକ କଥାବସ୍ତୁ ଅନୁଯାୟୀ, ଭଗବାନ ଶ୍ରୀକୃଷ୍ଣ ଯେତେବେଳେ ବୃନ୍ଦାବନରେ ଲୀଳା କରୁଥିଲେ ତାଙ୍କୁ ମାରିବା ପାଇଁ କଂସାସୁର କେଶୀ ନାମକ ଦୈତ୍ୟକୁ ପଠାଇଥିଲେ। ଏହି ଦୈତ୍ୟ ଘୋଟକ ରୂପରେ ଶ୍ରୀକୃଷ୍ଣଙ୍କୁ ଆକ୍ରମଣ କରିବାକୁ ଆସିଥିଲା। ଯମୁନା ତଟରେ ଶ୍ରୀକୃଷ୍ଣ ତା' ପାଟି ଭିତରେ ହାତ ଭର୍ତ୍ତି କରି ଶ୍ୱାସରୁଦ୍ଧ କରି ବିନାଶ କରିଥିଲେ। ସୂଚନାଯୋଗ୍ୟ, ଏବେ ମଧ ବୃନ୍ଦାବନ ଯମୁନା କୂଳରେ ଏକ ଘାଟର ନାମ କେଶୀ ଘାଟ ରହିଛି। ସେହି ସ୍ମୃତିରେ ଶ୍ରୀମନ୍ଦିରରେ କୃଷ୍ଣ ଲୀଳା କ୍ରମରେ କେଶୀ ବା କେକେଶୀ ବଧ ଲୀଳା ଅନୁଷ୍ଠିତ ହୋଇଥାଏ।

# ଓଟିଡିସିକୁ ବିଶ୍ୱସ୍ତରୀୟ କରିବାକୁ ଆହ୍ୱାନ

**୪୩ତମ ପ୍ରତିଷ୍ଠା ଦିବସ**

■ ଓଟିଡିସିର ବୁକିଂ ୱେବ୍‌ସାଇଟ୍ ଉନ୍ମୋଚିତ

ଭୁବନେଶ୍ୱର,୩।୯(ବ୍ୟୁରୋ)



କାର୍ଯ୍ୟକ୍ରମରେ ଅତିଥିମାନେ ଓଟିଡିସିର ବାର୍ଷିକ ମୁଖପତ୍ର 'ଏଲିଭେଟିଂ ଓଡିଶା'କୁ ଉନ୍ମୋଚନ କରୁଛନ୍ତି ।

ଓଡ଼ିଶା ପର୍ଯ୍ୟଟନ ନିଗମ (ଓଟିଡିସି) ସର୍ବଦା 'ଅତିଥି ଦେବୋ ଭବଃ'କୁ ଗୁରୁତ୍ୱ ଦେଇ ଆସୁଛି। ଅନ୍ୟ ରାଜ୍ୟ ବା ଦେଶରୁ ଆସୁଥିବା ଅତିଥିମାନଙ୍କୁ ଉଚିତ୍ ଆତିଥେୟତା ସହ ଆନୁଷଙ୍ଗିକ ସୁବିଧା ପ୍ରଦାନ କରୁଛି। ଆଗାମୀ ଦିନରେ ଓଟିଡିସିକୁ ଏକ ବିଶ୍ୱସ୍ତରୀୟ ଅନୁଷ୍ଠାନରେ ପରିଣତ କରିବାକୁ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ତଥା ଅବକାରୀ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ଆହ୍ୱାନ ଦେଇଛନ୍ତି। ଶନିବାର ଭୁବନେଶ୍ୱରସ୍ଥିତ ପାନ୍ଥନିବାସଠାରେ ନିଗମର ୪୩ତମ ପ୍ରତିଷ୍ଠା ଦିବସ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଯୋଗଦେଇ ମନ୍ତ୍ରୀ କହିଲେ, ନିଜ କାର୍ଯ୍ୟରେ ଉନ୍ନତି ସାଙ୍ଗକୁ ବିଭିନ୍ନ ସରକାରୀ ନିଷ୍ପତ୍ତି କାର୍ଯ୍ୟକାରୀ କରିବାରେ ନିଗମ ତାହାର କାର୍ଯ୍ୟ ଅବ୍ୟାହତ ରଖିଛି। ଓଡିଶାରେ ଶ୍ରୀକ୍ଷେତ୍ର ପୁରୀ, କୋଣାର୍କ, ଭିତରକନିକା, ଶିମିଳିପାଳ, ମନ୍ଦିରମାଳିନୀ ସହର ଭୁବନେଶ୍ୱର ଆଦି ପର୍ଯ୍ୟଟନସ୍ଥଳୀ ବିଶ୍ୱ ମାନଚିତ୍ରରେ ସ୍ଥାନ ପାଇଛି। ଏହାକୁ ଦୃଷ୍ଟିରେ ରଖି ଓଟିଡିସି ଠିକ୍ ପ୍ରସ୍ତୁତି କରିବାକୁ ମନ୍ତ୍ରୀ ପରାମର୍ଶ ଦେଇଥିଲେ।

ପର୍ଯ୍ୟଟନ ବିଭାଗର ପ୍ରମୁଖ ଶାସନ ସଚିବ ସୁରେନ୍ଦ୍ର କୁମାର ଯୋଗଦେଇ ଓଟିଡିସିର କାର୍ଯ୍ୟଧାରା ଓ ସଫଳତା ସମ୍ପର୍କରେ ଆଲୋକପାତ କରିଥିଲେ। ଓଟିଡିସି ଉପଲବ୍ଧ ସୁବିଧାକୁ ପୁନଃ ତର୍ଜମା କରି ଆତିଥେୟତା ପ୍ରଦାନରେ ସ୍ୱତନ୍ତ୍ରତା ଆଣିବା, ଅତିଥିମାନଙ୍କୁ ସମ୍ମାନର ସହ ସୁରକ୍ଷିତ ରଖିବା ଏବଂ ସୁଖାଦ୍ୟ ପରିବେଷଣ ଉପରେ ଅଧିକ ଧ୍ୟାନ ଦେଲେ ସେମାନେ ଓଡିଶାରୁ ନୂଆ ଅନୁଭୂତି ନେଇଯିବେ ବୋଲି ପ୍ରମୁଖ ଶାସନ ସଚିବ କହିଥିଲେ। ବିଭାଗୀୟ ନିର୍ଦ୍ଦେଶକ ସଚିନ୍ ରାମଚନ୍ଦ୍ର ଯାଦବ ଯୋଗଦେଇ ରାଜ୍ୟର ବିଭିନ୍ନ ସ୍ଥାନରେ ଓଟିଡିସି ତରଫରୁ ପ୍ରଦାନ କରାଯାଉଥିବା ଭ୍ରମଣ, ପାନ୍ଥନିବାସ ସୁବିଧା ଓ ଆତିଥେୟତା ସଂପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ଓଟିଡିସିର ବୁକିଂ ୱେବ୍‌ସାଇଟ୍ www.bookodisha.com ଏବଂ ବାର୍ଷିକ ମୁଖପତ୍ର 'ଏଲିଭେଟିଂ ଓଡିଶା' ଉନ୍ମୋଚିତ ହୋଇଥିଲା। ଏଥିସହ ଓଟିଡିସିର କର୍ମଚାରୀମାନଙ୍କୁ ପୁରସ୍କୃତ କରାଯାଇଥିଲା।

## ସଦ୍‌ଗୁରୁ ହସ୍ପିଟାଲରେ ଯୁବକଙ୍କ ଗୁପ୍ତାଙ୍ଗ ଅସ୍ତ୍ରୋପଚାର

କଟକ ଅଫିସ, ୩।୯

କଟକ ଜଗତ୍‌ପୁରସ୍ଥିତ ସଦ୍‌ଗୁରୁ ହସ୍ପିଟାଲରେ ଜଣେ ଯୁବକଙ୍କ ଗୁପ୍ତାଙ୍ଗ ଅସ୍ତ୍ରୋପଚାର ଶନିବାର କରାଯାଇଛି। ସେ ହେଲେ ପୁରୀ ଜିଲା ଗୋପ ଥାନା ଅନ୍ତର୍ଗତ ହେଲାରୀ ଅଞ୍ଚଳର ଶ୍ରୀନାଥ ବେହେରା(୨୫)। ସେ ମାନସିକ ଭାରସାମ୍ୟ ହରାଇ ଏକ ଧାରୁଆ ଅସ୍ତ୍ରରେ ନିଜର ଗୁପ୍ତାଙ୍ଗ କାଟି ଦେଇଥିବା ପରିବାର ଲୋକେ କହିଥିଲେ। ପରେ ସେମାନେ ତାଙ୍କୁ ବିଭିନ୍ନ ସରକାରୀ ଡାକ୍ତରଖାନାକୁ ନେଇ ନିରାଶ ହୋଇଥିଲେ। ଶେଷରେ ସେମାନେ ସଦ୍‌ଗୁରୁ ହସ୍ପିଟାଲକୁ ଆସିଥିଲେ। ହସ୍ପିଟାଲ କର୍ତ୍ତୃପକ୍ଷ ଘଟଣାକୁ ଗୁରୁତ୍ୱର ସହ ନେଇ ଶ୍ରୀନାଥଙ୍କ ଅସ୍ତ୍ରୋପଚାର ପାଇଁ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରିଥିଲେ। ବରିଷ୍ଠ ପ୍ଲାଷ୍ଟିକ ସର୍ଜରୀ ବିଶେଷଜ୍ଞ ଡା. ଶକ୍ତି ପ୍ରସାଦ ମିଶ୍ରଙ୍କ ନେତୃତ୍ୱରେ ତାଙ୍କର ଚିକିତ୍ସା ଆରମ୍ଭ ହୋଇଥିଲା।

# ପର୍ଯ୍ୟଟକଙ୍କୁ ଦେଶ ଭ୍ରମଣର ସୁଯୋଗ

ଭୁବନେଶ୍ୱର, ୩।୯ ( ବ୍ୟୁରୋ)

**ଦୁଇଦିନିଆ ପର୍ଯ୍ୟଟନ ମେଳା ଆରମ୍ଭ**

ଏବେ ପାର୍ବଣ ଋତୁ ଆରମ୍ଭ ହୋଇଥିବାବେଳେ ଆଗକୁ ରହିଛି ପର୍ଯ୍ୟଟନ ଋତୁ। ଦେଶର ବିଭିନ୍ନ ପର୍ଯ୍ୟଟନ ସ୍ଥାନଗୁଡ଼ିକ ସମ୍ପର୍କରେ ଅବଗତ ହେବା ସହ ଭ୍ରମଣର ସୁଯୋଗ ଦେବାକୁ ଭୁବନେଶ୍ୱରଠାରେ ଶନିବାରଠାରୁ ଆରମ୍ଭ ହୋଇଛି ପର୍ଯ୍ୟଟନ ମେଳା। ଭାରତରେ ପର୍ଯ୍ୟଟନର ପ୍ରୋତ୍ସାହନ ଏବଂ ବ୍ରାଣ୍ଡିଂ କ୍ଷେତ୍ରରେ ପ୍ରତିଷ୍ଠିତ ବ୍ଲ୍ୟୁ ଆଇ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍, ଭାରତ ପର୍ଯ୍ୟଟନ ମନ୍ତ୍ରଣାଳୟ, ଝାଡଖଣ୍ଡ ପର୍ଯ୍ୟଟନ, ଜମ୍ମୁ-କଶ୍ମୀର ପର୍ଯ୍ୟଟନ, ଛତିଶଗଡ ପର୍ଯ୍ୟଟନ ବୋର୍ଡ ଏବଂ ଇଣ୍ଡିଆନ୍ ଆସୋସିଏସନ ଅଫ୍ ଟୁର୍ ଅପରେଟର୍ସ (ଆଇଏଟିଓ)ଙ୍କ ସହଯୋଗରେ ସ୍ଥାନୀୟ ଏକ ହୋଟେଲରେ ମେଳାର ଆୟୋଜନ କରାଯାଇଛି। ଏହି ମେଳାର ଡାଇମଣ୍ଡ ପ୍ରଯୋଜକ ଭାବେ ବିହାର ପର୍ଯ୍ୟଟନ ଏବଂ ଗୋଲ୍ଡ ପ୍ରଯୋଜକ ଭାବେ ଗୁଜରାଟ ପର୍ଯ୍ୟଟନ ରହିଛି। ବିଭିନ୍ନ ରାଜ୍ୟରେ ଥିବା ପର୍ଯ୍ୟଟନ କ୍ଷେତ୍ରର ଫଟୋ ପ୍ରଦର୍ଶନ ସହ ସ୍ୱତନ୍ତ୍ରତା ସମ୍ପର୍କରେ ସୂଚନା ଦିଆଯାଉଛି। ଉଦ୍‌ଘାଟନ ଅବସରରେ ଅତିଥି ଭାବେ ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଟୁରିଜମ୍ ଆଣ୍ଡ ଟ୍ରାଭେଲ୍ ମ୍ୟାନେଜମେଣ୍ଟ ଭୁବନେଶ୍ୱରର ନୋଡାଲ୍ ଅଫିସର ଡ. ମହମ୍ମଦ ସର୍ବି ହୁସେନ୍ ଓ ସହକାରୀ ପ୍ରଫେସର ଡ. ସଜନ, ବିହାର ପର୍ଯ୍ୟଟନର ସୁଧୀର କୁମାର, ଝାଡଖଣ୍ଡ ପର୍ଯ୍ୟଟନର ସନ୍ତୋଷ କୁମାର ଚୌବେ, ଜମ୍ମୁ-କାଶ୍ମୀର ପର୍ଯ୍ୟଟନର ଡ. ଅହସାନ୍ ଉଲ୍ ହକ୍, ଭାରତ ପର୍ଯ୍ୟଟନ ମନ୍ତ୍ରଣାଳୟର ସହକାରୀ ନିର୍ଦ୍ଦେଶକ ରଶ୍ମି ସୋନିଆ ତିର୍କୀ, ଭୁବନେଶ୍ୱର ଟ୍ରାଭେଲ୍ ଏଜେଣ୍ଟ ଆସୋସିଏଶନର ସଚିବ ଆଲୋକ ମହାରଣା ଏବଂ ବ୍ଲ୍ୟୁ ଆଇ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍‌ର ନିର୍ଦ୍ଦେଶକ ସୁବ୍ରତ ଭୋମିକ୍ ଯୋଗ ଦେଇଥିଲେ। ଏହି ଦୁଇ ଦିନିଆ ମେଳାରେ ରିହାତି ଟୁର୍ ପ୍ୟାକେଜ୍‌ର ସୁବିଧା ରହିଛି।



ଜଟଣୀ: ଶ୍ରୀହରି ବିହାର ଟାଇଟଲ କ୍ଲବ ଏବଂ ଗୋପବନ୍ଧୁ ନଗର ମା' ତାରିଣୀ ଯୁଥ୍ କ୍ଲବ ପକ୍ଷରୁ ପୂଜା ପାଉଥିବା ଗଜାନନ।

## ପୋଲିସ ଉପସ୍ଥିତିରେ ଗଣେଶ ମୂର୍ତ୍ତି ବିସର୍ଜନ

ବାଲିଅନ୍ତା,୩।୯(ଡି.ଏନ୍.ଏ.)

ପାହାଳ ଥାନା ଅଧୀନ ନହରକଣ୍ଟା ଗ୍ରାମରେ ଗଣେଶ ମୂର୍ତ୍ତି ବିସର୍ଜନକୁ ନେଇ ଶୁକ୍ରବାର ରାତିରେ ୨ ଗୋଷ୍ଠୀଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇ ଉତ୍ତେଜନା ଦେଖାଦେଇଥିଲା। ପରିସ୍ଥିତିକୁ ଦୃଷ୍ଟିରେ ରଖି ଗ୍ରାମରେ ୨ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ହୋଇଥିଲେ। କମିଶନରେଟ୍ ପୋଲିସର ଅତିରିକ୍ତ ଡିସିପି ପ୍ରକାଶ ଚନ୍ଦ୍ର ପାଲ,ଏସିପି ଶୁଭନାରାୟଣ ମୁଦୁଲି, ବାଲିଅନ୍ତା ଥାନା ଅଧିକାରୀ ଯୁବରାଜ ସ୍ୱାଇଁ, ଲକ୍ଷ୍ମୀସାଗର ଥାନା ଅଧିକାରୀ ଓମ୍ ପ୍ରକାଶ ମହାନ୍ତି, ପାହାଳ ଥାନା ଅଧିକାରୀ ସୁଚିତ୍ରା ପରିଡା ଓ ପୂର୍ବତନ ଥାନା ଅଧିକାରୀ ଷ୍ଟାଲିନ ବିଶ୍ୱାଳ ପ୍ରମୁଖ ଘଟଣାସ୍ଥଳରେ ସ୍ଥିତି ନିୟନ୍ତ୍ରଣ କରିଥିଲେ। ସେହି ପରିସ୍ଥିତିରେ ଗୋଟିଏ ଗୋଷ୍ଠୀର ଗଣେଶ ମୂର୍ତ୍ତି ବିସର୍ଜନ ହୋଇପାରିଥିଲା। ପରେ ପୋଲିସ ଅଧିକାରୀ ଉଭୟ ପକ୍ଷରୁ ଲୋକଙ୍କୁ ବୁଝାଶୁଝା କରି ମୂର୍ତ୍ତି ବିସର୍ଜନ ପାଇଁ ରାଜି କରାଇଥିଲେ। ଶନିବାର ବିନା ଶୋଭାଯାତ୍ରା ଓ ବିନା ବାଣରେ ବିସର୍ଜନ ପାଇଁ ନିଷ୍ପତ୍ତି ହୋଇଥିଲା। ନିଷ୍ପତ୍ତି ଅନୁସାରେ ଗୋଷ୍ଠୀର ୪ ଜଣ ବ୍ୟକ୍ତି ଏହି ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଥାନା ଅଧିକାରୀ ପରିଡା ଶୋଭାଯାତ୍ରା ସହ ଯାଇ ହଂସପାଳ ପୁରୀ ମୁଖ୍ୟ କେନାଲରେ ମୂର୍ତ୍ତି ବିସର୍ଜନ କରାଇଥିଲେ।

## କଳାକୃତିରେ ପରିବେଶ ସଚେତନତା ବାର୍ତ୍ତା



ବୋଲଗଡ଼,୩।୯(ଡି.ଏନ୍.ଏ)

ରାସ୍ତାଘାଟରେ ଆଉ ପଡ଼ିବନି ଅଳିଆ ଆବର୍ଜନା। ଏସବୁ କାମରେ ଲାଗିବ। ଏହା ପ୍ରମାଣିତ କରିଛନ୍ତି ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ ସାଗରଗୁଆଁ ପଞ୍ଚାୟତ ହଳଦିପଦା ଗ୍ରାମର ପ୍ରଦୀପ କୁମାର ସାହୁଙ୍କର ପୁଅ ସ୍ନେହାଶିଷ ସାହୁ। ଅଦରକାରୀ ଦ୍ରବ୍ୟରୁ ଅନେକ ଆକର୍ଷଣୀୟ ମୂର୍ତ୍ତି ଏବଂ ସୁନ୍ଦର ସୁନ୍ଦର ସାଜସଜ୍ଜା ଉପକରଣ ସବୁ ତିଆରି କରୁଛନ୍ତି। ସାବୁନରେ ଗଣେଶ, ଖବର କାଗଜ ଏବଂ ପେଟିରେ ଜଗନ୍ନାଥ ମୂର୍ତ୍ତି, ଆଇସ୍‌କ୍ରିମ କାଠିରେ ଫୁଲତୋଡ଼ା ସହ ମୃଦୁ ପାନୀୟ ଠିପିରେ କୁକୁଡ଼ା। ଏମିତି ଅନେକ ପ୍ରକାର ଆକର୍ଷଣୀୟ ଜିନିଷ ତିଆରି କରିଛନ୍ତି ସ୍ନେହାଶିଷ। ବେଗୁନିଆ ଆଦର୍ଶ ବିଦ୍ୟାଳୟରେ ନବମ ଶ୍ରେଣୀରେ ପଢୁଥିବା ସ୍ନେହାଶିଷ ଏଭଳି ବିଭିନ୍ନ ଜିନିଷ ଗଢିବା ସହ ବିନା ପ୍ରଶିକ୍ଷଣରେ ଉଚ୍ଚକୋଟୀର ପଟ୍ଟଚିତ୍ର ମଧ ଆଙ୍କିପାରୁଛନ୍ତି। ପାଠ ପଢି ସାରି ବାହାରେ ଖେଳକୁଦ ନ କରି ଘରେ ବସି ସେ ଏଭଳି କାମରେ ସମୟ ଦେଉଛନ୍ତି। ଏହା କରିବାରେ ତାଙ୍କୁ ଆନନ୍ଦ ମିଳୁଥିବାବେଳେ ଏହା ଯୋଗୁ ପରିବେଶ ମଧ ପ୍ରଦୂଷଣରୁ ରକ୍ଷା ପାଉଛି ବୋଲି ସେ କହିଛନ୍ତି।

# ନାଟକରେ ସଡ଼କ ସଚେତନତା ବାର୍ତ୍ତା

ଖୋର୍ଦ୍ଧାଅଫିସ,୩।୯

**ଗଣପତି ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା**

ନବୀନାବାଗ ସ୍ଥିତ ବକ୍ସି ଜଗବନ୍ଧୁ କ୍ଲବ ଆନୁକୂଲ୍ୟରେ ପୂଜାମଣ୍ଡପରେ ଚାଲିଥିବା ଗଣପତି ମହୋତ୍ସବ ଶନିବାର ଦ୍ୱିତୀୟ ସନ୍ଧ୍ୟାରେ ବିଜେପୁର ବରଗଡ ସୁର ଝଙ୍କାର କଳାପରିଷଦ ଅନୁଷ୍ଠାନର କଳାକାରଙ୍କ ପରିବେଷିତ ନାଟକ କଂସ ଦରବାର ଲୋକଙ୍କ ହୃଦୟ ଜିଣିଥିଲା। ଦିନକୁ ଦିନ ବଢି ଚାଲିଛି ସଡ଼କ ଦୁର୍ଘଟଣା। ଅନେକ ବାଇକ୍ ଚାଳକ ବିନା ହେଲମେଟରେ ଗାଡି ଚାଳନା ଯୋଗୁ ଦୁର୍ଘଟଣା ଘଟି ଜୀବନ ଯାଉଛି । ବାଇକ ଧରିଲେ ହେଲମେଟ ପିନ୍ଧନ୍ତୁ । ଜରିମାନାରୁ ବଞ୍ଚିବା ପାଇଁ ନୁହଁ, ନିଜର ସୁରକ୍ଷା ଚିନ୍ତା କରନ୍ତୁ ବୋଲି ସଚେତନତା ବାର୍ତ୍ତା ଦେଇଥିଲେ। ଏଥିସହିତ ବରଗଡ ଧନୁଯାତ୍ରାର ଝଲକ ମଞ୍ଚରେ ଦେଖିବାକୁ ମିଳିଥିଲା। ପୂଜାମଣ୍ଡପ ପାଲଟିଥିଲା ଧନୁଯାତ୍ରାର କଂସ ଦରବାର। ଦ୍ୱିତୀୟ ସନ୍ଧ୍ୟାର ମୁଖ୍ୟ ଆକର୍ଷଣ ପାଲଟିଥିଲେ କଂସ ମହାରାଜ। ଗୋଟିଏ ପରେ ଗୋଟିଏ ଡାଇଲଗ କହି ଦର୍ଶକଙ୍କ ମନମୋହିଥିଲେ। ପରେ କଳାହାଣ୍ଡି କସ୍ତୁରୀ କଳାପରିଷଦର କଳାକାରଙ୍କ ଆଦିବାସୀ ନୃତ୍ୟ, ଜଟଣୀର ନୃତ୍ୟପ୍ରଭା ସାଂସ୍କୃତିକ ଅନୁଷ୍ଠାନର କଳାକାରଙ୍କ ଦ୍ୱାରା ସମ୍ବଲପୁରୀ ନୃତ୍ୟ, ଭୁବନେଶ୍ୱର ଶିଳ୍ପିକାର କଳାକାରଙ୍କ ଦ୍ୱାରା ଲୋକନୃତ୍ୟ ମଞ୍ଚ ଦର୍ଶକଙ୍କୁ ବାନ୍ଧି ରଖିଥିଲା। ପରେ ରାୟଗଡା ଗାୟତ୍ରୀ କଳାପରିଷଦର କଳାକାରଙ୍କ ଦ୍ୱାରା ପରିବେଷିତ ଲୋକନୃତ୍ୟ ଓ ଢୋଲମହୁରୀ ଆକର୍ଷଣ ସାଜିଥିଲା। ଦ୍ୱିତୀୟ ସନ୍ଧ୍ୟାରେ ଅତିଥିଭାବେ ଖୋର୍ଦ୍ଧା ପୌରାଧ୍ୟକ୍ଷା କନକଲକ୍ଷ୍ମୀ ମହାନ୍ତି, କାଉନସିଲର ଅମିୟ ମହାନ୍ତି, ସାମାଜିକ କର୍ମୀ ନରେନ୍ଦ୍ର କୁମାର ପୃଷ୍ଟି ପ୍ରମୁଖ ଯୋଗଦେଇ ସଂସ୍କୃତି ଓ ପରମ୍ପରା ପ୍ରତିଭାକୁ ବିକଶିତ କରେ ବୋଲି କହିଥିଲେ। କ୍ଲବ ସଭାପତି ଦେବେନ୍ଦ୍ର ଶତପଥୀ ସଂଯୋଜନା କରିଥିବା ବେଳେ ଦ୍ୱିତୀୟ ସନ୍ଧ୍ୟାରେ ସମ୍ପାଦକ ସଞ୍ଜୟ ପଟ୍ଟନାୟକ ମଞ୍ଚ ପରିଚାଳନା କରିଥିଲେ। ପ୍ରିୟବ୍ରତ ବାରିକ, ଆଶିଷ ଶତପଥୀ, ସ୍ମିତରଞ୍ଜନ ବଳିୟାରସିଂହ, ଦେବାଶିଷ ସାହୁ, ନିରାକାର ବଳିୟାରସିଂହ ପ୍ରମୁଖ ଏଥିରେ ସହଯୋଗ କରିଥିଲେ।

# ସ୍ୱାସ୍ଥ୍ୟକେନ୍ଦ୍ରରେ ଖାଲିଥିବା ପଦବୀ ପୂରଣ କରାଯାଉ

କୃଷ୍ଣପ୍ରସାଦ,୩।୯(ଡି.ଏନ୍.ଏ.)


ବୈଠକରେ ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର ଓ ଅନ୍ୟମାନେ।

**ରୋଗୀ କଲ୍ୟାଣ ସମିତି ବୈଠକ**

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକର ମୁଖ୍ୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଚିଲିକା ନୂଆପଡ଼ା ସଭାଗୃହରେ ଶନିବାର ରୋଗୀ କଲ୍ୟାଣ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ରହ୍ମଗିରି ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର ଅଧ୍ୟକ୍ଷତା କରିଥିଲେ। ତେବେ ବୈଠକ ଆରମ୍ଭରୁ ନୂଆପଡ଼ା ଡାକ୍ତରଖାନାରେ କର୍ମଚାରୀଙ୍କ ଅନୁପସ୍ଥିତ ଏବଂ ପଦବୀ ଖାଲିଥିବା ନେଇ ଅସନ୍ତୋଷ ପ୍ରକାଶ ପାଇଥିଲା। କୃଷ୍ଣପ୍ରସାଦ ଭଳି ବିଚ୍ଛିନ୍ନାଞ୍ଚଳରେ ଦୁଇଟି ଆମ୍ବୁଲାନ୍ସ ସେବା ଯୋଗାଇ ଦେବାକୁ ବ୍ଲକ ଅଧ୍ୟକ୍ଷାଙ୍କ ପ୍ରତିନିଧି ବିଜୟ କୁମାର ତରେଇ ସଭାରେ ଦାବି କରିଥିଲେ। ସ୍ୱାସ୍ଥ୍ୟକେନ୍ଦ୍ରରେ ଆବଶ୍ୟକ ପଦବୀ ପୂରଣ ନିମନ୍ତେ କୃଷ୍ଣପ୍ରସାଦ ବିଡିଓ ମନୋଜ କୁମାର ନାୟକ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସେହିପରି ଗମ୍ଭାରୀ ଏବଂ ପିରିଜିପୁର ପଞ୍ଚାୟତର ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ର କାର୍ଯ୍ୟକ୍ଷମ ହେଉ ନ ଥିବା ବେଳେ ସରପଞ୍ଚଙ୍କୁ ଦାୟିତ୍ୱ ହସ୍ତାନ୍ତର କରିବାକୁ ପିରିଜିପୁର ସରପଞ୍ଚ ମଳୟ କୁମାର ଜେନା, ଗମ୍ଭାରୀ ସରପଞ୍ଚ ସୁଶାନ୍ତ କୁମାର ପରିଡ଼ା ଦାବି କରିଥିଲେ। ସାତପଡ଼ାରେ ଥିବା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଅବ୍ୟବସ୍ଥା ଦିଗରେ ଶିକ୍ଷାବତ୍ କେଳୁ ଚରଣ ଜେନା, ସାତପଡ଼ା ସରପଞ୍ଚ ରଶ୍ମିତା ସାମନ୍ତରାୟ ଆଲୋଚନା କରିଥିଲେ। ଉପକୂଳ ଏବଂ ଚିଲିକା ଟାପୁ ମଧ୍ୟରେ ବସବାସ କରୁଥିବା ଜନସାଧାରଣଙ୍କ ପାଇଁ ଖୁବଶୀଘ୍ର କାଠ ନିର୍ମିତ ବୋଟ ଆମ୍ବୁଲାନ୍ସ ସେବା ସହିତ ଆନୁଷଙ୍ଗିକ ବ୍ୟବସ୍ଥା କରାଯିବ ବୋଲି ବିଧାୟକ ପ୍ରତିଶ୍ରୁତି ଦେଇଥିଲେ। କୃଷ୍ଣପ୍ରସାଦ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଆବଶ୍ୟକ ଗୃହ, କର୍ମଚାରୀ ସହ ପାନୀୟଜଳର ସୁବିଧା ଯୋଗାଇଦେବାକୁ ଚିକିତ୍ସା ଅଧିକାରୀ ଡା. ନବ କିଶୋର କର ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବଡଅଁଳ ସରପଞ୍ଚ ବୀଣାପାଣି ପ୍ରଧାନ, ସାମାଜିକ କର୍ମୀ ପ୍ରଫୁଲ୍ଲ ପ୍ରଧାନ ଏହି ପଞ୍ଚାୟତରେ ଉପସ୍ୱାସ୍ଥ୍ୟ କେନ୍ଦ୍ର ଖୋଲିବା ପାଇଁ ଦାବି କରିଥିଲେ। ଖୁବଶୀଘ୍ର ସମସ୍ୟା ଗୁଡିକର ସମାଧାନ କରାଯିବ ବୋଲି ବିଧାୟକ ମହାପାତ୍ର ପ୍ରତିଶ୍ରୁତି ଦେଇଥିଲେ। କୃଷ୍ଣପ୍ରସାଦ ପଞ୍ଚାୟତ ସମିତି ଅଧ୍ୟକ୍ଷା ସରୋଜିନୀ ତରେଇ, ବିଧାୟକଙ୍କ ପ୍ରତିନିଧି ଉତ୍ତମ କୁମାର ତରେଇ, ସମନ୍ୱିତ ଶିଶୁ ବିକାଶ ଅଧିକାରୀ ମନୋରମା ଦେବୀ, ନୂଆପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ସନ୍ତୋଷ ବେହେରା, ସହକାରୀ ଯନ୍ତ୍ରୀ ଇଂ. ପ୍ରସନ୍ନ କୁମାର ସ୍ୱାଇଁଙ୍କ ସମେତ ରୋଗୀ କଲ୍ୟାଣ ସମିତି ସଦସ୍ୟ, ଜନପ୍ରତିନିଧିମାନେ ବୈଠକରେ ଉପସ୍ଥିତ ଥିଲେ।


ଖୋର୍ଦ୍ଧା: ନବୀନାବାଗ ସ୍ଥିତ ବକ୍ସି ଜଗବନ୍ଧୁ କ୍ଲବ ଆନୁକୂଲ୍ୟରେ ଗଣପତି ମହୋତ୍ସବରେ ଶନିବାର ଅନୁଷ୍ଠିତ ନାଟକ କଂସ ଦରବାରର ଏକ ଦୃଶ୍ୟ।


ଗଣପତି ମହୋତ୍ସବରେ ଶନିବାର କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି।